# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁଲାଇ ୨୮/୨୦୨୨ (୧୪ ପୃଷ୍ଠା) Sambalpur, Thursday, July 28/2022 Page 14 ₹ 7.00 ★★

୧୮ଶ ଭାଗ ୨୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-







# ଏଥର ବି ଛାତ୍ରୀ ଆଗରେ

## ଯୁକ୍ତ୨ ବିଜ୍ଞାନରେ ୯୪.୧୨%, ବାଣିଜ୍ୟରେ ୮୯.୨୦% ପାସ୍

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ଅପରାହ୍ଣରେ ପ୍ରକାଶ ପାଇଛି। ପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପରୀକ୍ଷାଫଳ ଘୋଷଣା କରିଛନ୍ତି। ଚଳିତବର୍ଷ ବିଜ୍ଞାନରେ ପାସ୍ ହାର ୯୪.୧୨ ପ୍ରତିଶତ ଓ ବାଣିଜ୍ୟରେ ୮୯.୨୦ ପ୍ରତିଶତ ରହିଛି। ପ୍ରତିବର୍ଷ ପରି ଏଥର ବି ପୁଅଙ୍କୁ ପଛରେ ପକାଇ ଝିଅମାନେ ଆଗରେ ରହିଛନ୍ତି। ବିଜ୍ଞାନରେ ନୟାଗଡ଼ରେ ସର୍ବାଧିକ ୯୯.୧୧% ପିଲା ଉତ୍ତୀର୍ଣ୍ଣ ହୋଇଥିବାବେଳେ ବାଣିଜ୍ୟରେ ବୌଦ୍ଧ ଜିଲା ଶତପ୍ରତିଶତ ରେଜଲ୍ଟ କରିଛି। ଚଳିତବର୍ଷ ବିଜ୍ଞାନରେ ୭୮,୦୭୭ ☞ପୃଷ୍ଠା-୪

**ବାଣିଜ୍ୟରେ ବୌଦ୍ଧ, ବିଜ୍ଞାନରେ ନୟାଗଡ଼ ସର୍ବାଧିକ ପାସ୍‌ହାର**


ଭୁବନେଶ୍ୱର ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଛାତ୍ରୀମାନେ ପରୀକ୍ଷା ଫଳ ପ୍ରକାଶ ପରେ ଖୁସି ମନାଉଛନ୍ତି।

# ୪୭,୭୨୯ ଜଣଙ୍କୁ ର୍ୟାଙ୍କ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)-୨୦୨୨ ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ୧୨ଟି ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ରେଜଲ୍ଟ ପ୍ରକାଶ ପାଇଛି। ୪୭ ହଜାର ୭୬୧ ଛାତ୍ରୀଛାତ୍ର ଓଜେଇଇ ପରୀକ୍ଷା ଦେଇଥିବାବେଳେ ୪୭ ହଜାର ୭୨୯ ପରୀକ୍ଷାର୍ଥୀଙ୍କୁ ପ୍ରଦର୍ଶନ ଅନୁଯାୟୀ ର୍ୟାଙ୍କ ମିଳିଛି। ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ତାଲିମ୍ ପରିଷଦ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ପରୀକ୍ଷା ଫଳ ଘୋଷଣା କରିଛନ୍ତି। ପ୍ରକାଶିତ ପରୀକ୍ଷା ଫଳାଫଳ ଅନୁଯାୟୀ, ଏମ୍‌ବିଏରେ ଶ୍ରଦ୍ଧାରବିନ୍ଦ ସାମନ୍ତରାୟ ଟପ୍ପର ହୋଇଥିବା ବେଳେ ଏମ୍‌ସିଏରେ ଇଶାନ୍ତ କୁମାର ନାୟକ ଓଡ଼ିଶା ଟପ୍ପର ହୋଇଛନ୍ତି। ସେହିଭଳି ବି. ଫାର୍ମାରେ ଅରୂପ କୁମାର ପଣ୍ଡା, ଏମ୍ ଫାର୍ମାରେ ସଚିନ ନାୟକ, ଏମ୍.ଆର୍କରେ ସ୍ରିଷ୍ଟି ନଙ୍ଗାଲିଆ, ଲାଟେରାଲ ଏଣ୍ଟ୍ରି ଟେକ୍(ଡିପ୍ଲୋମା)ରେ ପୃଥ୍ୱୀରାଜ ଜେନା, ଲାଟେରାଲ ଏଣ୍ଟ୍ରି ଟେକ୍(ବିଏସ୍‌ସି)ରେ ☞ପୃଷ୍ଠା-୪

## ଓଜେଇଇ: ଟପ୍ପରଙ୍କ ତାଲିକା

| କ୍ର.ନଂ | ପାଠ୍ୟକ୍ରମ | ପ୍ରାର୍ଥୀଙ୍କ ନାମ |
|---|---|---|
| ୧ | ବି.ଫାର୍ମା | ଅରୂପ କୁମାର ପଣ୍ଡା |
| ୨ | ଏଲ୍‌ଇ-ଟେକ୍ (ଡିପ୍ଲୋମା) | ପୃଥ୍ୱୀରାଜ ଜେନା |
| ୩ | ଏଲ୍‌ଇ-ଟେକ (ବି.ଏସ୍‌ସି) | ବୁଦ୍ଧଦେବ ପ୍ରଧାନ |
| ୪ | ଏଲ୍‌ଇ-ଫାର୍ମା | ରାହୁଲ କୁମାର ସିଂ |
| ୫ | ଏମ୍‌ବିଏ | ଶ୍ରଦ୍ଧାରବିନ୍ଦ ସାମନ୍ତରାୟ |
| ୬ | ଏମ୍‌ସିଏ/ ଏମ୍.ଏସ୍‌ସି (କମ୍ପ୍ୟୁଟର ସାଇନ୍ସ) | ଈଶାନ୍ତ କୁମାର ନାୟକ |
| ୭ | ଇଣ୍ଟିଗ୍ରେଟେଡ ଏମ୍‌ବିଏ | ସୃଷ୍ଟି ସମର୍ପିତା ବେରିହା |
| ୮ | ବି.କ୍ୟାଟ (ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ଡିଜାଇନିଂ) | ଶାଶ୍ୱତି ସିଦ୍ଧାର୍ଥ |
| ୯ | ବି.କ୍ୟାଟ (ଫିଲ୍ମ ଏଡିଟିଂ) | କୁମାର ପ୍ରସନ୍ନଜିତ୍ ସାହୁ |
| ୧୦ | ଏମ୍. ଫାର୍ମା | ସଚିନ ନାୟକ |
| ୧୧ | ଏମ୍.ଆର୍କ | ଶ୍ରିଷ୍ଟି ନଙ୍ଗାଲିଆ |
| ୧୨ | ଏମ୍. ପ୍ଲାନ | ଦିବ୍ୟଶ୍ରୀ ଉପାନ୍ତନାୟିକା ମିଶ୍ର |
| | ଏମ୍.ଟେକ୍ | |
| ୧୩ | ସିଭିଲ ଇଞ୍ଜିନିୟରିଂ | ସଞ୍ଜୀବ ପ୍ରଧାନ |
| ୧୪ | ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ | ମିଥୁନ ଅଧିକାରୀ |
| ୧୫ | ମେକାନିକାଲ ଇଞ୍ଜିନିୟରିଂ | ରାଜନ୍ ଶୁଭଙ୍କର ମହାପାତ୍ର |
| ୧୬ | କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ/ଆଇଟି | ଏସ୍. ସଞ୍ଜୀବ କୁମାର |
| ୧୭ | ଇଲେକ୍ଟ୍ରୋନିକ୍ସ | ପଙ୍କଜ କୁମାର |
| ୧୮ | କେମିକାଲ ଇଞ୍ଜିନିୟରିଂ | ହରିୟାଲି ବେହେରା |
| ୧୯ | ମେଟାଲର୍ଜିକାଲ ଇଞ୍ଜିନିୟରିଂ | ମାସୁମ୍ ଅଲ୍ଲୀ |
| ୨୦ | ଏନ୍‌ଭାଇରନମେଣ୍ଟାଲ ଇଞ୍ଜିନିୟରିଂ | ଅର୍କ ଘୋଷ |
| ୨୧ | ବାୟୋଟେକ୍ନୋଲୋଜି | ଶୁଭଶ୍ରୀ ହୋତା |
| ୨୨ | ପ୍ଲାଷ୍ଟିକ ଇଞ୍ଜିନିୟରିଂ | ଜ୍ୟୋତିପ୍ରକାଶ ନାୟକ |
| ୨୩ | ଟେକ୍ସଟାଇଲ ଇଞ୍ଜିନିୟରିଂ | ପ୍ରିୟଙ୍କା ରାୟ |

# ୮ରେ ଯୁକ୍ତ୨ କଳା ରେଜଲ୍ଟ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଅଗଷ୍ଟ ୮ରେ କଳା ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ପ୍ରକାଶ ପାଇବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ପ୍ରକାଶ କରାଯାଇଛି। କଳା ଓ ଧନ୍ଦାମୂଳକ ବିଭାଗର ଉତ୍ତର ଖାତା ମୂଲ୍ୟାୟନ ଶେଷ ହୋଇଛି। ଏବେ ଟାବୁଲେଶନ ଜାରି ରହିଛି। ଚଳିତବର୍ଷ କଳାରେ ୨ ଲକ୍ଷ ୧୩ ହଜାର ୪୩୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୮୬୩ ଜଣ ପରୀକ୍ଷା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ଫେରି ଚାହିଁନାହିଁ**

**ଆଜିର ମନ୍ତବ୍ୟ**

“ ଭ୍ରଷ୍ଟାଚାରୀଙ୍କ ଦଳ କଂଗ୍ରେସ ତଦନ୍ତକୁ ସାମ୍ନା ନ କରି ବିକ୍ଷୋଭ ଜରିଆରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଉପରେ ଚାପ ସୃଷ୍ଟି ଉଦ୍ୟମ କରୁଛି।

-ଅନୁରାଗ ସିଂ ଠାକୁର, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ

# କାଶୀପୁରରେ ଝାଡ଼ାବାନ୍ତିରେ ଆଉ ୩ ଜଣଙ୍କ ମୃତ୍ୟୁ

**ଟିକିରି/ରାୟଗଡ଼ା ଅଫିସ, ୨୭।୭ (ଡି.ଏନ୍.ଏ.)**

**ପ୍ରଶାସନ କହୁଛି ଜଣଙ୍କର**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କଲେରା ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ପ୍ରଶାସନ ପକ୍ଷରୁ ଏହାକୁ ନିୟନ୍ତ୍ରଣ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ମଙ୍ଗଳବାର ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ବୁଧବାର ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଶଙ୍କରଡ଼ା ଗ୍ରାମର ଝାନୁ ମାଝି(୫୫), ଟିକିରି ପଞ୍ଚାୟତ ଜାମୁଗୁଡ଼ା ଗ୍ରାମର ସୁନି ମାଝି(୫୬) ଏବଂ ପାନବନ୍ଧ ଗ୍ରାମର ବିଟା ମାଝି(୨୭)। ଏହାକୁମିଶାଇ ମୃତ୍ୟୁ ସଂଖ୍ୟା ୧୧ ରେ ପହଞ୍ଚିଛି। ହେଲେ ପ୍ରଶାସନ ପକ୍ଷରୁ କେବଳ ସୁନିଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା କୁହାଯାଇଛି ଏବଂ ମୋଟ ମୃତ୍ୟୁ ସଂଖ୍ୟା ୯ ଦର୍ଶାଯାଇଛି।

ଝାନୁଙ୍କର ମଙ୍ଗଳବାର ଘରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ପ୍ରଶାସନ ମଧ୍ୟ ☞ପୃଷ୍ଠା-୪

# ଋତୁସ୍ରାବ ଛାତ୍ରୀଙ୍କୁ ଚାରାରୋପଣ ଅନୁମତି ମିଳିଲା ନାହିଁ

**ନାଶିକ୍,୨୭।୭**

ମହାରାଷ୍ଟ୍ରର ନାଶିକ ଜିଲା ଅନ୍ତର୍ଗତ ଏକ ସରକାରୀ ବୋର୍ଡିଂ ସ୍କୁଲ୍‌ରେ ଚାରା ରୋପଣ ଅଭିଯାନ ବେଳେ ଋତୁସ୍ରାବ ହୋଇଥିବା ୧୨ ଛାତ୍ରୀଙ୍କୁ ଜଣେ ପୁରୁଷ ଶିକ୍ଷକ ଚାରା ରୋପଣ ପାଇଁ ଅନୁମତି ଦେଇ ନ ଥିବା ଅଭିଯୋଗ ହୋଇଛି। ମାସିକ ଧର୍ମ ସମୟରେ ଛାତ୍ରୀମାନେ ଚାରା ରୋପଣ କଲେ ତାହା ବଢ଼ିବ ନାହିଁ ଓ ଜଳିଯିବ ବୋଲି ଶିକ୍ଷକ ଜଣକ କହିଥିବା ଜଣେ ଆଦିବାସୀ ଛାତ୍ରୀ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ଆଦିବାସୀ ଉନ୍ନୟନ ବିଭାଗ ଏହାର ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ନାଶିକ ଅତିରିକ୍ତ ଜିଲାପାଳ ଏବଂ ଟିଡିଡି ପ୍ରୋଜେକ୍ଟ ଅଫିସର ବର୍ଷା ମୀନା ତ୍ରିମ୍ବକେଶ୍ୱର ତାଲୁକା ଅନ୍ତର୍ଗତ ଉକ୍ତ ଆଶ୍ରମ ସ୍କୁଲ୍‌କୁ ଯାଇ ଛାତ୍ରୀ ଜଣଙ୍କୁ ☞ପୃଷ୍ଠା-୪

# ରୋଶନୀ ନାଦାର ଧନୀ ଭାରତୀୟ ମହିଳା


ରୋଶନୀ ନାଦାର ମାଲହୋତ୍ରା

**ମୁମ୍ବାଇ,୨୭।୭**

ଏଚ୍‌ସିଏଲ୍ ଟେକ୍ନୋଲୋଜିର ଅଧ୍ୟକ୍ଷା ରୋଶନୀ ନାଦାର ମାଲହୋତ୍ରା ଭାରତର ସର୍ବଶ୍ରେଷ୍ଠ ଧନୀ ମହିଳା ସ୍ଥାନ ବଜାୟ ରଖିଛନ୍ତି। ୨୦୨୧ରେ ତାଙ୍କ ମୋଟ ସମ୍ପତ୍ତି ପରିମାଣ ୫୪ ପ୍ରତିଶତ ବୃଦ୍ଧି ପାଇ ୮୪,୩୩୦ କୋଟି ଟଙ୍କାରେ ପହଞ୍ଚିଛି। ଏଚ୍‌ସିଏଲ୍ ପ୍ରତିଷ୍ଠାତା ଶିବ ନାଦାରଙ୍କ କନ୍ୟା ରୋଶନୀ ଆମେରିକାର ଇଲିନୋଇସ୍‌ସ୍ଥିତ ନର୍ଥୱେଷ୍ଟର୍ନ ୟୁନିଭର୍ସିଟିରୁ ସ୍ନାତକ ପରେ ବିଜିନେସ୍ ଆଡମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ସେ ଏଚ୍‌ସିଏଲ୍ କର୍ପୋରେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ, ଏଚ୍‌ସିଏଲ୍ ଟେକ୍ନୋଲୋଜି ବୋର୍ଡର ଉପାଧ୍ୟକ୍ଷ ତଥା ଶିବ ନାଦାର ଫାଉଣ୍ଡେଶନର ଟ୍ରଷ୍ଟି ଅଛନ୍ତି। ଫୋର୍ବସ୍‌ର ୨୦୧୯ ଓ ୨୦୨୦ରେ ପ୍ରକାଶିତ ବିଶ୍ୱର ସବୁଠୁ ପ୍ରଭାବଶାଳୀ ୧୦୦ ମହିଳାଙ୍କ ମଧ୍ୟରେ ରୋଶନୀ ସ୍ଥାନ ପାଇଥିଲେ।

ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ କ୍ୟାରିୟର ଛାଡ଼ି ୧୦ ବର୍ଷ ପୂର୍ବେ ନାଇକା ନାମରେ ବିଉଟି ବ୍ରାଣ୍ଡ ଆରମ୍ଭ କରିଥିବା ଫାଲ୍‌ଗୁନି ନାୟାର ନିଜସ୍ୱ ଉଦ୍ୟମରେ ସବୁଠୁ ଧନୀ ମହିଳା ହୋଇପାରିଛନ୍ତି। ତାଙ୍କ ସମ୍ପତ୍ତି ପରିମାଣ ୫୭,୫୨୦ କୋଟି ଟଙ୍କାରେ ପହଞ୍ଚିଥିବା କୋଟାକ ପ୍ରାଇଭେଟ୍ ବ୍ୟାଙ୍କିଙ୍ଗ୍-ହୁରୁନ ତାଲିକାରେ ପ୍ରକାଶ ପାଇଛି। ୫୯ ବର୍ଷୀୟ ନାୟାରଙ୍କ ସମ୍ପତ୍ତି ବର୍ଷକ ମଧ୍ୟରେ ୯୬୩ ପ୍ରତିଶତ ବୃଦ୍ଧି ପାଇଛି। ମୋଟ ଉପରେ ଦେଖିଲେ ମାଲହୋତ୍ରାଙ୍କ ପରେ ସେ ଦେଶର ଦ୍ୱିତୀୟ ଧନୀ ମହିଳା। ଅନ୍ୟ ପକ୍ଷରେ ବାଇକନ୍‌ର କିରନ ମଜୁମଦାର ☞ପୃଷ୍ଠା-୪




**ସ୍କୁଲରେ ମସାଜ ନେଇ ଶିକ୍ଷୟିତ୍ରୀ ନିଲମ୍ବିତ**

ଉତ୍ତର ପ୍ରଦେଶ ହାରନୋଇରେ ସ୍କୁଲରେ ଛାତ୍ରଙ୍କଠାରୁ ଘଷା ଖାଇବା ନେଇ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ପୋଖରି ପ୍ରାଇମେରୀ ସ୍କୁଲ ଶିକ୍ଷୟିତ୍ରୀ ଊର୍ମିଳା ସିଂଙ୍କ ନାଁରେ ପୂର୍ବରୁ ଏପରି ଅଭିଯୋଗ ଅନେକ ଥର ଆସିଛି। ତେବେ ଘଟଣାର ଭିଡିଓ ଭାଇରାଲ ହେବା ପରେ ରାଜ୍ୟ ଶିକ୍ଷା ବିଭାଗ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ଖବର ପ୍ରକାଶ ପାଇଛି।

# ତାଇୱାନ୍ ଯିବେ ନାନ୍ସି

## ଆମେରିକା-ଚାଇନା ମୁହାଁମୁହିଁ


ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସି

**ୱାଶିଂଟନ୍/ବେଜିଂ, ୨୭।୭**

ସ୍ୱୟଂଶାସିତ ତାଇୱାନ ଉପରେ ପଡ଼ୋଶୀ ଚାଇନା ଦଖଲ ପାଇଁ ନଜର ପକାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଥିବାବେଳେ ଆମେରିକା ହସ୍ତକ୍ଷେପ ପାଇଁ ପ୍ରସ୍ତୁତ ହେଉଛି। ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସି ନିକଟ ଭବିଷ୍ୟତରେ ତାଇୱାନ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତାବିତ ଗସ୍ତ ନେଇ ସେ ଘୋଷଣା କରିବା ପରେ ଚାଇନା ପ୍ରତିକ୍ରିୟାଶୀଳ ହୋଇ ୱାଶିଂଟନ୍‌କୁ ଖୋଲାଖୋଲି ଧମକ ଦେଇଛି।

ଦ୍ୱୀପରାଷ୍ଟ୍ର ତାଇୱାନକୁ ବେଜିଂ ନିଜର ବୋଲି ଦାବି କରି ବାରମ୍ବାର ନାଲିଆଖି ଦେଖାଉଛି। ଅନେକ ସମୟରେ ଚାଇନାର ଯୁଦ୍ଧବିମାନଗୁଡ଼ିକ ତାଇୱାନ ବାୟୁସୀମା ଅତିକ୍ରମ କରିବା ଉତ୍ତେଜନା ବୃଦ୍ଧିର କାରଣ ହୋଇଛି। ଏଭଳି ସମୟରେ ନାନ୍ସିଙ୍କ ଗସ୍ତ କାର୍ଯ୍ୟକ୍ରମ ଆମେରିକା ଓ ଚାଇନା ବିବାଦକୁ ଆହୁରି ତିକ୍ତ କରିଛି। ଉଚ୍ଚ ର୍‍ୟାଙ୍କ୍‌ର ଜଣେ ଆମେରିକୀୟ ରାଜନେତା ଏହି ଦ୍ୱୀପକୁ ଗସ୍ତ କଲେ ଚାଇନା ବାଧ୍ୟ ହୋଇ ସାମରିକ କାର୍ଯ୍ୟାନୁଷ୍ଠାନ ନେବ ଏବଂ ଏହାର ଭୟଙ୍କର ପରିଣାମ ଆମେରିକା ଭୋଗିବ ବୋଲି ବେଜିଂ ଚେତାବନୀ ଦେଇଛି। ଚାଇନା ସୈନ୍ୟ ଆକ୍ରମଣ ଭଳି ପଦକ୍ଷେପ ନେଲେ ଦୁଇ ବିଶ୍ୱଶକ୍ତି ମୁହାଁମୁହିଁ ସ୍ଥିତିକୁ ଆସିବା ଆଶଙ୍କା ରହିଛି। ଯଦି ଚାଇନା ଧମକରେ ଆମେରିକା ନାନ୍ସିଙ୍କ ଗସ୍ତ ବାତିଲ କରେ, ତେବେ ବେଜିଂ ସାମ୍ନାରେ ୱାଶିଂଟନ୍ ବ୍ୟାକ୍‌ଫୁଟ୍‌କୁ ଚାଲିଆସିବ ବୋଲି କୁହାଯିବ। ଫଳରେ ଚାଇନା ଆମେରିକାକୁ ଦୁର୍ବଳ ବିବେଚନା କରିପାରେ। ପୂର୍ବ ଏସୀୟ ରାଷ୍ଟ୍ର ତାଇୱାନ ଉପରେ ଆକ୍ରମଣ ପାଇଁ ଚାଇନା ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି କରିସାରିଥିବ। ସେତେବେଳକୁ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ପୂର୍ଣ୍ଣ ସକ୍ଷମ ହୋଇଯାଇଥିବ ବୋଲି କହି ତାଇୱାନ ପ୍ରତିରକ୍ଷା ମନ୍ତ୍ରୀ ଚିଉ କୁଓ-ଚାଙ୍ଗ୍ ଚିନ୍ତା ବ୍ୟକ୍ତ କରିଛନ୍ତି। ଆଗକୁ ତାଇୱାନ ପାଇଁ ଗମ୍ଭୀର ଓ ବିପଜ୍ଜନକ ସ୍ଥିତି ସୃଷ୍ଟି ହେବାକୁ ଯାଉଛି। ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍ ୱେନ ନିଜ ୬ ବର୍ଷ କାର୍ଯ୍ୟକାଳ ମଧ୍ୟରେ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଏକ ଯୁଦ୍ଧଜାହାଜରେ ନୌସେନାର ସମରାଭ୍ୟାସ ଦେଖିବା ସହ ଚାଇନାକୁ କଡ଼ା ସନ୍ଦେଶ ଦେଇଛନ୍ତି। ଏଥିସହ ଦେଶପ୍ରତି ନିଜ ସେନାର

### ■ବେଜିଂର କାର୍ଯ୍ୟାନୁଷ୍ଠାନ ଧମକ
### ■ସୁରକ୍ଷା ଚିନ୍ତାରେ ତାଇୱାନ


ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍ ୱେନ

ପ୍ରତିବଦ୍ଧତାକୁ ସେ ଉଚ୍ଚପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଡେମୋକ୍ରାଟିକ୍ ଏମ୍‌ପି ନାନ୍ସି ତାଇୱାନ ଗସ୍ତ ବେଳେ ତାଙ୍କ ସୁରକ୍ଷା ଚିନ୍ତାରେ ଆମେରିକା ସେନା ଯୋଜନା ପ୍ରସ୍ତୁତ କରୁଛି। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ୱାଶିଂଟନ୍ ସୈନ୍ୟ ଗତିବିଧି ବଢ଼ାଇବା ପ୍ଲାନ୍ କରିଛି। ୧୯୯୭ ପରଠୁ ଆମେରିକାର କୌଣସି ଉଚ୍ଚପଦବୀରେ ଥିବା ପ୍ରଥମ ରାଜନେତା ଭାବେ ନାନ୍ସି ତାଇୱାନ ଗସ୍ତ କରିବେ।

## ନାନ୍ସିଙ୍କ ଚାଇନା ବିରୋଧୀ ଆଭିମୁଖ୍ୟ

ଆମେରିକା ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ପରେ ୟୁଏସ୍ ପ୍ରତିନିଧି ସଭାର ସ୍ପିକର ନାନ୍ସି ପେଲୋସି ସବୁଠୁ କ୍ଷମତାଶାଳୀ ବ୍ୟକ୍ତି। ସେ ଚାଇନାର ଜଣେ ବଡ଼ ସମାଲୋଚକ। ୧୯୮୯ ଗଣତନ୍ତ୍ର ସପକ୍ଷବାଦୀଙ୍କ ଆନ୍ଦୋଳନରେ ପ୍ରାଣ ହରାଇଥିବା ଲୋକଙ୍କ ସ୍ମୃତିରେ ନାନ୍ସି ଏକଦା ବେଜିଂର ତିଆନମେନ ସ୍କୋୟାରରେ ଏକ ବ୍ୟାନର ଉତ୍ତୋଳନ କରିଥିଲେ। ୨୦୧୯ରେ ହଂକଂରେ ଗଣତନ୍ତ୍ର ଶାସନ ସମର୍ଥନରେ ହୋଇଥିବା ବିକ୍ଷୋଭକୁ ସମର୍ଥନ କରିବା ପରେ ନାନ୍ସିଙ୍କୁ ବେଜିଂ କଡ଼ା ସମାଲୋଚନା କରିଥିଲା। ତାଇୱାନକୁ ଆମେରିକା ସହାୟତା ଓ ସମର୍ଥନ ଦେବା ଜରୁରୀ ବୋଲି ଗତ ସପ୍ତାହରେ ନାନ୍ସି କହିଥିଲେ। ତାଇୱାନ ରାଷ୍ଟ୍ରପତି ତାଇ ଇଙ୍ଗ-ୱେନ ବେଜିଂର ଧମକକୁ ଖାରଜ କରିବା ସହ ନାନ୍ସିଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଉଦାରବାଦୀ ନୀତିକୁ ସମର୍ଥନ କରି ଆସୁଛି। ଏହାକୁ ଚାଇନା ସହ୍ୟ କରିପାରୁନାହିଁ।

## ଆଜି ବାଇଡେନ୍-ଜିନ୍‌ପିଙ୍ଗ ଆଲୋଚନା


ଜୋ ବାଇଡେନ୍ | ଶି ଜିନ୍‌ପିଙ୍ଗ୍

ତାଇୱାନକୁ ନେଇ ଆମେରିକା ଓ ଚାଇନା ସମ୍ପର୍କ ବିଗିଡ଼ିବାରେ ଲାଗିଥିବାବେଳେ ଗୁରୁବାର ଏହି ଦୁଇ ଦେଶର ରାଷ୍ଟ୍ରପତି ଆଲୋଚନା କରିବେ। ୪ ମାସ ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଏହା ପ୍ରଥମ କଥାବାର୍ତ୍ତା ହେବ। ଗତ ମାର୍ଚ୍ଚରେ ଉଭୟେ ଫୋନ୍ କଲ୍ ଯୋଗେ କଥା ହୋଇଥିବାବେଳେ ସେତେବେଳେ ମଧ୍ୟ ତାଇୱାନ ପ୍ରମୁଖ ପ୍ରସଙ୍ଗ ଥିଲା। ଏହାସହ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପ୍ରସଙ୍ଗ ମଧ୍ୟ ସ୍ଥାନିତ ହୋଇଥିଲା।

## ଚାଇନା-ତାଇୱାନ ବିବାଦ କ'ଣ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଚାଇନା ଓ ତାଇୱାନ ମଧ୍ୟରେ ଅସ୍ଥିରତା ଜାରି ରହିଛି। ଚାଇନାର ମୁଖ୍ୟ ଭୂମିରେ କମ୍ୟୁନିଷ୍ଟ ପାର୍ଟି ଓ ନ୍ୟାଶନାଲିଷ୍ଟ ପାର୍ଟି ମଧ୍ୟରେ ବିବାଦ ଲାଗି ରହିଥିଲା। ମାଓ ଜେଡୋଙ୍ଗ୍‌ଙ୍କ ନେତୃତ୍ୱରେ ୧୯୪୯ରେ ଚାଇନାର କମ୍ୟୁନିଷ୍ଟ ପାର୍ଟି ବେଜିଂକୁ କବ୍‌ଜା କରିନେଇଥିଲା। ଏହା ପରେ ଚାଇନାରେ ଗଣତନ୍ତ୍ର ଚାହୁଁଥିବା ନ୍ୟାଶନାଲିଷ୍ଟ ପାର୍ଟି କୁଓମିନ୍‌ତାଙ୍ଗ୍ ଓ ଏହାର ସମର୍ଥକଙ୍କ ସମେତ ବହୁସଂଖ୍ୟାରେ ଲୋକ ମଧ୍ୟ ଦକ୍ଷିଣ-ପଶ୍ଚିମରେ ଥିବା ତାଇୱାନ ଦ୍ୱୀପକୁ ପଳାଇଥିଲେ। ସେଠାରେ ଅଧିକାଂଶ ସମୟରେ କୁଓମିନ୍‌ତାଙ୍ଗ୍ ଦଳର ହିଁ ଶାସନ ଚାଲିଛି। ଚାଇନା ଆବଶ୍ୟକ ପଡ଼ିଲେ ସେନା ସହାୟତାରେ ଜବରଦସ୍ତି ତାଇୱାନ୍‌କୁ କବ୍‌ଜା କରାଯାଇପାରିବ ବୋଲି କହିଆସିଛି।




## ସଂକ୍ଷେପରେ

### ଗୁଜରାଟରେ ବିଷାକ୍ତ ମଦ: ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି

**ଅହମ୍ମଦାବାଦ, ୨୭।୭:** ଗୁଜରାଟରେ ବିଷାକ୍ତ ମଦଜନିତ ମୃତ୍ୟୁସଂଖ୍ୟା ବୁଧବାର ୪୦କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୩୧ ଜଣ ବୋଟାଡ୍ ଜିଲାର ହୋଇଥିବାବେଳେ ଆଉ ୯ ଜଣ ଅହମ୍ମଦାବାଦର ବାସିନ୍ଦା। ପ୍ରାୟ ୫୦ ଜଣ ଏବେ ବି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଗୁଜରାଟର ଏକ ଫ୍ୟାକ୍ଟ୍ରିରୁ ୬୦୦ ଲିଟର କେମିକାଲ ମିଶ୍ରିତ ମଦ ୪୦ ହଜାର ଟଙ୍କାରେ କିଣାଯାଇଥିବା ପୋଲିସ କହିଥିବାବେଳେ ଘଟଣାରେ ଅଦ୍ୟାବଧି ୧୦ ଜଣଙ୍କୁ ଗିରଫ କରାଯାଇଛି। ପ୍ରାୟ ୨୦ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେମାନେ ଏହି ବିଷାକ୍ତ ମଦକୁ ପାଉଚ୍ ପିଛା ୨୦ ଟଙ୍କାରେ ବିକ୍ରି କରିଥିବା ପୋଲିସ ଜାଣିବାକୁ ପାଇଛି। ଅହମ୍ମଦାବାଦ ଓ ବୋଟାଡ୍ ଜିଲାର ଅନେକ ଲୋକ ରବିବାର ରାତିରେ ଏହି ମଦ ପିଇ ଅସୁସ୍ଥ ହୋଇଥିଲେ।

### ସ୍କୁଲ୍ ଯିବାବେଳେ ଛାତ୍ରୀଙ୍କୁ ବଳାତ୍କାର

**ଖସି ଯାଉଥିବା ଅଭିଯୁକ୍ତଙ୍କୁ ଗୁଳି**

**ନୋଏଡ଼ା, ୨୭।୭:** ୟୁପିର ନୋଏଡାରେ ବୁଧବାର ସକାଳେ ସ୍କୁଲ୍ ଯାଉଥିବା ଜଣେ ୧୨ ବର୍ଷୀୟା ଛାତ୍ରୀଙ୍କୁ ୨୦ ବର୍ଷୀୟ ଯୁବକ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଖବର ପାଇ ସେକ୍ଟର ୨୪ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ସହ ଠେଲାପେଲା କରି ଖସିଯିବାକୁ ଉଦ୍ୟମ କରିବାରୁ ତାଙ୍କୁ ଗୁଳି କରାଯାଇଥିଲା। ଆହତ ଅବସ୍ଥାରେ ତାଙ୍କୁ ହାଜତକୁ ନିଆଯାଇଛି। ତାଙ୍କ ନାମରେ ଆଇପିସିର ଧାରା ୩୭୬ ଓ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। ଡାକ୍ତରୀ ମାଇନା ପାଇଁ ତାଙ୍କୁ ହସ୍ପିଟାଲ ନିଆଯାଇ ସେଠାରୁ ଥାନାକୁ ଅଣାଯାଉଥିବାବେଳେ ସେ ଖସି ପଳାଇବାକୁ ଉଦ୍ୟମ କରିଥିଲେ।

### ୩ ଭଉଣୀଙ୍କ ଆତ୍ମହତ୍ୟା

**ଭୋପାଳ, ୨୭।୭:** ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ୩ ଭଉଣୀ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗଛରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୨ଟାରେ ସୂଚନା ପାଇ ପୋଲିସ ସେଠାରୁ ମୃତଦେହଗୁଡ଼ିକ ଜବତ କରିଥିଲା। ସେମାନଙ୍କ ବୟସ ୨୩, ୨୧ ଓ ୧୯ ବର୍ଷ ହେବ। ଆଦିବାସୀ ସମ୍ପ୍ରଦାୟର ଏହି ୩ ଭଉଣୀଙ୍କ ମଧ୍ୟରୁ ଜଣେ ବିବାହ କରିଥିବାବେଳେ ଦୁଇ ଦିନ ତଳେ ତାଙ୍କ ବାପଘରକୁ ଆସିଥିଲେ। ଅନ୍ୟ ଦୁଇ ଜଣ କଲେଜ ଛାତ୍ରୀ। ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ ମିଳିନାହିଁ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣାର ତଦନ୍ତ ଜାରି ଥିବା ପୋଲିସ କହିଛି।

## ଫିଲିପାଇନ୍ସରେ ଭୂକମ୍ପ: ୫ ମୃତ



ଫିଲିପାଇନ୍ସର ବେନ୍‌ଗୁଏଟସ୍ଥିତ ଲା ତ୍ରିନିଦାଦଠାରେ ଭୂକମ୍ପରେ ଧ୍ୱସ୍ତବିଧ୍ୱସ୍ତ ଘର।

**ମାନିଲା, ୨୭।୭:** ଉତ୍ତର ଫିଲିପାଇନ୍ସରେ ବୁଧବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ରହିଛି। ଭୂକମ୍ପ ଯୋଗୁ ଅନେକ ଘର କ୍ଷତିଗ୍ରସ୍ତ ହେବା ସହ ୫ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି। ରାଜଧାନୀରେ ଥିବା ଏକ ହସ୍ପିଟାଲରୁ ରୋଗୀମାନଙ୍କୁ ବାହାର କରିଦିଆଯାଇଥିଲା। ଲୋକେ ଆତଙ୍କିତ ହୋଇ ଏଣେତେଣେ ଦୌଡ଼ୁଥିବା ଦେଖାଯାଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଆବ୍ରା ପ୍ରଦେଶର ପାର୍ବତ୍ୟାଞ୍ଚଳ ବୋଲି ଦେଶର ସିସ୍‌ମୋଲୋଜି ମୁଖ୍ୟ ରେନାଟୋ ସୋଲିଡମ୍ କହିଛନ୍ତି। ଭୂକମ୍ପ ଯୋଗୁ ଘରଗୁଡ଼ିକ ଏଭଳି ଦୋହଲିଥିଲା, ଯେପରି ସେ ଦୋଳିରେ ବସିବା ଭଳି ଅନୁଭବ କରିଥିଲେ ବୋଲି କହିଛନ୍ତି। ସଙ୍ଗେ ସଙ୍ଗେ ବିଦ୍ୟୁତ୍ ଚାଲିଯାଇଥିଲା ଓ ବାହାରେ ଲୋକମାନଙ୍କ ଚିତ୍କାର ଶୁଣାଯାଇଥିଲା। ତାଙ୍କ ଜାଣିବାରେ ଏହା ସବୁଠୁ ଶକ୍ତିଶାଳୀ ଭୂକମ୍ପ ବୋଲି ସିସ୍‌ମୋଲୋଜି ମୁଖ୍ୟ ମତ ଦେଇଛନ୍ତି। ଘର ଭାଙ୍ଗିବା ଓ ସିମେଣ୍ଟ ସ୍ଲାବ୍ ଖସିବା ଯୋଗୁ ୫ ଜଣଙ୍କ ମୃତ୍ୟୁ ହୋଇଛି। ଶହ ଶହ ଘରେ ଫାଟ ସୃଷ୍ଟି ହୋଇଛି।

## କର୍ଣ୍ଣାଟକରେ ଭାଜପା ଯୁବନେତାଙ୍କୁ ହତ୍ୟା

**ବେଙ୍ଗାଲୁରୁ, ୨୭।୭**


ପ୍ରବୀଣ ନେତ୍ତାରୁ

କର୍ଣ୍ଣାଟକର ଦକ୍ଷିଣ କନ୍ନଡ ଜିଲାରେ ଭାଜପା ଯୁବମୋର୍ଚ୍ଚା କର୍ମୀ ପ୍ରବୀଣ ନେତ୍ତାରୁଙ୍କୁ ହତ୍ୟା କରାଯାଇଛି। ପ୍ରବୀଣ ମଙ୍ଗଳବାର ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଦୁଇଜଣ ବାଇକ୍‌ରେ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଜିଲାରେ ପ୍ରବଳ ଉତ୍ତେଜନା ଦେଖାଦେବା ସହ କର୍ଣ୍ଣାଟକର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରତିବାଦରେ ଭାଜପାର ବହୁ ଯୁବ ସଦସ୍ୟ ଇସ୍ତଫା ଦେଇଛନ୍ତି। ଭାଜପା ନେତୃତ୍ୱାଧୀନ ସରକାର ରାଜ୍ୟରେ ନିଜ ଦଳୀୟ କର୍ମୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିକ୍ଷୋଭକାରୀମାନେ ଭାଜପା ରାଜ୍ୟ ସଭାପତି ନଳିନ କୁମାର କାଟିଲ୍‌ଙ୍କ କାର୍‌କୁ ଘେରିଯାଇ ପାଟିତୁଣ୍ଡ କରୁଥିବା ଭିଡିଓ ଭାଇରାଲ ହୋଇଛି।

ଆକ୍ରମଣକାରୀଙ୍କୁ ଧରିବା ଲାଗି ୬ଟି ପୋଲିସ ଟିମ୍ ଗଠନ କରାଯାଇଛି। ୩ଟି ଟିମ୍‌କୁ କେରଳ, ମଡିକେରି ଏବଂ ହାସନ ପଠାଯାଇଛି। ପୋଲିସ ୧୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେପଟେ ବେଲାରେ, ସୁଲିଆ ଆଦି ଅଞ୍ଚଳରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ପ୍ରବୀଣଙ୍କ ହତ୍ୟା ପଛରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ଏବଂ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆର ହାତ ଥିବା ଅଭିଯୋଗ ହୋଇଛି।

## ମଙ୍କିପକ୍ସ ପାଇଁ ଗାଇଡ୍‌ଲାଇନ୍

**ନୂଆଦିଲ୍ଲୀ, ୨୭।୭**

**୨୧ ଦିନିଆ ସଙ୍ଗରୋଧ ଜରୁରୀ**

ମଙ୍କିପକ୍ସ ସଂକ୍ରମଣକୁ ଦୃଷ୍ଟିରେ ରଖି ବୁଧବାର କେନ୍ଦ୍ର ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଆକ୍ରାନ୍ତଙ୍କ ପାଇଁ ୨୧ ଦିନିଆ ସଙ୍ଗରୋଧ ଓ ଥ୍ରୀ- ଲେୟର ମାସ୍କ ବାଧ୍ୟତାମୂଳକ କରାଯାଇଛି। ହାତ ସଫା ରଖିବା ସହ ଦେହର ଦାଗକୁ ଘୋଡ଼ାଇବା ପାଇଁ ଏଥିରେ କୁହାଯାଇଛି। ଅଦ୍ୟାବଧି ଦେଶରେ ୪ଜଣ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସଂକ୍ରମିତଙ୍କଠାରେ ବିଶେଷ ଲକ୍ଷଣ ଦେଖାଯାଉ ନ ଥିବାବେଳେ ମାତ୍ର ଜଣେ ସଂକ୍ରମିତଙ୍କ ଶରୀରରେ କିଛି ଦାଗ ଦେଖିବାକୁ ମିଳିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ଭଲ ହୋଇଯାଇଥିବା କୁହାଯାଇଛି। ଜନସାଧାରଣ ଡରିବାର କୌଣସି କାରଣ ନାହିଁ। ମଙ୍କିପକ୍ସ ଏକ ଭାଇରାଲ ଜୁନୋସିସ୍ ଅର୍ଥାତ୍ ରୋଗର ଜୀବାଣୁ ପଶୁଙ୍କଠାରୁ ମଣିଷ ଶରୀରରେ ପ୍ରବେଶ କରିଥାଏ। ଏହାର ଲକ୍ଷଣ ସ୍ମଲପକ୍ସ ଲକ୍ଷଣ ସହ ସମାନ।

## 'ପାର୍ଥ ମୋ ଘରକୁ ମିନି ବ୍ୟାଙ୍କ କରିଛନ୍ତି'

**କୋଲକାତା, ୨୭।୭**


ଅର୍ପିତା ମୁଖାର୍ଜୀ

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଅଭିନେତ୍ରୀ ଅର୍ପିତା ମୁଖାର୍ଜୀଙ୍କୁ ବ୍ୟବହାର କରିଛନ୍ତି। ତାଙ୍କ ଘରକୁ ପାର୍ଥ ମିନି ବ୍ୟାଙ୍କ କରିଥିବା ଏବଂ ସେଠାରେ ଟଙ୍କା ଲୁଚାଇ ରଖୁଥିଲେ ବୋଲି ଅର୍ପିତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ କହିଥିବା ଜଣାପଡ଼ିଛି। ଗୋଟିଏ ରୁମ୍‌ରେ ଟଙ୍କା ରଖାଯାଉଥିଲା ଏବଂ ତାହା ମଧ୍ୟକୁ କେବଳ ପାର୍ଥ ଓ ତାଙ୍କ ଲୋକ ଯାଉଥିଲେ। ପ୍ରତି ସପ୍ତାହ ଅଥବା ୧୦ ଦିନରେ ଥରେ ପାର୍ଥ ସେଠାକୁ ଯାଉଥିଲେ। ଏଥିସହ ଅନ୍ୟ ଜଣେ ମହିଳାଙ୍କ ଘରେ ମଧ୍ୟ ମନ୍ତ୍ରୀ ଟଙ୍କା ରଖୁଥିଲେ ବୋଲି ଅଭିନେତ୍ରୀ ଜଣକ ଇଡିକୁ ସୂଚନା ଦେଇଛନ୍ତି।

## ଇଡି କ୍ଷମତା ବଳବତ୍ତର

**ନୂଆଦିଲ୍ଲୀ, ୨୭।୭**

**ଗିରଫ, ତଲାସି, ବାଜ୍ୟାପ୍ତ ନେଇ ସୁପ୍ରିମକୋର୍ଟ ରାୟ**

ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିବ। ତାଙ୍କ ଘର ତଲାସି ସହ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତ କରିପାରିବ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ବଳରେ ଇଡି ପକ୍ଷରୁ ନିଆଯାଉଥିବା ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ବିରୋଧରେ କଂଗ୍ରେସ ନେତା କାର୍ତ୍ତି ଚିଦାମ୍ବରମ୍‌ଙ୍କ ସମେତ ଅନେକ ଆବେଦନକାରୀ ଦାଏର କରିଥିବା ପିଟିଶନଗୁଡ଼ିକର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିଷ୍ପତ୍ତି ଶୁଣାଇଛନ୍ତି।

ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଏମ୍ଏଲ୍ଏର ଧାରା ୫, ୮(୪), ୧୫, ୧୭ ଓ ୧୯ ଭଳି କେତେକ ନିୟମର ସାମ୍ବିଧାନିକ ବୈଧତାକୁ ବଳବତ୍ତର ରଖିଛନ୍ତି। ଏଥିସହ ଧାରା ୨୪ ଅନୁସାରେ ଅଭିଯୋଗ ପ୍ରମାଣର ଓଲଟା ଦାୟିତ୍ୱକୁ ବଜାୟ ରଖି ନିୟମର ଉଦ୍ଦେଶ୍ୟଗୁଡ଼ିକ ସହ ଏହାର ଉଚିତ ସମ୍ପର୍କ ଥିବା ସ୍ପଷ୍ଟ କରିଛନ୍ତି। ପିଏମ୍ଏଲ୍ଏର ଧାରା ୪୫ ଅନୁଯାୟୀ ଜାମିନ ପ୍ରଦାନ ପାଇଁ 'ଦ୍ୱୈତ ସର୍ତ୍ତ'କୁ ମଧ୍ୟ ଖଣ୍ଡପୀଠ ବଳବତ୍ତର ରଖି କହିଛନ୍ତି, ନିକେଶ ଥରଚାନ୍ଦ ଶାହ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ମଧ୍ୟ ସଂସଦ ୨୦୧୮ରେ ଉକ୍ତ



ଆଇନରେ ସଂଶୋଧନ କରିବାକୁ ସକ୍ଷମ ଥିଲା। ସୁପ୍ରିମକୋର୍ଟଙ୍କ ରାୟରେ ଦର୍ଶାଯାଇଥିବା ତ୍ରୁଟିକୁ ଦୂର କରିବା ପାଇଁ ସଂସଦ ବର୍ତ୍ତମାନ ସ୍ୱରୂପରେ ଧାରା ୪୫ରେ ସଂଶୋଧନ କରିବାକୁ ସକ୍ଷମ। ଖଣ୍ଡପୀଠ ଏହା ମଧ୍ୟ ମାନିଛନ୍ତି ଯେ, ଇଡି ଅଧିକା 'ପୋଲିସ ଅଧିକାରୀ' ହୋଇ ନ ଥିବାରୁ ଧାରା ୫୦ ଅନୁସାରେ ତାଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ବୟାନ ସମ୍ବିଧାନର ଅନୁଚ୍ଛେଦ ୨୦(୩) ଯୋଗୁ ପ୍ରଭାବିତ ନୁହେଁ, ଯାହାକି ଆତ୍ମ-ଅପରାଧ ବିରୋଧରେ ମୌଳିକ ଅଧିକାର ସୁନିଶ୍ଚିତ କରିଥାଏ। ଅଦାଲତ ଆହୁରି କହିଛନ୍ତି, ପ୍ରବର୍ତ୍ତନ ମାମଲାର ସୂଚନା ରିପୋର୍ଟ (ଇସିଆଇଆର୍)କୁ ଏଫ୍ଆଇଆର୍ ସହ ତୁଳନା କରାଯାଇପାରିବ ନାହିଁ। ଏହା କେବଳ ଇଡିର ଏକ ଅନ୍ତରୀଣ ଦସ୍ତାବିଜ। ତେଣୁ ଏଫ୍ଆଇଆର୍ ସମ୍ପର୍କିତ ସିଆର୍‌ପିସିର ନିୟମଗୁଡ଼ିକ ଇସିଆଇଆର୍‌ରେ ଲାଗୁ ହେବ ନାହିଁ। ଇଡି ଗିରଫଦାରି ବେଳେ ଏହାର କାରଣ ଦର୍ଶାଇବା ଯଥେଷ୍ଟ। ପିଏମ୍ଏଲ୍ଏ, ୨୦୦୨ର ଧାରା ୧୯ର ସାମ୍ବିଧାନିକ ବୈଧତାକୁ କରାଯାଇଥିବା ଚ୍ୟାଲେଞ୍ଜକୁ ଖଣ୍ଡପୀଠ ଖାରଜ କରି କହିଛନ୍ତି, ଏଥିରେ କଡ଼ା ସୁରକ୍ଷା ପ୍ରଦାନ କରାଯାଇଛି। ତେଣୁ ଧାରା ୧୯କୁ ଏକତରଫା ବୋଲି କୁହାଯାଇପାରିବ ନାହିଁ। ଇଡି ପକ୍ଷରୁ ଗିରଫ ବ୍ୟକ୍ତିଙ୍କୁ କୋର୍ଟରେ ହାଜର କରାଯିବାବେଳେ ଦାଖଲ ରେକର୍ଡକୁ ଏକ ସ୍ୱତନ୍ତ୍ର କୋର୍ଟ ଅନୁଧ୍ୟାନ କରିପାରିବେ। ସେହିପରି ମନି ଲଣ୍ଡରିଂରେ ଜଡ଼ିତ ଅଭିଯୁକ୍ତମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଉଦ୍ଦିଷ୍ଟ ପିଏମ୍ଏଲ୍ଏର ଧାରା ୫ର ସାମ୍ବିଧାନିକ ବୈଧତା ରହିଛି। ପ୍ରକାଶ ଯେ, ଗତ ୧୭ ବର୍ଷ ମଧ୍ୟରେ ପିଏମ୍ଏଲ୍ଏ ବଳରେ ୪,୮୫୦ ମାମଲା ରୁଜୁ ହୋଇଥିବାବେଳେ ୯୮,୩୬୮ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା। ଏଥିଲାଗି ୨,୮୮୩ ସ୍ଥାନରେ ତଲାସି କରାଯାଇଥିବା ନେଇ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ।

## ସୋନିଆଙ୍କୁ ତୃତୀୟ ଥର ଜେରା

**ନୂଆଦିଲ୍ଲୀ, ୨୭।୭**

**୧୧ ଘଣ୍ଟାରେ ୧୦୦ ପ୍ରଶ୍ନ**



ନ୍ୟାଶନାଲ ହେରାଲ୍ଡ ସମ୍ପର୍କିତ ମନି ଲଣ୍ଡିରିଂ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ତୃତୀୟ ଥର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସରେ ହାଜର ହୋଇଛନ୍ତି। ଇଡି ଅଧିକାରୀମାନେ ତାଙ୍କୁ ୩ ଘଣ୍ଟା ଧରି ଜେରା କରିଛନ୍ତି। ତେବେ ସୋନିଆଙ୍କୁ ଆଗକୁ ଜେରା ପାଇଁ ନୂଆ ସମନ କରାଯାଇ ନାହିଁ। ପ୍ରକାଶ ଯେ, ସୋନିଆଙ୍କୁ ଇଡି ଅଧିକାରୀମାନେ ଅଦ୍ୟାବଧି ମୋଟ ୧୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେରା କରି ପ୍ରାୟ ୧୦୦ ପ୍ରଶ୍ନ ପଚାରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୬୬,୦୭,୪୫୫ | ୬୪,୦୮,୪୪୩ | ୫୪,୭୩,୯୩,୯୦୬ |
| ଭାରତ | ୪,୩୯,୩୮,୭୬୪ | ୫,୨୬,୨୫୮ | ୪,୩୨,୬୭,୫୭୧ |
| ଓଡ଼ିଶା | ୧୩,୦୯,୦୮୫ | ୯୧୩୭(+୫୩) | ୧୨,୯୩,୯୫୧ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବିଧାନସଭାରେ ପିସି ହଙ୍ଗାମା

ଭୁବନେଶ୍ୱର,୨୭।୭(ବ୍ୟୁରୋ)



ରାଜ୍ୟରେ ପର୍ସେଣ୍ଟେଜ୍(ପିସି) କାରବାର ବୃଦ୍ଧିପାଉଛି। ସରକାରଙ୍କ ସମସ୍ତ ବିଭାଗରେ ପୁଳାପୁଳା ଦୁର୍ନୀତି। ଏଥିରେ ତଳ ଶ୍ରେଣୀର କର୍ମଚାରୀଠାରୁ ଆରମ୍ଭ କରି ଉପର ଅଫିସର ପର୍ଯ୍ୟନ୍ତ ଏକ ର୍ୟାକେଟ କାମ କରୁଛି। ଭିଜିଲାନ୍ସ କେବଳ ତଳିଆ କର୍ମଚାରୀଙ୍କୁ ଧରୁଥିବା ବେଳେ ବଡ଼ ବଡ଼ ମାଛ ଖସି ଯାଉଛନ୍ତି। ଏନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି।

'ପିସି କାରବାର ଚରମ ସୀମାରେ... ଯନ୍ତ୍ରୀ ଭିଜିଲାନ୍ସ ଜାଲରେ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଗତ କରି ଭାଜପା ସଭ୍ୟ ମୋହନ ଚରଣ ମାଝି କହିଲେ ଯେ ରାଜ୍ୟ ସରକାରଙ୍କ ଅନେକ ବିଭାଗରେ ଦୁର୍ନୀତି ଭରି ରହିଛି। ଚଳିତ ବର୍ଷ ଭିଜିଲାନ୍ସ ୮୯୫ ମାମଲା ରୁଜୁ କରିଛି। ୨୦୧୭ ସୁଦ୍ଧା ୩୫୦୯ ଦୁର୍ନୀତି ମାମଲା ରହିଥିବା ବେଳେ ସେଥିରୁ ମାତ୍ର ୧.୩% ଫଇସଲା ହୋଇଛି। ୮% ୯% ପୋଲିସ କର୍ମଚାରୀ ଦୁର୍ନୀତି କାରବାରରେ ଲିପ୍ତ ରହୁଛନ୍ତି। ଗତ ୧୭ ମାସରେ ୩୩ ଜଣ ପୋଲିସ କର୍ମଚାରୀ ବାଧ୍ୟ ହୋଇଛନ୍ତି। 'ପ୍ରିଭେନ୍ସନ ଅଫ୍ କରପ୍ସନ ଆକ୍ଟ' ମୂଲ୍ୟହୀନ ହୋଇପଡ଼ିଛି। ପିସି କାରବାରରେ ଲିପ୍ତ ରହୁଥିବା ବଡ଼ ଅଫିସର ଓ ନେତାଙ୍କ ପାଖରେ ଭିଜିଲାନ୍ସ ପହଞ୍ଚି ପାରୁନାହିଁ। ଗତ କିଛି ବର୍ଷ ପୂର୍ବେ ଡାଲି କିଣାରେ ମହାଦୁର୍ନୀତି ହୋଇଥିଲା। ଏଥିରେ ତଳୁ ଉପରଯାଏ ସମସ୍ତେ ସାମିଲ ଥିଲେ। ସରକାର ଦୁର୍ନୀତିକୁ ରୋକିବା ଲାଗି କଡ଼ା ପଦକ୍ଷେପ ନେବା ଜରୁରୀ।

ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ କହିଥିଲେ, ବ୍ଲକସ୍ତରରେ ତହସିଲଦାର, ଆରଆଇ, ବିଡିଓ ଦୁର୍ନୀତିରେ ଧରା ପଡୁଛନ୍ତି। ଇଞ୍ଜିନିୟରମାନଙ୍କୁ ପିସି ନ ଦେଲେ ଠିକାଦାରଙ୍କ ବିଲ୍ ହେଉନାହିଁ। ନିମ୍ନମାନର କାମ କରିବାକୁ ଠିକାଦାର ବାଧ୍ୟ ହେଉଛନ୍ତି। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ କର୍ମଚାରୀ ବିରଞ୍ଚି ସାହୁ ଦୁର୍ନୀତିରେ ଧରାପଡ଼ି ଜେଲରେ ଅଛନ୍ତି। ଏଥିରେ କେବଳ ବିରଞ୍ଚି ନୁହନ୍ତି, ବହୁତ ଅଫିସର ସାମିଲ ଅଛନ୍ତି। ମାତ୍ର ସେମାନଙ୍କ ପାଖରେ ଭିଜିଲାନ୍ସ ପହଞ୍ଚି ପାରୁନାହିଁ। ଥାନା ଆଇଆଇସି ମଧ୍ୟ ଭିଜିଲାନ୍ସ ଦ୍ୱାରା ଟ୍ରାପ୍ ହେଉଛନ୍ତି। ବାଡ଼ ଯଦି ଫସଲ ଖାଇବ ତେବେ ଫସଲକୁ କିଏ ରକ୍ଷା କରିବ।

କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ ସରକାର ମନ୍ତ୍ରୀଙ୍କୁ କ୍ଷମତା ଦେଉନାହାନ୍ତି। ମନ୍ତ୍ରୀମାନେ କେବଳ ଦସ୍ତଖତ କରିବା ଛଡ଼ା ସେମାନଙ୍କଠାରେ ଆଉ କିଛି କ୍ଷମତା ନାହିଁ। ଏମିତି କି ମନ୍ତ୍ରୀମାନଙ୍କ ଡିଜିଟାଲ ସିଗ୍ନେଚର ମଧ୍ୟ କରାଯାଉଛି। ମନ୍ତ୍ରୀଙ୍କ ଦସ୍ତଖତ ଆଉ ଦରକାର ପଡୁନାହିଁ। ଅଫିସରମାନେ ସବୁ କ୍ଷମତା ପାଇଥିବାରୁ ଦୁର୍ନୀତିଗ୍ରସ୍ତ ହୋଇଛନ୍ତି। ଭୁବନେଶ୍ୱରରେ ୯୯% ଅଫିସରଙ୍କ ଘର ରହିଛି। ମାତ୍ର ବିଧାୟକମାନଙ୍କର ଇଞ୍ଚେ ଜାଗା ନାହିଁ। ୧୯୮୦ରେ ଯିଏ ଏମ୍ଏଲ୍ଏ ଥିଲେ ସେତେବେଳେ ସରକାର ସେମାନଙ୍କୁ କିଛି ଜାଗା ଦେଇଥିଲେ। ସେଥିରୁ ଅଧିକାଂଶ ସେମାନଙ୍କର ଜାଗା ବିକି ସାରିଲେଣି। ଅଫିସର ମୋଟା ଅଙ୍କର ଦରମା ପାଉଛନ୍ତି। ସେସବୁ ବ୍ୟାଙ୍କରେ ରହୁଛି। ପିସି ପଇସାରେ ଅନ୍ୟାନ୍ୟ ଖର୍ଚ୍ଚ କରୁଛନ୍ତି। କେବଳ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାରଙ୍କୁ ସରକାର ଦୁର୍ନୀତି ଅଭିଯୋଗରେ ବରଖାସ୍ତ କରିଛନ୍ତି। ସେହିଭଳି ବଡ଼ ବଡ଼ ଅଫିସରଙ୍କୁ ଯଦି ଧରାଯାଆନ୍ତା ତେବେ ଦୁର୍ନୀତି କମନ୍ତା ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ବ୍ଲକରେ ଆରଡବ୍ଲ୍ୟୁଏସ୍ ବିଭାଗ ଦୁର୍ନୀତି ଗଡ଼ାଘର। ପାଣି ଟାଙ୍କିରେ ବିଜେଡି ରଙ୍ଗ ଦେବାକୁ କେତେ ଖର୍ଚ୍ଚ ହେଲା। ଟେଣ୍ଡର କରା ନ ଯାଇ ଶହ ଶହ କୋଟି ଟଙ୍କା ହଡ଼ପ କରାଗଲା। ଏହାର ତଦନ୍ତ ହେବା ଦରକାର।

ବିଜେଡି ସଭ୍ୟ ଅମର ଶତପଥୀ ମୁଲତବୀ ପ୍ରସ୍ତାବକୁ ବିରୋଧ କରି କହିଲେ, ରାଜ୍ୟ ସରକାର ସର୍ବଦା ଦୁର୍ନୀତି ଉପରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଆସିଛନ୍ତି। ଯେଉଁଠି ଦୁର୍ନୀତି ହେଉଛି ସେଠାରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉଛି। ବିଜେଡି ସଭ୍ୟ ବ୍ୟୋମକେଶ ରାୟ କହିଲେ ଯେ ୨୦୦୦ ମସିହା ପୂର୍ବରୁ ଦୁର୍ନୀତି ହେଉଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ଏବେ ଅଧିକ ବେଗରେ କାର୍ଯ୍ୟାନୁଷ୍ଠାନ ହେଉଛି। ବିଜୟ ମାଲ୍ୟା, ଲଳିତ ମୋଦି ଶହ ଶହ କୋଟି ଟଙ୍କା ଦୁର୍ନୀତି କରି ବିଦେଶରେ ଅଛନ୍ତି। ମାତ୍ର ସେମାନଙ୍କୁ ଧରାଯାଉନାହିଁ।

## 'ଦୁର୍ନୀତିଗ୍ରସ୍ତଙ୍କୁ ନିସ୍ତାର ନାହିଁ'

**ବର୍ଷକରେ ଭିଜିଲାନ୍ସ ଜାଲରେ ୭୫୮ କର୍ମଚାରୀ**

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ନିସ୍ତାର ନାହିଁ। ଯିଏ ଦୁର୍ନୀତି କରିଛନ୍ତି ତାଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ୨୦୨୧ ଜାନୁୟାରୀ ୧ରୁ ୨୦୨୨ ଜୁନ ୩୦ ଯାଏ ରାଜ୍ୟରେ ଭିଜିଲାନ୍ସ ପକ୍ଷରୁ ୭୫୮ ଜଣଙ୍କ ବିରୋଧରେ ୪୦୪ଟି ଆପରାଧିକ ମାମଲା ପଞ୍ଜୀକୃତ କରାଯାଇଛି। ସେଥିରେ ୭୬ ଜଣ ଗ୍ରୁପ୍- ଏ' ଓ ୭୮ ଜଣ ଗ୍ରୁପ୍- ବି' ବର୍ଗ ଅଧିକାରୀ ସମ୍ପୃକ୍ତ ଅଛନ୍ତି। ସେହିପରି ୪୩ ଜଣ ଗ୍ରୁପ୍- ଏ' ଓ ୪୯ ଜଣ ଗ୍ରୁପ୍- ବି' ଅଧିକାରୀଙ୍କ ସମେତ ୨୭୨ ଜଣଙ୍କୁ ଗିରଫ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୫୪.୫୭ କୋଟି ଜବତ କରାଯାଇଛି। ବୁଧବାର ବିଧାନସଭାରେ ମୁଲତବୀ ଆଲୋଚନା ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ସୂଚନା ଦେଇଛନ୍ତି। ଗ୍ରୁପ୍-ଏ'ର ୧୦ ଜଣ , ଗ୍ରୁପ୍-ବି'ର ୫ ଜଣଙ୍କ ସମେତ ୮୮ ଜଣ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୧୬ ଜଣଙ୍କୁ ଚାକିରିରୁ ବିଦା କରାଯାଇଛି। ୧୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନ୍ସନ ବନ୍ଦ କରାଯାଇଛି। ଆରଡବ୍ଲ୍ୟୁ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ଦେହୁରୀଙ୍କ ବିରୋଧରେ କଟକ ଭିଜିଲାନ୍ସରେ କେସ୍ ପଞ୍ଜୀକୃତ ହୋଇଛି। ଦେହୁରୀଙ୍କର ୨୮ଟି ପ୍ଲଟ୍ ମଧ୍ୟରୁ ଭୁବନେଶ୍ୱରରେ ୭ ଓ ଢେଙ୍କାନାଳରେ ୨୧ଟି ପ୍ଲଟ୍ ରହିଛି, ଯାହାର ଆନୁମାନିକ ମୂଲ୍ୟ ୧.୪୬ କୋଟି ଟଙ୍କା। ଚନ୍ଦ୍ରଶେଖରପୁରରେ ୩ ମହଲା ଘର। ଏହାର ଆନୁମାନିକ ମୂଲ୍ୟ ୯୧.୮୦ ଲକ୍ଷ ଟଙ୍କା। ବ୍ୟାଙ୍କ ଓ ଇନ୍‌ସୁରାନ୍ସ ଡିପୋଜିଟ ୪୪.୬୧ ଲକ୍ଷ ରହିଛି। ଏହାଛଡ଼ା ଆହୁରି ଅନ୍ୟାନ୍ୟ ସମ୍ପତ୍ତି ଜବତ କରାଯାଇଛି। ମାମଲାର ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି।

ମୁଲତବୀ ଆଲୋଚନା ଶେଷରେ ଅର୍ଥମନ୍ତ୍ରୀ କହିଥିଲେ ଯେ ବିରୋଧୀଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନାହିଁ। ଭିଜିଲାନ୍ସ କାମକୁ କଦର୍ଥ କରି କହୁଛନ୍ତି। ଦୁର୍ନୀତି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉଥିବାରୁ ୨୨ ବର୍ଷ ଧରି ଜନସାଧାରଣ ବିଜେଡିକୁ ଶାସନ କରିବାକୁ ସୁଯୋଗ ଦେଇଛନ୍ତି। ସରକାର କେବଳ ତଳିଆ କର୍ମଚାରୀ ନୁହେଁ, ବରଂ ଜିଲାପାଳଙ୍କୁ ମଧ୍ୟ ଜେଲ ପଠାଇଛନ୍ତି। ଦୁର୍ନୀତିମୁକ୍ତ ସ୍ୱଚ୍ଛ ଶାସନ ଦେବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ପିସି କାରବାର ପ୍ରସଙ୍ଗ ଭିତ୍ତିହୀନ। ମନ୍ତ୍ରୀ ଏତିକି କହିବା ବେଳେ ବିରୋଧୀ ସଦସ୍ୟମାନେ ହୋ-ହଲ୍ଲା କରି ବିଧାନସଭା କକ୍ଷ ଛାଡ଼ି ବାହାରକୁ ପଳାଇ ଯାଇଥିଲେ।

## ବି ପିଏଡ୍, ବିଏସ୍ ପିଏଡ୍ କରିଥିବା ପିଇଟିଙ୍କ ଦରମା ବୃଦ୍ଧି

**୮ ହଜାରରୁ ୧୩,୫୦୦ ହେଲା**

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ରାଜ୍ୟର ସମସ୍ତ ବି ପିଏଡ୍ ଏବଂ ବିଏସ୍ ପିଏଡ୍ ଯୋଗ୍ୟତା ରଖିଥିବା ପିଇଟି ଶିକ୍ଷକମାନଙ୍କ ଦରମା ରାଜ୍ୟ ସରକାର ୫ ହଜାର ୫୦୦ ଟଙ୍କା ବୃଦ୍ଧି କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ବୁଧବାର ଦେଇଥିବା ସୂଚନା ମୁତାବକ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଗ୍ରାଣ୍ଟ-ଇନ୍-ଏଡ୍ ଅର୍ଡର, ୨୦୧୪ ଅନୁଯାୟୀ ଅନୁଦାନ ପ୍ରାପ୍ତ କାର୍ଯ୍ୟରତ ପିଇଟିଙ୍କ ଦରମା ବୃଦ୍ଧି ହୋଇଛି। ଯେଉଁମାନେ ବି ପିଏଡ୍ ଏବଂ ବିଏସ୍ ପିଏଡ୍ ଯୋଗ୍ୟତା ଅର୍ଜନ କରିଛନ୍ତି, ସେମାନଙ୍କ ମାସିକ ବେତନ ୮ ହଜାର ଟଙ୍କାରୁ ବୃଦ୍ଧି କରାଯାଇ ୧୩ ହଜାର ୫୦୦ ଟଙ୍କା କରାଯାଇଛି। ବେତନ ବୃଦ୍ଧି ନେଇ ଶିକ୍ଷକମାନେ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ଏନେଇ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ବିଳମ୍ବିତ ରାତିରେ ଟୁଇଟ୍ କରି ସୂଚନା ଦେଇଥିବା ବେଳେ ବୁଧବାର ଏନେଇ ଘୋଷଣା ହୋଇଛି।

## ଏନ୍‌କାଉଣ୍ଟରରେ ରୁଣ୍ଟୁ ନିହତ

- ବିଭିନ୍ନ ଥାନାରେ ରହିଛି ବହୁ ମାମଲା
- ପାଲଟା ଆକ୍ରମଣରେ ପୋଲିସ ଅଧିକାରୀ ଆହତ

ବାହାନଗା, ୨୭।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ଗୋପାଳପୁର ଫାଣ୍ଡି ଅଧୀନ ବରିପଦା ପଞ୍ଚାୟତ କଙ୍କଡା ଛକ ନିକଟରେ ବୁଧବାର ପୋଲିସ ଏନକାଉଣ୍ଟରରେ ରୁଣ୍ଟୁ ମଲିକ ନିହତ ହୋଇଛନ୍ତି। ଅପରାଧୀ ପୋଲିସ ମୁହାଁମୁହିଁ ବେଳେ ଜଣେ ପୋଲିସ ଅଧିକାରୀ ଆହତ ହୋଇଛନ୍ତି।



ମୃତ ରୁଣ୍ଟୁ ମଲିକ

ମଧ୍ୟାହ୍ନ ସମୟରେ ରୁଣ୍ଟୁ ଓ ତାଙ୍କ ୫ ଜଣ ସହଯୋଗୀ ସ୍ଥାନୀୟ ଅଞ୍ଚଳର ୪ଟି ସ୍ଥାନରେ ଛିନ୍‌ତାଇ କରି ଫେରାର ହେବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିବାକୁ ପିଛା କରିଥିଲେ। ଖବର ପାଇ ଗୋପାଳପୁର ଫାଣ୍ଡି ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଏକ ପୋଲିସ ଟିମ୍ ସହ ସେମାନଙ୍କୁ ଅଟକାଇବାକୁ ସମ୍ମୁଖ ରାସ୍ତାରେ ପହଞ୍ଚିଥିଲେ। ତେବେ ଅପରାଧୀ ଗୋଷ୍ଠୀ ପୋଲିସକୁ ଦେଖି ଦୁଇ ଭାଗ ହୋଇ ଫେରାର ହେବାକୁ ଚେଷ୍ଟା କରିଥିଲେ। ପୋଲିସ ସେମାନଙ୍କ ପିଛା କରି ବରିପଦା ପଞ୍ଚାୟତ କଙ୍କଡା ଛକ ନିକଟରେ ରୁଣ୍ଟୁଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। ତେବେ ରୁଣ୍ଟୁଙ୍କ ହାତରେ ହ୍ୟାଣ୍ଡକପ ପକାଇବା ବେଳେ ସେ ଲୁଚାଇ ରଖିଥିବା ଧାରୁଆ ଅସ୍ତ୍ରରେ ଫାଣ୍ଡି ଅଧିକାରୀ କ୍ରିଷ୍ଣା ପିଙ୍ଗୁଆଙ୍କୁ ଆକ୍ରମଣ କରି ଖସିଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଅପରାଧୀ ଗୋଷ୍ଠୀ ତରଫରୁ ପୋଲିସ ଉପରକୁ ଗୁଳିଚାଳନା ହୋଇଥିଲା। ପାଲଟା ଆକ୍ରମଣ କରିବାକୁ ଯାଇ ଫାଣ୍ଡି ଅଧିକାରୀ ପିଙ୍ଗୁଆ ରୁଣ୍ଟୁଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ପୋଲିସ ଗୁଳିରେ ରୁଣ୍ଟୁ ଟଳି ପଡ଼ିଥିଲେ। ପୋଲିସ କର୍ମଚାରୀ ରୁଣ୍ଟୁଙ୍କୁ ଚିକିତ୍ସା ପାଇଁ ସୋର ହସ୍ପିଟାଲକୁ ନେଇଥିବା ବେଳେ ଆହତ ପୋଲିସ ଅଧିକାରୀ ପିଙ୍ଗୁଆଙ୍କୁ ଖନ୍ତାପଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ରୁଣ୍ଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ରୁଣ୍ଟୁଙ୍କ ନାମରେ ଖନ୍ତାପଡ଼ା ଥାନା ସହିତ ବିଭିନ୍ନ ଥାନାରେ ବହୁ ମାମଲା ରହିଛି। ପୋଲିସ ଏନ୍‌କାଉଣ୍ଟର ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏନ୍‌କାଉଣ୍ଟର ପରେ ଗୋପାଳପୁର ଫାଣ୍ଡିରେ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ସଦର ଡିଏସ୍‌ପି ଅମୂଲ୍ୟ ଧର, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଆଇଆଇସି ବିମଳ କୁମାର ନାୟକ ଓ ଏସ୍ଆଇ ରତିକାନ୍ତ ଦାସ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।



ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ନେତୃତ୍ୱରେ ବିଧାୟକମାନେ ବୁଧବାର କଳିଙ୍ଗ ଷ୍ଟାଡିୟମରେ ସାଉଥ ଏସିଆନ ଫୁଟବଲ ଫେଡେରେଶନ(ଏସ୍ଏଏଫ୍ଏଫ୍) ପକ୍ଷରୁ ଆୟୋଜିତ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ବର୍ଗର ଫୁଟ୍‌ବଲ ମ୍ୟାଚ ଦେଖିବା ସହ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଛନ୍ତି।

## କନ୍ଦମୂଳ ଚାଷରେ ଓଡ଼ିଶା ପ୍ରଥମ

- ୧୦ ବର୍ଷରେ ୧୭% ଫଳ, ୯.୪% ପନିପରିବା ଉତ୍ପାଦନ ବଢ଼ିଛି: କୃଷି ମନ୍ତ୍ରୀ
- ୩.୬୪ କୋଟି ଚାରା ବାଣ୍ଟିଛି ଉଦ୍ୟାନ କୃଷି ବିଭାଗ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ଉଦ୍ୟାନ କୃଷି ସଫଳତାର ସହ କୃଷକଙ୍କ ନିକଟରେ ପହଞ୍ଚି ପାରିଛି। ଜାତୀୟ ଉଦ୍ୟାନ ବୋର୍ଡ ତଥ୍ୟ ଅନୁଯାୟୀ ସର୍ବଭାରତୀୟସ୍ତରରେ ଫଳ ଓ ପନିପରିବା ଉତ୍ପାଦନରେ ଓଡ଼ିଶାର ସ୍ଥାନ ଅନ୍ୟତମ। କନ୍ଦମୂଳରେ ଓଡ଼ିଶା ପ୍ରଥମ ସ୍ଥାନରେ ଥିବାବେଳେ ବାଇଗଣ ଓ ବନ୍ଧାକୋବିରେ ଦ୍ୱିତୀୟ, ଭେଣ୍ଡି ଓ ବିଲାତିବାଇଗଣ ଓ ତରଭୁଜରେ ପଞ୍ଚମ ସ୍ଥାନ ଅଧିକାର କରିଛି। ଗତ ୧୦ ବର୍ଷ ମଧ୍ୟରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ କୃଷକ ଓ ଅନ୍ୟାନ୍ୟ ସଂସ୍ଥାକୁ ଆମ୍ବ, କାଜୁ,କମଳା, ଲେମ୍ବୁ, ଲିଚୁ,ଡାଳିମ୍ବ, ନଡ଼ିଆ ଓ ପିଜୁଳିର ୩ କୋଟି ୬୪ ଲକ୍ଷ ଚାରା ଯୋଗାଇ ଦେଇଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ମୂଳ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବିଧାୟକ କୁସୁମ ଟେଟେ, ପ୍ରଦୀପ ଦିଶାରୀ, ସୁରେଶ କୁମାର ରାଉତରାୟ, ରମେଶ ଚନ୍ଦ୍ର ବେହେରା, ବିଷ୍ଣୁ ଚରଣ ସେଠୀ, ଅମର ଶତପଥୀ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଉଦ୍ୟାନ କୃଷି ବିଭାଗ ରାଜ୍ୟରେ ଫଳ ଉତ୍ପାଦନ କରିବାକୁ କି ପଦକ୍ଷେପ ନେଇଛି। ରାସାୟନିକ ସାର ବଦଳରେ ଜୈବିକ ସାର ଯୋଗାଇ ଦେବେ କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ ୨୦୧୫ରୁ ୨୦୨୨ ମଧ୍ୟରେ ରାଜ୍ୟରେ ୧୭% ଫଳ ଉତ୍ପାଦନ ବୃଦ୍ଧି ପାଇଛି। ସେହିପରି ୯.୪ ପ୍ରତିଶତ ପରିବା ଉତ୍ପାଦନ ବଢ଼ିଛି। ୨୦୨୧-୨୨ରେ ଖତ ବାବଦରେ ୧୫ କୋଟି, ୨୦୨୦-୨୧ରେ ୧୦ କୋଟି, ୨୦୧୯-୨୦ରେ ୫ କୋଟି, ୨୦୧୮-୧୯ରେ ୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

## ବାଇକ୍-ମୋପେଡ୍ ଧକ୍କା: ୨ ମୃତ

**ବୁଗୁଡା,୨୭।୭(ଡି.ଏନ.ଏ.):** ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଙ୍କେଶ୍ୱରୀ ମନ୍ଦିର ନିକଟରେ ବୁଧବାର ଏକ ବାଇକ ସହ ଗୋଟିଏ ମୋପେଡ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଓଡ଼ଗାଁ ଥାନା ଅନ୍ତର୍ଗତ ନୃସିଂହ ପ୍ରସାଦ ଗ୍ରାମର କାଳିଆ ମହାଙ୍କୁଡଙ୍କ ପୁଅ ଦୀପୁ (୨୩) ଓ ପଙ୍କଲସାହି ଗ୍ରାମର ମୋପେଡ଼ ଚାଳକ ଶଙ୍କର ଡାକୁଆଙ୍କ ପୁଅ ଅଜୟ (୧୯)। ମୃତ ଦୀପୁଙ୍କ ଭାଇ ପପୁ ଆହତ ହୋଇଛନ୍ତି। ଦୀପୁ ଓ ପପୁ ବାଇକ ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଅନ୍ତରପଡା ପଞ୍ଚାୟତର ମାଣିବନ୍ଧ ଗ୍ରାମରୁ ବୁଗୁଡ଼ା ଅଭିମୁଖେ ଏକ ମୋପେଡରେ ଆସୁଥିବା ଅଜୟ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୀପୁ, ପପୁ ଓ ଅଜୟ ଗୁରୁତର ଆହତ ହୋଇଥିଲେ। ପଛରେ ଅନ୍ୟ ଏକ ବାଇକରେ ଆସୁଥିବା ପପୁଙ୍କ ଭାଇ ସଞ୍ଜୟ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଦୀପୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅଜୟଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅଜୟଙ୍କ ମୃତ୍ୟୁ ଘଟିଛି। ପପୁ ଏବେ ବିପଦ ମୁକ୍ତ ଥିବା ଡାକ୍ତର କହିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## କଳିଙ୍ଗ ଷ୍ଟାଡିୟମରେ ଫୁଟବଲ ମ୍ୟାଚ, କ୍ରୀଡ଼ା ଭିତ୍ତିଭୂମି ଦେଖିଲେ ବିଧାୟକ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ନେତୃତ୍ୱରେ ବିଧାୟକମାନେ ବୁଧବାର କଳିଙ୍ଗ ଷ୍ଟାଡିୟମରେ ସାଉଥ ଏସିଆନ ଫୁଟବଲ ଫେଡେରେଶନ(ଏସ୍ଏଏଫ୍ଏଫ୍) ପକ୍ଷରୁ ଆୟୋଜିତ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ବର୍ଗର ଫୁଟ୍‌ବଲ ମ୍ୟାଚ ଦେଖିବା ସହ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଛନ୍ତି। ବିଧାନସଭା ଶୂନ୍ୟକାଳରେ ବାଚସ୍ପତି ଘୋଷଣା କରିଥିଲେ ଯେଉଁ ବିଧାୟକ ଚାହିଁବେ କଳିଙ୍ଗ ଷ୍ଟାଡିୟମରେ ହେଉଥିବା ଫୁଟବଲ ମ୍ୟାଚ ଦେଖିବାକୁ ଯାଇ ପାରିବେ। ଅପରାହ୍ନ ୧ଟା ୩୦ ମିନିଟରେ ବସ୍ ଯୋଗେ ବିଧାୟକମାନେ କଳିଙ୍ଗ ଷ୍ଟାଡିୟମ ଯାଇଥିଲେ। ସେଠାରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ସଚିବ ଭିନିଲକ୍ରିଷ୍ଣା ବାଚସ୍ପତି ଓ ବିଧାୟକମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ରାଜ୍ୟରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନା କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଥିବାରୁ ବିଧାୟକମାନଙ୍କୁ ଧନ୍ୟବାଦ ଦେଇଥିଲେ। ବିଧାୟକମାନେ ଇନ୍‌ଡୋର ଆଥ୍‌ଲେଟିକ ଷ୍ଟାଡିୟମ, ଇନ୍‌ଡୋର ଆକ୍ୱାଟିକ ସେଣ୍ଟର, ବ୍ୟାଡ୍‌ମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର, ହକି ହାଇ ପରଫରମାନ୍ସ ସେଣ୍ଟର, ଟେନିସ କୋର୍ଟ ଇତ୍ୟାଦି ପରିଦର୍ଶନ କରିଥିଲେ।

## ନିଜ ତିଆରି ବିମାନରେ ୟୁରୋପ ବୁଲିଲେ କେରଳ ବ୍ୟକ୍ତି

ଲଣ୍ଡନ,୨୭।୭

କୋଭିଡ୍-୧୯ ଲକ୍‌ଡାଉନ୍ ସମୟରେ ବିମାନ ସେବା ବନ୍ଦ ହୋଇଯାଇଥିବାବେଳେ କେରଳର ଜଣେ ବ୍ୟକ୍ତି ନିଜସ୍ୱ ଉଦ୍ୟମରେ ଏକ ବିମାନ ନିର୍ମାଣ କରିଥିଲେ। ଉକ୍ତ ବିମାନରେ ସେ ପରିବାର ସହ ୟୁରୋପ ଭ୍ରମଣ କରିଛନ୍ତି। କେରଳ ଅଲାପୁଝା ଅଞ୍ଚଳର ଅଶୋକ ଆଲିସେରିଲ ଥମରକ୍ଷଣଙ୍କୁ ୪ ସିଟ୍‌ବିଶିଷ୍ଟ ବିମାନ ତିଆରି କରିବା ଲାଗି ୧୮ ମାସ ସମୟ ଲାଗିଛି। ଅଶୋକ ତାଙ୍କ ସାନ ଝିଅ ନାଁ ଅନୁଯାୟୀ ସ୍ଲିଙ୍ଗ୍ ଟିଏସ୍ଆଇ ମଡେଲର ଏହି ବିମାନର ନାମ ଜି-ଦିୟା ରଖିଛନ୍ତି।





ନିଜସ୍ୱ ନିର୍ମିତ ବିମାନ ନିକଟରେ ସ୍ତ୍ରୀ ଓ ଦୁଇ ଝିଅଙ୍କ ସହ ଅଶୋକ ଆଲିସେରିଲ ଥମରକ୍ଷଣ।

କେରଳର ପୂର୍ବତନ ବିଧାୟକ ଏ.ଭି. ଥମରକ୍ଷଣଙ୍କ ପୁଅ ଅଶୋକ ମାଷ୍ଟର ଡିଗ୍ରୀ ହାସଲ ଲାଗି ୨୦୦୬ରେ ବ୍ରିଟେନ ଯାଇଥିଲେ। ସେ ଏବେ ସେଠାରେ ଫୋର୍ଡ ମୋଟର କମ୍ପାନୀରେ କାର୍ଯ୍ୟରତ। ସେ ତାଙ୍କ ନିର୍ମିତ ବିମାନରେ ଜର୍ମାନୀ, ଅଷ୍ଟ୍ରିଆ ଏବଂ ଚେକ୍ ରିପବ୍ଲିକ୍ ଭ୍ରମଣ କରିଛନ୍ତି। ୨୦୧୮ରେ ସେ ପାଇଲଟ ଲାଇସେନ୍ସ ପାଇବା ପରେ ୨-ସିଟର୍ ବିମାନ ଭଡ଼ାରେ ନେଇ ବ୍ୟବହାର କରୁଥିଲେ। ତେବେ ତାଙ୍କ ପରିବାରରେ ୪ ସଦସ୍ୟ ଥିବାରୁ ୪-ସିଟର ବିମାନ କ୍ୱଚିତ୍ ମିଳୁଥିଲା। ସେଥିପାଇଁ ସେ ନିଜେ ଏକ ବିମାନ ତିଆରି କରିବାକୁ ନିଷ୍ପତ୍ତି ନେଲେ ବୋଲି କହିଛନ୍ତି। ଲକ୍‌ଡାଉନ ସମୟରେ ହାତରେ ପ୍ରଚୁର ସମୟ ଥିଲା। ସେହି ସମୟରେ ସେ ନିଜର ଆକାଂକ୍ଷିତ ପ୍ରକଳ୍ପ କାର୍ଯ୍ୟରେ ଲାଗିପଡ଼ିଲେ। ବିମାନ ତିଆରିରେ ମୋଟ ୧.୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଅଶୋକ କହିଛନ୍ତି।

## ପି.ଗୋବିନ୍ଦପୁରରେ ଝାଡ଼ାବାନ୍ତି

**ଜଣେ ମୃତ, ୫ ଆକ୍ରାନ୍ତ**

**ଆର.ଉଦୟଗିରି,୨୭।୭(ଡି.ଏନ.ଏ.):** ଗଜପତି ଜିଲା ମୋହନା ବ୍ଲକ ପି.ଗୋବିନ୍ଦପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୫ଜଣ ଆକ୍ରାନ୍ତ ହୋଇଥିବା ବେଳେ ବୁଧବାର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ନାବାଳିକା ହେଲେ ଲିପି ନାୟକ(୯)। ଝାଡ଼ବାନ୍ତିରେ ଝିଅର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବୁଧବାର ପି.ଗୋବିନ୍ଦପୁର ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସମସ୍ତଙ୍କୁ ପ୍ରଥମେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲିପିଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ପି.ଗୋବିନ୍ଦପୁରରେ ପହଞ୍ଚି ଲୋକଙ୍କୁ ସଚେତନ କରାଇବା ସହ ଓଆର୍‌ଏସ୍ ପ୍ୟାକେଟ୍ ଏବଂ ଔଷଧ ବଣ୍ଟନ କରିଛି। ଦୂଷିତ ପାନୀୟ ଜଳ ଝାଡ଼ାବାନ୍ତି ବ୍ୟାପିବାର ମୁଖ୍ୟ କାରଣ ବୋଲି ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ନମିତା ପଣ୍ଡା ସୂଚନା ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲୁବୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ କିଣାରେ ଘର,**
**ଯାହାକୁ ଯେତେ ଦେଲେ ନ ଦିଶେ ସୁନ୍ଦର।**
ଘରଠାରୁ ବାହାରେ ରହି ଚାକିରି କରୁଥିବା ବ୍ୟକ୍ତି ନିଜ ସୀମିତ ରୋଜଗାରକୁ ଦେଖିଚାହିଁ ନିଜ ପାଇଁ ଖର୍ଚ୍ଚ କରିଥାନ୍ତି। ସେହିପରି ଦରକାର ପଡ଼ିଲେ ନିଜ ରୋଜଗାରରୁ କାଟି ପର ପାଇଁ ଖର୍ଚ୍ଚ କରିଥାନ୍ତି। ତେବେ ଏହି ବାସ୍ତବତାକୁ ଅନେକେ ବୁଝି ନ ପାରି ଅଧିକରୁ ଅଧିକ ଆଶା କରି ବସନ୍ତି। ଫଳତଃ ନିଜ ଆଶା ପୂରଣ ନ ହେଲେ ମନ ଖରାପ କରିଥାନ୍ତି। ନିତି କିଣିଖିଆ ବ୍ୟକ୍ତି ଯାହାକୁ ଯେତେ ଦେଲେ ଆଖିକୁ ତାହା ସୁନ୍ଦର ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚନ୍ଦ୍ରମଣ୍ଡଳ ମଧ୍ୟରେ ତାରା,**
**ମେଘ ବରଷଇ ମୁଷଳ ଧାରା ।**
ଚନ୍ଦ୍ରମଣ୍ଡଳ ମଧ୍ୟରେ ତାରା ରହିଥିଲେ ଅଧିକ ପରିମାଣର ବର୍ଷା ହେବାର ସମ୍ଭାବନା ରହିଥାଏ। ଗ୍ରହନକ୍ଷତ୍ରର ସ୍ଥିତି ଦେଖି ପାଣିପାଗ ବିଷୟରେ ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜାମଖାଣି କୋଇଲା ଖଣିକୁ ନେଇ ବିଧାନସଭାରେ ହଟ୍ଟଗୋଳ

- ଦୃଷ୍ଟି ଦେବାକୁ ସରକାରଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ-୨୦୧୩ର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ସୁନ୍ଦରଗଡ଼ ବେଦାନ୍ତ ଜାମଖାଣି କୋଇଲା ଖଣି କାର୍ଯ୍ୟ ଆରମ୍ଭ କରିଛି। ଏ ନେଇ ବିରୋଧୀ ଦଳ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବେଦାନ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବୁଧବାର ବିଧାନସଭା ଶୂନ୍ୟକାଳରେ ପ୍ରବଳ ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଭ୍ୟ ସି.ଏସ୍. ରାଜନ ଏକ୍କା ଏବଂ ଭାଜପା ସଭ୍ୟ କୁସୁମ ଟେଟେ ସୁନ୍ଦରଗଡ଼ ଜିଲାରେ ବେଆଇନ କୋଇଲା ଖଣି କାରବାରକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ବୁଧବାର ଅପରାହ୍ନ ୧୨ଟାରୁ ୧୨ଟା ୧୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାଜନ ଏକ୍କା ଉଠାଇଥିବା ପ୍ରସଙ୍ଗ ପ୍ରତି ସରକାର ଦୃଷ୍ଟି ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଗୃହ ସ୍ୱାଭାବିକ ହୋଇଥିଲା।

## ଓବିସି ମୋର୍ଚ୍ଚା ପଦାଧିକାରୀ ଭାବେ ୩ ଜଣଙ୍କୁ ଦାୟିତ୍ୱ ଦେଲା ଭାଜପା

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ରାଜ୍ୟ ସମ୍ପାଦକ ଭାବେ ରାଧେଶ୍ୟାମ ବାରିକ (ସମ୍ବଲପୁର) ଓ କରିଷ୍ମା ମହାକୁଡ (ରାଇରଙ୍ଗପୁର) ଏବଂ ରାଜ୍ୟ ସଂଯୋଜକ (କ୍ରୀଡା ଓ ପ୍ରଶିକ୍ଷଣ) ଭାବେ ବିନୟ କୁମାର ରାଉତ (ଭୁବନେଶ୍ୱର)ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ଆଜି ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା

- ଅପରାହ୍ନ ୨ରୁ ସନ୍ଧ୍ୟା ୬ଟା ଦର୍ଶନ ବନ୍ଦ

ପୁରୀ ଅଫିସ, ୨୭।୭

ଚିତାଲାଗି ଅମାବାସ୍ୟାରେ ଗୁରୁବାର ଶ୍ରୀମନ୍ଦିରରେ ବିଶେଷ ନୀତି ସହ ତିନିଠାକୁରଙ୍କ ଚିତାଲାଗି କରାଯିବ। ମହାପ୍ରଭୁଙ୍କ ପ୍ରଥମ ଭୋଗ ମଣ୍ଡପ ପରେ ଦାରୁଦିଅଁଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ଏହା ଏକ ଗୁପ୍ତ ନୀତି। ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚିତାଲାଗି ନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଦାରୁବିଗ୍ରହମାନେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରାକ୍ରାନ୍ତ ହୋଇ ଅଣସର ପିଣ୍ଡିକୁ ବିଜେ କରିବାବେଳେ ସେମାନଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଓଲାଗି କରିଥିଲେ। ରଥରେ ମହାପ୍ରଭୁ ସୋଲଚିତା ଲାଗିହୋଇ ଥିଲେ। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରା ଖଚିତ ସୁବର୍ଣ୍ଣ ଚିତା, ପ୍ରଭୁ ବଳଭଦ୍ର ମାଣିକ୍ୟ ଏବଂ ଦେବୀ ସୁଭଦ୍ରା ଲୀଳା ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ। ଏହି ନୀତିକୁ ଦଇତାପତି ସେବକମାନେ ସମ୍ପାଦନ କରିବେ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।


# classifieds

Everyday
0674-2580101, 2549302










**SALE**

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି । 9556840491. D-73628

Land investments starting from one lakh in and around Bhubaneswar. Contact: 9078020885. D-73339

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ହଂସପାଳ ଓ ପାହାଲରେ ସମସ୍ତ ସୁବିଧା ଥାଇ **under BMC residential plot** ବିକ୍ରି କରାଯାଉଅଛି। ଯୋଗାଯୋଗ- **6370469894.** D-1103

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

**6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298.** D-1047

Three Bedroom house at Satyanagar for Family only. Contact: 7205386140. D-74201




Refreshing your mind and body with the best therapy, 7873794731. D-872

Newly open SPA Offer @799/-, positively health benefits, Kalpana. 7846814019. D-73627

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Fullbody massage relax your body, mind by best therapist. 7008773793. D-73626

**Relax, Refresh your body, mind at Saikrupa Spa with best therapies. 8984068077.** D-1121

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

**AFFIDAVIT**

I, Bapuni Swain, S/o Nrusingh Swain, R/o Kuaput, Gada Haladia, Khordha, Odisha - 752057 have changed my name and shall thereafter be known as Prayot Pratish Tathraj. D-1116

By virtue of an affidavit before Notary Public, Bhubaneswar vide affidavit No. 55AA931305 dated 20.07.2022, I, Minati Mohanty, aged about 51 years, W/o Sanjib Kumar Patnaik resident of Udaygiri Vihar, Patrapada that my correct name is Minati Mohanty as per my Aadhaar card. But it has inadvertently been written as Minati Patnaik in some of my daughter's educational documents as per the surname of my husband. I declare that 'Minati Mohanty' and 'Minati Patnaik' is one and the same person. D-1115

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଏଥର ବି ଛାତ୍ରୀ ...

ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୭୬,୬୦୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରୁ ୭୨,୧୦୬ ଜଣ ପିଲା ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରେ ୩୨,୫୧୯ଜଣ ଛାତ୍ରୀ ଥିବାବେଳେ ୩୯,୫୮୭ଜଣ ଛାତ୍ର ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୪.୫୨% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୯୩.୮୦% ରହିଛି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୫୦,୧୫୭ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୧୪,୯୩୨ ଓ ତୃତୀୟରେ ୬,୯୧୦ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିଭଳି ୧,୧୨୪ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ୩୯୩ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ରେଜଲ୍ଟ ହୋଇଛି। ଏଥର ନୟାଗଡ଼ ଜିଲାରେ ସର୍ବାଧିକ ୯୯.୧୧ ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ କନ୍ଧମାଳ ଜିଲାରେ ସର୍ବନିମ୍ନ ୭୬.୮୧ ପ୍ରତିଶତ ହୋଇଛି। ତେବେ ଗତବର୍ଷ ଦୁଇଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶୂନ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ଏଥର କୌଣସି ସ୍କୁଲରେ ଶୂନ ପ୍ରତିଶତ ରେଜଲ୍ଟ ହୋଇନାହିଁ। ସେହିଭଳି ଏଥର ବିଜ୍ଞାନରେ କୌଣସି ଛାତ୍ରୀଛାତ୍ରଙ୍କ ମାର୍କ ୱିଥ୍‌ହେଲ୍ଡ ହୋଇନାହିଁ।

ସେହିଭଳି ବାଣିଜ୍ୟରେ ୨୪,୧୬୨ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ୨୩, ୭୨୬ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୨୧,୧୬୫ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ଝିଅମାନେ ଆଗରେ ରହିଛନ୍ତି। ଝିଅଙ୍କ ପାସ୍ ହାର ୯୦.୭୧% ଥିବା ବେଳେ ପୁଅଙ୍କ ପାସ୍ ହାର ୮୮.୩୨% ରହିଛି। ପ୍ରଥମ ଶ୍ରେଣୀରେ ମୋଟ ୧୦,୮୬୩ ପିଲା ପାସ୍ କରିଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୫,୦୫୩ ଓ ତୃତୀୟ ଶ୍ରେଣୀରେ ୫,୨୪୨ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୨୭୩ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ୧୩୪ ଉଚ୍ଚ ମାଧ୍ୟମିକ ସ୍କୁଲର ୧୦୦% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବୌଦ୍ଧ ଜିଲାରେ ସର୍ବାଧିକ ଶତପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ଦେବଗଡ଼ରେ ସର୍ବନିମ୍ନ ୬୧.୫୩% ପାସ୍ କରିଛନ୍ତି। ବାଣିଜ୍ୟରେ ବି କୌଣସି ଛାତ୍ରୀଛାତ୍ର ୱିଥ୍‌ହେଲ୍ଡ ହୋଇନାହାନ୍ତି।

ସୂଚନାଯୋଗ୍ୟ, ଗତବର୍ଷ କରୋନା ଯୋଗୁ ପରୀକ୍ଷା ହୋଇ ନ ଥିଲା। ଏଥର ପ୍ରାୟ ୨ମାସ ବିଳମ୍ବରେ ଅର୍ଥାତ୍ ଏପ୍ରିଲ ଶେଷ ସପ୍ତାହରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ରାଜ୍ୟର ୧,୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩ ଲକ୍ଷ ୨୧ ହଜାର ୫୦୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ ୨୦୨୧-୨୨ ଶିକ୍ଷା ବର୍ଷରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟସ୍ତରରେ ତ୍ରୈମାସିକ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା। ଏବର୍ଷର ପରୀକ୍ଷା ଫଳ ନିର୍ଦ୍ଧାରଣ କରିବା ସମୟରେ ସେମାନଙ୍କ ତ୍ରୈମାସିକ ପରୀକ୍ଷାର ଫଳ ଆଧାରରେ ଶତକଡ଼ା ୨୦% ଏବଂ ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାଫଳ ଆଧାରରେ ୮୦% ହିସାବକୁ ନେଇ ପ୍ରତ୍ୟେକ ବିଷୟରେ ମୂଲ୍ୟାୟନ ହୋଇଛି। ସେହିପରି କେବଳ ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷା ଆଧାରରେ ପ୍ରତ୍ୟେକ ବିଷୟର ମୂଲ୍ୟାୟନ ହୋଇଛି। ଏହିଭଳି ଦୁଇଟି ପଦ୍ଧତି ମଧ୍ୟରୁ ଯେଉଁ ପଦ୍ଧତିରେ ପରୀକ୍ଷାର୍ଥୀମାନେ ଅଧିକ ନମ୍ବର ପାଇଛନ୍ତି ତାହା ଉକ୍ତ ପରୀକ୍ଷାର୍ଥୀଙ୍କୁ ପ୍ରଦତ୍ତ କରାଯାଇଛି। ଏହିଭଳି ଦୁଇଟି ଭିନ୍ନ ପଦ୍ଧତି ମୂଲ୍ୟାୟନ ଯୋଗୁ ପରୀକ୍ଷାର୍ଥୀମାନେ ଭଲ ପ୍ରଦର୍ଶନ କରିଥିବା ଦୃଷ୍ଟିକୁ ଆସିଛି । ଛାତ୍ରୀଛାତ୍ରମାନେ www.orissaresults.nic.in ୱେବ୍‌ସାଇଟରୁ ନିଜ ନିଜର ମାର୍କଶିଟ୍ ଡାଉନଲୋଡ୍ କରିପାରିବେ। ପରିଷଦରେ ପରୀକ୍ଷାଫଳ ଉନ୍ମୋଚନ ସମୟରେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ରଘୁରାମ ଆୟାର, ଓଏସ୍‌ଡି ତୁଷାରକାନ୍ତି ତ୍ରିପାଠୀ, ପରିଷଦ ସଚିବ ଚିନ୍ମୟୀ କହଁର ଓ ପରୀକ୍ଷା ନିୟନ୍ତ୍ରକ ଡ. ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୪୭,୭୨୯ ଜଣଙ୍କୁ ...

ବୁଦ୍ଧଦେବ ପ୍ରଧାନ, ଲାଟେରାଲ ଏଣ୍ଟ୍ରି ଫାର୍ମାରେ ରାହୁଲ କୁମାର ସିଂ, ଇଣ୍ଟିଗ୍ରେଟେଡ ଏମ୍‌ବିଏରେ ସୃଷ୍ଟି ସମର୍ପିତା ବେରିହା, ବି. କ୍ୟାଟ୍(ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ଡିଜାଇନ)ରେ ଶାଶ୍ୱତୀ ସିଦ୍ଧାର୍ଥ, ବି. କ୍ୟାଟ୍(ଫିଲ୍ମ ଏଡିଟିଂ)ରେ କୁମାର ପ୍ରସନ୍ନଜିତ୍ ସାହୁ, ଏମ୍. ପ୍ଲାନ୍‌ରେ ଦିବ୍ୟଶ୍ରୀ ଉପାନ୍ତନାୟିକା ମିଶ୍ର ଟପ୍ପର ହୋଇଛନ୍ତି। ସେହିପରି ଏମ୍‌ଟେକ୍‌ର ସିଭିଲ ଇଞ୍ଜିନିୟରିଂରେ ସଞ୍ଜୀବ ପ୍ରଧାନ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ମିଥୁନ୍ ଅଧିକାରୀ,ମେକାନିକାଲ୍ ଇଞ୍ଜିନିୟରିଂରେ ରାଜନ ଶୁଭଙ୍କର ମହାପାତ୍ର, କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ଓ ଆଇଟିରେ ଏସ୍. ସଞ୍ଜୀବ କୁମାର, ଇଲେକ୍ଟ୍ରୋନିକ୍ସରେ ପଙ୍କଜ କୁମାର, କେମିକାଲ ଇଞ୍ଜିନିୟରିଂରେ ହରିୟାଲି ବେହେରା, ମେଟାଲର୍ଜିକାଲ ଇଞ୍ଜିନିୟରିଂରେ ମାସୁମ ଅଲ୍ଲୀ, ଏନ୍‌ଭାଇରନମେଣ୍ଟାଲ ଇଞ୍ଜିନିୟରିଂରେ ଅରକା ଘୋଷ, ବାୟୋ ଟେକ୍ନୋଲୋଜିରେ ଶୁଭଶ୍ରୀ ହୋତା, ପ୍ଲାଷ୍ଟିକ ଇଞ୍ଜିନିୟରିଂରେ ଜ୍ୟୋତି ପ୍ରକାଶ ନାୟକ ଏବଂ ଟେକ୍ସଟାଇଲ ଇଞ୍ଜିନିୟରିଂରେ ପ୍ରିୟଙ୍କା ରାୟ ଓଡ଼ିଶା ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରମାନେ www.ojee.nic.in ୱେବସାଇଟକୁ ଯାଇ ନିଜେ ନିଜର ର୍‍ୟାଙ୍କ କାର୍ଡ ପାଇପାରିବେ। ଓଜେଇଇରେ ସଫଳତା ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ ଜରିଆରେ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି, ଅଗଷ୍ଟ ୧୦ତାରିଖରେ କାଉନ୍‌ସେଲିଂ ପ୍ରୋସେସ ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ ନିଜର ପ୍ରଦର୍ଶନ ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଓଜେଇଇ କାଉନସେଲିଂରେ ଅଂଶଗ୍ରହଣ କରିପାରିବେ। ଭୁବନେଶ୍ୱରସ୍ଥିତ ଗଣ୍ଡମୁଣ୍ଡା ସେଲ୍‌ରେ ଏହି କାଉନସେଲିଂ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ଜୁଲାଇ ୪ରୁ ୮ ତାରିଖ ମଧ୍ୟରେ ରାଜ୍ୟର ୩୦ ଜିଲାରେ ୬୧ଟି କେନ୍ଦ୍ରରେ ୩ଟି ସିଟିଂରେ ଏହି ପରୀକ୍ଷା ହୋଇଥିଲା। ଏହାଛଡ଼ା ରାଜ୍ୟ ବାହାରେ ୩ଟି ସହର କୋଲକାତା, ରାଞ୍ଚି ଓ ପାଟଣାରେ ୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏଥର ବିଭିନ୍ନ ବିଷୟ ଲାଗି ଓଜେଇଇ ପାଇଁ ୫୭ହଜାର ୮୯୮ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବା ବେଳେ ୮୨.୫% ପିଲା ପରୀକ୍ଷା ଦେଇଥିଲେ। ସର୍ବାଧିକ ଲାଟେରାଲ ଏଣ୍ଟ୍ରି ଟୁ ବି.ଟେକ୍‌ରେ ୨୦ ହଜାର ୧୬୮ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ବି. ଫାର୍ମା ପାଇଁ ୧୨,୨୨୯ ଜଣ ଓ ଏମ୍‌ବିଏ ପାଇଁ ୧୦,୬୭୪ ଜଣ ଆବେଦନ କରିଥିଲେ। କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ଯୋଗୁ ପରୀକ୍ଷାର୍ଥୀଙ୍କୁ ଦେଢ଼ ଘଣ୍ଟା ଆଗରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ଓଜେଇଇ ପକ୍ଷରୁ ନିର୍ଦ୍ଦେଶ ରହିଥିଲା।

### ରୋଶନୀ ନାଦାର ...

ଶ'ଙ୍କ ସମ୍ପତ୍ତି ୨୧ ପ୍ରତିଶତ ହ୍ରାସ ଘଟିବା ଫଳରେ ତାଙ୍କ ର୍‍ୟାଙ୍କ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନରେ ରହିଛି। କିରନଙ୍କ ସମ୍ପତ୍ତି ପରିମାଣ ୨୯,୦୩୦ କୋଟି ଟଙ୍କା।

ନିଜ ବ୍ୟବସାୟକୁ ସଫଳତାର ସହ ପରିଚାଳନା କରୁଥିବା ଅଥବା ନିଜ ଗୋଡ଼ରେ ଛିଡ଼ାହୋଇ ଧନୀ ହୋଇଥିବା ୧୦୦ ଭାରତୀୟ ମହିଳାଙ୍କ ତାଲିକା ପ୍ରକାଶ ପାଇଛି। ଏହି ମହିଳାମାନଙ୍କ ମୋଟ ସମ୍ପତ୍ତି ପରିମାଣ ୨୦୨୦ରେ ୨.୭୨ ଲକ୍ଷ କୋଟି ଥିବା ବେଳେ ୨୦୨୧ରେ ତାହା ୪.୧୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତର ମୋଟ ଜିଡିପିକୁ ସେମାଙ୍କର ଅବଦାନ ୨ ପ୍ରତିଶତ। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରୁ ତାଲିକାରେ ସର୍ବାଧିକ ୨୫ ଜଣ ଥିବାବେଳେ ଏହା ପଛକୁ ମୁମ୍ବାଇର ୨୧ ଏବଂ ହାଇଦ୍ରାବାଦର ୧୨ ମହିଳା ଅଛନ୍ତି। ତାଲିକାରେ ୪୨୦ କୋଟି ଟଙ୍କାର ସମ୍ପତ୍ତି ସହ ଭୋପାଳର ଜେଟ୍‌ସେଟ୍‌ଗୋ କମ୍ପାନୀର କନିକା ଟେକ୍ରିୱାଲ (୩୩) ସର୍ବକନିଷ୍ଠା। ଅନ୍ୟମାନଙ୍କ ମଧ୍ୟରେ ପେପ୍‌ସି କମ୍ପାନୀ ମୁଖ୍ୟ ଇନ୍ଦ୍ରା ନୂଇ, ଏଚ୍‌ଡିଏଫ୍‌ସିର ରେଣୁ ସୁଦ୍ କର୍ନାଡ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କର ଶାନ୍ତି ଏକାମ୍ବରମ ଧନୀ ଭାରତୀୟ ମହିଳା ତାଲିକାରେ ସ୍ଥାନ ପାଇଛନ୍ତି।

### କାଶୀପୁରରେ ଝାଡ଼ାବାନ୍ତିରେ ...

ତାଙ୍କ ନାମକୁ ଝାଡ଼ାବାନ୍ତି ମୃତ୍ୟୁ ତାଲିକାକୁ ନେଇନାହିଁ। ସେହିପରି ସୁନିଙ୍କ ଠାରେ ମଙ୍ଗଳବାର ରାତି ପର୍ଯ୍ୟନ୍ତ କୌଣସି ଲକ୍ଷଣ ନ ଥିବାବେଳେ ବୁଧବାର ସକାଳେ ତାଙ୍କୁ ଝାଡ଼ାବାନ୍ତି ହେବାରୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଥିଲା। ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜିଲାପାଳ ସ୍ୱାଧା ଦେବ ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଟାଙ୍କର ମଧ ଝାଡ଼ାବାନ୍ତି ନୁହେଁ ପେଟବ୍ୟଥା ହୋଇ ମୃତ୍ୟୁ ଘଟିଥିବା ସେ କହିଛନ୍ତି। ତେବେ ବିଟାଙ୍କ ପରିବାର ଲୋକଙ୍କ କହିବା ହେଲା, ମଙ୍ଗଳବାର ରାତିରେ ତାଙ୍କୁ ଝାଡ଼ାବାନ୍ତି ସହ ପେଟବ୍ୟଥା ହୋଇଥିଲା। ବୁଧବାର ସକାଳେ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ତାଙ୍କୁ ଔଷଧ ଦେଇଥିବାବେଳେ କିଛି ସମୟ ପରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ସଂଖ୍ୟା ନିୟନ୍ତ୍ରଣ ହେଉ ନ ଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

### ଋତୁସ୍ରାବ ଛାତ୍ରୀଙ୍କୁ ଚାରାରୋପଣ ...

ଭେଟି ସମସ୍ୟା ସମ୍ପର୍କରେ ବୁଝିଥିଲେ। ଗଛ ଲଗାଇବା ସୁଯୋଗ ନ ପାଇବାରୁ ଛାତ୍ରୀ ଜଣକ ଶ୍ରମଜୀବୀ ସଂଗଠନର ଜିଲା ସମ୍ପାଦକ ଭଗୱାନ ମାଧେଙ୍କୁ ଭେଟି ଅଭିଯୋଗ କରିଥିଲେ। ନିୟମ ନ ଥିବା ସତ୍ତ୍ୱେ ଉକ୍ତ ସ୍କୁଲ୍‌ରେ ନାମଲେଖା ବେଳେ ୟୁରିନ୍ ପ୍ରେଗ୍ନାନ୍ସି ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି ଓ ଏଥିପାଇଁ ଛାତ୍ରୀମାନଙ୍କୁ ଖର୍ଚ୍ଚ ଦେବାକୁ ପଡ଼ିଥାଏ ବୋଲି ମାଧେ ଅଭିଯୋଗ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ପୁନର୍ବସୁ ନକ୍ଷତ୍ରରେ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁବିଧାରେ ସମ୍ପନ୍ନ ହୋଇଯିବ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ, ତଥାପି ସୁସ୍ଥତା ଅନୁଭବ କରିବେ। କୃଷି, ବାଣିଜ୍ୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଗୃହକୁ କିଛି ମୂଲ୍ୟବାନ୍ କିମ୍ବା ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ**
ଶୁକ୍ର ରାହୁଙ୍କ ନକ୍ଷତ୍ରସ୍ଥ ହେତୁ ସ୍ୱାସ୍ଥ୍ୟ, ଚାକିରି ଓ ଅର୍ଥ ସମ୍ପର୍କିତ କର୍ମରେ ସମସ୍ୟା ଦେଖାଦେବ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କାମର ଚାପ ପ୍ରଭାବରୁ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। କିନ୍ତୁ କିଛି ଅସୁବିଧା ହେବନାହିଁ ।

**ମିଥୁନ**
ବୁଧ ଅଶ୍ଳେଷା ନକ୍ଷତ୍ରରେ ରହିଥିବାରୁ ବନ୍ଧୁମାନଙ୍କ ସହାନୁଭୂତି ପାଇବା କଷ୍ଟକର ହୋଇପଡ଼ିବ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଦେବଦର୍ଶନ ସାଙ୍ଗକୁ ନୂତନ ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିପାରେ।

**କର୍କଟ**
ରାଶିରେ ତିନୋଟି ଗ୍ରହ ଅବସ୍ଥାନ କରିଥିବାରୁ ଏକାଧିକ କାମରେ ମନୋନିବେଶ କରି ବ୍ୟସ୍ତତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନେବା ଭଲ ହେବ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରିନେବେ। କଚେରି ମାମଲା ମନ୍ଥର ଯୋଗୁ ସାମୟିକ ଚିନ୍ତାଶୀଳ ହୋଇପାରନ୍ତି।

**ସିଂହ**
ଆଜି ରବି ପୁଷ୍ୟା ନକ୍ଷତ୍ରରେ ରହୁଥିବାରୁ ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଉଚ୍ଚ ପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ତଥାପି ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା**
ଦ୍ୱିତୀୟସ୍ଥ କେତୁ ପ୍ରଭାବରେ ବିଭିନ୍ନ ସମସ୍ୟାରେ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ଦୀର୍ଘଦିନ ହେଲା ଯେଉଁ କାମ ଆରମ୍ଭ କରିବାକୁ ମନ ବଳାଇଥିଲେ ଆଜି ତାହା କରିବା କାରଣରୁ ମନ ଉଚ୍ଚାଟ ରହିବ। ସାମାଜିକସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବାର ଆଶା ରହିଛି।

**ତୁଳା**
ବକ୍ରୀ ଶନିଙ୍କ ନକାରାତ୍ମକ କୁଫଳରୁ ଅଶାନ୍ତି ଲାଗି ରହିପାରେ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ।

**ବିଛା**
ଦ୍ୱିଜା ନକ୍ଷତ୍ରସ୍ଥ ମଙ୍ଗଳଙ୍କ ଯୋଗୁ ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ତଥାପି ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**ଧନୁ**
ବୃହସ୍ପତି ଧନ ତୃତୀୟାଧିପଙ୍କ ନକ୍ଷତ୍ରରେ ରହିଥିବାରୁ ଭାଇ ସହ ଅର୍ଥ ସମ୍ପର୍କିତ କଳହ ଲାଗିପାରେ। ଅବଶ୍ୟ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ତରବର ନ ହୋଇ ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**ମକର**
ରାଶ୍ୟାଧିପ ମଙ୍ଗଳଙ୍କ ନକ୍ଷତ୍ରସ୍ଥ ଯୋଗୁ ନିଜ ସହ ପଟୁ ନ ଥିବା ଲୋକମାନେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହ କିମ୍ବା ଅଫିସ୍‌ରେ କଳହ ସୃଷ୍ଟି ହେବ। ଅନ୍ୟର ଘରୋଇ କଥା କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ । ସଭାସମିତି, ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**କୁମ୍ଭ**
ଶୁକ୍ର ଓ ବୃହସ୍ପତିଙ୍କ ସ୍ଥିତି ପ୍ରଭାବରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ବନ୍ଧୁ କିଛି ଖବର ନେଇ ଆସିବେ। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବ। ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇପାରନ୍ତି।

**ମୀନ**
ପାପଗ୍ରହ ମଧ୍ୟସ୍ଥ ଗୁରୁ ହେତୁ କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗିରହିବ। କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି କିନ୍ତୁ ସଭାସମିତିରେ ସଫଳତା ହାସଲ କରିବେ।

## ସଂକ୍ଷେପରେ

### କୋଲାବିରାରେ କାର୍‌ଗିଲ ବିଜୟ ଦିବସ

**କୋଲାବିରା,୨୭।୭(ଡି.ଏନ.ଏ.):** ଶହୀଦ ଭଗତ୍ ସିଂ କ୍ଲବ୍ କୋଲାବିରା ପକ୍ଷରୁ ଜମିଦାରପଡାସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟଠାରେ କାରଗିଲ ଯୁଦ୍ଧର ୨୨ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜୟ ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି କୀର୍ତ୍ତିଚନ୍ଦ୍ର ବହିଦାର ଏଥିରେ ସଭାପତିତ୍ୱ କରିଥିଲେ। କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ଭୋଇ, ତେଜରାଜ ସାହୁ, ସତ୍ୟନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାରଗିଲ ଯୁଦ୍ଧରେ ଶହୀଦ୍ ହୋଇଥିବା ବୀର ଜବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀପ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଅତିଥିମାନେ ବିଜୟ ଦିବସର ମୂଳ ଉଦ୍ଦେଶ୍ୟ ଓ କାର୍‌ଗିଲ ଯୁଦ୍ଧରେ ବୀର ଯବାନଙ୍କ ବୀରତ୍ୱର କାହାଣି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ହରିବଂଶ ପଧାନ, ଶୋଭାଚନ୍ଦ୍ର ନାଏକ, ଅଶୋକ କୁମାର ବେହେରା, ସରୋଜ କୁମାର ଟଣକାର ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଲଙ୍କାଚାଷ ସମ୍ପର୍କିତ କର୍ମଶାଳା

**କୁଚିଣ୍ଡା,୨୭।୭(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବ୍ଲକସ୍ତରୀୟ ଲଙ୍କାଚାଷ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକରେ ଲଙ୍କାଚାଷକୁ କିଭଳି ଅଧିକ ଅମଳକ୍ଷମ କରାଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ଏଥିରେ କୁଚିଣ୍ଡା ବିଡିଓ ନିରଞ୍ଜନ ସା, ଓର୍‌ମାସର ଡେପୁଟି ସିଇଓ ଶ୍ରୀମନ୍ତ ହୋତା, ସିଡିଏଓ ଟଙ୍କଧର ସାହୁ, କୃଷି ବିଭାଗ ଓ ଉଦ୍ୟାନ ବିଭାଗର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ, ଓଡ଼ିଶା ଜୀବିକା ମିଶନର ବିପିଏମ୍, ବିଏଲ୍‌ସି, କୃଷିମିତ୍ର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ଭିଏଡବ୍ଲ୍ୟୁ, କୃଷକ ସାଥି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓର୍‌ମାସ ଡେପୁଟି ସିଇଓ ହୋତା ଆଗାମୀ ଦିନରେ ନୂତନ ପଦ୍ଧତିରେ ଲଙ୍କା ଚାଷକୁ ବଢ଼ାଇବା ସହ ଅନ୍ୟ ଦେଶକୁ ରପ୍ତାନୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ବିପିଏମ୍ ଟିପେନସନ ବେହେରା ଧନ୍ୟବାଦ ଦେଇଥିଲେ।

### ଯୁବ କଂଗ୍ରେସର ବିକ୍ଷୋଭ

**ସମ୍ବଲପୁର,୨୭।୭(ବ୍ୟୁରୋ):** ରାହୁଲ ଗାନ୍ଧୀ ଓ ଶ୍ରୀନିବାସ ବିଭିଙ୍କ ପ୍ରତି କେନ୍ଦ୍ର ସରକାର ଆକ୍ରୋଶମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏଥିରେ ଦିଲ୍ଲୀ ପୋଲିସକୁ ମଧ ବ୍ୟବହାର କରୁଛନ୍ତି। ଏହାର ପ୍ରତିବାଦରେ ବୁଧବାର ରାତିରେ ସମ୍ବଲପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଗୋଲବଜାର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତଳିକା ଦାହ କରିଥିଲେ। ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ଜିଲା ସଭାପତି ପ୍ଲାବନ ବହିଦାର, ଉପସଭାପତି ସୁମିତ ଷଡଙ୍ଗୀ, ନୀଳକଣ୍ଠ ମେସୁଆ, ଅଂଶୁମାନ ନନ୍ଦ, ସୁରଞ୍ଜିନୀ ବାରିକ ଏହାର ନେତୃତ୍ୱ ନେଇଥିଲେ। ବିକାଶ ବେହେରା, ଆଲୋକ ପଟ୍ଟନାୟକ, ଅଶ୍ୱିନୀ ପ୍ରଧାନ, ଯୋଗେଶ ବାଗ, କାନ୍ତି ମୁଖି, ସଦାନନ୍ଦ ବରାଳ, ଟି ଆକ୍ରମ, ଏ ପାସୱାନ ଯୋଗଦେଇଥିଲେ।

### ଶିକ୍ଷକ, ଅଭିଭାବକ ସମନ୍ୱୟ ବୈଠକ

**ନାକଟିଦେଉଳ,୨୭।୭(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବଲମ ପଞ୍ଚାୟତର ବଞ୍ଚାଗୋଳା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ବୈଠକରେ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ଉପସ୍ଥାନ, ବିଦ୍ୟାଳୟ ପରିସର ସ୍ୱଚ୍ଛତା ନେଇ ଆଲୋଚନା କରାଯାଇଥିଲା। ଏଥି ସହିତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ନେଇ ଅଭିଭାବକଙ୍କର ସହଯୋଗ ଲୋଡ଼ା ଯାଇଥିଲା। ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟର ସିଆର୍‌ସିସି ଲୋକନାଥ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତିମା ଜାଲ, ଶିକ୍ଷକ ସୁବାସ ଚନ୍ଦ୍ର ନାଏକ, ମହେଶ୍ୱତା ସିଂ, ହରେକୃଷ୍ଣ ବିଶିଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ବାବୁଲାଲ ବିଶି ଧନ୍ୟବାଦ ଦେଇଥିଲେ।

# ଜନସାଧାରଣଙ୍କ ସହଯୋଗ ଜନ ଆନ୍ଦୋଳନରେ ପରିଣତ

**ସମ୍ବଲପୁର,୨୭।୭(ବ୍ୟୁରୋ)**

୧୦ବର୍ଷ ପୂର୍ବରୁ ଭାରତୀ ସମାଜ ପକ୍ଷରୁ ଆରମ୍ଭ ହୋଇଥିବା ସମ୍ବଲପୁରୀ ଦିନ ଏବେ ଜନସାଧାରଣଙ୍କ ସହଯୋଗରେ ଜନ ଆନ୍ଦୋଳନରେ ପରିଣତ ହୋଇପାରିଛି। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଶତବାର୍ଷିକୀରେ ଏହି କାର୍ଯ୍ୟକ୍ରମ ପାଳନ ନିଷ୍ପତ୍ତି ହୋଇଥିଲା। କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ବନ୍ଦ ରହିଥିଲା। ପୁଣିଥରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଖୋଲା ମଞ୍ଚରେ ନୃତ୍ୟଗୀତ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ବଲପୁରୀ ସାଧକ, କବି, କଳାକାରଙ୍କୁ ଏକଜୁଟ କରିବା ସହ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ସ୍ଥାନୀୟ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସଂଯୋଜକ ଆଇନଜୀବୀ ଡ. ପ୍ରମୋଦ କୁମାର ରଥ ଏହା କହିଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଏହି ଅବସରରେ ଜୁଲାଇ ୩୦ରେ ସମ୍ବଲ ଅନୁଷ୍ଠାନ ସହଯୋଗରେ ଏକ ବାଇକ୍ ରାଲି ହେବ। ଓଡ଼ିଶା ସାଂସ୍କୃତିକ ସମାଜ ପରିସରରେ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବଲପୁରୀ କୁଇଜ୍ ପ୍ରତିଯୋଗିତା ଆୟୋଜନ ହେବ। ପ୍ରୟାସ ପରିବାର ପକ୍ଷରୁ ସମ୍ବଲପୁରୀ ଦିନ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଚଳିତବର୍ଷ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ସମ୍ବଲପୁରୀ ଦିନ ଆୟୋଜନ ପାଇଁ ଯୋଜନା ରହିଛି। ସମ୍ବଲପୁର ଜେଲ ଛକରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ଆୟୋଜନ ହେବ। ସକାଳ ୧୦ଟାରୁ ସମ୍ବଲପୁରୀ କବିତା ପାଠ ପରେ ଅପରାହ୍ଣ ୧ ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଜିଲା ଏବଂ ଜିଲା ବାହାରୁ କଳାକାର

### ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ

ଅଂଶଗ୍ରହଣ କରିବେ। ଆୟୋଜିତ ଫଟୋ ପ୍ରତିଯୋଗିତାରେ ୨୫ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ମଞ୍ଚରେ ସମ୍ମାନିତ କରାଯିବ। ଚଳିତ ବର୍ଷ କୁମ୍ଭାରୀ ଗାଁର ସମ୍ବଲପୁରୀ ସଂଗଠକ ଏବଂ ଗୁରୁ ଭାଗବତ ପ୍ରଧାନଙ୍କୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ ପ୍ରଦାନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସମ୍ବଲପୁର ଶାଖା ସଂଯୋଜକ ଲଳିତ ମୋହନ ବେବର୍ତ୍ତା, ସାହିତ୍ୟ ସଂଯୋଜକ ଗୁଣ ରଞ୍ଜନ ସାଲିମା ଉପସ୍ଥିତ ଥିଲେ।

## ନାକଟିଦେଉଳ କଲେଜରେ ଶତପ୍ରତିଶତ ପାସ୍

**ନାକଟିଦେଉଳ,୨୭।୭(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକରେ ଥିବା ଏକମାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ବିଜ୍ଞାନ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଛାତ୍ରୀ ହେଲେନ ଦେହୁରି ସର୍ବାଧିକ ୭୨ ପ୍ରତିଶତ ମାର୍କ ରଖି ଶୀର୍ଷରେ ରହିଛନ୍ତି। କଲେଜରେ ଯୁକ୍ତ ଦୁଇରେ ସମୁଦାୟ ୩୫ ଛାତ୍ରୀଛାତ୍ର ବିଜ୍ଞାନରେ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯, ଦ୍ୱିତୀୟ ଶ୍ରେଣୀରେ ୭ ଓ ତୃତୀୟ ଶ୍ରେଣୀରେ ୯ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

## କ୍ରାନ୍ତି ଦିବସ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୨୭।୭(ବ୍ୟୁରୋ)**

ସମ୍ବଲପୁରଠାରେ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସରରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ସମାବେଶ ଆୟୋଜନ ହେବ। ଏ ନେଇ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ଭାରତ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ସ୍ମୃତି ରକ୍ଷା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକାକୁ ସ୍ମରଣ କରାଯିବ। ୩୦ ଜିଲାର କାର୍ଯ୍ୟକାରିଣୀ ସଦସ୍ୟ ଏଥିରେ ସାମିଲ ହେବେ। ସଂଘର ରାଜ୍ୟ କର୍ମକର୍ତ୍ତା, ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ନିର୍ମାଣ ଶ୍ରମିକ ସଂଗଠନ, ନାଲକୋ, ରାଉରକେଲା ଆର୍‌ଏସ୍‌ପି, ହିଣ୍ଡାଲ୍‌କୋ, ଏମ୍‌ସିଏଲ୍, ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍, ବେଦାନ୍ତ, ଆଦିତ୍ୟ ବିର୍ଲା ଭଳି ଶିଳ୍ପ ସଂସ୍ଥା ଶ୍ରମିକ ସଂଗଠନ କର୍ମକର୍ତ୍ତାମାନଙ୍କୁ ନେଇ ଶ୍ରମିକ ଆନ୍ଦୋଳନକୁ ସକ୍ରିୟ କରାଯିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦୁର୍ଯ୍ୟୋଧନ ମହାନ୍ତି, କାର୍ଯ୍ୟକାରୀ ସଭାପତି ରୋଶନ ସିଂ, ଯୋଗେନ୍ଦ୍ର ବେହେରା, ବଳରାମ ଦାସ, ତୁଷାର ନାଥ, ପୂର୍ଣ୍ଣ ବିଶୋଇ, ଜିକୁନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁନଃ କାର୍ଯ୍ୟକ୍ଷମ ହେବ ତାପଜ ବିଦ୍ୟୁତ୍ କେନ୍ଦ୍ର

**ଝାରସୁଗୁଡ଼ା ଅଫିସ,୨୭।୭**

ଇଣ୍ଡ୍ ବରାଥ୍ ଉତ୍କଳ ଏନର୍ଜି ଲିମିଟେଡ୍ ଦେବାଳିଆ ହୋଇଯିବା ଫଳରେ ଝାରସୁଗୁଡ଼ା ଜିଲା ସାହାଜବାହାଲସ୍ଥିତ ତାପଜ ବିଦ୍ୟୁତ୍ କେନ୍ଦ୍ର ୨୦୧୭ରୁ ବନ୍ଦ ହୋଇଯାଇଥିଲା। ଏହି ବନ୍ଦ ପ୍ରକଳ୍ପ ୨୦୧୮ ଅଗଷ୍ଟ ୨୯ରେ ଜାତୀୟ କମ୍ପାନୀ ଆଇନ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ହାଇଦ୍ରାବାଦ ଅଧୀନକୁ ଚାଲିଯାଇଥିଲା। ପ୍ରକଳ୍ପକୁ ବିକ୍ରି କରିବା ପାଇଁ ଏନ୍‌ସିଏଲ୍‌ଟି ତରଫରୁ ନିଲାମ

### ଏନ୍‌ସିଏଲ୍‌ଟିର ଅନୁମୋଦନ ଲାଭ କଲା ଜେଏସ୍‌ଡବ୍ଲ୍ୟୁ

ଆହ୍ୱାନ କରାଯାଇଥିଲା। ଏଥିରେ ଦେଶର ବହୁ ବଡ ବଡ କମ୍ପାନୀ ସାମିଲ ହୋଇଥିଲେ। ଏହି ଟ୍ରିବ୍ୟୁନାଲରେ ଦୀର୍ଘ ୫ବର୍ଷ ଧରି ଏହା ବିଚାରାଧୀନ ରହିଥିବାବେଳେ ଗତ ୨୫ତାରିଖରେ ଏହାର ରାୟ ପ୍ରକାଶ ପାଇଛି । ନିଲାମରେ ସାମିଲ ହୋଇଥିବା ଦେଶର ଜଣାଶୁଣା କମ୍ପାନୀ ଜେଏସ୍‌ଡବ୍ଲ୍ୟୁ ଏନର୍ଜିକୁ ଏନ୍‌ସିଏଲ୍‌ଟିର ଅନୁମୋଦନ ମିଳିଛି। ଏବେ ଜେଏସ୍‌ଡବ୍ଲ୍ୟୁ ଏନର୍ଜି ଏହି ପ୍ରକଳ୍ପକୁ କ୍ରୟକରି ପୁନଃ କାର୍ଯ୍ୟକ୍ଷମ କରିବ। ଏହା ଜଣାପଡିବା ପରେ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଥିରେ ପୂର୍ବରୁ କାର୍ଯ୍ୟରତ ଶତାଧିକ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ଉପକୃତ ହେବେ। ଏହା ସହିତ ଅଞ୍ଚଳର ବିକାଶ ହେବ ବୋଲି କୁହାଯାଉଛି।


ବନ୍ଦଥିବା ସାହାଜବାହାଲ ସ୍ଥିତ ଇଣ୍ଡ୍ ବରାଥ୍ ତାପଜ ବିଦ୍ୟୁତ୍ କେନ୍ଦ୍ର।

# ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ରରେ ସଚେତନତା


ଡାକ୍ତରୀ ଦଳ ସଚେତନ କରୁଛନ୍ତି ।

**ସମ୍ବଲପୁର,୨୭।୭ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ବସ୍ତି ଅଞ୍ଚଳରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ସାଙ୍ଗକୁ ସ୍କୁଲରେ ପଢୁଥିବା ଶିକ୍ଷାର୍ଥୀମାନଙ୍କୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ସଚେତନ କରାଯାଉଛି। ଏହି କ୍ରମରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପୁଟିବନ୍ଧଠାରେ ମାସିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏକ ଡାକ୍ତରୀ ଦଳ ସ୍ଥାନୀୟ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ହାତ ଧୋଇବା ପ୍ରଣାଳୀ ସହିତ ଏହାର ଉପକାରିତା ବିଷୟରେ ସଚେତନ କରାଇଥିଲେ। ମହାମାରୀର ଆଶଙ୍କାକୁ ଆଖିଆଗରେ ରଖି ନିଜ ସୁରକ୍ଷା ପାଇଁ ସମସ୍ତ ଶିକ୍ଷାର୍ଥୀ ମାସ୍କ ପରିଧାନ କରି ସ୍କୁଲକୁ ଆସିବାକୁ ପରାମର୍ଶ ଦେଇଥିଲେ। କିଭଳି ଖାଦ୍ୟ ଗ୍ରହଣ କଲେ ଶରୀରର ଶକ୍ତି ଓ ଅଭିବୃଦ୍ଧିରେ ସହାୟକ ହେବ ତାହାର ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ଏପରିକି କୃମିନାଶକ ସହିତ ଲୌହସାର ଶରୀର ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଧାରଣା ଦେଇଥିଲେ। ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସମସ୍ତେ ବିଶ୍ୱାସକୁ ନେଇ ନିଜର ଉତ୍ତମ ବନ୍ଧୁ ହିସାବରେ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅବିଭାବକଙ୍କଠାରେ ନିଜ ଭାବନା ପ୍ରକାଶ କରି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ କୁହାଯାଇଥିଲା। ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରଖି ସ୍ୱାସ୍ଥ୍ୟ ଭଳି ମୂଲ୍ୟବାନ ସମ୍ପତ୍ତିକୁ ସୁରକ୍ଷିତ ରଖିବାକୁ ଡାକ୍ତର ରାଜାରାମ ଷଡଙ୍ଗୀ ପରାମର୍ଶ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଆଦିବାସୀଙ୍କ ଉତ୍ସବ ପାଳନ

**ଝାରସୁଗୁଡ଼ା ଅଫିସ,୨୭।୭**

ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଓଡ଼ିଶାର ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରେ ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ନାଚଗୀତ ଓ ମାଦଳ, ଢୋଲ ବଜାଇ ଉତ୍ସବ ପାଳନ କରିଛନ୍ତି। ଲଖନପୁର ବ୍ଲକ୍ ମଚିଦା ପଞ୍ଚାୟତ ଯୋଗୀଡିପା ଗ୍ରାମ ମୁଣ୍ଡାପଡାରେ ମହିଳାପୁରୁଷ ଏକତ୍ରିତ ହୋଇ ଦିନତମାମ ନାଚଗୀତରେ ମଜିଥିଲେ । ପରେ ପରସ୍ପରକୁ ମିଠା

### ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ

ଖୁଆଇ ଖୁସି ମନାଇଥିଲେ। ୱାର୍ଡସଭ୍ୟା ସୁନିତା ଚାମ୍ପିଆଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମଚିଦା ସରପଞ୍ଚ ସଂଯୁକ୍ତା ବେହେରା ମୁଖ୍ୟଅତିଥି ଓ ଏମ୍‌ପି ପ୍ରତିନିଧି ସୁଦାମ ପ୍ରଧାନ, ସଞ୍ଜୟ କୁମାର ଭୋଇ, ହାରାଚାନ୍ଦ ଗର୍ଡିଆ, ନୟନ ସା, ରାଜ କୁମାର ସେଠ୍, ରମଣୀ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ସାମିଲ ହୋଇଥିଲେ। ସେହିପରି ଭାଜପା ବ୍ରଜରାଜନଗର ମଣ୍ଡଳ ତରଫରୁ ସ୍ଥାନୀୟ ଇବ୍‌ପିଟ୍‌ସ୍ଥିତ ମୁଣ୍ଡାପଡାରେ ମହିଳାପୁରୁଷ ପାରମ୍ପରିକ ନାଚଗୀତ କରି ଉତ୍ସବ ପାଳନ କରିଥିଲେ। ମଣ୍ଡଳ ସଭାପତି ରତ୍ନେଶ ଧୁରୁଆଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡଙ୍ଗୀ ମୁଖ୍ୟଅତିଥି ଓ ଅନିଲ ନାୟକ, ରମାନନ୍ଦ ଯାଦବ, ଅମରେନ୍ଦ୍ର ରାୟ, ପ୍ରକାଶ ବର୍ମା, ମନିଷ ପଟେଲ, ସଞ୍ଜୟ ସିଂହ, ପ୍ରଦୀପ ଶର୍ମା, ପ୍ରହ୍ଲାଦ ଗରୁଡ ପ୍ରମୁଖ ଦଳୀୟ କର୍ମକର୍ତ୍ତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

## ବଜ୍ରପାତରେ ଯୁବତୀଙ୍କ ମୃତ୍ୟୁ, ୪ ଗୁରୁତର

**କୁଚିଣ୍ଡା,୨୭।୭(ଡି.ଏନ.ଏ.)**

ମହୁଲପାଲି ଥାନା କେଶାଇବାହାଲ ପଞ୍ଚାୟତ ଭିକାପାଲି ଗ୍ରାମରେ ବୁଧବାର ବଜ୍ରପାତରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ୪ ମହିଳା ଗୁରୁତର ହୋଇଛନ୍ତି। ଅପରାହ୍ଣରେ ବିଲରେ ତଳିରୁଆ କାମ କରୁଥିବା ସମୟରେ ହଠାତ୍ ଘଡଘଡି ସହ ବଜ୍ରପାତ ହୋଇଥିଲା। ଏଥିରେ ମମତା ମୁଣ୍ଡା (୧୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସାଙ୍ଗରେ ଥିବା ମମତାଙ୍କ ମାଆ ନୀରାବତୀ ମୁଣ୍ଡା, ଜୟନ୍ତୀ ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା ଓ ଉମାକାନ୍ତ ମୁଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ମହୁଲପାଲି ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇଛି।

# ହିଣ୍ଡାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀମାନେ।

**ସମ୍ବଲପୁର,୨୭।୭(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବୁଧବାର ମହମ୍ମଦପୁର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ସକାଶେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ବିଷୟରେ ସିଡିପିଓ ପୁଷ୍ପାଞ୍ଜଳି ମିଶ୍ର ଓ ମହିଳା ଶିଶୁ ବିକାଶ ବିଭାଗର ପର୍ଯ୍ୟବେକ୍ଷକ ସୁମତି କୁଜୁର, ଶିକ୍ଷୟିତ୍ରୀ ସୁନିତା ସାହୁ, ମିନା ପଣ୍ଡା ବକ୍ତବ୍ୟ ରଖିଥିଲେ। କିଶୋରୀ ଅବସ୍ଥାରେ ଉପୁଜୁଥିବା ସମସ୍ୟାର କିଭଳି ସମାଧାନ କରାଯିବ ସେ ନେଇ ଅତିଥିମାନେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଏଥିରେ ୧୪୦ଜଣ ଛାତ୍ରୀ ଭାଗନେଇଥିଲେ । ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

# ରାସ୍ତା, ପାନୀୟ ଜଳ ସମସ୍ୟା: ଜିଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର,୨୭।୭ (ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ୭ ଗୋଟି ପଞ୍ଚାତୟରେ ଥିବା ବିଭିନ୍ନ ସମସ୍ୟା ନେଇ ଜୋନ-୨ ଜିଲାପରିଷଦ ସଭ୍ୟ ଦେନାରାୟଣ ଦ୍ୱିୱାରୀ ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସେ ଦର୍ଶାଇଛନ୍ତିଯେ, ଜୋନ-୨ରେ ୭ ପଞ୍ଚାୟତରେ ୫୦ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ଗ୍ରାମ ରାସ୍ତାଗୁଡିକ ଶୋଚନୀୟ ହୋଇପଡିଥିବାରୁ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଅନ୍ୟପଟେ ଏବେ ୩ ପଞ୍ଚାୟତକୁ ମେଗା ପାନୀୟଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ବି ଶେଷ ହୋଇପାରି ନାହିଁ। ଅଧିକାଂଶ ଗ୍ରାମରେ ନଳକୂପ ଥିଲେ ବି ଆବଶ୍ୟକ ପାଣି ଯୋଗାଇପାରୁନାହିଁ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ। ଜିଲାପାଳ ଦାସ ମଧ୍ୟ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ଜିଲାପରିଷଦ ସଭ୍ୟ ।

# ଗ୍ରାମୀଣ ପାର୍କ ଅଧାପନ୍ତରିଆ, ବଢୁଛି ଅସନ୍ତୋଷ

**କୁଚିଣ୍ଡା,୨୭।୭(ଡି.ଏନ.ଏ.)**

ଗ୍ରାମାଞ୍ଚଳଜନସାଧାରଣଙ୍କଚିତ୍ତବିନୋଦନ ପାଇଁ ସରକାର ପଞ୍ଚାୟତଗୁଡିକରେ ବିପୁଳ ଅର୍ଥ ବ୍ୟୟକରି ଗ୍ରାମୀଣ ପାର୍କ ନିର୍ମାଣ କରୁଛନ୍ତି। ହେଲେ କୁଚିଣ୍ଡା ବ୍ଲକର ୧୭ଗୋଟି ପଞ୍ଚାୟତ ମଧ୍ୟରୁ ହାତଗଣତି କେତୋଟିକୁ ଛାଡି ଦେଲେ ଅଧିକାଂଶ ପଞ୍ଚାୟତରେ ଏହି ପାର୍କ ଅଧାପନ୍ତରିଆ ପଡିଥିବା ଦେଖିବାକୁ ମିଳିଛି। କେଉଁଠି କାମ ଆରମ୍ଭ କରାଯାଇଛି ତ କେଉଁଠି ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ଏଭଳି ଅଧାରେ ଅଟକି ରହିଥିବା ପଞ୍ଚାୟତ ମଧ୍ୟରେ କୁନ୍ତରା ଅନ୍ୟତମ।

କୁନ୍ତରା ପଞ୍ଚାୟତର କାପୁଟିକିରା ଛକରେ ଦୀର୍ଘ ଏକବର୍ଷରୁ ଅଧିକ ସମୟ ହେବ ପାର୍କଟି ଅଧାପନ୍ତରିଆ ହୋଇରହିଛି। ପିଇଓଙ୍କ ନାମରେ ରହିଥିବା ଏହି ପ୍ରକଳ୍ପ ପାଇଁ ୨୦୧୯-୨୦ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦ଲକ୍ଷ,


ଅଧାପନ୍ତରିଆ ଗ୍ରାମୀଣ ପାର୍କ।

୨୦୨୦-୨୧ରେ ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ୫ଲକ୍ଷ, ୨୦୨୧-୨୨ରେ ପଞ୍ଚଦଶ ଅର୍ଥ କମିଶନରୁ ୧.୪୦ ଲକ୍ଷ ଓ ଶୌଚାଳୟ ନିର୍ମାଣ ପାଇଁ ୧ଲକ୍ଷ ଏଭଳି ମୋଟ ୧୭.୪୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିବା ସୂଚନା ଫଳକରୁ ଜଣାପଡେ। ଏହି ଗ୍ରାମୀଣ ପାର୍କ ଚାରିପାଖ ପାଚେରୀ ନିର୍ମାଣ ହୋଇଛି। ଗୋଟିଏ ପଟେ ଲୁହା ଜାଲି ଦିଆଯାଇଥିବା ବେଳେ ଅନ୍ୟ ତିନି ପଟେ ଏପର୍ଯ୍ୟନ୍ତ ଜାଲି ଲଗାଯାଇନାହିଁ। ସମ୍ମୁଖ ପଟେ ଲୁହା ଗେଟ ଲଗାଯାଇଥିଲେ ହେଁ ରଙ୍ଗ ଦିଆଯାଇ ନ ଥିବାରୁ କଳଙ୍କି ଲାଗିଗଲାଣି। ଫୁଲ ଗଛ ଲଗାଇବା ନିମନ୍ତେ ପାର୍କ ଭିତରେ ନିର୍ମାଣ ହୋଇଥିବା ସିମେଣ୍ଟ ଡିଭାଇଡର ନିମ୍ନମାନର ଯୋଗୁ ଫାଟି ଯାଇଥିବା ଦୃଶ୍ୟମାନ ହେଉଛି। ଶୌଚାଳୟ ନିର୍ମାଣ ହୋଇ ନ ଥିବାବେଳେ ପାର୍କ ବାହାରେ କେବଳ ଏକ ପମ୍ପ୍‌ହାଉସ ନିର୍ମାଣ ହୋଇଛି। ବୋରୱେଲରେ ଗୋଟିଏ ପାଣି ମୋଟର ଚୋରି ହୋଇଥିବା ଦର୍ଶାଯାଇ ୨ଟି ପାଣି ମୋଟର ବିଲ୍ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ନିମ୍ନମାନର ପାର୍କ ନିର୍ମାଣ କରି ଅର୍ଥ ହଡପ କରାଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପାର୍କ ମଧ୍ୟରେ ଫୁଲ ଗଛ କିମ୍ବା ଶିଶୁଙ୍କ ଖେଳିବା ପାଇଁ ଦୋଳି ମଧ ଲାଗି ନାହିଁ। ଏ ସମ୍ପର୍କରେ କୁନ୍ତରା ପିଇଓ ମନିଷା ପ୍ରତିମା କୁଲୁଙ୍କୁ ପଚାରିବାରେ ମୋଟ ୧୩ଲକ୍ଷ ଟଙ୍କାର ବିଲ୍ ପେମେଣ୍ଟ ହୋଇଛି ଓ ବାକିଥିବା କାମ ଶୀଘ୍ର ସାରିବାକୁ ଠିକାଦାରଙ୍କୁ କହିବେ ବୋଲି କହିଛନ୍ତି। କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ପାର୍କ ନିର୍ମାଣ କାହିଁକି ଅଧାରେ ଅଟକିଛି ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ



# ଫେରି ଚାହଁନାହିଁ

ଦେବଦତ୍ତ ପଟ୍ଟନାୟକ

ଥରେ ଜଣେ ବୃଦ୍ଧଙ୍କ ସହ ଯୁବକଟିଏ ଯାତ୍ରା କରୁଥିଲେ। ଏହି ସମୟରେ ବୃଦ୍ଧ ଜଣକ ସହଯାତ୍ରୀ ଯୁବକଙ୍କୁ ତାଙ୍କ ଝିଅକୁ ବିବାହ ଦେବା ଲାଗି ପ୍ରତିଶ୍ରୁତି ଦେଲେ। କିଛି ଦିନ ପରେ ସେହି ଯୁବକ ବିବାହ ଆଶାରେ ବୃଦ୍ଧ ବ୍ୟକ୍ତିଙ୍କ ଗାଁରେ ପହଞ୍ଚି ପୂର୍ବ ପ୍ରତିଶ୍ରୁତି ସମ୍ପର୍କରେ କହିଲେ। କିନ୍ତୁ ବୃଦ୍ଧ ଜଣକ ସେଭଳି କିଛି ପ୍ରତିଶ୍ରୁତି ଦେଇ ନ ଥିବା କହି ତାଙ୍କ ଝିଅକୁ ବିବାହ ଦେବା ପାଇଁ ମନା କରିଦେଲେ। କେବଳ ଏତିକି ନୁହେଁ, ବୁଢ଼ାଟି ଏଭଳି ପ୍ରତିଶ୍ରୁତି ଦେଇଥିବାର ପ୍ରମାଣ ଦେବା ପାଇଁ ଜଣେ ସାକ୍ଷୀ ଆଣିବା ଲାଗି ଯୁବକଙ୍କୁ କହିଲେ। ଯୁବକଙ୍କର ମନେପଡ଼ିଗଲା ଏକ କୃଷ୍ଣ ମନ୍ଦିର କଥା, ଯେଉଁଠି ବୃଦ୍ଧ ଜଣଙ୍କ ତାଙ୍କ ଝିଅକୁ ବିବାହ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ସଙ୍ଗେ ସଙ୍ଗେ ଯୁବକଟି ମନ୍ଦିରକୁ ଯାଇ ତାଙ୍କ ସହ ଆସି ସାକ୍ଷୀ ଦେବା ସକାଶେ କୃଷ୍ଣଙ୍କୁ ବିନମ୍ରତାର ସହ ନିବେଦନ କଲେ। କୃଷ୍ଣ ଯୁବକଙ୍କ କଥା ଶୁଣିଲେ ଓ ଆସିବାକୁ ରାଜିହେଲେ, କିନ୍ତୁ



ଏକ ସର୍ତ୍ତ ରଖିଲେ। ଯୁବକଙ୍କୁ କହିଲେ- ମୁଁ ତୁମ ପଛେ ପଛେ ଯିବି ଓ ମୁଁ ଯାଉଛି କି ନାହିଁ ତାହା ନିଶ୍ଚିତ ହେବା ଲାଗି କେବେ ବି ଫେରି ଚାହିଁବ ନାହିଁ। କେବଳ ବିଶ୍ୱାସ ରଖିବ ଯେ, ମୁଁ ତୁମ ପଛରେ ଅଛି। କୃଷ୍ଣଙ୍କ ସର୍ତ୍ତରେ ରାଜି ହେଲେ ଯୁବକ ଓ ଚାଲିଲେ। ତାଙ୍କ ପଛେ ପଛେ କୃଷ୍ଣ ମଧ ଚାଲିଲେ। ସେମାନେ କାଦୁଅରେ ଚାଲିବା ସମୟରେ କୃଷ୍ଣଙ୍କ ନୂପୁର ବା ଘୁଙ୍ଗୁର ଶବ୍ଦ ଆଉ ଶୁଭିଲା ନାହିଁ। ଏହା ମଧ ହେବା ସ୍ୱାଭାବିକ । କିନ୍ତୁ ଯୁବକ ଜଣଙ୍କ କୃଷ୍ଣଙ୍କ ନୂପୁର ଶବ୍ଦ ଶୁଣି ନ ପାରି ଭୟରେ ପଛକୁ ଚାହିଁଦେଲେ। ଫଳରେ କୃଷ୍ଣ ସାଙ୍ଗେ ସାଙ୍ଗେ ପଥର ପାଲଟିଗଲେ। ଏହା ହେଉଛି ଓଡ଼ିଶାର ସାକ୍ଷୀଗୋପାଳ ମନ୍ଦିରର କାହାଣୀ।

ଭାରତରେ ଏକ ସାଧାରଣ ଉକ୍ତି ରହିଛି- ପଛକୁ କେବେ ଫେରି ଚାହଁନାହିଁ। ଯେବେ ବି ଆମେ ଫେରିଚାହୁଁ ଭଗବାନ୍ ସେତେବେଳେ ଆଉ ଆମ ସହ ନ ଯାଇ ଗୋଟିଏ ଜାଗାରେ ରହିଯାଆନ୍ତି। ଗୁଜରାଟର ଆଶାପୁରା ମନ୍ଦିର ପଛରେ ସମାନ ପ୍ରକାର କାହାଣୀ ଦେଖିବାକୁ ମିଳେ। କିମ୍ବଦନ୍ତୀ ରହିଛି ଯେ, ଆରାଧ୍ୟା ଦେବୀ ଜଣେ ବ୍ୟବସାୟୀକୁ ରକ୍ଷା କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ ଓ ପଛରେ ଦେବୀ ଯାଉଛନ୍ତି କି ନାହିଁ ତାହା ପରଖିବା ଲାଗି ବ୍ୟବସାୟୀ ଫେରି ଚାହିଁବେ ନାହିଁ ବୋଲି ଏକ ସର୍ତ୍ତ ରଖିଥିଲେ। ଠକ୍ ସେହିଭଳି ଛତିଶଗଡ଼ର ଦାନ୍ତେଶ୍ୱରୀ ମାତା ମନ୍ଦିରର କାହାଣୀ। କୁହାଯାଏ, ମା' ଜଣେ ରାଜାଙ୍କୁ ରକ୍ଷା କରିବା ଲାଗି ସମାନ ସର୍ତ୍ତ ଉପସ୍ଥାପନ କରିଥିଲେ। ପଛରେ ସେ ଯାଉଛନ୍ତି କି ନାହିଁ ତାହା ଯାଞ୍ଚ କରିବାକୁ ଫେରି ନ ଚାହିଁବା ଲାଗି ମା' ରାଜାଙ୍କୁ କହିଥିଲେ। ତେବେ ଉଭୟ ଘଟଣାରେ ଭକ୍ତ ବ୍ୟବସାୟୀ ଓ ରାଜା ମା'ଙ୍କ ସର୍ତ୍ତ ରକ୍ଷା କରିପାରିଲେ ନାହିଁ ଓ ମା'ଙ୍କ ନୂପୁର ବା ପାଉଞ୍ଜି ଶବ୍ଦ ଶୁଣା ନ ଯିବାରୁ ସେମାନେ ଫେରି ଚାହିଁ ଦେଇଥିଲେ। ଫଳରେ ଉଭୟ ଘଟଣାରେ ମା' ପଥର ପାଲଟି ଯାଇଥିଲେ ଓ ସେଠାରେ ଦୁଇଟି ମନ୍ଦିର ଗଢ଼ି ଉଠିଛି।

ଏହିସବୁ ବିଷୟ କେବଳ ଭାରତରେ ସୀମିତ ନୁହେଁ। ଏଠାରେ ଗ୍ରୀକ୍ ପୁରାଣକଥାରେ ଅର୍ଫ୍ୟୁସ ଏବଂ ୟୁରିଡାଇସଙ୍କ କାହାଣୀ ମନେପଡ଼େ। ଅର୍ଫ୍ୟୁସ ଥିଲେ ଜଣେ ପ୍ରତିଷ୍ଠିତ ମ୍ୟୁଜିସିଆନ। ତାଙ୍କ ମ୍ୟୁଜିକ୍‌ରେ ପଥର ଚାଲୁଥିଲା,ଗଛ ବି ପଲ୍ଲବିତ ହୋଇପାରୁଥିଲା। ଦିନକର କଥା। ତାଙ୍କ ସ୍ତ୍ରୀ ୟୁରିଡାଇସଙ୍କ ଦେହାନ୍ତ ଘଟିଲା ଓ ମନଦୁଃଖରେ ସେ ତାଙ୍କୁ ଫେରାଇ ଆଣିବା ପାଇଁ ମୃତ୍ୟୁଲୋକ ବା ଯମଲୋକକୁ ଗଲେ। ସେଠାରେ ମୃତ୍ୟୁ ଦେବତାଙ୍କୁ ବୁଝାଇଲେ, ତାହା ପୁଣି ତାଙ୍କ ମ୍ୟୁଜିକ୍ ମାଧ୍ୟମରେ। ସେଠାରେ ମୃତ୍ୟୁ ଦେବତା( ଯମ) ମଧ ତାଙ୍କ ସହ ଏକ ସର୍ତ୍ତ ରଖି କହିଲେ ଯେ, ମର୍ତ୍ତ୍ୟଲୋକରେ ନ ପହଞ୍ଚିବା ଯାଏ ସେ ପଛକୁ ଫେରି ଚାହିଁବେ ନାହିଁ । କିନ୍ତୁ ଅର୍ଫ୍ୟୁସ ଫେରି ଚାହିଁଦେବାରୁ ତାଙ୍କ ସ୍ତ୍ରୀ ଚିରଦିନ ଲାଗି ଯମଲୋକକୁ ଫେରିଗଲେ। ଜାପାନର ପୌରାଣିକ ଉପାଖ୍ୟାନରେ ବି ଫେରି ଚାହିଁବାକୁ ନେଇ ବର୍ଣ୍ଣନା ଦେଖିବାକୁ ମିଳେ। ପ୍ରଥମ ପୁରୁଷ ମଧ ତାଙ୍କ ମୃତ ପ୍ରଥମ ସ୍ତ୍ରୀଙ୍କୁ ପୁନର୍ବାର ମର୍ତ୍ତ୍ୟକୁ ଫେରାଇ ଆଣିବାକୁ ଅନୁମତି ପ୍ରାପ୍ତ ବୋଲି ଏଥିରେ କୁହାଯାଇଛି। କିନ୍ତୁ ଏହା ପଛରେ ଏକ ସର୍ତ୍ତ ରହିଛି। ସର୍ତ୍ତ ଅନୁଯାୟୀ ସେହି ପୁରୁଷ ଜଣକ କେବେ ବି ତାଙ୍କ ସ୍ତ୍ରୀଙ୍କ ମୁହଁକୁ ଫେରି ଚାହିଁବେ ନାହିଁ। କିନ୍ତୁ ଯଦି ସେ ଏହା କରନ୍ତି, ତେବେ ତାଙ୍କ ସ୍ତ୍ରୀଙ୍କର ଭୟଙ୍କର ଭୂତ ରୂପ ଦେଖି ସେଠାରୁ ଦୌଡ଼ି ପଳାଇ ଘରର ଦ୍ୱାରା ବନ୍ଦ କରିଦିଅନ୍ତି। ଏହା ଯମଲୋକରୁ ମର୍ତ୍ତ୍ୟକୁ ଅଲଗା କରିଦିଏ। ଅର୍ଥାତ୍ ତାଙ୍କ ସ୍ତ୍ରୀଙ୍କ ପାଇଁ ମର୍ତ୍ତ୍ୟକୁ ଫେରିବାର ବାଟ ବନ୍ଦ ହୋଇଯାଏ। ବାଇବେଲ୍ ମଧ ଦେବଦୂତଙ୍କ ମୁଖନିସୃତ ଅନେକ କାହାଣୀ ବର୍ଣ୍ଣନା କରେ। ସୋଡମ ଓ ଗୋମରା ନାମକ ଦୁଇଟି ଛୋଟ ସହରର ଲୋକମାନେ କେହି କାହାକୁ ମାନୁ ନ ଥିଲେ। ସେଠାରେ ପାପ ବଢ଼ିଚାଲିଲା। ଏହା ଦେଖି ପରମେଶ୍ୱର ଲୋକମାନଙ୍କୁ ଦଣ୍ଡ ଦେବା ପୂର୍ବରୁ କହିଲେ ଯେ, ତୁମେମାନେ କରୁଥିବା ପାପ ଉପରେ ପଶ୍ଚାତ୍ତାପ କର, ବଦଳିଯାଅ। କେହି ତାଙ୍କ କଥା ଶୁଣିଲେ ନାହିଁ, ବରଂ ପୂର୍ବପରି ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଲେ। ଶେଷରେ ପରମେଶ୍ୱର ସେହି ସହର ଓ ଲୋକମାନଙ୍କୁ ଅଗ୍ନିରେ ଧ୍ୱଂସ କରିବା ପୂର୍ବରୁ ସେମାନଙ୍କୁ ସହର ଛାଡ଼ି ଚାଲିଯିବାକୁ କହିଲେ। ସମସ୍ତେ ଚାଲିଗଲେ,କିନ୍ତୁ ଲୋଟ ଏବଂ ତାଙ୍କ ସ୍ତ୍ରୀ ସହର ଛାଡ଼ି ଚାଲିଯାଉଥିବା ସମୟରେ ଲୋଟଙ୍କ ସ୍ତ୍ରୀ ସହରକୁ ଫେରି ଚାହିଁ ଦେବାରୁ ସେଠାରେ ଲବଣ ସ୍ତମ୍ଭ ପାଲଟିଗଲେ।

ଫେରି ଚାହିଁବାକୁ ନେଇ ଏହିସବୁ କାହାଣୀ ଅଧିକ ବିଶ୍ୱାସ ଆଧାରିତ। ଅସଲରେ ଅତୀତକୁ ଫେରି ଚାହିଁଲେ ଭବିଷ୍ୟତର ଆଶା ହରାଇବାକୁ ହୁଏ ବୋଲି ଏହିସବୁ କାହାଣୀ ଦର୍ଶାଏ। ତେବେ ଆମେ ଏଭଳି ଏକ ସମାଜରେ ବାସ କରୁଛୁ, ଯେଉଁଠି ସାମାଜିକ ନ୍ୟାୟ ଯୋଦ୍ଧା ଓ ରାଜନୀତିଜ୍ଞମାନେ ଅତୀତକୁ ଦେଖୁଛନ୍ତି। ସେମାନେ ଅତୀତକୁ ଦେଖି ଲୋକମାନଙ୍କୁ ଉତ୍ତେଜିତ କରୁଛନ୍ତି ଓ ଭବିଷ୍ୟତରେ ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରୁଛନ୍ତି। ଅତୀତକୁ ଦେଖିବା ଦ୍ୱାରା ଜୀବନ ଭାରାକ୍ରାନ୍ତ ହୋଇଯାଇଛି। ଏପରି କି ଆମେ ଆଉ ଆଗକୁ ବଢ଼ିପାରୁନାହୁଁ। ଅତୀତରେ କ'ଣ ଘଟିଥିଲା ତାହାକୁ ଦେଖି ସେଇଠି ଅଟକି ଯାଇଥିବାରୁ ଆମେ ପଥର ଭଳି ଗୋଟିଏ ଜାଗାରେ ପଡ଼ିରହିଛୁ କିମ୍ବା ଲୁଣ ଖମ୍ବ ପାଲଟିଯାଇଛୁ।

devdutt.pattanaik@gmail.com



# ଏ ମାଟିର କନ୍ୟା

ଶ୍ରୀ ନବୀନ ପଟ୍ଟନାୟକ

"ମୁଁ ଦ୍ରୌପଦୀ ମୁର୍ମୁ....."। ଜୁଲାଇ ୨୫ ତାରିଖ ସମୟ ପୂର୍ବାହ୍ନ ୧୦.୧୪ ମିନିଟ୍। ଆମ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ନୂଆଦିଲ୍ଲୀର ସଂସଦ ଭବନର ସେଣ୍ଟ୍ରାଲ ହଲ୍‌ରେ ଯେତେବେଳେ ଏହି ଶବ୍ଦ ଉଚ୍ଚାରିତ ହେଉଥିଲା, ତାହା ଥିଲା ପ୍ରତ୍ୟେକ ଓଡ଼ିଆଙ୍କ ପରି ମୋ ପାଇଁ ଗୌରବର ସର୍ବଶ୍ରେଷ୍ଠ ମୁହୂର୍ତ୍ତ।

ଓଡ଼ିଶା ମାଟିର କନ୍ୟା, ଜଣେ ଜନଜାତି ଝିଅ, ଜଣେ ମା', ଜଣେ ଭଉଣୀ ଭାରତ ବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହେଉଥିଲେ। ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନର ଆଉ ଏକ ମହାର୍ଘ ଅବସର ଉପସ୍ଥିତ ହୋଇଥିଲା। ଇତିହାସର ସେହି ସ୍ୱର୍ଣ୍ଣିମ ଅବସରରେ ସାମିଲ ହେବା ଥିଲା ମୋର ସୌଭାଗ୍ୟ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ସଂସଦ ଭବନର ସେଣ୍ଟ୍ରାଲ ହଲ୍‌ରେ ସେଦିନର ମୋର ବିନମ୍ର ଉପସ୍ଥିତି ଥିଲା ସମସ୍ତଙ୍କ ତରଫରୁ ମହାମହିମ ରାଷ୍ଟ୍ରପତିଙ୍କୁ ସମୁଚିତ ସମ୍ମାନ ପ୍ରଦର୍ଶନ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କର ଆରାଧ୍ୟ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ଆମ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ। ଓଡ଼ିଆ ଜାତି ତା'ର ସେହି ପରିଚୟରେ ଗର୍ବିତ ଓ ଗୌରବାନ୍ୱିତ।

ଓଡ଼ିଆ ଜାତି ଏକ ମହାନ୍ ଜାତି। ଓଡ଼ିଶା ଇତିହାସର ପ୍ରତିଟି ପୃଷ୍ଠାରେ ସ୍ୱାଭିମାନୀ ଓଡ଼ିଆ ଅସ୍ମିତାର କାହାଣୀ ଲିପିବଦ୍ଧ। କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ୍ ଅଶୋକଙ୍କୁ ଏ ମାଟି ଅହିଂସା ମନ୍ତ୍ରରେ ଦୀକ୍ଷିତ କରିଥିଲା। ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାକୁ ଶୀର୍ଷରେ ପହଞ୍ଚାଇଥିଲେ ସମ୍ରାଟ୍ ମହାମେଘବାହନ ଐର ଖାରବେଳ। ସମ୍ରାଟ କପିଳେନ୍ଦ୍ର ଦେବ କଳିଙ୍ଗ ସାମ୍ରାଜ୍ୟକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଥିଲେ। ମୋଗଲ ଓ ମରହଟ୍ଟାମାନେ ଓଡ଼ିଶା ଦଖଲ କରିବାକୁ ବାରମ୍ବାର ଉଦ୍ୟମ କରିଥିବା ସତ୍ତ୍ୱେ ନିଜ ମାଟିର ଟେକ ଓ ଜାତିର ସ୍ୱାଭିମାନ ରଖିବାକୁ ଓଡ଼ିଆ ବୀର ଆଗେଇ ଆସିଥିଲା। ନିଜ ପ୍ରାଣ ବିନିମୟରେ ମାଟି ମା'କୁ ସୁରକ୍ଷା ଦେଇଥିଲା। ସିପାହି ବିଦ୍ରୋହ ପୂର୍ବରୁ ଓଡ଼ିଆ ପାଇକଙ୍କ ନେତୃତ୍ୱରେ ବ୍ରିଟିଶ୍ ବିରୋଧରେ ସଂଘଟିତ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାରତ ଇତିହାସର ଏକ ଉଲ୍ଲେଖନୀୟ ଘଟଣା।

ଆଜି ସେହି ଓଡ଼ିଆ ଜାତିର ପରିଚୟକୁ ଭାରତ ବର୍ଷର ରାଜନୈତିକ ଶୀର୍ଷରେ ପହଞ୍ଚାଇ ଜଣେ ଓଡ଼ିଆ ଝିଅ ସର୍ବୋଚ୍ଚ ଆସନରେ ପ୍ରତିଷ୍ଠିତ। ଦେଶର ରାଷ୍ଟ୍ରପତି ପଦବୀ ଗ୍ରହଣ କରି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡ଼ିଆ ଜାତିର ପରିଚୟରେ ଆଉ ଏକ ଗରିମାମୟ ପୃଷ୍ଠା ଯୋଡ଼ିଦେଇଛନ୍ତି। ଓଡ଼ିଶା ଆଜି ବିଭିନ୍ନ କ୍ଷେତ୍ରରେ ତା'ର ଏକ ପ୍ରଭାବଶାଳୀ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି। ଆମ ରାଜ୍ୟର ମୟୂରଭଞ୍ଜ ପରି ଏକ ସଂସ୍କୃତିସମୃଦ୍ଧ ଜିଲାରେ ଜନ୍ମଗ୍ରହଣ କରି ଦେଶର ପ୍ରଥମ ନାଗରିକ ଭାବେ ଶ୍ରୀମତୀ ମୁର୍ମୁଙ୍କ ପ୍ରତିଷ୍ଠା ସାଢ଼େ ଚାରି କୋଟି ଓଡ଼ିଆଙ୍କ ଲାଗି ନିଶ୍ଚିତ ଏକ ଗର୍ବର ବିଷୟ।

ଆମ ରାଷ୍ଟ୍ରପତିଙ୍କର ଅନ୍ୟତମ ବିଶିଷ୍ଟ ପରିଚୟ ହେଲା, ସେ ଜଣେ ଓଡ଼ିଆ ମହିଳା। ସମାଜରେ ମା' ସବୁବେଳେ ଶ୍ରେଷ୍ଠ, ସୃଷ୍ଟି ଓ ଶକ୍ତିର ପ୍ରତୀକ । ସେହି ମା' ସଶକ୍ତ ହେଲେ ହିଁ ସମାଜ, ପରିବାର-ରାଜ୍ୟ ଓ ଦେଶ ସଶକ୍ତ ହୋଇଥାଏ। ସେଥିଲାଗି ମୁଁ ସବୁବେଳେ ମା'ମାନଙ୍କୁ ସମାଜର ପ୍ରତ୍ୟେକଟି ପାହାଚରେ ଆଗକୁ ବଢ଼ି ଶୀର୍ଷତାର ସୋପାନରେ ପହଞ୍ଚାଇବାକୁ ପ୍ରୟାସ କରିଆସିଛି। ମା'ମାନେ ସଶକ୍ତ ହୁଅନ୍ତୁ ଓ ନେତୃତ୍ୱ ନିଅନ୍ତୁ ଏହି ଲକ୍ଷ୍ୟରେ ଯେତେବେଳେ ଆମେ ଆଗକୁ ବଢ଼ୁଛୁ, ସେତେବେଳେ ଜଣେ ଓଡ଼ିଆ ଝିଅ ବା ଜନଜାତି ବର୍ଗର ମହିଳା ଭାବରେ ଭାରତବର୍ଷର ସର୍ବୋଚ୍ଚ ପଦବୀରେ ବସିବାର ସୁଯୋଗ ପାଇବା ଆମ ସମସ୍ତଙ୍କ ପାଇଁ ଏକ ଗୌରବମୟ ଉପଲବ୍ଧି। ମୋ ମତରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଆମ ସମସ୍ତଙ୍କ ଲାଗି ଏକ ଐତିହାସିକ କୀର୍ତ୍ତିସ୍ତମ୍ଭ। ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଭାବରେ ଶ୍ରୀମତୀ ମୁର୍ମୁ ଆଜି ସାର୍ବଭୌମ ଦେଶର ପ୍ରତୀକ। ଦେଶର କୋଟି କୋଟି ମା' ଭଉଣୀଙ୍କ ଆଶା ଓ ଆକାଂକ୍ଷାର ପ୍ରତିବିମ୍ବ।

ରାଜନୀତିରେ ମହିଳାମାନେ ଆଗକୁ ଆସନ୍ତୁ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ହୁଅନ୍ତୁ ଏହାଥିଲା ନବେ ଦଶକରେ ବିଜୁବାବୁଙ୍କର ଲକ୍ଷ୍ୟ। ଏଥିପାଇଁ ମହିଳାମାନଙ୍କ ନିମନ୍ତେ ସରକାରୀ ଚାକିରିରେ ସଂରକ୍ଷଣ ସହିତ ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକରେ ମଧ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରି ସାରା ଦେଶ ପାଇଁ ସେ ଉଦାହରଣ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ସେହି ସଂରକ୍ଷଣ ସୀମାକୁ ଆମେ ୫୦ ଭାଗକୁ ବୃଦ୍ଧି କରିଛୁ। ଆମର ମା'ମାନଙ୍କୁ ବହୁ ସଂଖ୍ୟାରେ ନେତୃତ୍ୱ ନେବା ପାଇଁ ଏହା ସୁଯୋଗ ସୃଷ୍ଟି କରିଛି।

ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ସଫଳତା ମୋତେ ସବୁଠାରୁ ଅଧିକ ଖୁସି ଦେଇଥାଏ । ମୁଁ ଆନନ୍ଦିତ ଯେ, ଆଜି ଅନେକ ସ୍ଥାନରେ ପୁରୁଷମାନଙ୍କ ଅପେକ୍ଷା ମା'ମାନେ ହିଁ ନେତୃତ୍ୱର ଦକ୍ଷତା ଓ ପାରଦର୍ଶିତାରେ ଆଗରେ ରହିଛନ୍ତି । ଗତ ସାଧାରଣ ନିର୍ବାଚନରେ ଓଡ଼ିଶାର ୨୧ ଲୋକ ସଭା ଆସନରୁ ୭ଟି ଆସନରେ



ମା'ମାନେ ହିଁ ଭାରତର ସଂସଦକୁ ପ୍ରତିନିଧିତ୍ୱ କରୁଛନ୍ତି।

ଗଣତନ୍ତ୍ରର ତୃଣମୂଳ ସ୍ତରରେ ଆଜି ମା'ମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଛି । ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଓ ପୌର ଶାସନରେ ମହିଳାଙ୍କ ନେତୃତ୍ୱ ସାରା ଦେଶରେ ସର୍ବାଗ୍ରେ ରହିଛି। ଆମର ୩୦ଟି ଜିଲା ପରିଷଦ ମଧ୍ୟରୁ ଆଜି ୨୧ଟିରେ ମହିଳାମାନେ ଅଧ୍ୟକ୍ଷା ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରୁଛନ୍ତି । ପଞ୍ଚାୟତ ସମିତି, ପଞ୍ଚାୟତ, ପୌରସଭା ତଥା ବିଭିନ୍ନ ୱାର୍ଡ଼ର ନେତୃତ୍ୱ ନେବା କ୍ଷେତ୍ରରେ ୫୦ ପ୍ରତିଶତରୁ ଅଧିକ ସ୍ଥାନରେ ମା'ମାନେ ହିଁ ମେୟର, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ସଭ୍ୟା ତଥା ସରପଞ୍ଚ, ୱାର୍ଡ଼ମେମ୍ବର, କାଉନ୍‌ସିଲର ଓ କର୍ପୋରେଟର ଭାବରେ ନିର୍ବାଚିତ ହୋଇ ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ସବୁଠାରୁ ବଡ଼ ଉପଲବ୍ଧି ଯେ, ଆଜି ଆମର ମିଶନ ଶକ୍ତି କାର୍ଯ୍ୟକ୍ରମରେ ୭୦ ଲକ୍ଷରୁ ଅଧିକ ମା' ସାମିଲ ହୋଇ ନିଜକୁ ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ସଶକ୍ତ କରିପାରିଛନ୍ତି। ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଲାଗି ମୋର ପ୍ରୟାସ ଜାରି ରହିଛି।

ଜଣେ ଜନଜାତି ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୁଅନ୍ତୁ ଏହା ମୋର ଏକ ବଡ଼ ଅଭିଳାଷ ଥିଲା। ସେଥିଲାଗି ୨୦୧୨ ମସିହା ରାଷ୍ଟ୍ରପତି ନିର୍ବାଚନରେ ଭାରତ ବର୍ଷର ଜଣେ ମହାନ୍ ଜନନେତା ତଥା ସୁଦକ୍ଷ ପ୍ରଶାସକ ଡ. ପି.ଏ. ସାଙ୍ଗମାଙ୍କୁ ରାଷ୍ଟ୍ରପତି କରିବା ପାଇଁ ମୁଁ ପ୍ରସ୍ତାବ ଦେଇଥିଲି। ଡ. ସାଙ୍ଗମା କେବଳ ଆଦିବାସୀ ବର୍ଗର ନୁହନ୍ତି, ସମାଜର ସବୁ ବର୍ଗର ଲୋକଙ୍କର ଜଣେ ସମ୍ମାନାସ୍ପଦ ନେତା ଥିଲେ। ମେଘାଳୟର ମୁଖ୍ୟମନ୍ତ୍ରୀ, ଜଣେ କେନ୍ଦ୍ରମନ୍ତ୍ରୀ ତଥା ଲୋକ ସଭାର ବାଚସ୍ପତି ଭାବରେ ସେ ତାଙ୍କ ପ୍ରତିଭାର ପରିଚୟ ଦେଇଥିଲେ। ସମଗ୍ର ଭାରତ ବର୍ଷରେ ସେ ଜଣେ ସୁପ୍ରତିଷ୍ଠିତ ତଥା ଆଦରଣୀୟ ବ୍ୟକ୍ତିତ୍ୱ ଥିଲେ। ତେଣୁ ତାଙ୍କୁ ଭାରତର ରାଷ୍ଟ୍ରପତି କରିବା ଦିଗରେ ସମସ୍ତଙ୍କ ସହଯୋଗ ପାଇଁ ମୁଁ ସର୍ବୋତ୍ତମ ଉଦ୍ୟମ କରିଥିଲି।

ଯେତେବେଳେ ପଞ୍ଚଦଶ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଚୟନରେ ଓଡ଼ିଆ ଝିଅ ତଥା ଜନଜାତି ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ନାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଲେ ଏବଂ ମୋ ସହ ଆଲୋଚନା କଲେ, ମୁଁ ସର୍ବାନ୍ତକରଣରେ ସମର୍ଥନ ଜଣାଇଥିଲି। ପ୍ରାର୍ଥୀ ଘୋଷଣା ହେବା ପରେ ଦଳମତ ନିର୍ବିଶେଷରେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବା ଲାଗି ନିବେଦନ କରିଥିଲି।

ଆଜି ମୁଁ ବହୁତ ଖୁସି ଯେ, ମୋ ଓଡ଼ିଶାର ଜଣେ ଝିଅ, ଜଣେ ଜନଜାତି ମହିଳା ଦ୍ରୌପଦୀ ମୁର୍ମୁ ଦେଶର ସେହି ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ମଣ୍ଡନ କରି ମୋ ମାଟିର ଗୌରବକୁ ବୃଦ୍ଧି କରିଛନ୍ତି। ସାରା ବିଶ୍ୱକୁ, ଭାରତବର୍ଷ, ବିଶେଷକରି ଜଗନ୍ନାଥ ଧାମର ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ, ସାମ୍ୟ ଓ ଏକତାର ବାର୍ତ୍ତା ଦେଇଛନ୍ତି।

ସଂସଦର ସେଣ୍ଟ୍ରାଲ ହଲ୍‌ରେ ମହାମହିମ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ସମୟରେ ତାଙ୍କ ଭାଷଣର ଗୋଟିଏ କଥା ମୋତେ ବେଶ୍ ପ୍ରଭାବିତ କରିଥିଲା। ସେ କହିଥିଲେ ଯେ, ରାଷ୍ଟ୍ରପତି ପଦବୀକୁ ତାଙ୍କର ନିର୍ବାଚନ ପ୍ରମାଣିତ କରିଛି ଭାରତର ଗରିବ ଲୋକ ସ୍ୱପ୍ନ ଦେଖିପାରେ ଓ ସେହି ସ୍ୱପ୍ନକୁ ମଧ ସାକାର କରିପାରେ। ମହାମହିମ ରାଷ୍ଟ୍ରପତିଙ୍କର ଏହି ଉକ୍ତି ନିଶ୍ଚିତ ଭାବରେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ଓ ତାତ୍ପର୍ଯ୍ୟପୂର୍ଣ୍ଣ।

୨୦୦୦ ମସିହାରୁ ମୁଁ ଓଡ଼ିଶା ମା'ର ସେବାରେ ନିଜକୁ ସମର୍ପିତ କରିଦେଇଛି। ସେବେଠାରୁ ସମାଜର ଗରିବ, ଅବହେଳିତ, ମହିଳା ଓ ପଛୁଆବର୍ଗଙ୍କୁ ଆଗକୁ ଆଣିବା ପାଇଁ ସତତ ପ୍ରୟାସ ଜାରି ରଖିଛି। ବିଶେଷକରି ଜନଜାତି ଭାଇଭଉଣୀମାନଙ୍କ ପାଇଁ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆଣି ସେମାନଙ୍କୁ ସ୍ୱପ୍ନ ଦେଖିବାର ତଥା ସେହି ସ୍ୱପ୍ନକୁ ସାକାର କରିବାର ପଥ ପ୍ରଶସ୍ତ କରିଚାଲିଛି। ଶିକ୍ଷା ରୂପାନ୍ତରର ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ଜରିଆରେ ଜନଜାତି ପିଲାମାନଙ୍କୁ ସଶକ୍ତ କରି ସେମାନଙ୍କୁ ବିକାଶର ମୁଖ୍ୟଧାରାକୁ ଆଣିବା ନିମନ୍ତେ ଅନେକ କାର୍ଯ୍ୟକ୍ରମ ଜାରି ରହିଛି।

ଖୁସିର କଥା, ଏହାର ଫଳସ୍ୱରୂପ ଆଜି ଆମ ରାଜ୍ୟର ଅଗଣିତ ଜନଜାତି ପୁଅଝିଅ ଭଲ ପାଠପଢ଼ିବାର ସୁଯୋଗ ପାଇ ବଡ଼ ହେବାର ସ୍ୱପ୍ନ ଦେଖିପାରୁଛନ୍ତି ଓ ସେହି ସ୍ୱପ୍ନକୁ ସାକାର ମଧ କରିପାରୁଛନ୍ତି। ସମାଜର ସବୁ ବର୍ଗର ଗରିବ ପିଲାଙ୍କୁ ବଡ଼ ହେବାର ରାସ୍ତା ପ୍ରଶସ୍ତ କରିବାରେ ଆମର ପ୍ରୟାସ ଅନେକ ଉପଲବ୍ଧି ଆଣିପାରିଛି। ଜଣେ ଜନଜାତି ଝିଅ ଭାବରେ ଆଜିର ମହାମହିମ ରାଷ୍ଟ୍ରପତି ମୟୂରଭଞ୍ଜର ଉପରବେଡ଼ା ଗାଁରୁ ଆସି ଭୁବନେଶ୍ୱରରେ ରହି ପାଠ ପଢ଼ିବା, ସରକାରୀ ଚାକିରି କରିବା ସହିତ ପରବର୍ତ୍ତୀ ସମୟରେ ରାଜନୀତି କ୍ଷେତ୍ରକୁ ଆସି କାଉନ୍‌ସିଲର, ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ସର୍ବୋପରି ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରି ଯେଉଁ ବିରଳ ସଫଳତା ହାସଲ କରିଛନ୍ତି, ତାହା ସବୁଦିନ ପାଇଁ ଏକ ପଥପ୍ରଦର୍ଶକ ଉଦାହରଣ ହୋଇ ରହିବ।

ଶେଷରେ ମୁଁ ତାଙ୍କୁ ଆଉଥରେ ଅଭିନନ୍ଦନ ଜଣାଉଛି। ଶପଥଗ୍ରହଣ ସମୟରେ ତାଙ୍କର ପ୍ରଥମ ସମ୍ବୋଧନରୁ ସାରା ବିଶ୍ୱକୁ ସେ ଯେଉଁ ଜଗତକଲ୍ୟାଣ ବାର୍ତ୍ତା ଦେଇଛନ୍ତି ଏବଂ ଓଡ଼ିଆ ଜାତିର ଗୌରବ ସନ୍ଥକବି ଭୀମ ଭୋଇଙ୍କ ଉକ୍ତିକୁ ଉଦ୍ଧୃତ କରିଛନ୍ତି, ଆଜି ତାହା ଆଉଥରେ ଆମ ଅସ୍ମିତାର ପ୍ରତିଷ୍ଠାକୁ ଗୌରବମଣ୍ଡିତ କରିଛି। ମୁଁ ଆଶା ରଖିବି ଆମ ସମସ୍ତଙ୍କ କାର୍ଯ୍ୟ ଓ ଭାବନାରେ ସନ୍ଥକବି ଭୀମ ଭୋଇଙ୍କର ସେହି ଉକ୍ତି 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ସତତ ପ୍ରତିଫଳିତ ହେଉ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| | | | | 9 | 2 | 8 | | 7 |
| | 2 | | 3 | 4 | | | | |
| 4 | 7 | 9 | | | | 3 | | |
| | | 6 | | | | | 7 | |
| 3 | | | 8 | | | | 4 | |
| | 5 | | | | 3 | | | 2 |
| | | | | 5 | 9 | | 6 | |
| 9 | | 7 | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 5 | 2 | 8 | 3 | 4 | 7 |
| 3 | 8 | 5 | 4 | 7 | 9 | 6 | 2 | 1 |
| 4 | 7 | 2 | 3 | 6 | 1 | 5 | 9 | 8 |
| 6 | 3 | 9 | 2 | 8 | 5 | 7 | 1 | 4 |
| 2 | 4 | 7 | 9 | 1 | 3 | 8 | 5 | 6 |
| 5 | 1 | 8 | 6 | 4 | 7 | 2 | 3 | 9 |
| 9 | 6 | 1 | 8 | 5 | 2 | 4 | 7 | 3 |
| 8 | 5 | 3 | 7 | 9 | 4 | 1 | 6 | 2 |
| 7 | 2 | 4 | 1 | 3 | 6 | 9 | 8 | 5 |

ଗତକାଲିର ଉତ୍ତର

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁଲାଇ ୧୯୯୭

- କୌଣସି ପ୍ରକାର ବିଶ୍ୱ ବାୟୁମଣ୍ଡଳୀୟ ଚୁକ୍ତିରେ ସ୍ୱାକ୍ଷର ନ କରିବାକୁ ସିନେଟ୍ ସଭାର ଏକ ପ୍ରସ୍ତାବକୁ ଆମେରିକା ପ୍ରଶାସନ ଗ୍ରହଣ କରିନେଇଛି।
- ବିଚାରବିଭାଗ ନାମରେ ଅପବାଦ ରଚନା କରିଥିବା ଯୋଗୁ ସିକିମ୍ ସଂଗ୍ରାମ ପରିଷଦ (ଏସ୍‌ଏସ୍‌ପି)ର ସଭାପତି ନରବାହାଦୁର ଭଣ୍ଡାରୀଙ୍କ ହାଇକୋର୍ଟଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା।
- ମୟୂରଭଞ୍ଜ ଛଉ ନୃତ୍ୟ ଗୁରୁ ଗଣେଶ୍ୱର କୁଅାଁର ବାବୁଙ୍କ ୬୯ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଗାଇଲ ଗୀତ
ଥରାଇ ତନୁ
ଗାଇଲ ଗୁଣୁ ଗୁଣୁ!
ଆମ୍ରବନେ ନୂପୁର ରୁଣୁଝୁଣୁ!
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଇ ଭାରତରେ

ଘରଚଟିଆ ବଂଶ ଲୋପ ପାଇ ଆସୁଥିବାବେଳେ ସେମାନଙ୍କୁ ସୁରକ୍ଷା ଦେବାରେ ଉତ୍ତରପ୍ରଦେଶର ନରେନ୍ଦ୍ର ସିଂ ଯାଦବଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ଉତ୍ତରପ୍ରଦେଶ ସରକାରଙ୍କ ଡିଭିଜନାଲ ଜଏଣ୍ଟ ଡେଭଲପ୍‌ମେଣ୍ଟ କମିଶନର ଭାବେ ଅବସର ନେବା ପରେ ଦିଲ୍ଲୀରେ ରହି ସେ ଘରଚଟିଆ ବଂଶ ରକ୍ଷାରେ ଲାଗିଛନ୍ତି। ୬୨ ବର୍ଷୀୟ ନରେନ୍ଦ୍ର ମଧ ଏହି ପକ୍ଷୀଙ୍କୁ ସୁରକ୍ଷା ଦେବାରେ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ସହ ଏଯାବତ୍ ୬,୦୦୦ ବସା ମାଗଣାରେ ବାଣ୍ଟି ୧.୨ ଲକ୍ଷ ଘରଚଟିଆଙ୍କୁ ସୁରକ୍ଷା ଦେଇପାରିଛନ୍ତି। ୨୦୧୩ରୁ ସେ ଏ ବାବଦରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି, ଏପରି କି ଚାକିରିରେ ଥିବା ସମୟରେ ବି ଦରମାର ୧୦% ଏଥି ଲାଗି ଦେଉଥିଲେ। ଉକ୍ତ କାର୍ଯ୍ୟରେ ନରେନ୍ଦ୍ରଙ୍କ ସ୍ତ୍ରୀ ଓ ଦୁଇ ଝିଅ ତାଙ୍କୁ ସହଯୋଗ କରୁଛନ୍ତି। କାନପୁରରେ ଥିବା ସମୟରେ ଘରଚଟିଆଙ୍କ ପାଇଁ ବସା ତିଆରି କରୁଥିବା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସି.ଏଲ୍. ଖାନ୍ନାଙ୍କଠାରୁ ପ୍ରଥମେ ଗୋଟିଏ ଓ ପରେ ୫ଟି ବସା ଆଣି ଘରଚଟିଆଙ୍କୁ ରଖିଥିଲେ ଏବଂ ସେଠାରୁ ହିଁ ତାଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ୨୦୧୩ରେ କ୍ୟାନ୍‌ସରରେ ପୀଡ଼ିତ ହେବା ପରେ ସୁସ୍ଥ ହୋଇ ଦିଲ୍ଲୀରେ ଘରଚଟିଆ ବଂଶ ରକ୍ଷା କରି ବେଶ୍ ଖୁସି ଅନୁଭବ କରୁଛନ୍ତି ବୋଲି କୁହନ୍ତି ନରେନ୍ଦ୍ର। ଏବେ ସେ ନିଜେ ବସା ତିଆରି କରି ଲୋକମାନଙ୍କୁ ବାଣ୍ଟୁଛନ୍ତି ଓ ଏହାକୁ କିପରି, କେଉଁଠାରେ ଲଗାଯିବ ସେ ସମ୍ପର୍କରେ ପ୍ରଶିକ୍ଷଣ ମଧ ଦେଉଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ମାପ ବେଳେ ସତର୍କତା

ମହାଶୟ,

ବର୍ତ୍ତମାନ ମାପ ପାଇଁ ଅମିନମାନେ ଦୈନିକ ୨୫୦୦ ଟଙ୍କା ଦାବି କଲେଣି। ହେଲେ କେତେକଙ୍କ ତ୍ରୁଟିପୂର୍ଣ୍ଣ ମାପ ଯୋଗୁ ବିଶେଷତଃ ଗ୍ରାମାଞ୍ଚଳରେ ଲୋକଙ୍କ ମଧ୍ୟରେ କଳହର ସୂତ୍ରପାତ ହେଉଛି। ଫଳତଃ ଏମାନେ ଅମିନ ପରେ ଅମିନ ବଦଳାଇ ଖର୍ଚ୍ଚାନ୍ତ ହେବାରେ ଲାଗିଛନ୍ତି। ଏଣେ ଅମିନଙ୍କ ପ୍ରତି କଡ଼ା କଟକଣା କାର୍ଯ୍ୟକାରୀ ହେଉ ନ ଥିବାରୁ କେତେକ ଅନଭିଜ୍ଞ ଅମିନ କଳହର ମୂଳ କାରଣ ପାଲଟୁଛନ୍ତି। ଏଣୁ ମାପ ବେଳେ ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଦେଲେ କିଛି ସୁଫଳ ମିଳିପାରନ୍ତା। ମାପ ପାଇଁ ଅଭିଜ୍ଞ ଅମିନ ବାଛିବା ଉଚିତ। ଅମିନଙ୍କ ମାପ ତଦାରଖ ପାଇଁ ମାପ ଜ୍ଞାନ ଥିବା ଜଣେ ବିଶ୍ୱସ୍ତ ଲୋକଙ୍କୁ ରଖାଯିବା ଦରକାର, ଯିଏ କି ନକ୍ସାରେ ଡିଭାଇଡର ସେଟିଂକୁ ଅନୁଧ୍ୟାନ କରିପାରିବେ। ମାପ ପାଇଁ ଜେରକ୍ସ ନକ୍ସା ବଦଳରେ ସର୍ବଦା ଅସଲ ନକ୍ସା ବ୍ୟବହାର କରାଯିବା ଉଚିତ। ମାପ ପୂର୍ବରୁ ପ୍ଲଟର ସ୍କେଚ ପ୍ରସ୍ତୁତ କରାଯାଇ ଏହାର ବାହୁ ମାପ ସହ ଯେଉଁଠୁ ଯେଉଁଠାକୁ ମାପ ଆସିବ ତାହାର ଦୂରତ୍ୱ ଦର୍ଶାଯିବା ଉଚିତ। ମାପ ପୂର୍ବରୁ ଚେନ୍‌ର ଦୈର୍ଘ୍ୟ ୬୬ ଫୁଟ(୧୦୦ କଡ଼ି) ତଥା ଡିଭାଇଡର, ଗୁନିଆ ଓ ଡାଏଗୋନାଲ ଯାଞ୍ଚ କରାଯିବା ଆବଶ୍ୟକ। ମାପ ବେଳେ ଯେଉଁଠାରୁ ମାପ ଆସିବ ତା'ର ସଠିକତା ନିର୍ଣ୍ଣୟ କରାଯିବା ଦରକାର। ମୁଖ୍ୟ ଜିଲା ସଡ଼କର ମଧ ଭାଗରୁ ମାପ ଆଣିବା ବେଳେ ପ୍ଲଟର ମାପ ପଏଣ୍ଟ ରାସ୍ତା ସହ ସମକୋଣରେ ରହିବା ଉଚିତ। ଚେନ ଟାଣିବା ବେଳେ ମାପ ପଏଣ୍ଟରୁ ସରଳରେଖାରେ ଓ ଦୃଢ଼ଭାବେ ଝାଡ଼ିଝାଡ଼ି ଟଣାଯିବା ଉଚିତ ତଥା ଏହାର ଦୁଇମୁଣ୍ଡକୁ ଦୁଇଜଣ ନିଜ ଲୋକ ଜଗିବା ଦରକାର। ମାପ ସମ୍ପୂର୍ଣ୍ଣ ରୂପେ ଗାଣିତିକ ପାଠ ହୋଇଥିବାରୁ ପକ୍ଷମାନେ ଏଥିରେ ପୂର୍ଣ୍ଣ ସହଯୋଗ ସହ ତଦାରଖ କରିବା ଉଚିତ। ମାପ ଶେଷରେ ସ୍କେଚ ପୃଷ୍ଠାରେ ମାସ, ତାରିଖ, ପକ୍ଷ ତଥା ଅମିନଙ୍କ ସ୍ୱାକ୍ଷର ରହିବା ଆବଶ୍ୟକ ଏବଂ ପକ୍ଷମାନଙ୍କ ନିକଟରେ ଏହାର ନକଲ ରହିଲେ ତାହା ପରେ କାମରେ ଆସିଥାଏ।

**-ରାଜ କୁମାର ସାମଲ, ଅରେଇ, ଯାଜପୁର**

### ଖାଦ୍ୟ ସୁରକ୍ଷା ଆଇନ ଖିଲାପ ନ ହେଉ

ଦେଶରେ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉ। ଯେପରି ଖାଉଟିମାନଙ୍କୁ ବାରମ୍ବାର ଫେରିବାକୁ ପଡ଼ିବ ନାହିଁ। ଡିଲରମାନେ ମନଇଚ୍ଛା ଚାଉଳ ଓ ଗହମ ଆସିନାହିଁ ବୋଲି ଖାଉଟିଙ୍କୁ କହୁଛନ୍ତି। ନିର୍ଦ୍ଦିଷ୍ଟ ତାରିଖରେ ମାସର ସମୟ ସାରଣୀ ନିର୍ଦ୍ଧାରଣ କରାଯାଉ, ଯେପରି ଡିଲରମାନେ ଖାଉଟିମାନଙ୍କୁ ଦେବାରେ ଅବହେଳା କରିବେ ନାହିଁ। ବ୍ୟତିକ୍ରମ ହେଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସୈନିକ ସ୍କୁଲରେ ପ୍ରଶାସନିକ ବୋର୍ଡ ବୈଠକ

**ସମ୍ବଲପୁର,୨୭।୭(ବ୍ୟୁରୋ):** ସମ୍ବଲପୁର ବସନ୍ତପୁରଠାରେ ଥିବା ସୈନିକ ସ୍କୁଲରେ ବୁଧବାର ସ୍ଥାନୀୟ ପ୍ରଶାସନିକ ବୋର୍ଡର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବବର୍ଷର ଶିକ୍ଷା, ଭିତ୍ତିଭୂମି ବିକାଶ ଓ ପରବର୍ତ୍ତୀ ବର୍ଷ ପାଇଁ କାର୍ଯ୍ୟ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ମଧ୍ୟପ୍ରଦେଶ କ୍ଷେତ୍ର ମୁଖ୍ୟ ଜେନେରାଲ ଏସ.ପି.ଏସ୍ ସିନ୍ଧୁ ଯୋଗଦେଇଥିଲେ। ପ୍ରିନ୍ସିପାଲ ଉଇଙ୍ଗ କମାଣ୍ଡର ଶୌଭିକ ଭଟ୍ଟାଚାର୍ଯ୍ୟ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ବିକାଶ, ଏନ୍‌ଡିଏ ପାଇଁ କ୍ୟାଡେଟ ପ୍ରସ୍ତୁତ, ଆର୍ଥିକ ଅନୁଦାନ ଉପରେ ଆଲୋଚନା କରାଯାଇଥିଲା। ଆର୍ଥିକ ସହାୟତାର ସଦ୍‌ବିନିଯୋଗ, ସ୍କୁଲର ଭିତ୍ତିଭୂମି ବିକାଶକୁ ବୋର୍ଡ ସଦସ୍ୟମାନେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ମିନା ରାଣୀ ମଙ୍ଗଳ, ଅର୍ଥନୀତି ଅଧ୍ୟାପକ ତଥା ଜେଏମ୍‌ୟୁ ଉପକୁଳ ସଚିବ ଡ଼. ଉମା ଚରଣ ପତିଙ୍କ ସମେତ ସଦସ୍ୟ ଉପସ୍ଥିତ ଥିଲେ।

### ମୃତକଙ୍କ ପରିବାରକୁ ସହାୟତା

**ଦେଓଗାଁ,(ଡି.ଏନ.ଏ.):** ବଲାଙ୍ଗୀର ରେଞ୍ଜ ଦେଓଗାଁ ସେକ୍ସନ ବହଲି ଗ୍ରାମର କେନ୍ଦୁପତ୍ର ତୋଳାଳି ଗୁନ୍ଦର ସାହୁଙ୍କ ମୃତ୍ୟୁ ପରେ ବିଭାଗ ପକ୍ଷରୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କେନ୍ଦୁପତ୍ର ତୋଳାଳି କଲ୍ୟାଣ ପାଣ୍ଠି ପକ୍ଷରୁ ଗୁନ୍ଦରଙ୍କ ଝିଅ ଭାନୁମତୀ ସାହୁଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶିର ଚେକ ପ୍ରଦାନ କରାଯାଇଥିଲା। ଫରେଷ୍ଟର ରାଜୀବ ସାହୁଙ୍କ ନେତୃତ୍ୱରେ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ବଲାଙ୍ଗୀର କେନ୍ଦୁପତ୍ର ରେଞ୍ଜ ସିସିଏଫ ପ୍ରଦୀପ୍ତ କୁମାର ମହାପାତ୍ର, ଡିଏଫଓ ରଞ୍ଜିତ ମଲ୍ଲିକ ଉପସ୍ଥିତ ଥିଲେ।



ଗଣଧାରଣା ସଭାରେ ମିଳିତ ମଞ୍ଚର କର୍ମକର୍ତ୍ତା ମଞ୍ଚାସୀନ।

# ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା ଜାରି

**ଲହୁଣୀପଡା,୨୭।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଭୁତୁଡା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାଧାର ଓଏମସି ମୁଖ୍ୟ ଫାଟକ ସମ୍ମୁଖରେ ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା ଜାରି ରହିଛି। ବୁଧବାର ଷଷ୍ଠ ଦିନରେ ଗଣଧାରଣା ପହଞ୍ଚିଛି। ଓଡିଶା ଖଣି ନିଗମ ଦ୍ୱାରା ପରିଚାଳିତ କୁରୁମିତର ଲୌହ ଖଣି ତଥା ଆଦାନୀ କମ୍ପାନୀର ମନମୁଖୀ କାର୍ଯ୍ୟ କଳାପ ଯୋଗୁ ତିନି ପ୍ରମୁଖ ରାଜନୈତିକ ଦଳ ଓ ବିଭିନ୍ନ ଶ୍ରମିକ ସଙ୍ଗଠନ ଏବଂ ଗାଡି ମାଲିକ ସଂଘ ତରଫରୁ ଖଣ୍ଡାଧାର ଖଣି ମୁଖ୍ୟ ଫାଟକ ସାମ୍ନାରେ ଦିଆଯାଇଥିବା ଧାରଣା ଷଷ୍ଠ ଦିନରେ ପହଞ୍ଚି ଥିଲେ ମଧ୍ୟ ଓଏମସି କର୍ତ୍ତୃପକ୍ଷ ଓ ଆଦାନୀ କମ୍ପାନୀ ତରଫରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସହିତ ଅସନ୍ତୋଷ ତୀବ୍ରତର ଆଡକୁ ଗତି କରୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଖଣ୍ଡାଧାର ଠାରେ ଓଡିଶା ଖଣି ନିଗମ ଦ୍ୱାରା ପରିଚାଳିତ (ଓଏମସି) କୁରୁମିତର ଲୌହ ଖଣିରୁ ଲୁହାପଥର ଉତ୍ତୋଳନ ଓ ସମ୍ପ୍ରସାରଣ ପାଇଁ ଦୁଇବର୍ଷ ପୂର୍ବେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଜନ ଶୁଣାଣିକୁ ସ୍ଥାନୀୟ ବାସିନ୍ଦା ଓ କେତେକ ସଙ୍ଗଠନ ବିରୋଧ କରିଥିଲେ ମଧ୍ୟ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇ ଥିଲା।ସେହି ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ଆଦାନୀ କମ୍ପାନୀ ମନମୁଖୀ କାର୍ଯ୍ୟ ସ୍ଥାନୀୟ ଶ୍ରମିକଙ୍କୁ ଅଣଦେଖା ଓ ଉକ୍ତ ଅଞ୍ଚଳର ମାଲବାହୀ ଗାଡିଗୁଡିକ ବଦଳରେ ବାହାରିଆ ଅଞ୍ଚଳର ଗାଡିମାନଙ୍କୁ ପ୍ରୋତ୍ସାହନ ଦେବା ବିରୁଦ୍ଧରେ ଜୁନମାସ ବିଜୁ ଜନତା ଦଳର ବିଜୁ ଶ୍ରମିକ ସାମ୍ମୁଖ୍ୟ, ସିପିଆଇଏମର ଶ୍ରମିକ ସଙ୍ଗଠନ ସିଟୁ, ଭାଜପାର ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ନେତୃତ୍ୱରେ ପର୍ଯ୍ୟାୟ କ୍ରମେ ପ୍ରତିବାଦ ସଭା କରିବା ସହିତ ଦାବିପତ୍ର ପ୍ରଦାନ କରାଯାଇଥିଲା। କିଛିଦିନ ବିତିଗଲା ପରେ ମଧ୍ୟ ଉଭୟ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, ସିପିଆଇଏମ ଓ ବରସୁଆଁ ଟିପ୍ପର ମାଲିକ ସଂଘ, ନର୍ଥ ଓଡିଶା ୱାର୍କରସ ୟୁନିୟନ,ଓଡିଶା ମିନେରାଲ ୱାର୍କରସ ୟୁନିୟନ,ସିଟୁ ଶ୍ରମିକ ସଙ୍ଗଠନ ମିଳିତ ଭାବେ ଧାରଣା ଦେଇଛନ୍ତି। ଏହା ପୂର୍ବରୁ ଏହି ମଞ୍ଚରେ ବଣେଇର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଶ୍ରମିକ ନେତା ପ୍ରଭାତ ପଣ୍ଡା ଓ କେ ସି ବାରିକ ପ୍ରମୁଖ ଯୋଗଦେଇ ଥିବା ବେଳେ ବୁଧବାର ଏହି ଗଣଧାରଣାରେ ରମେଶ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ପ୍ରସନ୍ନ ନାୟକ,ବାଗୁନ ଗାଗରାଇ, ବାଦଲ ବାରିକ, ବାବାଜୀ ସାମଲ, ମଧୁ ନାୟକ, ଲକ୍ଷ୍ମଣ ମହାକୁଳ, ଜିଲା ପରିଷଦ ଶୁଶିଳା ମୁଣ୍ଡା, ଶଶ୍ୟକଳା ସରପଞ୍ଚ ଏମଲେନ ଭୂୟାଁ, ଭାଜପା ମହିଳା ମୋର୍ଚ୍ଚା ଜୟନ୍ତୀ ମାହାନ୍ତ, ଶଶ୍ୟକଳା ପୂର୍ବତନ ସରପଞ୍ଚ ଦୁଲାଳ ସିଂ ଓ ଶୁଶିଳା ଟପୋ, ଲିଲିମା ନାଗ, ଶଶ୍ୟକଳା ପଞ୍ଚାୟତ ବିଜେଡି ସଭାପତି ରମେଶ ସ୍ୱାଇଁ, ସହଦେବ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅସିତ ଚୌଧୁରୀ, ପ୍ରବୋଧ ପ୍ରଧାନ, ଗଗନ ବିଶ୍ୱାଳ, ସମୀର ରାୟ, ସନ୍ତୋଷ ବେହେରା, ବାପି ଚୌଧୁରୀ, ଲାଲ ସିଂ, ପାତ୍ରାସ କଛପ,ପହଲୁ ପ୍ରଧାନ, ରଞ୍ଜନ ମଲ୍ଲିକ,ସୁରେଶ ଖଣ୍ଡୁଆଳ ପ୍ରମୁଖଙ୍କ ସମେତ ଉପରୋକ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବହୁ ସଂଖ୍ୟକ ଶ୍ରମିକ ଉପସ୍ଥିତ ଥିବା ଜଣାପଡିଛି।

## ଭିନ୍ନକ୍ଷମ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୨୭।୭(ଡି.ଏନ.ଏ.)**

ଭିନ୍ନକ୍ଷମ ପିଲାମାନଙ୍କୁ ଶିକ୍ଷା ତଥା ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ଅନେକ ପଦକ୍ଷେପ ମଧ୍ୟରୁ ମାଧ୍ୟମିକ ଶିକ୍ଷା ବୋର୍ଡରେ ଦିଆଯାଉଥିବା ସ୍ୱତନ୍ତ୍ର ସୁବିଧା ଅନ୍ୟତମ। ସୁନ୍ଦରଗଡ଼ ଜିଲାରେ ଅନେକ ଭିନ୍ନକ୍ଷମ ଛାତ୍ରୀଛାତ୍ର ବିଭିନ୍ନ ଦକ୍ଷତା ଓ ପ୍ରତିଭାର ଅଧିକାରୀ ହୋଇଥିଲେ ସୁଦ୍ଧା ଲେଖିବା ଓ ଦେଖିବା କ୍ଷମତା ହ୍ରାସ ଯୋଗୁ ବୋର୍ଡ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବା ଦେଖାଯାଉଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ଗତବର୍ଷ ଜିଲା ଶିକ୍ଷା ବିଭାଗ ତରଫରୁ ମାଟ୍ରିକ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ସମସ୍ତ ୨୪୩ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ମାଧ୍ୟମିକ ଶିକ୍ଷା ସମ୍ପର୍କୀତ ବୋର୍ଡଠାରୁ ସ୍ୱତନ୍ତ୍ର ଅନୁମତିପତ୍ର ପ୍ରଦାନ କରାଯାଇଥିଲା। ସେହି ଉଦ୍ୟମ ଫଳରେ ସମସ୍ତ ୧୪୩ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ରେ ଜଣେ, ଏ-୨ରେ ୬ଜଣ, ବି-୧ରେ ୩୬, ସି -ଗ୍ରେଡରେ ୩୪, ଡି-ଗ୍ରେଡରେ ୨୩, ଇ-ଗେଡରେ ୯, ଏଫ -ଗ୍ରେଡରେ୨ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସୁନ୍ଦରଗଡ଼ ସଦର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସଦର ବ୍ଲକର ୧୫ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନାମଣି ନାଏକ, ସୁଶାନ୍ତ ହୋତା, ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପଧାନ, ଗୋଷ୍ଠୀର ସମ୍ବଳ ଶିକ୍ଷକ ଭି.ଭି ଗିରି ସୁନା, ସୁବାସ ଯୋଶୀ, ଜାଗରାନୀ ବାରା, ଅଶ୍ୱିନୀ ସୁନା, ଅମିତ ଖମାରୀ, ସୁନାଚାନ୍ଦ ତାଣ୍ଡିଆ ପ୍ରମୁଖ କୃତୀ ପରୀକ୍ଷାର୍ଥୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।


ସୁନ୍ଦରଗଡ଼ରେ ଭିନ୍ନକ୍ଷମ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସିଆରପିଏଫ୍‌ର ସ୍ଥାପନା ଦିବସ ପାଳିତ

**ରାଉରକେଲା ଅଫିସ,୨୭।୭**

ସେକ୍ଟର-୫ ସ୍ଥିତ ସିଆର୍‌ପିଏଫ୍ ବ୍ୟାରେଜ ପରିସରରେ ବୁଧବାର ୮୪ତମ ସିଆରପିଏଫ ବାଟାଲିୟନର ସ୍ଥାପନା ଦିବସ ପାଳିତ ହୋଇଛି। ଏହି ଅବସରରେ ୧୯ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ରାଜେଶ କୁମାର ଜାତୀୟ ପତାକାକୁ ସମ୍ମାନ ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସିଆରପିଏଫର ଗଠନ ଓ ଏହାର କାର୍ଯ୍ୟଧାରା ଉପରେ ବିସ୍ତୃତ ଭାବେ ଯବାନମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜାତୀୟ ସଙ୍ଗୀତ ଗାୟନ କରାଯାଇଥିଲା। ଏଥିରେ ମାରୱାଡି ମହିଳା ମଞ୍ଚର ବିଭିନ୍ନ ସଦସ୍ୟ ଯୋଗଦେଇ ଥିଲେ। ବାଟାଲିୟନ ପକ୍ଷରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଧ୍ୟା ସମୟରେ ଯବାନଙ୍କ ମଧ୍ୟରେ ଏକ ସଦ୍‌ଭାବନା ସମନ୍ୱୟ ରଖିବା ପାଇଁ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସିଆରପିଏଫର ସମସ୍ତ ଯବାନ ପରିଚାଳନାରେ ସହଯୋଗ କରିଥିଲେ।


ସିଆରପିଏଫ ବାଟାଲିୟନର ସ୍ଥାପନା ଦିବସ ପାଳନ ମୁହୂର୍ତ୍ତ।

## ଜାତୀୟସ୍ତରରେ ସମ୍ବର୍ଦ୍ଧିତ ହେଲେ ଏନ୍‌ଆଇଟିର ପ୍ରଫେସର


ଏନ୍‌ଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ଡ. ଭାସ୍କର କୁଣ୍ଡୁ ସମ୍ବର୍ଦ୍ଧିତ ହେଉଛନ୍ତି।

**ରାଉରକେଲା ଅଫିସ,୨୭।୭**

ମିନିଷ୍ଟିରୀ ଅଫ୍ ଆର୍ଥସାଇନ୍ସର ୧୬ତମ ପ୍ରତିଷ୍ଠା ଦିବସରେ ରାଉରକେଲା ଏନ୍‌ଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ଡ. ଭାସ୍କର କୁଣ୍ଡୁ ସମ୍ବର୍ଦ୍ଧିତ ହୋଇଛନ୍ତି। ନୂଆଦିଲ୍ଲୀର ପୃଥିବୀଭବନ ପରିସରରେ ଆୟୋଜିତ ଆର୍ଥସାଇନ୍ସର ୧୬ତମ ପ୍ରତିଷ୍ଠା ଦିବସରେ ଡ. କୁଣ୍ଡୁଙ୍କୁ ଯୁବ ରିସର୍ଚ୍ଚର ଭାବେ ଭାରତୀୟ ଆର୍ଥସାଇନ୍ସ ବିଭାଗୀୟ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଡ. କୁଣ୍ଡୁ ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ ହୋଇଥିବାରୁ ତାଙ୍କୁ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଓ ଜଗବନ୍ଧୁ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଛନ୍ତି। ଡ. କୁଣ୍ଡୁ ଆର୍ଥସାଇନ୍ସର ଲକ୍ଷ୍ୟ ଓ ତାର ଉପକାରିତା ଉପରେ ଗବେଷଣା କରି ନୂତନ ତଥ୍ୟ ଉତ୍ପାଦନ କରିଥିବାରୁ ତାଙ୍କୁ ଚଳିତ ବର୍ଷ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୀମାରାଶି ପ୍ରଦାନ ପାଇଁ କୃଷକ ସଂଘର୍ଷ ସଂଘର ଦାବି

**ଦେବଗଡ,୨୭।୭(ଡି.ଏନ୍.ଏ.)**

୨୦୨୧-୨୨ ଆର୍ଥିକ ବର୍ଷରେ କ୍ଷତିଗ୍ରସ୍ତ ବୀମାଭୁକ୍ତ ଚାଷୀମାନଙ୍କୁ ତୁରନ୍ତ ବୀମାରାଶି ପ୍ରଦାନ ନିମନ୍ତେ ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ବହୁ ଚାଷୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏମର୍ମରେ ଏକ ସ୍ମାରକପତ୍ର ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ପ୍ରଦାନ କରିଥିଲେ। ୨୦୨୧-୨୨ରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଭଲ ଫସଲ ଅମଳ ହୋଇନଥିବାରୁ ଚାଷୀମାନେ ମରୁଡିର ସମ୍ମୁଖିନ ହୋଇଥିବା ଦର୍ଶାଇ ସଂଘ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ନାରାୟଣ ଭୋଇ,ରାଜକୁମାର ସାହୁ, ତୀର୍ଥବାସୀ ବେହେରା, ଯୁଧିଷ୍ଠିର ବାରିକ, ରୁଦ୍ରନାରାୟଣ ନାୟକ ଓ ଚଣ୍ଡାଳି ଜାଲଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ରାଉରକେଲାରେ ନକଲି ମଦ ଜବତ: ୨ ଗିରଫ

**ରାଉରକେଲା ଅଫିସ,୨୭।୭**

୧୪୩ ନଂ. ଜାତୀୟ ରାଜପଥ କଡରେ ଥିବା ଏକ ଢାବାରେ ନକଲି ମଦ କାରବାର ଚାଲୁଥିବାବେଳେ ରାଉରକେଲା ଅବକାରୀ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଙ୍ଗାଧର ସାହୁ(୪୨) ଓ ରମେଶ ସାହୁ(୨୮) । ସୂଚନାଯୋଗ୍ୟ, ବନ୍ଧମୁଣ୍ଡା ଅଞ୍ଚଳରେ ଗଙ୍ଗାଧର ସାହୁ ପରିବାର ସହ ବାସ କରନ୍ତି। ସେ ଝାଡ଼ଖଣ୍ଡ ଅଞ୍ଚଳରୁ ନକଲି ମଦ ଆଣି ରାଉରକେଲାର ବିଭିନ୍ନ ହୋଟେଲ ଓ ଢାବାରେ ବିକ୍ରୀ କରନ୍ତି। ଗତ ଜୁଲାଇ ୨୬ ତାରିଖ ରାତିରେ ଏକ ପ୍ଲାଷ୍ଟିକ ଅଖାରେ ୫୦ ଲିଟର ନକଲି ଫରେନ ଲିକର ମଦ ଧରି ଜଲଦା ସି' ବ୍ଲକ ରାଜପଥ କଡରେ ଥିବା ଓମ୍ ସାଇ ଢାବା ମାଲିକ ରମେଶଙ୍କୁ ଦେଇଥିଲେ। ଏହି ସମ୍ପର୍କରେ ରାଉରକେଲା ଅବକାରୀ ଅଧୀକ୍ଷକ ଶେଖ ଅଶୋକ ଅଲ୍ଲୀ କୌଣସି ବିଶେଷସୂତ୍ରରୁ ଖବର ପାଇ ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକଙ୍କୁ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଉରକେଲା ଅବକାରୀ ପୋଲିସ ବୁଧବାର ସକାଳ ସାଢ଼େ ୫ଟାରେ ହଠାତ ଉକ୍ତ ଢାବା ଉପରେ ଚଢ଼ାଉ କରି ଢାବା ମାଲିକ ରମେଶଙ୍କୁ ଗିରଫ କରିଥିଲେ। ସେଠାରେ ୫୦ ଲିଟର ନକଲି ମଦ ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାର ଉର୍ଦ୍ଧ୍ୱ ହେବ ତାହାକୁ ଜବତ କରିଥିଲେ। ଗଙ୍ଗାଧର ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ଝାଡ଼ଖଣ୍ଡରୁ ଏଭଳି ନକଲି ମଦ ଆଣି କାରବାର କରୁଥିବାବେଳେ ପୋଲିସ ହାତରୁ ଖସି ପଳାଇଥିଲେ। ବୁଧବାର ଏହି ଚଢ଼ାଉ ସମୟରେ ଢ଼ାବା ମାଲିକଙ୍କ ଠାରୁ ନକଲି ମଦ ବିକ୍ରି କରି ଟଙ୍କା ନେବାକୁ ଗଙ୍ଗାଧର ଅପେକ୍ଷା କରିଥିବାବେଳେ ଧରା ପଡିଯାଇଥିଲେ। ଏହି ଚଢ଼ାଉ ସମୟରେ ଅବକାରୀ ସବ୍‌ଇନ୍ସପେକ୍ଟର ଶ୍ରୀଧର ମହାନ୍ତି, ରମାକାନ୍ତ ଚାନ୍ଦ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ପେ ଆଣ୍ଡ ୟୁଜ୍(Pay & Use) ଶୌଚ୍ଚାଳୟ ଏବଂ ପାର୍କିଙ୍ଗ ଷ୍ଟାଣ୍ଡର ଇ-ନିଲାମ**

| କ୍ରମ ସଂ. | ଆସେଟ୍ ବିବରଣୀ | ଷ୍ଟେସନ | ନିଲାମ ଶେଷ ତାରିଖ ଓ ସମୟ |
|---|---|---|---|
| 1 | ପେ ଆଣ୍ଡ ୟୁଜ୍ ଶୌଚ୍ଚାଳୟ | ଝାରସୁଗୁଡ଼ା ରୋଡ଼ | ତା. 02.08.2022 ରିଖ, 1230 ଘଟିକା |
| 2 | ପେ ଆଣ୍ଡ ୟୁଜ୍ ଶୌଚ୍ଚାଳୟ | ବୃନ୍ଦାମାଳ | ତା. 02.08.2022 ରିଖ, 1240 ଘଟିକା |
| 3 | ପେ ଆଣ୍ଡ ୟୁଜ୍ ଶୌଚ୍ଚାଳୟ | ଲପଙ୍ଗା | ତା. 02.08.2022 ରିଖ, 1250 ଘଟିକା |
| 4 | ପାର୍କିଙ୍ଗ ଷ୍ଟାଣ୍ଡ | ମହାସମୁନ୍ଦ | ତା. 08.08.2022 ରିଖ, 1230 ଘଟିକା |

ନିଲାମ ଆରମ୍ଭ ତାରିଖ ଓ ସମୟ : 02.08.2022, 1200 ଘଟିକା (କ୍ରମ ସଂ.1 ଠାରୁ 3 ପାଇଁ) ଏବଂ 08.08.2022, 1200 ଘଟିକା (କ୍ରମ ସଂ. 4 ପାଇଁ) ।

ଟେଣ୍ଡର ନଥିପତ୍ର ଏବଂ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ http://www.ireps.gov.in ଅବଲୋକନ କରନ୍ତୁ ।

PR-328/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର


## ବିସ୍ଥାପିତ ଗ୍ରାମବାସୀଙ୍କ ସହ ପ୍ରଶାସନର ଆଲୋଚନା

### ବେଦାନ୍ତର ଜାମକାନୀ କୋଇଲା ଖଣି ପ୍ରକଳ୍ପ ଆରମ୍ଭ ପ୍ରସଙ୍ଗ

**ସୁନ୍ଦରଗଡ଼,୨୭।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ବେଦାନ୍ତ କମ୍ପାନୀକୁ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ତରଫରୁ ଆବଣ୍ଟିତ ହୋଇଥିବା ଜାମକାନୀ କୋଇଲା ଖଣି ଆରମ୍ଭ ପୂର୍ବରୁ ଜିଲା ପ୍ରଶାସନ ଓ କମ୍ପାନୀ ପକ୍ଷରୁ ବୁଧବାର ବିସ୍ଥାପିତ ଗ୍ରାମବାସୀଙ୍କ ସହ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଅଧ୍ୟକ୍ଷତାରେ ଜାମକାନୀଠାରେ ଅନୁଷ୍ଠିତ ଏହି ବୈଠକରେ ବେଦାନ୍ତ କମ୍ପାନୀ ଅଧିକାରୀ ଏବଂ ଏହି କୋଇଲା ଖଣି ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଜାମକାନୀ, ଗିରିସୀମା, ଖାରପଲମ ଓ ମେଣ୍ଡ୍ରା ଗ୍ରାମର୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇଥିଲେ। ପୂର୍ବରୁ ଏହି କୋଇଲା ଖଣି ଭୂଷଣ ପାୱାର ଏଣ୍ଡ ଷ୍ଟିଲ କମ୍ପାନୀକୁ ଆବଣ୍ଟିତ ହୋଇଥିଲା। ସେତେବେଳେ ଜମି ଅଧିଗ୍ରହଣ ପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଏହି ଖଣି ସେହି କମ୍ପାନୀ ନାମରେ ବାତିଲ ହୋଇଥିଲା। ଏହା ପରଠାରୁ ଦୀର୍ଘ ୧୦ବର୍ଷ ହେବ ଏହି ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବିସ୍ଥାପିତ ଗ୍ରାମବାସୀମାନେ ବୈଠକରେ ଅଭିଯୋଗ କରିବା ସହ ବର୍ତ୍ତମାନ ବେଦାନ୍ତ କମ୍ପାନୀ ତରଫରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ଦାବି କରିଥିଲେ। ଏତଦ୍‌ବ୍ୟତୀତ ପୂର୍ବରୁ ଜମି ଅଧିଗ୍ରହଣ ପରେ କ୍ଷତିପୂରଣ ପ୍ରଦାନ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ଏକକାଳୀନ ଆଗ୍ରେସିଆ ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ ପର୍ଯ୍ୟାୟକ୍ରମେ ବିସ୍ଥାପିତ ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ବେହେରା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ବେଦାନ୍ତ ଲିମିଟେଡ଼ କୋଇଲା ଖଣି ବିକାଶ ଏବଂ ଉତ୍ପାଦନ ପାଇଁ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ସହିତ ବୁଝାମଣା ସ୍ୱରୂପ ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଥିବା ଏହି ଜାମକାନୀ କୋଇଲା ଖଣିରୁ କୋଇଲା ଉତ୍ପାଦନ ପାଇଁ ଆଦେଶପତ୍ର ପାଇଛି। ଏହି ଖଣି ବେଦାନ୍ତ କମ୍ପାନୀକୁ ୨୦୨୦ରୁ ଆବଣ୍ଟିତ ହୋଇଛି। ଏହି ଖଣିର ସମୁଦାୟ ୨୧୪୩ ଏକର ଜମି ମଧ୍ୟ ବେଦାନ୍ତକୁ ହସ୍ତାନ୍ତରିତ ସରିଛି। ଏହା ପୂର୍ବରୁ ଏହି ଜମି ଭୂଷଣ କମ୍ପାନୀକୁ ଆବଣ୍ଟିତ ହୋଇଥିଲା। ଏଥିପାଇଁ ଜମି ଅଧିଗ୍ରହଣ ସହ ଆର ଆର କଲୋନୀ ମଧ୍ୟ ନିର୍ମାଣ ସରିଛି। ମାତ୍ର ଭୂଷଣ କମ୍ପାନୀକୁ ଏହା ବାତିଲ ପରେ ପରବର୍ତ୍ତୀ ସମୟରେ ବେଦାନ୍ତକୁ ମିଳିଛି। ବର୍ତ୍ତମାନ ଏହି ଖଣିରୁ କୋଇଲା ଉତ୍ପାଦନ ପାଇଁ ବେଦାନ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଅନୁମୋଦନପ୍ରାପ୍ତ କରି ପ୍ରକ୍ରିୟା ଆରମ୍ଭ କରିଛି। ବୈଠକରେ ହେମଗିର ବିଡ଼ିଓ ଡ.ଜଗଦୀଶ ମହାନନ୍ଦ, ଥାନା ଆଇଆଇସି ରମାକାନ୍ତ ସାଏ ଉପସ୍ଥିତ ଥିଲେ।


ବିସ୍ଥାପିତ ଗ୍ରାମବାସୀଙ୍କ ସହିତ ପ୍ରଶାସନ ଓ ବେଦାନ୍ତ ଅଧିକାରୀମାନେ ଆଲୋଚନା କରୁଛନ୍ତି।


**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

**ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର**

**ରାଜ୍ୟ ହସ୍ତଶିଳ୍ପ ପୁରସ୍କାର - ୨୦୨୧**

No. PP-26: ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରି କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର **ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଓ 'ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର'** ପ୍ରଦାନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୧ ବର୍ଷ ପାଇଁ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଆବେଦନ ପ୍ରଣାଳୀ:**

**୧. ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)**

ରାଜ୍ୟ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପ ବିକାଶରେ ଅନବଦ୍ୟ ଅବଦାନ ପାଇଁ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରାଯାଏ। ଏଥିନିମନ୍ତେ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କଠାରୁ ୨୦୨୧ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତା୨୬।୧୦।୨୦୨୨ରିଖ ସୁଦ୍ଧା ଆବେଦନ କରିବାକୁ ଅନୁରୋଧ।

**ପ୍ରାର୍ଥୀଙ୍କ ଯୋଗ୍ୟତା:**

୧) ଓଡ଼ିଶାର କାରିଗର ହୋଇଥିବେ
୨) ବୟସ ସୀମା: ସର୍ବନିମ୍ନ ବୟସ ସୀମା ୬୦ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।

ପୁରସ୍କାର ରାଶି: ଟ.୫,୦୦,୦୦୦ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ସହିତ ମାନପତ୍ର।

**୨. ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)**

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତି ନମୁନା ଓ ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8" × 10")ର ଦୁଇକିତା ନକଲ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୨୬।୧୦।୨୦୨୨ ମଧ୍ୟରେ ଦାଖଲ କରିବା ଆବଶ୍ୟକ।

**ଯୋଗ୍ୟତା:**

୧) ପ୍ରାର୍ଥୀ ଓଡ଼ିଶାର କାରିଗର ହୋଇଥିବେ।
୨) ସର୍ବନିମ୍ନ ବୟସ ସୀମା ୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇ ନ ଥିବେ।
୪) କୌଣସି ଏକ ପ୍ରତିକୃତି ଥରେ ପ୍ରଦାନ କରାଯାଇଥିଲେ, ଦ୍ୱିତୀୟ ଥର ତାହା ଅନ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଗ୍ରହଣ କରାଯିବ ନାହିଁ।
୫) ଚୟନ ପ୍ରକ୍ରିୟା - ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ୫୦ ଗୋଟି ହସ୍ତଶିଳ୍ପକୁ ୨ ଭାଗରେ ବିଭକ୍ତ କରାଯାଇଛି।
କ) ବିଭାଗ - ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟ ଓ ଟସର ଚିତ୍ର, ରୁପା ତାରକସି କାମ ଓ ତାଳପତ୍ର ଖୋଦେଇ।
ଖ) ବିଭାଗ - କ ବିଭାଗରେ ବର୍ଣ୍ଣିତ ହସ୍ତଶିଳ୍ପ ବ୍ୟତୀତ ଅବଶିଷ୍ଟ ୪୫ଗୋଟି ହସ୍ତଶିଳ୍ପ।
'କ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଓ 'ଖ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଚୟନ ମଣ୍ଡଳୀ ଦ୍ୱାରା ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ବଛାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ।

**ପୁରସ୍କାର ରାଶି: ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କା) ସହିତ ପ୍ରମାଣ ପତ୍ର।**

**୩. କଳାକୃତି ପୁରସ୍କାର (Kalakruti Award)**

ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଆବେଦନ କରିଥିବା ପ୍ରତିକୃତିମାନଙ୍କ ମଧ୍ୟରୁ ୨ଗୋଟି 'କ' ବିଭାଗରୁ ଓ ୨ଗୋଟି 'ଖ' ବିଭାଗରୁ କଳାକୃତି ପୁରସ୍କାର ନିମନ୍ତେ ଚୟନ କରାଯିବ।

**ଯୋଗ୍ୟତା: ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ସହ ସମାନ।**

**ପୁରସ୍କାର ରାଶି: ଟ.୧୦,୦୦୦ଙ୍କା (ଦଶ ହଜାର ଟଙ୍କା) ସହିତ ପ୍ରମାଣ ପତ୍ର।**

**ବି.ଦ୍ର.:** ଉପରୋକ୍ତ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମିଳିପାରିବ। ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

OIPR-31034/11/0013/2223 ସ୍ୱା./- ନିର୍ଦ୍ଦେଶକ, ହସ୍ତଶିଳ୍ପ, ଓଡ଼ିଶା

**ସେନ୍‌ସେକ୍ସ ୫୪୮ ପଏଣ୍ଟ ବୃଦ୍ଧି**

**ନୂଆଦିଲ୍ଲୀ:** କ୍ରମାଗତ ୨ ଦିନ ଧରି ଶେୟାର ବଜାର ହ୍ରାସ ହେବା ପରେ ଷ୍ଟକ ମାର୍କେଟର ୩ୟ କାର୍ଯ୍ୟ ଦିବସର କାରବାର ଭଲ ରହିଛି। ଗୋଟିଏ ପଟରେ ଅନ୍ତର୍ଜାତୀୟ ଘଟଣା ଓ ଜିଡିପି ଆକଳନ ସହ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଉଥିବା ବେଳେ ଅପରପକ୍ଷରେ ଭାରତୀୟ ଶେୟାର ବଜାରର ଲୁଚକାଳି ଖେଳ ନିବେଶକଙ୍କୁ ନିରୁତ୍ସାହିତ କରି ଦେଉଛି। ବୁଧବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ୫୪୮ (୫୪୭.୮୩) ପଏଣ୍ଟ ବୃଦ୍ଧି ଘଟି ୫୫,୮୧୬ (୫୫୮୧୬.୩୨) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୧୫୮ (୧୫୭.୯୫) ପଏଣ୍ଟ ବଢ଼ି ୧୬,୬୪୨ (୧୬,୬୪୧.୮୦) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

# ସର୍ବନିମ୍ନ ମୋବାଇଲ ଡାଟା ମୂଲ୍ୟ

ନୂଆଦିଲ୍ଲୀ,୨୭।୭




ବର୍ତ୍ତମାନ ଭାରତରେ ୫ଜି ସ୍ପେକ୍ଟ୍ରମ ନିଲାମ ପ୍ରକ୍ରିୟା ଚାଲିଥିବାବେଳେ ସାରା ବିଶ୍ୱରେ ମୋବାଇଲ୍ ଡାଟା ମୂଲ୍ୟରେ ଭାରତ ୫ମ ସ୍ଥାନରେ ରହିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। କେବୁଲ୍ କୋ ୟୁକେ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୨ରେ ସବୁଠୁ ଶସ୍ତାରେ ମୋବାଇଲ ଡାଟା ଉପଲବ୍ଧ ହେଉଥିବା ୫ ଦେଶ ମଧ୍ୟରେ ଇସ୍ରାଏଲ, ଇଟାଲୀ, ସାନ୍ ମାରିନୋ, ଫିଜି ଏବଂ ଭାରତ ରହିଛି। ସେହିଭଳି ଇସ୍ରାଏଲ୍‌ରେ ୧ ଜିବି ମୋବାଇଲ୍ ଡାଟା ଦାମ୍ ୦.୦୪ ଡଲାର ଥିବାବେଳେ ଇଟାଲୀରେ ୦.୧୨ ଡଲାର, ସାନ୍ ମାରିନୋରେ ୦.୧୪ ଡଲାର, ଫିଜିରେ ୦.୧୫ ଡଲାର ଏବଂ ଭାରତରେ ୦.୧୭ ଡଲାର ରହିଥିବା ସୂଚନା ମିଳିଛି।

ଅପରପକ୍ଷରେ ୫ଜି ସେବା ଯୋଗାଇବାରେ ଇସ୍ରାଏଲ୍ ସର୍ବାଗ୍ରେ ରହିଛି। ସେହିପରି ଶସ୍ତାରେ ଡାଟା ଉପଲବ୍ଧ କରାଇବାରେ ମଧ୍ୟ ଏହା ତାଲିକା ଶୀର୍ଷରେ ରହିଛି। ଭାରତରେ ବହୁସଂଖ୍ୟାର ଲୋକେ ଅନ୍‌ଲାଇନ ସେବା ପାଇଁ ମୋବାଇଲ୍ ଡାଟା ଉପରେ ନିର୍ଭର କରୁଥିବାରୁ ଏହାର ଚାହିଦା ମଧ୍ୟ ସେହି ଅନୁଯାୟୀ ବଢ଼ୁଛି ଓ ଦାମ୍ କମ୍ ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଶସ୍ତା ଡାଟା ଉପଲବ୍ଧ ୨୦ ଦେଶ ମଧ୍ୟରୁ ଏକତୃତୀୟାଂଶ ଏସିଆର ଏବଂ ଶ୍ରେଷ୍ଠ ୧୦ ଦେଶ ମଧ୍ୟରେ ଭାରତ ଓ ନେପାଳ ରହିଛି।

## ପଞ୍ଚମ ସ୍ଥାନରେ ଭାରତ

ଅନ୍ୟପକ୍ଷରେ ସର୍ବାଧିକ ମୂଲ୍ୟରେ ଡାଟା ଉପଲବ୍ଧ ହେଉଥିବା ୫ ଦେଶ ମଧ୍ୟରେ ସେଣ୍ଟ ହେଲେନା, ଫାକ୍‌ଲ୍ୟାଣ୍ଡ ଆଇଲାଣ୍ଡ, ସାଓ ଟୋମେ ଓ ପ୍ରିନ୍ସପେ, ଟୋକେଲାଉ ଏବଂ ୟେମେନ ଭଳି ଦେଶ ରହିଛି। ସେଣ୍ଟ ହେଲେନ୍‌ରେ ୧ ଜିବି ମୋବାଇଲ ଡାଟା ମୂଲ୍ୟ ୪୧.୦୬ ଡଲାର ଥିବାବେଳେ ଫାକ୍‌ଲ୍ୟାଣ୍ଡ ଆଇଲାଣ୍ଡରେ ୩୮.୪୫ ଡଲାର, ସାଓ ଟୋମେ ଓ ପ୍ରିନ୍ସପେରେ ୨୯.୪୯, ଟୋକେଲାଉରେ ୧୭.୮୮ ଏବଂ ୟେମେନରେ ୧୬.୫୮ ଡଲାର ରହିଛି। ୩ ଏସୀୟ ଦେଶ ଜାପାନ, ବ୍ରିଟିଶ ଇଣ୍ଡିଆନ୍ ଓସନ ଟେରିଟୋରି ଏବଂ ଦକ୍ଷିଣ କୋରିଆରେ ଡାଟା ମୂଲ୍ୟ ବିଶ୍ୱର ହାରାହାରି ମୂଲ୍ୟ ୩.୧୨ ଡଲାରରୁ ଅଧିକ ରହିଛି।

# ୧୩ ପଇସା ଖସିଲା ଟଙ୍କାର ମୂଲ୍ୟ

ନୂଆଦିଲ୍ଲୀ,୨୭।୭

ଗତ କିଛି ମାସ ହେବ ବିଭିନ୍ନ କାରଣ ଯୋଗୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ରହିଛି। ଏପରିକି ବୁଧବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୧୩ ପଇସା ହ୍ରାସ ଘଟି ୭୯.୯୧ ଟଙ୍କାରେ ରହିଛି। ଫଳରେ ବଜାର କାରବାର ୭୯.୮୩ ଟଙ୍କାରେ ଖୋଲି କାରବାର ଶେଷ ବେଳକୁ ୭୯.୯୧ ଟଙ୍କାରେ ବନ୍ଦ ହୋଇଥିଲା। ସେହିଭଳି ପୂର୍ବ ବନ୍ଦ ତୁଳନାରେ ୧୩ ପଇସା ହ୍ରାସ ପାଇଥିବା କୁହାଯାଇଛି। ମଙ୍ଗଳବାର ଆମେରିକୀୟ ମୁଦ୍ରା ବିରୋଧରେ ଟଙ୍କା ୭୯.୭୮ରେ ସ୍ଥିର ହୋଇଥିଲା। ଆମେରିକୀୟ ଡଲାରର ସାମଗ୍ରିକ ଶକ୍ତି ଏବଂ ବିଶ୍ୱର ଆର୍ଥିକ ପୁନରୁଦ୍ଧାରକୁ ନେଇ ଚିନ୍ତା ହେତୁ ଭାରତୀୟ ଟଙ୍କା ହ୍ରାସ ପାଇଛି।

# ପ୍ଲସ୍ ୨ ବିଜ୍ଞାନରେ ରୟାଲର ୧୦୦% ଫଳାଫଳ




ଭୁବନେଶ୍ୱର,୨୭।୭

ଓଡ଼ିଶାର ସମ୍ପୂର୍ଣ୍ଣ ଆବାସିକ ମହାବିଦ୍ୟାଳୟ ରୟାଲ ହାୟର୍ ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ବିଗତ ୧୮ବର୍ଷ ପରି ଏ ବର୍ଷ ମଧ୍ୟ +୨ ବିଜ୍ଞାନ ପରୀକ୍ଷାରେ ୧୦୦% ସଫଳତା ସହ ସମଗ୍ର ରାଜ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛି। ଚଳତି ବର୍ଷ ସର୍ବମୋଟ୍ ୨୧୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୪ଜଣ ପ୍ରଥମ ଶ୍ରେଣୀରେ ଏବଂ ୩ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଛାତ୍ର ଉମାଶଙ୍କର ସାହୁ ଚଳିତ ବର୍ଷ +୨ ପରୀକ୍ଷାରେ ସର୍ବାଧିକ ୫୭୩ (୯୫.୫୦%) ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୨ଜଣ ୯୫%ରୁ ଉର୍ଦ୍ଧ୍ୱ ଏବଂ ୧୮ ଜଣ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୫୯ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ନିମନ୍ତେ କଲେଜର ଚେୟାରମ୍ୟାନ୍ ବିଷ୍ଣୁମୋହନ ମହାନ୍ତି ସମସ୍ତ ଛାତ୍ରୀଛାତ୍ର,ଅଭିଭାବକ, ଅଧ୍ୟାପକମଣ୍ଡଳୀ ଏବଂ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ସମ୍ପୂର୍ଣ୍ଣ ଆବାସିକ କଲେଜ ହିଁ ଜ୍ଞାନ,ସଂସ୍କୃତି ଓ ଶୃଙ୍ଖଳାର ଦୃଢ ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହୋଇଥାଏ । ଏହି ଚରମ ଲକ୍ଷ୍ୟ ସବୁକୁ ଆଗେଇ ନେବାରେ ବିଷ୍ଣୁମୋହନ ନିଜକୁ ସମ୍ପୂର୍ଣ୍ଣ ରୂପେ ନିୟୋଜିତ କରାଇଛନ୍ତି। ଏହି ଅନୁଷ୍ଠାନକୁ ମାତ୍ର ଅଳ୍ପ କେତୋଟି ବର୍ଷ ମଧ୍ୟରେ ରାଜ୍ୟର ଏକ ଅଗ୍ରଣୀ +୨ ବିଜ୍ଞାନ କଲେଜ ଭାବେ ପ୍ରତିଷ୍ଠିତ କରାଇପାରିଛନ୍ତି।

# ବିଏସ୍ଏନ୍ଏଲର ହେବ ପୁନରୁଦ୍ଧାର

ନୂଆଦିଲ୍ଲୀ,୨୭।୭

## ୧.୬୪ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍‌କୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍ଏନ୍ଏଲ୍‌ର ପୁନରୁଦ୍ଧାର ନିମନ୍ତେ ୧.୬୪ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍‌କୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏନେଇ ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ମୁଖ୍ୟତଃ ସେବା ମାନରେ ଉନ୍ନତି ଆଣିବା, ବାଲାନ୍ସ ଶିଟ୍ ଚାପ ହ୍ରାସ କରିବା ଏବଂ ଫାଇବର ନେଟ୍‌ୱର୍କ ବଢ଼ାଇବା ଦିଗରେ ଏହି ଅର୍ଥ ବ୍ୟୟ ହେବ। ୪ଜି ସେବା ପାଇଁ ବିଏସ୍ଏନ୍ଏଲ୍‌କୁ ସରକାର ସ୍ପେକ୍ଟ୍ରମ ଯୋଗାଇଦେବେ। ବାଲାନ୍ସ ଶିଟ୍ ଚାପ କମାଇବା ପାଇଁ ୩୩,୦୦୦ କୋଟି ଟଙ୍କା ଦେୟକୁ ଇକ୍ୟୁଇଟିରେ ପରିବର୍ତ୍ତନ କରାଯିବା ସହ ସମପରିମାଣର ବ୍ୟାଙ୍କ ଋଣକୁ କମ୍ ସୁଧ ବଣ୍ଡ ଇସ୍ୟୁ ଜରିଆରେ ପରିଶୋଧ କରାଯିବ ବୋଲି ଅଶ୍ୱିନୀ ମତବ୍ୟକ୍ତ କରିଛନ୍ତି।

BSNL

ସେହିଭଳି ୧.୬୪ ଲକ୍ଷ କୋଟି ପ୍ୟାକେଜ ମଧ୍ୟରୁ ନଗଦ ଆକାରରେ ୪୩,୯୬୪ କୋଟି ଟଙ୍କା ମିଳିବାକୁ ଥିବାବେଳେ ଅଣନଗଦ କମ୍ପୋନେଣ୍ଟ ୧.୨ ଲକ୍ଷ କୋଟି ଟଙ୍କା ୪ ବର୍ଷରେ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

# ସ୍ପାଇସ୍ ଜେଟ୍ ଉଡାଣ ଉପରେ କଟକଣା

ନୂଆଦିଲ୍ଲୀ,୨୭।୭




ଭାରତରେ ଯାତ୍ରୀ ସେବା ଯୋଗାଇ ଦେଉଥିବା ଘରୋଇ ବିମାନ କମ୍ପାନୀ 'ସ୍ପାଇସ ଜେଟ୍' ଗତ କିଛି ମାସ ହେବ ନାନା ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି। ଏପରିକି ଉକ୍ତ ବିମାନରେ ବାରମ୍ବାର ତ୍ରୁଟି ଦେଖାଯିବା ପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସ୍ପାଇସ ଜେଟ୍ ଉପରେ କେତେକ କଟକଣା ଲଗାଯାଇଛି। ସେହିଭଳି କମ୍ପାନୀର ୫୦% ବିମାନ ଉଡ଼ାଣ ଉପରେ ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ କଟକଣା ଲଗାଯାଇଥିବା ବେଳେ କମ୍ପାନୀର ନିରାପତ୍ତା ମାନଦଣ୍ଡରେ ଅବନତି ଦେଖାଯିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି। ସେହିଭଳି ବିଭିନ୍ନ ପ୍ରକାର ଯାଞ୍ଚ ଏବଂ ସ୍ପାଇସଜେଟ୍ ଦ୍ୱାରା ଦାଖଲ ହୋଇଥିବା କାରଣଦର୍ଶାଅ ନୋଟିସର ଉତ୍ତରକୁ ଦୃଷ୍ଟିରେ ରଖି ନିରାପଦ ତଥା ନିର୍ଭରଯୋଗ୍ୟ ବିମାନ ପରିବହନ ସେବା ପାଇଁ ସ୍ପାଇସ ଜେଟର ପ୍ରସ୍ଥାନ ସଂଖ୍ୟା ୫୦% ମଧ୍ୟରେ ସୀମିତ ରଖିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି କଟକଣା ଆଗାମୀ ୮ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ଏପ୍ରିଲ ୧ରୁ ଜୁଲାଇ ୫ ମଧ୍ୟରେ ସ୍ପାଇସ ଜେଟ ବିମାନରେ ବାରମ୍ବାର ତ୍ରୁଟି ଦେଖାଯିବା ପରେ ତାହାକୁ ନେଇ ଯାତ୍ରୀଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ଚିନ୍ତା ପ୍ରକଟ କରିଥିଲେ। ଏପରିକି ଜୁଲାଇ ୬ରେ ଡିଜିସିଏ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ମଧ୍ୟ ଏକ ସେବା ପ୍ରଦାନକାରୀ କମ୍ପାନୀ ଭାବେ ସ୍ପାଇସ୍ ଜେଟ୍ ସୁରକ୍ଷିତ, ପ୍ରଭାବୀ ଓ ବିଶ୍ୱସନୀୟ ସେବା ପ୍ରଦାନରେ ଅକ୍ଷମ ହୋଇଥିବା ଡିଜିସିଏ କହିଛନ୍ତି। ଏଣୁ କମ୍ପାନୀର ୫୦% ବିମାନ ଉଡାଣ ଉପରେ ୮ସପ୍ତାହ ରୋକ ଲଗାଇଛନ୍ତି। ଯାହା ଫଳରେ କମ୍ପାନୀ ବିମାନଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିପାରିବେ।

# ପ୍ଲସ୍୨ ବିଜ୍ଞାନରେ ସରସ୍ୱତୀର ସଫଳତା

ଭୁବନେଶ୍ୱର,୨୭।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଜୁନିୟର କଲେଜ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପ୍ଲସ୍ ୨ ବିଜ୍ଞାନ ଫଳାଫଳରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ସଦ୍ୟ ପ୍ରକାଶିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ପ୍ଲସ୍ ୨ ବିଜ୍ଞାନ ପରୀକ୍ଷାର ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କଟକ ଅରୁଣୋଦୟ ନଗରସ୍ଥିତ ସରସ୍ୱତୀ ଉଚ୍ଚମାଧ୍ୟମିକ ଓ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍କର୍ଷ ପ୍ରତିପାଦନ କରିଥିବା ଜଣାପଡିଛି। ମହାବିଦ୍ୟାଳୟର ସର୍ବମୋଟ ୨୫୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ ଜଣ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ର ସବ୍ୟସାଚୀ ପରିଡା ୫୬୬ ନମ୍ବର ରଖି ମହାବିଦ୍ୟାଳୟର ସ୍ତରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଚଳିତ ବର୍ଷ ଫଳାଫଳରେ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା ହାସଲ ସହ କୌଣସି ପରୀକ୍ଷାର୍ଥୀ ୬୦%ରୁ କମ ନମ୍ବର ପାଇନାହାନ୍ତି ବୋଲି ଜଣାପଡିଛି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବଦତ୍ତ ସ୍ୱାଇଁ କହିଛନ୍ତି ଅନୁଷ୍ଠାନର ଏହି ଗୌରବମୟ ସଫଳତା ପାଇଁ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ସମେତ ଅଧାପକ ଓ ଅଧାପିକା ଏବଂ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଭୋଗ୍' ପ୍ରଚ୍ଛଦରେ ଜେଲେନସ୍କି ଦମ୍ପତି



**କିଭ୍:** ବହୁଚର୍ଚ୍ଚିତ ଭୋଗ୍ ମାଗାଜିନ୍ ପ୍ରଚ୍ଛଦରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏବଂ ସ୍ତ୍ରୀ ଓଲେନା ଜେଲେନସ୍କାଙ୍କ ଫଟୋ ସ୍ଥାନ ପାଇଛି। ଏହି ଫଟୋରେ 'ପୋଟ୍ରେଟ୍ ଅଫ୍ ବ୍ରେଭରୀ ' ଲେଖାଯାଇଥିବାର ଦେଖିବାକୁ ମିଳିଛି। ୟୁକ୍ରେନ୍‌ର ଫାଷ୍ଟ ଲେଡି କାଜୁଆଲ୍ ଗେଟ୍‌ଅପ୍‌ରେ ଥିବା ଦେଖିବାକୁ ମିଳିଛି। ଭୋଗ୍ ମାଜାଜିନ୍‌ର ଏକ ଟିମ୍ କିଭ୍ ଯାଇ ଜେଲେନସ୍କିଙ୍କ ଅଫିସରେ ଏହି ଫଟୋଶୁଟ୍ ହୋଇଥିବା କୁହାଯାଇଛି। ଖାଲି ଫଟୋଶୁଟ୍ ନୁହେଁ ଦୁହେଁ ମାଗାଜିନ୍‌କୁ ନିଜର ସ୍ୱତନ୍ତ୍ର ସାକ୍ଷାତ୍‌କାର ମଧ୍ୟ ଦେଇଛନ୍ତି। ଦୁହିଁଙ୍କ ବୈବାହିକ ଜୀବନକୁ ୨୦ ବର୍ଷ ପୂରିଯାଇଥିବାବେଳେ ଅନେକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ଦୁହେଁ ଗତି କରିଥିବା କହିଛନ୍ତି। ୟୁନିଭର୍ସିଟିରେ ପଢ଼ିବା ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିବା ସେମାନେ କହିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ସେମାନଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ ପ୍ରକାଶ କରିଛନ୍ତି। ତେବେ ଭଗ୍ ପକ୍ଷରୁ ଏହି ଫଟୋକୁ ପ୍ରଥମେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଶେୟାର କରାଯାଇଛି।

ଦୁଇ ଦେଶ ମଧ୍ୟରେ ଜାରି ଥିବା ଯୁଦ୍ଧକୁ ୧୫୦ରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିବାବେଳେ ଓଲେନା ଜେଲେନସ୍କା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିବାର ଦେଖିବାକୁ ମିଳିଛି। ବିଶେଷ କରି କୂଟନୀତି କ୍ଷେତ୍ରରେ ସେ ଖୁବ୍ ସକ୍ରିୟ ଥିବା ଜଣାପଡ଼ିଛି। ଉକ୍ତ ଫଟୋକୁ ନେଇ ସୋସିଆଲ ମିଡିଆରେ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେତେଜଣ ୟୁଜର ଜେଲେନସ୍କି ଦମ୍ପତିଙ୍କୁ ସକରାତ୍ମକ କମେଣ୍ଟ ଦେଇଥିବାବେଳେ ଅନ୍ୟ ୟୁଜର ସେମାନଙ୍କୁ ସମାଲୋଚନା କରୁଥିବାର ଦେଖିବାକୁ ମିଳିଛି।

## ଫୁରସତ୍

# ମିକାଙ୍କ ହାତ ଧରିବେ ଆକାଂକ୍ଷା



**ମୁମ୍ବାଇ:** ବଲିଉଡ୍ ସିଙ୍ଗର୍ ମିକା ସିଂଙ୍କୁ ବିବାହ କରିବେ ହିନ୍ଦୀ ସିରିଏଲ୍ ଅଭିନେତ୍ରୀ ତଥା ମଡେଲ୍ ଆକାଂକ୍ଷା ପୁରି। ମିକାଙ୍କ ସ୍ୱୟଂମ୍ବର କାର୍ଯ୍ୟକ୍ରମ 'ମିକା ଦି ଭୋହଟି'ରେ କଣ୍ଟେଷ୍ଟାଣ୍ଟ ଭାବେ ଭାଗ ନେଇଥିବା ଆକାଂକ୍ଷା ମିକାଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ପ୍ରକାଶିତ ଖବର ଅନୁସାରେ ମିକା ଓ ଆକାଂକ୍ଷା ବହୁ ବର୍ଷ ପୂର୍ବରୁ ପରିଚିତ। ମଡେଲିଂରୁ ନିଜ କ୍ୟାରିୟର୍ ଆରମ୍ଭ କରିଥିବା ଆକାଂକ୍ଷା ବହୁ ରିଆଲିଟି ଶୋ', ସିରିଏଲ୍ ଓ ଫିଲ୍ମରେ ଅଭିନୟ କରିଛନ୍ତି। ହିନ୍ଦୀ ଇଣ୍ଡଷ୍ଟ୍ରିକୁ ବାଦ୍ ଦେଲେ ସେ ମାଲୟାଲମ ଏବଂ ଲକାଧିକ କନ୍ନଡ଼ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ୨୦୧୫ରେ ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ମଧୁର ଭଣ୍ଡାରକରଙ୍କ ଫିଲ୍ମ ' କ୍ୟାଲେଣ୍ଡର ଗାର୍ଲ' ଜରିଆରେ ସେ ବଲିଉଡ୍ ଜଗତରେ ଡେବ୍ୟୁ କରିଥିଲେ। ବିଗ୍‌ବସ୍ ଫେମ୍ ତଥା ମଡେଲ ପାରସ ଛାବ୍ରାଙ୍କ ସହ ନିଜ ପ୍ରେମ ସମ୍ପର୍କକୁ ନେଇ ଆକାଂକ୍ଷା ଅନେକ ସମୟରେ ଚର୍ଚ୍ଚାରେ ରହିଆସୁଥିଲେ। ୧୨ ବର୍ଷର ସମ୍ପର୍କ ଭିତରେ ଆକାଂକ୍ଷାଙ୍କର ମିକାଙ୍କ ପ୍ରତି କୌଣସି ପ୍ରକାର ଦୁର୍ବଳତା ନ ଥିବାବେଳେ କିନ୍ତୁ ସ୍ୱୟଂମ୍ବର କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ବଲିଉଡ୍ ଗାୟକ ମିକାଙ୍କ ପ୍ରତି ତାଙ୍କ ଦୁର୍ବଳତା ବଢ଼ିଯାଇଥିବା ଆକାଂକ୍ଷା କହିଛନ୍ତି।

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ପୃଥିବୀର ସୁରକ୍ଷା ପାଇଁ ପ୍ରକୃତିର ସଂରକ୍ଷଣ ଜରୁରୀ। ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୨୮ରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଇଥାଏ। ଏହି ଦିନ ପାଳନ କରିବା ପଛରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୃଥିବୀର ପ୍ରାକୃତିକ ପରିବେଶରୁ ବିଲୁପ୍ତ ହେବାକୁ ଯାଉଥିବା ଗଛ ଏବଂ ପ୍ରାଣୀମାନଙ୍କୁ ସଂରକ୍ଷଣ କରିବା। ଏକ ସୁସ୍ଥ ପରିବେଶ ଏକ ସ୍ଥିର ଏବଂ ଉତ୍ପାଦନକାରୀ ସମାଜର ମୂଳଦୁଆ। ଏହି ଦିନ ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ିର୍ ସୁସ୍ଥତାକୁ ମଧ୍ୟ ସୁନିଶ୍ଚିତ କରିଥାଏ। ପ୍ରକୃତି କିପରି ସଂରକ୍ଷିତ ହୋଇପାରିବ କିମ୍ବା ଆମେ କିପରି ଆମର ପ୍ରକୃତିର ସୁରକ୍ଷା କରିପାରିବା ସେନେଇ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

ଜଙ୍ଗଲ ନଷ୍ଟ କରିବା, ବେଆଇନ ବନ୍ୟଜନ୍ତୁ ଶିକାର ଏବଂ ଚୋରାଚାଲାଣ, ପ୍ରଦୂଷଣ, ପ୍ଲାଷ୍ଟିକ୍, ରାସାୟନିକ ପଦାର୍ଥ ବ୍ୟବହାର ଦ୍ୱାରା ପ୍ରକୃତି ପାଇଁ ବିଭିନ୍ନ ବିପଦ ସୃଷ୍ଟି ହେଉଛି। ଜଳ, ବାୟୁ, ମୃତ୍ତିକା, ଖଣିଜ ପଦାର୍ଥ, ଗଛ, ପ୍ରାଣୀ, ଖାଦ୍ୟ ଇତ୍ୟାଦି ବଞ୍ଚିବା ପାଇଁ ପୃଥିବୀ ମୌଳିକ ଆବଶ୍ୟକତା ଯୋଗାଇ ଦେଇଛି। ତେଣୁ ପ୍ରକୃତିକୁ ପରିଷ୍କାର ଏବଂ ସୁସ୍ଥ ରଖିବା ଅପରିହାର୍ଯ୍ୟ। ପ୍ରକୃତିର ଅବନତି ପାଇଁ ଶିଳ୍ପ ବିକାଶ ଏବଂ ଅନ୍ୟାନ୍ୟ କାରଣ ମଧ୍ୟ ଦାୟୀ। ଆମେ ଯାହା ବି କରୁ ତାହା ପରିବେଶକୁ ପ୍ରଭାବିତ କରିଥାଏ। ଆମେ ଜାଣୁ ଯେ, ପ୍ରାକୃତିକ ଅସନ୍ତୁଳନ ଯୋଗୁ ଆମେ ବିଶ୍ୱ ତାପମାତ୍ରା ବୃଦ୍ଧି, ବିଭିନ୍ନ ରୋଗ, ପ୍ରାକୃତିକ ବିପର୍ଯ୍ୟୟ, ଇତ୍ୟାଦି ଅନେକ ସମସ୍ୟାର ସମ୍ମୁଖୀନ ହେଉଛେ । ତେଣୁ ପରବର୍ତ୍ତୀ ପିଢ଼ି ପାଇଁ ଏହାକୁ ସଂରକ୍ଷଣ କରିବା ଆବଶ୍ୟକ। ଏହି ଦିବସ ପାଳନ ଅବସରରେ ଏନେଇ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥାଏ।

# ୩୦୦ ବର୍ଷର ପିଙ୍କ୍ ଡାଇମଣ୍ଡ



**ଲୁଆଣ୍ଡା:** ଅଙ୍ଗୋଲାର ଏକ ଖଣିରୁ ଦୁର୍ଲଭ ପିଙ୍କ୍ ଡାଇମଣ୍ଡ ଠାବ କରାଯାଇଥିବା ଖବର ପ୍ରକାଶ ପାଇଛି। ଏହାର ଆକର ସାଧାରଣ ହୀରା ଆକାରଠାରୁ ବଡ଼ ଥିବାବେଳେ ପାଖାପାଖି ୩୦୦ ବର୍ଷ ପରେ ଏହି ହୀରା ମିଳିଥିବା ଅଷ୍ଟ୍ରେଲିଆନ୍ ସାଇଟ୍ ଅପରେଟର ପକ୍ଷରୁ କୁହାଯାଇଛି। ୧୭୦ କ୍ୟାରେଟ ପିଙ୍କ ଡାଇମଣ୍ଡର ନାମ ଲୁଲୋ ରୋଜ୍ ରଖାଯାଇଛି। ଏପରି ନାମକରଣ ପଛର କାରଣ ହେଉଛି, ହୀରାଟି ଲୁଲୋ ମାଇନ୍‌ରୁ ମିଳିଛି। ଲୁକାପା ଡାଇମଣ୍ଡ କମ୍ପାନୀ ଏହି ସୂଚନା ଦେଇଛନ୍ତି। ହୀରାଟି ଟାଇପ୍ ଟୁ'ଏ ପ୍ରକାରର ହୋଇଥିବାବେଳେ ଏହା ଶୁଦ୍ଧ ଅବସ୍ଥାରେ ଥିବା ଜଣାପଡ଼ିଛି। ଲୁଲୋରୁ ମିଳିଥିବା ଦୁର୍ଲଭ ପିଙ୍କ ହୀରା ବର୍ତ୍ତମାନ ସମୟରେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିବା ଅଙ୍ଗୋଲା ଖଣିଜ ସମ୍ପଦମନ୍ତ୍ରୀ ଡାଇଆମାଣ୍ଟିନୋ ଆଜେଭେଦୋ କହିଛନ୍ତି। ଅନ୍ତର୍ଜାତୀୟସ୍ତରରେ ଏହି ହୀରାର ନିଲାମି କରାଯିବା ନେଇ ସୂଚନା ମିଳିଛି। ହୀରାକୁ ଅଧିକ ଆକର୍ଷଣୀୟ ସାଙ୍ଗକୁ ଏହାର ମୂଲ୍ୟ ବୃଦ୍ଧି ପାଇଁ ପଲିସ୍ କରାଯିବ। ଏଥିରେ ହୀରାର ପ୍ରକୃତ ଓଜନର ୫୦% ଓଜନ କମିବାର ସମ୍ଭାବନା ରହିଛି।

# ପ୍ରତିଷେଧକ ହିଁ ପ୍ରକୃତ ନିଦାନ

## ବିଶ୍ୱ ହେପାଟାଇଟିସ୍ ଦିବସ

ଶରୀରରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ପ୍ରତିଷେଧକ ବ୍ୟବସ୍ଥା ହିଁ ପ୍ରକୃତ ନିଦାନ । ପ୍ରତିବର୍ଷ ଜୁଲାଇ ୨୮ରେ ପାଳନ କରାଯାଉଥିବା ବିଶ୍ୱ ହେପାଟାଇଟିସ୍ ଦିବସରେ ଏନେଇ ସଚେତନତା ସୃଷ୍ଟି କରାଯାଇଥାଏ। ହେପାଟାଇଟିସ୍ ଏ, ବି, ସି, ଡି, ଏବଂ ଇ ନାମକ ଏକ ସଂକ୍ରାମକ ରୋଗ। ପ୍ରତିରୋଧ, ନିରାକରଣ ଏବଂ ଚିକିତ୍ସାକୁ ଉତ୍ସାହିତ କରିବା ପାଇଁ ଏହି ଦିବସ ପାଳନ ମାଧ୍ୟମରେ ଲକ୍ଷ୍ୟ ରଖାଯାଇଛି। ହେପାଟାଇଟିସ୍ ବିଶ୍ୱର ବହୁ ଲୋକଙ୍କୁ ପ୍ରଭାବିତ କରିଥାଏ। ପ୍ରତିବର୍ଷ ପ୍ରାୟ ୧.୩୪ ନିୟୁତ ଲୋକଙ୍କର ମୃତ୍ୟୁ ଏହା ଯୋଗୁ ଘଟିଥାଏ। ହେପାଟାଇଟିସ୍ ଉଭୟ ତୀବ୍ର ଏବଂ କ୍ରମାଗତ ଭାବରେ ଯକୃତର ପ୍ରଦାହ ସୃଷ୍ଟି କରିପାରେ ଏବଂ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଏହା ଯୋଗୁ ଘଟିଥାଏ। କେତେକ ଦେଶରେ ହେପାଟାଇଟିସ ବି ସିରୋସିସର ସବୁଠାରୁ ସାଧାରଣ କାରଣ ଏବଂ ଏହା ଯୋଗୁ ଯକୃତ କର୍କଟ ମଧ୍ୟ ହେବାର ଆଶଙ୍କା ଥାଏ।

# ବ୍ୟସ୍ତ ଜୀବନ ପାଇଁ ଜରୁରୀ ବିରତି

## ଜାତୀୟ ରିଫ୍ରେଶ୍‌ମେଣ୍ଟ ଦିବସ

ପ୍ରତିବର୍ଷ ଜୁଲାଇ ମାସର ଚତୁର୍ଥ ଗୁରୁବାରକୁ ଜାତୀୟ ରିଫ୍ରେଶ୍‌ମେଣ୍ଟ ଦିବସ ଭାବେ ପାଳନ କରାଯାଇଥାଏ, ଯାହା ଲୋକଙ୍କୁ ମନେ ପକାଇଥାଏ ଯେ ସେମାନେ ସେମାନଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀରୁ ସମୟ ବାହାର କରି ନିଜକୁ ଉପଭୋଗ କରିପାରିବେ। ସାମୟିକ ବିରତି ବ୍ୟସ୍ତବହୁଳ ଜୀବନ ପାଇଁ ଜରୁରୀ। ଭଲ ବହି ସହିତ ଚା, କଫି, କୋଲ୍ଡ କଫି ଭଳି କିଛି ମୃଦୁପାନୀୟ ଉପଭୋଗ କରି କିମ୍ବା ନିଜର ପ୍ରିୟ ଚଳଚ୍ଚିତ୍ର ଦେଖିବା ସମୟରେ ଏକ ଗ୍ଲାସ୍ ଥଣ୍ଡା ଲେମ୍ବୁପାଣି ତିଆରି କରି ଏହାକୁ ପାଳନ କରାଯାଇଥାଏ। ଧରାବନ୍ଧା ଜୀବନରୁ ବିରତି ନେବାକୁ ଏବଂ ନିଜକୁ ସତେଜ କରି ପୁଣି ଦୃଢ଼ ମନୋବଳ ସହିତ କର୍ମକ୍ଷେତ୍ରକୁ ଫେରିଯିବା ଲାଗି ଏହି ଦିବସଟି ସଭିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ। ଟ୍ରାଭେଲର୍ ବିୟର କମ୍ପାନୀ ଗ୍ରୀଷ୍ମରେ ସତେଜତା ପାଇଁ ମେ ୨୦୧୫ରେ ଜାତୀୟ ରିଫ୍ରେଶ୍‌ମେଣ୍ଟ ଦିବସ ପ୍ରତିଷ୍ଠା କରିଥିଲା। ଟ୍ରାଭେଲର୍ ବିୟର କମ୍ପାନୀ ଧର୍ମେନ୍ଦ୍ରଙ୍କ ଓ୍ୱର୍ଲିଂଟନରେ ଅବସ୍ଥିତ ଏକ ଶିଳ୍ପ ବିୟର ଉଦ୍ୟୋଗ। ୨୦୧୫ରେ, ନ୍ୟାଶନାଲ ଡେ' କ୍ୟାଲେଣ୍ଡରର ରେଜିଷ୍ଟ୍ରାର ପ୍ରତିବର୍ଷ ଜୁଲାଇ ଚତୁର୍ଥ ଗୁରୁବାର ଏହି ଦିବସ ପାଳନ କରାଯିବାକୁ ଘୋଷଣା କରିଥିଲେ।

# ବିକାଶ ସ୍କୁଲ, ନିଉଟନ୍ କଲେଜର ସଫଳତା

## ବିଜ୍ଞାନରେ ରାକେଶ, ବାଣିଜ୍ୟରେ ସୌମ୍ୟା ଟପ୍ପର


ରାକେଶ ସୁନା


ସୌମ୍ୟା ସ୍ୱାଗତିକା ସାହୁ

ସମ୍ବଲପୁର,୨୭।୭(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମ୍ବଲପୁର ଶାସନସ୍ଥିତ ବିକାଶ ସ୍କୁଲର ବିଜ୍ଞାନରେ ୧୭୦ ଓ ବାଣିଜ୍ୟରେ ୩୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଉଭୟ ବିଭାଗରେ ଶତପ୍ରତିଶତ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଜ୍ଞାନର ୯ ଛାତ୍ର ଓ ବାଣିଜ୍ୟରେ ୩ ଛାତ୍ର ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନରେ ରାକେଶ ସୁନା ୫୬୬ ଓ ବାଣିଜ୍ୟରେ ସୌମ୍ୟା ସ୍ୱାଗତିକା ସାହୁ ୫୬୨ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ବିଜ୍ଞାନର ୧୭୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫୯ ଜଣ ପ୍ରଥମ ଶ୍ରେଣୀ ଓ ୧୧ ଜଣ ଦ୍ୱିତୀୟ ଶ୍ରେଣୀ, ବାଣିଜ୍ୟରେ ୩୬ ଛାତ୍ରଙ୍କ ମଧ୍ୟରୁ ୩୩ ଜଣ ପ୍ରଥମ ଶ୍ରେଣୀ ଓ ୩ଜଣ ଦ୍ୱିତୀୟ ଶ୍ରେଣୀ ପାଇଛନ୍ତି। ଫଳାଫଳ ସକଶେ ବିକାଶ ଗ୍ରୁପ ଚେୟାରମ୍ୟାନ ଡି ମୁରଲୀ କ୍ରିଷ୍ଣା ଓ ଏମ୍‌ଡି ଜି ଭାସ୍କର ରାଓ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି ନାଗେଶ୍ୱର ରାଓ, ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ ବାବୁ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଡିଲେଶ୍ୱର କଲେଜ ଟପ୍ପର



ସମ୍ବଲପୁର,୨୭।୭(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମ୍ବଲପୁର ଜିଲା ଦେବେଇପାଲିସ୍ଥିତ ନିଉଟନ କଲେଜ ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଡିଲେଶ୍ୱର ପଧାନ ୬୦୦ରୁ ୫୭୩ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କଲେଜର ୩୬ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ସମସ୍ତ ଛାତ୍ରୀଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାସ୍ତରୀୟ ଆଜାଦୀ କା ଅମୃତ ମହୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଝାରସୁଗୁଡ଼ା ଅଫିସ,୨୭।୭

ଝାରସୁଗୁଡ଼ା ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଯାନ୍ତ୍ରିକ ବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାରେ ବିଦ୍ୟୁତ୍ ସେବାରେ ଉନ୍ନତି ଆଣିବା ଲକ୍ଷ୍ୟ ରଖି ୨୦ବର୍ଷ ପାଇଁ ଖସଡ଼ା ପ୍ରସ୍ତୁତି କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଡିଆର୍‌ଡିଏ ପିଡି ତପିରାମ ମାଝି ଅଧ୍ୟକ୍ଷତା କରିବା ସହ ବିଜୁଳି ଶକ୍ତିର ଅଯଥା ଅପଚୟ ନ କରି ସମସ୍ତେ ଶକ୍ତି ସଞ୍ଚୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ ବିଦ୍ୟୁତ୍ ଦେଶ ଉନ୍ନତିର ଆଧାର ବୋଲି କହିଥିଲେ। ଦର୍ଲିପାଲିସ୍ଥିତ ଏନଟିପିସିର ଏଜିଏମ୍ ସନ୍ଦୀପ କୁମାର ଦାସ ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ମନ୍ଦାକିନୀ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓପିଟିସିଏଲ୍ ଡିଜିଏମ୍ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ। ଟିପିଡବ୍ଲ୍ୟୁଓ ନିବାହୀ ଯନ୍ତ୍ରୀ ଆଶିଷ କୁମାର ପଣ୍ଡା, ଏନ୍‌ଟିପିସି ଡିଜିଏମ୍ ସଞ୍ଜିତ କୁମାର ସେନାପତି, ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ଅଧ୍ୟକ୍ଷ ଡି. ଖୁରା, ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା ପ୍ରମୁଖ ସହଯୋଗ କରିଥିଲେ।

# ଜାଗା ସମ୍ପର୍କ କାର୍ଯ୍ୟକ୍ରମ

ଝାରସୁଗୁଡ଼ା ଅଫିସ,୨୭।୭

ବେଲପାହାଡ଼ ପୌର ପରିଷଦ ଅଧୀନ ଯୋରାବଗା ଗ୍ରାମର ୧୬ନଂ ୱାର୍ଡରେ ସୋମବାର ରାଜ୍ୟ ସରକାରଙ୍କ ୫-ଟି ଯୋଜନାର ଜାଗା ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ପରିଚୟ ଗୃହ ଲୋକାର୍ପିତ କରାଯାଇ ବସ୍ତିବାସିନ୍ଦା ସଂଗଠନକୁ ହସ୍ତାନ୍ତର କରାଯାଇଥିଲା। ଏହି ଗୃହକୁ ଗ୍ରାମବାସୀ ବିଭିନ୍ନ ସାମୂହିକ କାର୍ଯ୍ୟରେ ବ୍ୟବହାର କରିବେ। ଏହାର ରକ୍ଷଣାବେକ୍ଷଣ ବସ୍ତିବାସିନ୍ଦା ସଂଗଠନ କରିବ। ଏଥିରେ ଗୋଷ୍ଠୀ ସଂଗଠିକା ସୌଭାଗିନୀ ଧୁରୁଆ, ଜାଗା ମିଶନ ମୁକ୍ତା ସଂଯୋଜିକା ଅନସୂୟା ପଟେଲ, ନିଲୁ ହଂସା, କାଉନସିଲର ଗୀତାରାଣି ପାନ, ବସ୍ତିବାସିନ୍ଦା ସଂଘ ସଭାପତି ସକେନ୍ଦ୍ର ପ୍ରଧାନ, ରାଜେଶ ମହାରଣା, ମମତା ନାୟକ, କବିତା ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ରାଜସ୍ୱ କମିଶନରଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ସମ୍ବଲପୁର,୨୭।୭(ବ୍ୟୁରୋ)


ସମୀକ୍ଷା ବୈଠକରେ ଆର୍‌ଡିସି, ଜିଲାପାଳ ଓ ଅନ୍ୟମାନେ।

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ବୁଧବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟତଃ ଫ୍ଲାଇଓଭର, ଜେଲ ଛକଠାରୁ ଧନୁପାଲି ରାସ୍ତା, ସାକ୍ଷୀପଡାଠାରୁ ଏନ୍‌ଏଚ୍ -୬ ରାସ୍ତା ଆଦି ପ୍ରକଳ୍ପ କାମ ଶୀଘ୍ର ସମ୍ପୂର୍ଣ୍ଣ କଲେ ଲୋକେ ଉପକୃତ ହେବେ ବୋଲି କହିଥିଲେ। ମହାନଗର ନିଗମ ଅଞ୍ଚଳରେ ନିର୍ମାଣାଧୀନ ରାସ୍ତା ଓ ବ୍ରିଜ କାମ ସାରିବା ସହ ଅନ୍ୟ ପ୍ରକଳ୍ପ କାମ ଆଗେଇବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ଆର୍‌ଡିସି ଦଳେଇ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ତହସିଲଦାର ଲକ୍ଷ୍ମଣ ଅମାତ, ଏଲ୍‌ଏଓ ଆଦିତ୍ୟ ପଣ୍ଡାଙ୍କ ସମେତ ଆର୍‌ଆଣ୍ଡ ବି ଡିଭିଜନ ୧ ଓ ୨ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ଟିପିଡବ୍ଲ୍ୟୁଓଡିଏଲ୍, ଏଲ୍‌ଆଣ୍ଡଟି କମ୍ପାନୀର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଡିଏଫ୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ: ଯୁବକ ଗିରଫ

**କୁଚିଣ୍ଡା,୨୭।୭(ଡି.ଏନ.ଏ.):** ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଞ୍ଚଳର ଜଣେ ଯୁବତୀ ମଙ୍ଗଳବାର କଲେଜରୁ ଫେରୁଥିବା ସମୟରେ ଟମୁରା ଗ୍ରାମର ସଞ୍ଜୟ ପାତ୍ର ନାମକ ଯୁବକ ତାଙ୍କୁ ଅସଦାଚରଣ କରି ତାଙ୍କ ମୋବାଇଲ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ୧୧୪/୨୨) ରୁଜୁକରି ତଦନ୍ତ କରୁଥିବାବେଳେ ବୁଧବାର ସଞ୍ଜୟଙ୍କୁ ଗିରଫ କରି କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଝାରସୁଗୁଡ଼ା ଅଫିସ,୨୭।୭

ଝାରସୁଗୁଡ଼ା ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୫ ଦିନିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ ଠିକ୍‌ରୂପେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶ ହେଲେ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ ବୋଲି ମତ ପୋଷଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଚା ଓ ପ୍ରଦୀପ୍ତ କୁମାର ସା ଡିଜିଟାଲ ଶିକ୍ଷାର ପ୍ରମୁଖ ଦିଗ ଉପରେ ଆଲୋକପାତ କରିଥିଲେ। ସମଗ୍ର ଶିକ୍ଷାର ଶୈକ୍ଷିକ ସଂଯୋଜକ ଜୟନ୍ତ କୁମାର ବାଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରବହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

## କଂଗ୍ରେସର ସତ୍ୟାଗ୍ରହ

ନୂଆପଡ଼ା ଅଫିସ,୨୭।୭

କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡି ପକ୍ଷରୁ ଜେରା କରାଯାଉଥିବା ଘଟଣାକୁ ବିରୋଧ କରି ଦେଶବ୍ୟାପି କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଆରମ୍ଭ ହୋଇଛି। ବୁଧବାର ନୂଆପଡା ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା।


**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No. CAD-1253

**TENDER ALERT**

1) **Tender Call Notice No.01/2022-23:** Hiring of diesel run commercial registered light motor vehicle (7 or 9 seated Bolero or equivalent) for Telecom Division, Jeypore.
2) **Tender Call Notice No.09/BBS/2022-23:** Construction of second Station Transformer bay and installation of one 250KVA 33/0.4 kV plinth mounted Station Transformer-2 at 220/33kV Grid Sub-Station, Nayagarh under EHT O&M Circle, Bhubaneswar.
3) **E-Tender Call Notice No.02/CTC/2022-23:** Supply of 190 numbers of 150 watt outdoor type LED Flood Light Luminaire complete with all accessories for different Grid Sub-Stations under EHT O&M Circle, Cuttack.

For more details please visit OPTCL's website: **www.optcl.co.in.**
OIPR-04011/11/0059/2223 FIPR-27/2022-23



**OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)**
PO. NUAGAM (ASKA) - 761111, GANJAM DISTRICT, ODISHA
Phones: 06822-273464, email: askasugar@yahoo.co.in, website: askasugar.com

**QUOTATION CALL NOTICE**
No. Mktg./661 Date: 27/07/2022

The Aska Cooperative Sugar Industries Ltd., at Nuagam (Aska) in Ganjam District of Odisha State intends to purchase of sulphur burner, vaccum filter drum etc. as per tender form. Please visit our website: **www.askasugar.com** for detailed Tender/Quotation Call Notice. The last date for submission of tender till **5.00 PM of 13.08.2022**.

Sd./- Managing Director



**AUCTION SALE NOTICE**

No. G-19: Sealed tenders in plain paper (Typed) are invited from intending bidders for disposal of Diesel Jeeps (Mahindra & Mahindra) bearing Regn. No. OR-02-AK-7393 as is where is basis.
The vehicles are now garaged in the Office of the Mining Officer, Balangir which may be inspected during office hours on any working days. The bidders are requested to furnish the following particulars under sealed cover and put it in the tender Box kept for the purpsoe in the above office on 14.09.2022 at 4 P.M.
1. Name of the bidder with permanent address.
2. Present mailing address.
3. Regn. No. of the vehicle with quoted price.
4. Bank Draft No. and date of the E.M.D. amount.
5. Full signature of the bidder with date.

The offer must be accompanied by an E.M.D. of Rs.1000/- in shape of Bank Draft drawn in favour of the **Mining Officer, Balangir**. All the officers shall be opened on 15.09.2022 at 12 Noon, in presence of the bidders or their authorized representatives. The highest bidder for the vehicle will be required to deposit 25% of the bid amount on the spot on the same day and the balance 75% of the bid amount within 7 days from the date of issue of intimation confirming the bid, failing which the amount deposited including the E.M.D. will be forfeited. If the bidder so desires he may deposit the entire amount on the date of approval of the offer and remove the vehicle immediately. After payment of the bid amount the vehicle shall be removed by the bidder from the office premises immediately within 7 days with permission of the undersigned failing which the vehicles will be disposed off as per rules. The undersigned will not be held responsible for any damage/pilferage and any other damage and no claims on this account shall be entertained. The undersigned reserves the right to accept or reject any/all offer without assigning any reason thereof.

Sd./- Mining Officer
Balangir Cirlce, Balangir
OIPR-30014/11/0001/2223



GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
(eerw_kpd@yahoo.com)

**Cancellation Notice to**
**Tender Call Notice No.- Tender Online RWD/KPD - 03 of 2022-23, Dated: 15.07.2022**

No. O-735: Due to unavoidable reason, the cancellation of the fore mentioned tender call notice may be effected.

Sd./- Rajesh Pradhan, Executive Engineer
OIPR-25064/11/0008/2223 Rural Works Division, Kendrapara



**OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR**
Tel. No. 06724-223485, mail: rwssjspur@gmail.com

**e-Procurement Notice**
**1st Corrigendum to this Office Bid Identification Notice No. 08 of 2022-23**

No. O-734: Due to unavoidable circumstances the publishing date & other critical dates is modified as follows:

1. Availability of tender in website: From 10 hours of 05.08.2022 to 20.08.2022 upto 17.30 hours
2. Submission of Bid in Online : From 10 hours of 05.08.2022 to 20.08.2022 upto 17.30 hours.
3. Date of seeking clarification (During office working hour) : 05.08.2022 to 17.08.2022
4. Date of opening of bids : 22.08.2022 (11.00 A.M.)
5. Name and address of O.I.T. : Superintending Engineer, RWS&S Division, Jagatsinghpur
6. All other details can be seen from the website : www.tendersorissa.gov.in
7. Bid cost should be submitted in online mode.

All other terms and conditions remain unchanged.
**N.B.:** Subsequent Corrigendum/Addendum if required shall only appear in above website.

Sd./- Superintending Engineer
RWS&S Divn., Jagatsinghpur
OIPR-25024/11/0005/2223



**BHUBANESWAR DEVELOPMENT AUTHORITY**
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in

Ref. No. 666 Date: 26.07.2022

**INVITATION FOR BIDS (IFB)**
**BID IDENTIFICATION No.- CH/BDA/01/22-23**

**No.CAD-1246:-** Chief Horticulturist, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single Cover System to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Validity of Tender | Class of Contractor and other Registered/ Reputed Firms. | Bid Security | Cost of document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Horticulture Development work in front of Plot No.-275 at K-III (B), Kalinga Nagar, Bhubaneswar | 10.45 | 90 days | "C" & "D" & other Registered/Reputed Firm/ Nurseries/ any Agency affiliated to Govt. having experience on Horticulture Development works | Bid security declaration to be furnished as per Works Deptt. Order No. 5984 Dt.27.04.21 | ₹6000.00 + GST @ 12% ₹720.00 | 10.08.2022 up to 5.30 PM |

1. The Bid documents will be availabe in the website **http://tendersodisha.gov.in** from **28.07.2022 to 5.30 P.M. of 10.08.2022.**
2. All Corrigendum and Addendum will be published in the Website only.
3. Other details can be seen in the bidding documents.

OIPR-13033/11/0200/2223 Sd./- Chief Horticulturist, BDA, Bhubaneswar



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**
No. O-742 Bid Identification No. Online Tender / 27-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 27-2022-23/BPR | Building Works under Newly Created R.I. Office-cum-Residence for the year 2022-23 | 12 Nos. | Form Rs.152.08 lakhs to Rs.159.47 lakhs | "B" Class & "A" Class as applicable | 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 27-2022-23/BPR | 02.08.2022 at 10.00 A.M. | 16.08.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.
OIPR-25071/11/0048/2223 Sd./- Chief Construction Engineer, R.W. Circle, Berhampur



**OFFICE OF THE COLLECTOR & DISTRICT MAGISTRATE, SAMBALPUR**
(Chief Civil Supplies Section)
(E-mail Id- cso.sambalpur2013@gmail.com)
No. XIV-100/2021-22/3712/CS, Dated 26.07.2022

**ADVERTISEMENT**

No.F-161:- In pursuance of Letter No. 13704 dt.20.09.2021 and Letter No. 7725 dt.25.05.2022 of Food Supplies & Consumer Welfare Department, Government of Odisha, Bhubaneswar, applications are invited from prospective eligible and experienced candidates for contractual engagement for the post of 'TECHNICAL SUPPORT STAFF' for District Project Management Unit (DPMU), Sambalpur under Integrated Management of Public Distribution System (IM-PDS) Scheme.

The qualification and other criteria are as follows:-

| Name of the post | Number of Staff | To be deployed at | Requisite Qualification | Monthly Consolidated Remuneration |
|---|---|---|---|---|
| Technical Support Staff for IM-PDS scheme | 01 (One for Sambalpur district) | In the office and under Administrative control of CCSO-cum-District Manager, OSCSC Ltd., Sambalpur | BSc/BCA/Graduate with Diploma in Computer / BE/ B.Tech/ MCA/ MBA with 2+ years experience | Rs.40,000/- |

Information in details including job description, eligibility criteria & general instructions for submission of application(s) may be seen in District website www.sambalpur.nic.in.

The application shall be submitted through Speed Post/ Registered Post only addressed to the Chief Civil Supplies Officer, District Chief Civil Supplies Office, Sambalpur, At- Kachery Chowk, Near Dist. Bar Association, P.O.- Sambalpur, Dist.- Sambalpur (Odisha), PIN-768001.

Closing date for submission of complete application in all respect is 31st August 2022.

Sd./- COLLECTOR, SAMBALPUR
OIPR-07061/11/0002/2223



CAD-1250
**Office of the District Manager, Odisha State Civil Supplies Corporation Ltd., (OSCSC), Nayagarh**
Phone: 06753-253942; District Website:- www.nayagarh.nic.in

**Tender No. 4401 Dt.26.07.2022**

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, **Jatni** to RRCs in the district Nayagarh of the State of Odisha |
| 2 | Availability of bid document in the portal | **From 27.07.2022** |
| 3 | Last Date/Time for receipt of bids in the portal | **Dt.19.08.2022 up to 05.00 PM** |
| 4 | Date/Time of opening of Technical Bid | **Dt.20.08.2022 at 11.00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C. Ltd., Nayagarh** |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

Sd./- District Manager,
O.S.C.S.C. Ltd., Nayagarh

**Office of the District Manager, Odisha State Civil Supplies Corporation Ltd., (OSCSC), Nayagarh**
Phone: 06753-253942; District Website:- www.nayagarh.nic.in

**Tender No. 4402 Dt.26.07.2022**

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, **Cuttack** to RRCs in the district Nayagarh of the State of Odisha |
| 2 | Availability of bid document in the portal | **From 27.07.2022** |
| 3 | Last Date/Time for receipt of bids in the portal | **Dt.19.08.2022 up to 05.00 PM** |
| 4 | Date/Time of opening of Technical Bid | **Dt.20.08.2022 at 11.00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C. Ltd., Nayagarh** |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

OIPR-07057/11/0013/2223 Sd./- District Manager,
O.S.C.S.C. Ltd., Nayagarh



**QUOTATION CALL NOTICE FOR DEPLOYMENT OF MANPOWER IN CHILIKA WILDLIFE DIVISION UNDER PROGRAMME EXPENDITURE SCHEMES**

No. 4072 Dated: 26.07.2022

No. MM-111: Sealed quotations are invited from the intending Manpower Service Providers to quote the service charges per month to provide following category of man power in different stations of Chilika Wildlife Division w.e.f. 01.07.2022 till completion of one year. The Service Provider should have valid Labour Deptt. Licence, PAN Number, Service Tax Licence, GST Number etc. The said firm should have also filed Income Tax/ GST Clearance Certificate since last three years and should have experience to provide service in Government Sectors & various organizations. The tender documents can be obtained by paying Rs.2000/- towards cost of tender documents (Rupees Two thousand only) in form of Demand Draft (non-refundable) in favour of Divisional Forest Officer, Chilika Wildlife Division, Balugaon from the office of the undersigned in any working days from **01.08.2022 to 08.08.2022**.
Preference will given to the firm who has provided manpower to the Forest Divisions of Odisha at present. The last date for receipt of quotations is **1 P.M.** on **08.08.2022** through Registered/Speed Post and can also be dropped in Tender Box placed in Office of the DFO, Chilika Wildlife Division, Balugaon and the same will be opened on same day at **3 P.M.** in presence of the Service Providers or their authorized representatives. The selected Service providers should have to sign T.O.R. (Term of Reference) with the undersigned regarding deployment of manpower and payment thereof in stamp papers. The technical requirement and T.O.R. is available in the Office of the undersigned during office hour.
The undersigned reserves the right to cancel or reject any or all quotations without assigning any reason thereof.

| Sl. No. | Name of the Position | Number of Personnel | Ranges |
|---|---|---|---|
| 1 | Data Manager | 06 | Balugaon, Rambha, Tangi, Chilika & Satapada WL Range |
| 2 | Attendant of Control Room | 02 | Balugaon WL Range |
| 3 | Elephant Squad | 10 | Rambha, Tangi WL Range |
| 4 | Anti-Poaching Squad | 79 | Balugaon, Rambha, Tangi, Chilika & Satapada WL Range |
| | **TOTAL** | **97** | |

The number may also be increase in future.

Sd./- I/c Divisional Forest Officer
Chilika Wildlife Division
OIPR-08142/11/0002/2223

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼,୨୭।୭ (ଡି.ଏନ୍.ଏ.):** ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ. ୱାର୍ଡ ଦୋଳମଣ୍ଡପ ସାହି ନ୍ୟୁ କଲୋନୀ ବସ୍ତିର ଏକ ନିଛାଟିଆ ସ୍ଥାନରୁ ବୁଧବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକ ମହୁଲଡିପା ସାହିର ଜଗନ୍ନାଥ ନାଏକ (୨୭)। ମୃତଦେହ ପାଖରେ ଏକ ମଦ ପାଉଚ ପଡ଼ିଥିବା ଦେଖିବାକୁ ମିଳିଛି। ଯୁବକ ଜଣକ ମଙ୍ଗଳବାର ସକାଳୁ ଘରୁ ବାହାରି ଆଉ ଫେରି ନ ଥିବା ମୃତକଙ୍କ ମା' କହିଛନ୍ତି। ଜଗନ୍ନାଥ ଘରକୁ ନ ଫେରିବାରୁ ଘର ଲୋକ ଏଣେତେଣେ ଖୋଜାଖୋଜି କରିଥିଲେ। ସକାଳୁ କିଛି ଲୋକ ସେହି ବାଟଦେଇ ଶୌଚ ପାଇଁ ଯାଉଥିବାବେଳେ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ତାଙ୍କ ମା' ଘଟଣାସ୍ଥଳକୁ ଯାଇ ତାଙ୍କ ପୁଅ ବୋଲି ଚିହ୍ନଟ କରିଥିଲେ। ଘଟଣାସ୍ଥଳରେ ଦେବଗଡ଼ ଥାନା ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି।

### ଘରୋଇ କଳିକୁ କେନ୍ଦ୍ରକରି ଯୁବକଙ୍କ ଆତ୍ମହତ୍ୟା

**ଟେନ୍‌ସା, ୨୭।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ଡେଙ୍ଗୁଳା ଗ୍ରାମପଞ୍ଚାୟତ ରାଇକେଳା ଗ୍ରାମରେ ଥିବା ଚଣ୍ଡୀଶର୍ମା ଖଣି ହାଟିଙ୍ଗିରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦେବଗଡ଼ ଜିଲା ଖଜୁରୀବାହାଲ ଗ୍ରାମର ପାଉଲୁସ ମୁଣ୍ଡା। ଖଣି ହାଟିଙ୍ଗିରେ ନିଜ ଶଶୁର ଘରେ ପାଉଲୁସ ପରିବାର ସହ ରହୁଥିଲେ। ଏଣେ ତେଣେ କାମ ଧନ୍ଦା କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ମଙ୍ଗଳବାର ରାତିରେ କୌଣସି କାରଣକୁ ନେଇ ସ୍ୱାମୀସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା। ସମସ୍ତେ ଖାଇପିଇ ଶୋଇବା ପରେ ପାଉଲୁସ ନିକଟସ୍ଥ ଏକ ଗଛରେ ତାରରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ କୋଇଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବଦ କରିବା ସହ ତଦନ୍ତ ଚାଲୁ ରହିଛି।

### ଡାକଘରୁ ଚୋରି ଉଦ୍ୟମ ବିଫଳ

**କୁତ୍ରା,୨୭।୭(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଡାକଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ବିଫଳ ହୋଇଛି। ଡାକଘର ଠାରେ ଥିବା ଭଡାଘରେ ରହୁଥିବା ଜନୈକ ଲୋକଙ୍କ ବାଇକ୍‌କୁ ନେଇ ଘରଠୁ ୫୦ ମିଟର ଦୂରରେ ରଖି ଚାଲିଯାଇଥିଲେ। ତା'ପରେ ସକାଳେ ଖୋଜିଲା ବେଳକୁ ବାଇକ୍ ମିଳିଯାଇଥିଲା। ସକାଳୁ ଡାକଘର କର୍ମଚାରୀ ଆସି ଦେଖିବାକୁ ପାଇଲେ ତାଲା ଭାଙ୍ଗି ପଡିଛି । ତାପରେ ସେମାନେ ଏହାକୁ ନେଇ କୁତ୍ରା ଥାନାରେ ଏତଲା ଦେବାପରେ ପୋଲିସ ଆସି ଡାକଘରେ ପଶି ଦେଖିଲେ। ତେବେ ତାଲା ଭାଙ୍ଗିଥିଲେ ହେଁ କୌଣସି ଜିନିଷ କି ଟଙ୍କା ଚୋରି ହୋଇନାହିଁ। ଚୋରି ବିଫଳ ହୋଇଥିବା ଜଣାପଡିଛି ।

### ମୋବାଇଲ ଚୋରି ଅଭିଯୋଗରେ ଯୁବକ ଗିରଫ

**ଲହୁଣୀପଡ଼ା, ୨୭।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜୀଂ ପଞ୍ଚାୟତ ବିରତୋଳା ଗ୍ରାମସ୍ଥିତ ଶିବ ମନ୍ଦିରକୁ ଦର୍ଶନ କରିବା ପାଇଁ ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳରୁ କିଛି ଲୋକ ବାଇକ ଯୋଗେ ଗତ ଗୁରୁବାର ଆସିଥିଲେ। ସେମାନେ ଦର୍ଶନ ସାରିବା ପରେ କିଛି ଲୋକ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଯାଇଥିବାବେଳେ ଏକ ସ୍ଥାନରେ ଦୁଇଜଣ ବସି ଖାଉଥିଲେ। ଏହି ସମୟରେ ବିରତୋଳା ଗ୍ରାମର ବାଗୁନ ମୁଣ୍ଡା(୩୭) ମୁହଁରେ କପଡା ବାନ୍ଧି ଆସି ଖାଉଥିବା ଦୁଇଜଣଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେବା ସହିତ ତାଙ୍କ ପାଖରୁ ଦୁଇଟି ମୋବାଇଲ ଓ ନଗଦ ଛଅ ହଜାର ଟଙ୍କା ଲୁଟିନେଇ ଦୌଡ଼ି ପଳାଇଥିଲେ ବୋଲି ଚାନ୍ଦିପୋଷ ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦିପୋଷ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲେ। ଚାନ୍ଦିପୋଷ ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଗୁନ ମୁଣ୍ଡାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବାରୁ ଘଟଣାକୁ ସ୍ୱୀକାର କରିବା ସହିତ ଏହା ପୂର୍ବରୁ ଏକ ମୋବାଇଲ ଏବଂ ଗୁରୁବାର ଲୁଟି ନେଇଥିବା ଦୁଇଟି ମୋବାଇଲ, ନଗଦ ଛଅ ହଜାର ଟଙ୍କାକୁ ଏକ ବୁଦାମୂଳରେ ପୋତି ରଖିଥିବା ପୋଲିସକୁ ସୂଚନା ଦେଇଥିଲେ। ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତିନୋଟି ମୋବାଇଲ ନଗଦ ଛଅ ହଜାର ଟଙ୍କା ଉଦ୍ଧାର କରିବା ସହିତ ବାଗୁନ ମୁଣ୍ଡାଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ରାଉରକେଲା, ସୁନ୍ଦରଗଡ଼, ଦେବଗଡ଼ରେ କଂଗ୍ରେସର ବିକ୍ଷୋଭ



ରାଉରକେଲା ଉଦିତନଗର ସ୍ଥିତ ଆମ୍ବେଦକର ଛକରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହରେ ସାମିଲ ହୋଇଥିବା ନେତା, କର୍ମୀ।

**ରାଉରକେଲା ଅଫିସ/ସୁନ୍ଦରଗଡ଼/ଦେବଗଡ଼, ୨୭।୭(ଡି.ଏନ.ଏ.)**

ସୋନିଆ ଗାନ୍ଧିଙ୍କୁ ଇଡ଼ିର ସମନ ପ୍ରତିବାଦରେ ବୁଧବାର ରାଉରକେଲା, ସୁନ୍ଦରଗଡ଼, ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ, ବିକ୍ଷୋଭ, ଧାରଣା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଦେବଗଡ଼ ଗୋପବନ୍ଧୁ ଛକ ଠାରେ ସତ୍ୟାଗ୍ରହ ହୋଇଥିଲା। ଏଥିରେ ବହୁ କଂଗ୍ରେସ ପଦାଧିକାରୀ ଓ କର୍ମୀ ସାମିଲ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଏକଛତ୍ରବାଦ ନୀତିକୁ ଦୃଢ ନିନ୍ଦା କରିବା ସହ ମୋଦି ସରକାର ଇଡିର ଦୁରୁପଯୋଗ କରି କଂଗ୍ରେସକୁ ବଦନାମ କରିବାର ଷଡଯନ୍ତ୍ର ରଚିଥିବା ଅଭିଯୋଗ କରିଥିଲେ। ସେହିପରି ଭାଜପାର ଏକଛତ୍ରବାଦକୁ ଲୋକେ ବୁଝି ସାରିଲେଣି। ଆଗାମୀ ଦିନରେ

## ସୋନିଆଙ୍କୁ ଇଡିର ସମନ ପ୍ରତିବାଦ

ଏହାର ଉଚିତ ଜବାବ ଭାଜପା ପାଇବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ସେମ ହେମ୍ରମ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସ୍‌ସି ସେଲ୍ ସଭାପତି ମଞ୍ଜୁଳ ନାଏକ, ଉପସଭାପତି ସୁବାସ ଚନ୍ଦ୍ର ଭୋଇ, ନଗର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ବରିଷ୍ଠ ନେତା ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାର ମିଶ୍ର, ସମ୍ପାଦକ ବିନୋଦ ନାଏକ, ସଚ୍ଚିଦାନନ୍ଦ ପଟ୍ଟନାୟକ, ସୁଶୀଲ କୁମାର ସାହୁଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ସୁନ୍ଦରଗଡ଼ ଡିଆରଡିଏ ଛକଠାରେ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ହୋଇଥିଲା। ଏହି ସଭାରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ନାଏକ, ଅରୁଣ ପୃଷ୍ଟି, ଅଜିତ ପ୍ରସାଦ, ପ୍ରଦୀପ ସିଂହ, କାଳୀପଦ ସାମଲ, ଶୁଭାଶୀଷ ବାନାର୍ଜୀ, ପର୍ଶୁରାମ ସରାଫ, ହୁନୁ ସରାଫ, ଜିଲା ଯୁବ କଂଗ୍ରେସ ସଭାପତି ଆଲବର୍ଟ କିଣ୍ଡୋ, ଦେବାଶିଷ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାଉରକେଲା ଉଦିତନଗର ସ୍ଥିତ ଆମ୍ବେଦକର ଛକରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ସନ୍ଧ୍ୟା ସାଢ଼େ ୭ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ କଂଗ୍ରେସର ବରିଷ୍ଠ ନେତା ଶରତ ପଟ୍ଟନାୟକ, ପ୍ରବୋଧ ଦାସ, ଶିବୁ ଦୀପ, ସଦାଫ ଅହମ୍ମଦ, ନିରୁପମା ବଳିଆରସିଂ, ରାମାନନ୍ଦ ଶ୍ରୀଚନ୍ଦନ, ବାସୁଦବ ବାନାର୍ଜୀ, ବାବୁ ବିଶ୍ୱାଳଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଶିଶୁ ସୁରକ୍ଷା ଅଧିକାର ଉପରେ ଆଲୋଚନା


ଶିଶୁ ସୁରକ୍ଷା ଓ ଅଧିକାର ଉପରେ ଆଲୋଚନାରେ ଉପସ୍ଥିତ ଅଧିକାରୀ।

**ବଡ଼ଗାଁ, ୨୭।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ସଭାଗୃହରେ ବୁଧବାର ଶିଶୁ ସୁରକ୍ଷା ଓ ଅଧିକାର ଉପରେ ଆଲୋଚନା କରାଯିବ ସହିତ ବ୍ଲକ କମିଟି ଗଠନ କରାଯାଇଛି। ଏହି ସଭାରେ ବିଡ଼ିଓ କ୍ଷମାନିଧି ଭୋଇ, ଅଧ୍ୟକ୍ଷା ଦୂଲାରୀ ସୋରେଙ୍ଗ, ସିଡ଼ିପିଓ ସୁତପା ଚୌଧୁରୀ, ଏବିଇଓ ମହେଶ୍ୱର ମଲ୍ଲିକ, ସବ୍‌ଇନ୍ସପେକ୍ଟର ମିଲି ସାହୁ, ଡକ୍ଟର ଆର୍.ଏମ୍ ଦାସ, ସିଡ଼ିପିଯୁର ଶ୍ରୀବନ୍ତ ଜେନା, ସିଡବ୍ଲ୍ୟୁସିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ସହିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ,ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ସଭା ଆରମ୍ଭରେ କ୍ରୁସୁନା ଗାଁର ଧରିତ୍ରୀ ମେହେର ସ୍ୱାଗତ ଭାଷଣ ଦେଇ କହିଥିଲେ, ପିଲାମାନେ ଦେଶର ଭବିଷ୍ୟତ, ରାଷ୍ଟ୍ର ନିର୍ମାତା ଓ ନବ ନିର୍ମାଣର ସାରଥି। ତେଣୁ ପିଲାମାନଙ୍କୁ ଏକ ଉପଯୁକ୍ତ ପରିବେଶ ଯୋଗାଇଦେବା ସହିତ ସେମାନଙ୍କର ବଞ୍ଚିବା, ବଢିବା, ସୁରକ୍ଷା ଓ ସହଭାଗିତାର ଅଧିକାରଗୁଡିକ ଯୋଗାଇଦେବା ଉପରେ କହିଥିଲେ। ଭାଇସ ଚେୟାରମେନ ରଶ୍ମିତା ପଟେଲ, ଡିଏସଡବ୍ଲ୍ୟୁଓର କର୍ମଚାରୀ ମୀନାକ୍ଷୀ ପ୍ରଧାନ, ବିଡ଼ିଓ ଭୋଇଙ୍କ ସହିତ ଅତିଥିମାନେ ଶିଶୁଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟିକରି ଏକ ସୁନ୍ଦର ରାଷ୍ଟ୍ର ଗଠନ ନିମନ୍ତେ ଆଗାମୀ ଭବିଷ୍ୟତକୁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ ସଂଯୋଜକ ଜଗବନ୍ଧୁ ମହାନ୍ତି, ପିଲାମାନଙ୍କୁ ଉପଯୁକ୍ତ ପରିବେଶ ଯୋଗାଇଦେବା ସହିତ ସେମାନଙ୍କର ସାମଗ୍ରିକ ବିକାଶ ମାଧ୍ୟମରେ ଶିଶୁ ଅନୁକୂଳ ସମାଜ ଗଠନ କରିପାରିବା ବୋଲି ମତ ରଖିଥିଲେ। ୱାଇଏସ୍‌ଡ଼ିର ରିସର୍ଚ୍ଚ ଆସିଷ୍ଟାଣ୍ଟ ତାପସ ପାତ୍ର ଶିଶୁ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ବ୍ଲକ କମିଟିରେ ଚେୟାରମ୍ୟାନ ସଭାପତି ଓ ବିଡିଓ ସମ୍ପାଦକ ଏବଂ ବିଭିନ୍ନ ବିଭାଗର ପ୍ରତିନିଧିମାନଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି।

## ଗିରିଙ୍ଗକେଲା ପଞ୍ଚାୟତରେ ଆର୍ଥିକ ପରିଚାଳନା କର୍ମଶାଳା

**ଲେଫ୍ରିପଡ଼ା,୨୭।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଗିରିଙ୍ଗକେଲାଠାରେ 'ଦି ହଙ୍ଗର ପ୍ରୋଜେକ୍ଟ' ପକ୍ଷରୁ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଏକ ଦୁଇଦିନିଆ ଗ୍ରାମପଞ୍ଚାୟତ ଆର୍ଥିକ ପରିଚାଳନା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗିରିଙ୍ଗକେଲା, ଡୁମାବାହାଲ, ସରଫଗଡ଼ ଏବଂ ରାଜବାହାଲ ପଞ୍ଚାୟତର ମହିଳା ସରପଞ୍ଚ, ନାଏବ ସରପଞ୍ଚ ଏବଂ ୱାର୍ଡସଭ୍ୟାମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଲେଫ୍ରିପଡ଼ା ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲିପୁନ ମହାନ୍ଦିଆ ତାଲିମଦାତା ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ଆମ ଗାଁ ଆମ ବିକାଶ ଆଦି ସମ୍ପର୍କରେ ସୂଚନା ଦେବା ସହିତ ଏହାର ଆର୍ଥିକ ପରିଚାଳନା ଉପରେ ବିଷଦ ଆଲୋଚନା କରିଥିଲେ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ପଲ୍ଲୀସଭା, ଗ୍ରାମସଭା ଏବଂ ପଞ୍ଚାୟତର ଭୂମିକା ଏବଂ ସେଥିରେ ପ୍ରତିନିଧିମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ସେ ଆଲୋକପାତ କରିଥିଲେ। 'ଦି ହଙ୍ଗର ପ୍ରୋଜେକ୍ଟ'ର କ୍ଷେତ୍ର ପରିଚାଳିକା କୁନ୍ତଳା ଦଣ୍ଡସେନା କର୍ମଶାଳାକୁ ପରିଚାଳନା କରିଥିବା ବେଳେ ବୈଜୟନ୍ତୀ ହାତୀ ସହଯୋଗ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ମହିଳା ସରପଞ୍ଚ, ନାଏବ ସରପଞ୍ଚ ଏବଂ ୱାର୍ଡସଭ୍ୟା।

## ନଳକୂପର ଦୂଷିତ ପାଣି ପିଉଛନ୍ତି ଲୋକେ

**କୁତ୍ରା, ୨୭।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନଳକୂପର ଦୂଷିତ ପାଣିକୁ ଲୋକେ ପିଉଥିବା ଜଣାପଡିଛି। ଏଠାରେ ଥିବା ନଳକୂପରୁ ବର୍ଷାଋତୁ ଆରମ୍ଭରୁ ଗୋଳିଆ ପାଣି ବାହାରୁଛି। ନଳକୂପର ପାଇପ ସଂଲଗ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଫଳରେ ବର୍ଷା ପାଣି ପଶୁଛି। ନଳକୂଅରୁ ବାହାରୁଥିବା ପାଣି ବ୍ୟବହାର ପରେ ପୁଣି ନଳକୂପ ଭିତରକୁ ପଶୁଛି। ଏହାସହ ନଳକୂଅଟି ଖାଲୁଆରେ ଥିବାରୁ ବର୍ଷା ଜଳ ମଧ୍ୟ ନିଷ୍କାସିତ ହୋଇ ନ ପାରି ନଳକୂଅର ତଳକୁ ଯାଉଛି। ଫଳରେ ଏଠାରୁ ପାଣି ବାହାରିବା ପରେ ତାହା ଗୋଳିଆ ଦିଶୁଛି। ସ୍ଥାନୀୟ ଦୋକାନୀମାନେ ଏହା ଜାଣିପାରି ପାଣିକୁ ପିଉ ନ ଥିବାବେଳେ ବ୍ୟସ୍ତବହୁଳ ଏହି ସ୍ଥାନକୁ ଆସୁଥିବା ଲୋକେ ହଠାତ ଗୋଳିଆ ପାଣି ନେଇ ଜାଣି ନ ପାରି ଏହାକୁ ପିଉଛନ୍ତି। ଫଳରେ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଏବଂ ପାନୀୟଜଳ ଯୋଗାଣ ବିଭାଗ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବିଜୁ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## କାର୍ଯ୍ୟରେ ଅବହେଳା ନେଇ ଗ୍ରାମସାଥୀଙ୍କୁ ରିପୋର୍ଟ ତଲବ

**କୁତ୍ରା, ୨୭।୭ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଗ୍ରାମସାଥୀ ବିରୁଦ୍ଧରେ ରିପୋର୍ଟ ତଲବ ନୋଟିସ ଜାରି ହୋଇଛି। ଗ୍ରାମସାଥି ତଥା ଗ୍ରାମ ରୋଜଗାର ସେବକ ବ୍ଲକସ୍ତରୀୟ ଯାଞ୍ଚ ଦଳ ଦ୍ୱାରା ଇଏମ ଆର୍ ଏସ ଯାଞ୍ଚ ସମୟରେ ଜଣାପଡିଲା ସୁଖାବନ୍ଧ ଠାରୁ ଗଡପୋଷ ରାସ୍ତା ଉନ୍ନତିକରଣ କାର୍ଯ୍ୟରେ ଅଜୟ ସୋରେଙ୍ଗ କାମ ନ କରିଥିଲେ ହେଁ ତାଙ୍କ ନାମରେ ଏମଆର ବାହାରକରି ସେହି ସ୍ଥାନରେ ପ୍ରକାଶ କୁଲୁକୁ କାମ ଯୋଗାଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି । ପୁନଶ୍ଚ ବିକଟ କୁଜୁରଙ୍କ ନାମରେ ଜମି ମରାମତି ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇ କାମ ଜୁନ ମାସ ସୁଦ୍ଧା ସମାପ୍ତ ହୋଇଥିଲେ ହେଁ ତାଙ୍କ ପାଉଣା ଥରେ ମାତ୍ର ୩୯୯୬ ଟଙ୍କା ଦିଆଯାଇଛି। ଅନ୍ୟ ୫ ଜଣ ଜମି ମରାମତି ହିତାଧିକାରୀ ତାଙ୍କର ଜମି ମରାମତି କାର୍ଯ୍ୟ ସମାପ୍ତ କରିଥିଲେ ସୁଦ୍ଧା କେବଳ ୨ ସପ୍ତାହର ପାଉଣା ପାଇଛନ୍ତି, ବକେୟା ଟଙ୍କା ସେମାନେ ପାଇବାରୁ ବଞ୍ଚିତ ଥିବା ଜଣାପଡିଛି। ନିଜ ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବମାନନା କରି ନିଜ ଇଛା ମୁତାବକ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ତାଙ୍କ ଗ୍ରାମ ପଞ୍ଚାୟତରେ ଏନଏମଏମଏସ ଆପରେ ମାତ୍ର ୬୩.୨ ପ୍ରତିଶତ କାମ କରିଛନ୍ତି। ତେଣୁ ଆସନ୍ତା ୧୦ ଦିନ ଭିତରେ ଏହି ସବୁ ତୃଟି ସଂଶୋଧନ କରି ରିପୋର୍ଟ ଦାଖଲ କରିବା ପାଇଁ କୁତ୍ରା ବିଡିଓ ରବିନ୍ଦ୍ର କୁମାର ସେଠୀ ତାଙ୍କୁ ନୋଟିସ ତଲବ କରିଛନ୍ତି ।

## ଆରଏସ୍‌ପି ଶିଶୁ କ୍ରେଚ୍ କେନ୍ଦ୍ର ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୭।୭:** ରାଉରକେଲା ଇସ୍ପାତ କାରଖାନାର ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା କେନ୍ଦ୍ରରେ ବୁଧବାର ଏକ ଶିଶୁ କ୍ରେଚ୍ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ରକୁ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି.କେ ହୋତା, ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନଚାର୍ଜ ଏ.କେ ବେହୁରିଆ ଓ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗଛରୁ ପଡି ଯୁବକ ମୃତ

**ଲହୁଣୀପଡ଼ା,୨୭।୭(ଡି.ଏନ.ଏ.)**
ଲହୁଣୀପଡା ଥାନା ଅନ୍ତର୍ଗତ କୁଲିପୋଷ ପଞ୍ଚାୟତ ରାଇକଳା ପୋଷ ଗ୍ରାମର ଖଗେଶ୍ୱର ମାହାନ୍ତ (୩୫) କୌଣସି କାମ ପାଇଁ ନିକଟରେ ଥିବା ଏକ କୁସୁମ ଗଛକୁ ଚଢିଥିଲେ। ସେଠାରୁ ତଳକୁ ଖସି ପଡିବାରୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଦେଖି ପରିବାର ଲୋକଙ୍କୁ ଖବର ଦେବାରୁ ପରିବାର ବର୍ଗ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି।

## ହେମଗିରଠାରେ ବିଜେଡିର ରକ୍ତଦାନ ଶିବିର

**ଲେଫ୍ରିପଡ଼ା,୨୭।୭(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବିଜୁ ଜନତା ଦଳ ପକ୍ଷରୁ ଓଡିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଯୁବ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ଉପସଭାପତି ସୁକାନ୍ତ ପତି, କୃଷକ ସଭାପତି ଗୋପାଳ ପ୍ରଧାନ,ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା, ଯୁବ ଜିଲା ଉପସଭାପତି ଶାନ୍ତ ଧୁଆ ପ୍ରମୁଖ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ। ଏଥିରେ ୪୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ।


ଜୀବନ ବିନ୍ଦୁ କାର୍ଯ୍ୟକ୍ରମ।

## ନିମ୍ନମାନର ରଡ୍ ବ୍ୟବହାର ଅଭିଯୋଗ

**କୁତ୍ରା, ୨୭।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ପଞ୍ଚାୟତ ବୁଡାକଟା ଗ୍ରାମରେ ନିର୍ମାଣ ହେଉଥିବା ଏକ ନୂତନ ଅଙ୍ଗନୱାଡି ଗୃହରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ସୂଚନାଯୋଗ୍ୟ ବୁଡ଼ାକଟା ଗ୍ରାମରେ ଥିବା ପୁରୁଣା ଅଙ୍ଗନୱାଡି କେନ୍ଦ୍ର ଦୟନୀୟ ଅବସ୍ଥାରେ ରହିଛି। ସେଠାରେ ପାଠପଢ଼ା ପାଇଁ ଅସୁବିଧା ହେବାରୁ ସ୍ଥାନୀୟ ଲକ୍ଷ୍ମୀ କ୍ଲବରେ ପାଠପଢ଼ା ଚାଲିଛି। ତେବେ ସେଠାରେ ପିଲାମାନଙ୍କ ପାଠପଢ଼ା ଅସୁବିଧା ଦେଖି ନୂତନ ଅଙ୍ଗନୱାଡି ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଅଭିଯୋଗ କରିବା ପରେ ସରକାରଙ୍କ ପକ୍ଷରୁ ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଡେଲ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଛି। ତେବେ ନିର୍ମାଣ ପ୍ରଥମରୁ ହିଁ ନିମ୍ନମାନର ତିଆରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ। କିନ୍ତୁ ଦାୟିତ୍ୱରେ ଥିବା ଯନ୍ତ୍ରୀ କିମ୍ବା ଠିକାଦାର କୌଣସି କର୍ଣ୍ଣପାତ କରୁ ନ ଥିଲେ। ବର୍ତ୍ତମାନ ପୁଣି


ନିର୍ମାଣ ଚାଲିଥିବା ଅଙ୍ଗନୱାଡି ଗୃହ।

**ଅଙ୍ଗନୱାଡିଗୃହ ନିର୍ମାଣରେ ଅନିୟମିତତା**

ଏକ ଅଭିଯୋଗ ସାମ୍ନାକୁ ଆସିଛି। ଛାତ ପକାଇବା ପାଇଁ ବ୍ୟବହୃତ ରଡ଼ଗୁଡିକ ଅତି ନିମ୍ନମାନର। ସରକାରଙ୍କ ଗାଇଡଲାଇନ ଅନୁସାରେ ସେଲ୍ ରଡ ବ୍ୟବହାର କରିବାର ନିୟମ ଥିବାବେଳେ ନିମ୍ନମାନର ରଡ ବ୍ୟବହାର କରୁଛନ୍ତି ଠିକାଦାର। ଭବିଷ୍ୟତରେ ପିଲାମାନଙ୍କ ପାଇଁ ଏହା ବିପଦ ସୃଷ୍ଟି କରିବାର ଆଶଙ୍କା କରୁଛନ୍ତି ସ୍ଥାନୀୟ ବାସିନ୍ଦା। ଏବାବଦରେ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ପଚାରିବାରୁ ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମର ପାତ୍ର ମାଝୀ, ବାବଲୁ ବରିହା, ଚକ୍ର ଟପ୍ପୋ, ପ୍ରେମଚାନ୍ଦ ଟପ୍ପୋ, ଗୁଲବଦନ ଲାକ୍ରା, ସଞ୍ଜୟ ଟପ୍ପୋ, ରାହୁଲ ଟପ୍ପୋ, ଶିବ ଲାକ୍ରା ପ୍ରମୁଖ ଦାବି ଜଣାଇଛନ୍ତି।

# ପାର୍ଲାମେଣ୍ଟରେ ୫୦ ଘଣ୍ଟିଆ ବିକ୍ଷୋଭ

■ ୩ ଦିନରେ ୨୪ ବିରୋଧୀ ଏମ୍‌ପି ସସ୍‌ପେଣ୍ଡ

■ ସପ୍ତାହର ଅବଶିଷ୍ଟ ସମୟ ପର୍ଯ୍ୟନ୍ତ ସଞ୍ଜୟ୍ ସିଂ ନିଲମ୍ବିତ

**ନୂଆଦିଲ୍ଲୀ,୨୭।୭**

ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ଏବଂ ଜିଏସ୍‌ଟି ପ୍ରସଙ୍ଗରେ ଆଲୋଚନା ଦାବି କରିଥିବା ପାର୍ଲାମେଣ୍ଟର ୨୪ ଏମ୍‌ପି ୩ ଦିନ ମଧ୍ୟରେ ନିଲମ୍ବିତ ହେଲେଣି। ସୋମବାର ଲୋକ ସଭାର ୪ ଓ ମଙ୍ଗଳବାର ରାଜ୍ୟ ସଭାର ୧୯ ସଦସ୍ୟଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ନିଲମ୍ବନ କରାଯାଇଥିଲା। ଗୁଜରାଟରେ ମଦମୃତ୍ୟୁ ପ୍ରସଙ୍ଗ ଉଠାଇଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ସଞ୍ଜୟ ସିଂଙ୍କ ବିରୋଧରେ ବୁଧବାର ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାର ପ୍ରତିବାଦରେ ରାଜ୍ୟ ସଭାର ୨୦ ନିଲମ୍ବିତ ସଦସ୍ୟ ପାର୍ଲାମେଣ୍ଟ ପରିସରରେ ୫୦ ଘଣ୍ଟିଆ ବିକ୍ଷୋଭ ଆରମ୍ଭ କରିଛନ୍ତି। ୨୦ ସଦସ୍ୟ ନିଜ ଭୁଲ୍ ପାଇଁ କ୍ଷମା ମାଗିଲେ ନିଲମ୍ବନ ପ୍ରତ୍ୟାହାର କରାଯିବ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ କହିଥିବାବେଳେ ସେମାନେ ଏଥିରେ ରାଜି ହୋଇନାହାନ୍ତି।

ବୁଧବାରଠାରୁ ସପ୍ତାହେ ପାଇଁ ନିଲମ୍ବିତ ହୋଇଥିବା ସଞ୍ଜୟ ସିଂ କହିଛନ୍ତି, ଗୁଜରାଟର ମଦମୃତ୍ୟୁ ସମ୍ପର୍କରେ ସେ ସରକାରଙ୍କଠାରୁ ବିବୃତି ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ରାଜ୍ୟ ଗୁଜରାଟରେ ମଦକୁ ନିଷିଦ୍ଧ କରାଯାଇଥିବାବେଳେ ବିଷାକ୍ତ ମଦ କିପରି ବିକ୍ରି ହେଉଛି ବୋଲି ସେ ଗୃହର ଅଧ୍ୟକ୍ଷ ଓ ସରକାରଙ୍କୁ ବାରମ୍ବାର ପ୍ରଶ୍ନ କରିଥିଲେ। ଏଥିପାଇଁ ତାଙ୍କୁ ନିଲମ୍ବନ କରାଯାଇଛି। ତେବେ ଏଏପି ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ସଞ୍ଜୟ କହିଛନ୍ତି। ଅନ୍ୟପକ୍ଷେ ଶାସକ ଦଳ ପକ୍ଷରୁ କୁହାଯାଇଛି ଯେ, ସଞ୍ଜୟ ମଙ୍ଗଳବାର କାଗଜ ଚିରି ଉପାଧ୍ୟକ୍ଷ ହରିବଂଶଙ୍କ ଆଡ଼କୁ ଫିଙ୍ଗିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ୍ ସଞ୍ଜୟଙ୍କୁ ନିଲମ୍ବନ ପାଇଁ ରାଜ୍ୟ ସଭାରେ ପ୍ରସ୍ତାବ ଆଗତ କରିଥିଲେ। ଧ୍ୱନିମତରେ ଏହା ଗୃହୀତ ହେବା ପରେ ସଞ୍ଜୟଙ୍କୁ ଚାଲିଯିବା ପାଇଁ ଉପାଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରତିବାଦରେ ନିଲମ୍ବିତ ୨୦ ସଦସ୍ୟ ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀ ମୂର୍ତ୍ତି ଆଗରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ରାତି ସାରା ଚାଲିବ ବୋଲି ତୃଣମୂଳ କଂଗ୍ରେସର ଦୋଳ ସେନ କହିଛନ୍ତି। ବିକ୍ଷୋଭ ସ୍ଥଳକୁ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଯାଇ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ରାଜ୍ୟ ସଭା ସଦସ୍ୟ ସୁସ୍ମିତା ଦେବ, ମୌସମ ନୂର, ଶାନ୍ତନୁ ସେନ, ଦୋଳ ସେନ, ମହମ୍ମଦ ନଦିମଲ ହକ୍, ଅଭି ରଞ୍ଜନ ବିଶ୍ୱାସ, ଶାନ୍ତା ଛେତ୍ରି, କାନିମୋଝି ଏନ୍.ଭି.ଏନ୍. ସୋମୁ, ଏମ୍. ହମାମେଦ ଅବଦୁଲ୍ଲା, ଏସ୍. କଲ୍ୟାଣ ସୁନ୍ଦରମ୍, ଆର୍. ଗିର୍‌ରଞ୍ଜନ, ଏନ୍.ଆର୍. ଏଲାଙ୍ଗୋ, ଏମ୍. ଷଣ୍ମୁଗମ୍, ଲିଙ୍ଗାୟା ଯାଦବ, ରବୀନ୍ଦ୍ର ଭାଡ୍ଡିରାଜୁ, ଦାମୋଦର ରାଓ ଦିବାକୋଣ୍ଡା, ଏ.ଏ. ରହିମ, ଡ. ଭି. ଶିବଦାସନ, ସନ୍ଦୋଶ କୁମାର ପି. ମଧ୍ୟ ଉଚ୍ଚ ସଦନରୁ ନିଲମ୍ବିତ ହୋଇଛନ୍ତି। ବିରୋଧୀ ସଦସ୍ୟମାନେ ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ଅଭିହିତ କରିବା ସହ ଏମ୍‌ପିମାନଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି, ଗୃହରେ ବିଶୃଙ୍ଖଳିତ ଆଚରଣ ଆଦୌ ଗ୍ରହଣୀୟ ନୁହେଁ। ସେମାନେ କ୍ଷମା ମାଗିଲେ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରାଯିବ।



ଏଏପିର ସଞ୍ଜୟ ସିଂଙ୍କ ସମେତ ରାଜ୍ୟ ସଭାରୁ ନିଲମ୍ବିତ ୨୦ ସଦସ୍ୟ ସଂସଦ ପରିସର ଗାନ୍ଧୀମୂର୍ତ୍ତି ଆଗରେ ଧାରଣା ଦେଇଛନ୍ତି।

# ଭାଜପା ସହ ସମ୍ପର୍କରେ ଅଛନ୍ତି ୩୮ ଟିଏମ୍‌ସି ବିଧାୟକ: ମିଥୁନ୍

**କୋଲକାତା,୨୭।୭**



ମିଥୁନ୍ ଚକ୍ରବର୍ତ୍ତୀ

ପଶ୍ଚିମବଙ୍ଗ ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୩୮ ଜଣ ବିଧାୟକ ଭାଜପା ସହ ସମ୍ପର୍କରେ ରହିଥିବା ଅଭିନେତା ତଥା ଭାଜପା ନେତା ମିଥୁନ୍ ଚକ୍ରବର୍ତ୍ତୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦୁର୍ନୀତିରେ ପଶ୍ଚିମବଙ୍ଗ ମନ୍ତ୍ରୀ ଓ ତାଙ୍କ ସହଯୋଗୀ ଗିରଫ ହେବା ପରେ ଶାସକ ଦଳରେ ବିବାଦ ଦେଖାଦେଇଛି। ୨୧ ଜଣ ଟିଏମ୍‌ସି ବିଧାୟକ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିଥିବା ମିଥୁନ୍ କହିଛନ୍ତି। ଅନ୍ୟପକ୍ଷରେ ମିଥୁନ୍‌ଙ୍କ ଅଭିଯୋଗକୁ ଟିଏମ୍‌ସି ପକ୍ଷରୁ ଖଣ୍ଡନ କରାଯିବା ସହ ବର୍ଷୀୟାନ ଅଭିନେତା ମିଛ ଦାବି କରି ଲୋକଙ୍କୁ ବୋକା ବନାଇବାକୁ ଉଦ୍ୟମ କରୁଥିବା ଶାସକ ଦଳ ପକ୍ଷରୁ କୁହାଯାଇଛି।

# ବିଭିନ୍ନ ଜିଲାରେ କଂଗ୍ରେସର ସତ୍ୟାଗ୍ରହ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡି ଲଗାତର ୩ ଦିନ ଧରି ଜେରା କଲାଣି। ଏହି ଘଟଣାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରାଜ୍ୟବ୍ୟାପୀ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଜାରି ରହିଛି। ସବୁ ଜିଲାରେ କଂଗ୍ରେସ ନେତା ଓ କର୍ମୀମାନେ ସତ୍ୟାଗ୍ରହରେ ବସିବା ସହ ମୋଦି ସରକାର ଜାଣିଶୁଣି ଗାନ୍ଧୀ ପରିବାରକୁ ବଦ୍‌ନାମ କରିବାର ଅପଚେଷ୍ଟା କରୁଥିବା ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ଅଭିଯୋଗ କରିଛନ୍ତି। ଲୋୟର ପିଏମ୍‌ଜିଠାରେ ଜିଲା କଂଗ୍ରେସ ନେତା, କର୍ମୀଙ୍କ ସହିତ କେତେଜଣ ବିଧାୟକ ମଧ୍ୟ ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି।



ସୋନିଆ ଗାନ୍ଧୀଙ୍କୁ ଇଡି ଜେରାର ପ୍ରତିବାଦରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଜିଲା କଂଗ୍ରେସ ପକ୍ଷରୁ ଧାରଣା।

# 'ପିଏମ୍ ପୋଷଣ ଅଭିଯାନକୁ ବିଫଳ କରିବାକୁ ଚକ୍ରାନ୍ତ ଚାଲିଛି'

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ପିଏମ ପୋଷଣ ଅଭିଯାନକୁ ବିଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ହୀନ ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ। ଏହି ଯୋଜନାର ମୂଳ ଲକ୍ଷ୍ୟ ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା। ମାତ୍ର ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଏବଂ ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଚଞ୍ଚକତା ଓ ଦୁର୍ନୀତି କରାଯାଉଥିବାର ପ୍ରମାଣ ମିଳିଛି। ରାଜ୍ୟର କୋରାପୁଟ, ନୂଆପଡା, ବଲାଙ୍ଗୀର ଜିଲା ସମେତ ଅନ୍ୟାନ୍ୟ ସ୍ଥାନରୁ ପିଏମ-କିଷାନ ତଥା ମଧ୍ୟାହ୍ନ ଭୋଜନରେ ବ୍ୟାପକ ଦୁର୍ନୀତି ହେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି ବୋଲି ଭାଜପା ନେତା ମୋହନ ମାଝୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୋହନ କହିଛନ୍ତି ଯେ, ମଧ୍ୟାହ୍ନ ଭୋଜନ ପାଇଁ ବିଦ୍ୟାଳୟଗୁଡିକୁ ଆସୁଥିବା ୫୦ କେଜିର ଚାଉଳ ବସ୍ତାରେ ଠିକ୍ ପରିମାଣର ଚାଉଳ ଆସୁନାହିଁ। ପ୍ରତ୍ୟେକ ବସ୍ତାରେ ପ୍ରାୟ ୪ରୁ ୫ କେଜି ଚାଉଳ ନିଅଣ୍ଟ ରହୁଛି। ଗତ ୧୫ ତାରିଖରେ କୋରାପୁଟ ଜିଲା ଜୟପୁର ଅଞ୍ଚଳର ପାରାବେଡା, ବିମଳା ଓ ଡଗରଈିଛି ପ୍ରାଥମିକ ବିଦ୍ୟାଳୟକୁ ଆସିଥିବା ଚାଉଳ ବସ୍ତାକୁ ଓଜନ କରାଯିବା ସମୟରେ ସମସ୍ତ ବସ୍ତାରେ ୪ରୁ ୫ କେଜି ଚାଉଳ କମ୍ ଥିବାର ଜଣାପଡିଥିଲା। ଚାଉଳ ଯୋଗାଣକାରୀ ଠିକା ସଂସ୍ଥା, ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଏବଂ ତାଙ୍କ ଭିତରେ ଥିବା ମଧୁଚନ୍ଦ୍ରିକାର ସ୍ପଷ୍ଟ ପ୍ରମାଣ ସହ ଅଭିଯୋଗ ସତ୍ତ୍ୱେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଭାଜପାର ଚାପ ପରେ ହରଡ଼ଘଣାରେ ପଡ଼ିଯାଇଥିବା ରାଜ୍ୟ ସରକାର 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନୀତି ଆପଣାଇ ସିଆରସିସି ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଗଲେ। କିନ୍ତୁ ସମ୍ପୃକ୍ତ ଠିକାଦାର, ଠିକାଦାର ସଂସ୍ଥା, ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଘଟଣାକୁ ହାଲୁକା କରିବାକୁ ଯାଇ ସିଆରସିସି, ଶିକ୍ଷକ ଏବଂ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଅନ୍ୟତ୍ର ବଦଳି କରି ଅସଲ କାରଣକୁ ଚାପି ଦେବାର ଅପପ୍ରୟାସ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ମୋହନ କହିଛନ୍ତି।

# ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ଶୀଘ୍ର ଶେଷ ହେଉ

## ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ (ପୁରୁଣା ଏନ୍‌ଏଚ୍-୪୨)ର ନିର୍ମାଣ କାର୍ଯ୍ୟ ଅବିଳମ୍ବେ ଶେଷ କରାଯାଉ। ବୁଧବାର ଅନୁଗୋଳ ଓ ଢେଙ୍କାନାଳ ଜିଲାର ଭାଜପା ପ୍ରତିନିଧି ମଣ୍ଡଳୀ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ଆଞ୍ଚଳିକ ଅଧିକାରୀ ରାମପ୍ରସାଦ ପଣ୍ଡାଙ୍କୁ ଭେଟି ଏ ନେଇ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଏନ୍‌ଏଚ୍‌ଏଆଇ ଆଞ୍ଚଳିକ ଅଧିକାରୀଙ୍କୁ ଭେଟିବା ପରେ ଭାଜପା ପ୍ରତିନିଧିମଣ୍ଡଳୀ କହିଛନ୍ତି, ଏନଏଚ୍-୫୫ର ଅନୁଗୋଳ ଜିଲା ବଅଁରପାଳରୁ ରନ୍ତଲେଇ ପର୍ଯ୍ୟନ୍ତ ମରାମତି ପାଇଁ ଏନ୍‌ଏଚ୍‌ଏଆଇ ତରଫରୁ ପଦକ୍ଷେପ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଅନୁଗୋଳ ଜିଲା ପ୍ରଶାସନ ଉକ୍ତ ମରାମତି କାର୍ଯ୍ୟ ପାଇଁ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଏନ୍‌ଏଚ୍‌ଏଆଇକୁ ପ୍ରତିଶ୍ରୁତି ଦେଇଥିଲା। ଗତ ଡିସେମ୍ବରରୁ ଜିଲା ପ୍ରଶାସନ ନିଜ ଆଡୁ ଡିଏମ୍‌ଏଫ୍ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବା ପାଇଁ ଦାୟିତ୍ୱ ନେଇଥିଲା। ମାତ୍ର ମରାମତି ପାଇଁ ୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ରାସ୍ତା ଅବସ୍ଥା ଆହୁରି ଖରାପ ହୋଇଛି। ବୁଧବାର ଏନଏଚ୍‌ଏଆଇ ଅଧିକାରୀଙ୍କୁ ଭେଟି ଏ ବିଷୟରେ ଅବଗତ କରାଯିବା ପରେ କଟକରୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାର ମରାମତି କାର୍ଯ୍ୟ ଶୀଘ୍ର କରାଯିବ ବୋଲି ଏନ୍‌ଏଚ୍‌ଏଆଇ ଆଞ୍ଚଳିକ ଅଧିକାରୀ ରାମପ୍ରସାଦ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ଏହି ରାସ୍ତାର ସମ୍ପ୍ରସାରଣ ଲାଗି ୨୦୧୮ ଡିସେମ୍ବରରେ ଶିଳାନ୍ୟାସ ହୋଇଥିବାବେଳେ ୨୦୨୦ ସେପ୍ଟେମ୍ବର ସୁଦ୍ଧା ନିର୍ମାଣ କାମ ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଜାତୀୟ ରାଜପଥର ନିର୍ମାଣ କାମ ଶେଷ ହୋଇନାହିଁ ବୋଲି ପ୍ରତିନିଧିମଣ୍ଡଳୀ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ପ୍ରତାପ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ବିଭୂତି ପ୍ରଧାନ, ଅଶୋକ ମହାନ୍ତି, ଶତ୍ରୁଘ୍ନ ଜେନା, ଦୀପକ ଗୋଛାୟତ, ଅନୁପମା ସାହୁ, ସୁଦୀପ ଗଡ଼ନାୟକ, ଦିଲୀପ ଦାସଙ୍କ ସମେତ ଅନ୍ୟ ନେତୃବୃନ୍ଦ ସାମିଲ ଥିଲେ।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ**
ସ୍ଥାନ-ବଡ଼ବଜାର,ଗଞ୍ଜାମ,ଦୂରଭାଷ ନଂ.୨୫୪୩୫୭, ପିନ୍ ନଂ. -୭୬୧୦୨୬
ଇ-କ୍ରୟ ବିଜ୍ଞପ୍ତି ପତ୍ର ସଂଖ୍ୟା-୧୪୪୪ ତା.୨୫.୦୭.୨୦୨୨

**ଟେଣ୍ଡର ସର୍ଭେ ନଂ.-୦୨/୨୦୨୨-୨୩ ଏନ.ଏ.ସି., ଗଞ୍ଜାମ**

**No.C-858 O:** ଗଞ୍ଜାମ ଏନ.ଏ.ସି. ଇ-କ୍ରୟ ମାଧ୍ୟମରେ ଏକକ କଭର ପଦ୍ଧତିରେ ଗଞ୍ଜାମ ଏନ.ଏ.ସି. ଅନ୍‌ଲାଇନ ବିଡ୍ ଆମନ୍ତ୍ରଣ କରେ ।
୧. କାର୍ଯ୍ୟର ମୋଟ ସଂଖ୍ୟା- ୧ ଗୋଟି
୨. କାର୍ଯ୍ୟଗୁଡିକର ମୂଲ୍ୟ - ୭୫ ଲକ୍ଷ
୩. ପୋର୍ଟାଲରେ ବିଡ୍ ଡକ୍ୟୁମେଣ୍ଟ ଉପଲବ୍ଧ ହେବାର ତାରିଖ ଏବଂ ସମୟ:- ୨୫.୦୭.୨୨ ଦିବା ୧୦.୦୦ ଘଟିକାଠାରୁ ତା.୧୨.୦୮.୨୦୨୨, ଅପରାହ୍ନ ୫.୦୦ ପର୍ଯ୍ୟନ୍ତ ।
୪. ପୋର୍ଟାଲରେ ବିଡ୍ ଗ୍ରହଣ କରିବା ଶେଷ ତାରିଖ:- ୧୨.୦୮.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
୫. ଏହି କାର୍ଯ୍ୟାଳୟରେ ମୂଳ ଦଲିଲ ଦାଖଲ କରିବାର ଶେଷ ତାରିଖ- ୧୬.୦୮.୨୦୨୨ ଅପରାହ୍ନ ୫.୦୦ ଘଟିକା
୬. ଟେଣ୍ଡର ଖୋଲିବାର ଶେଷ ତାରିଖ:- ୧୭.୦୮.୨୦୨୨ ଦିବା ୧୧.୦୦ ଘଟିକା ।
ଅଧିକ ଜାଣିବା ନିମନ୍ତେ ବନ୍ଦୀ www.tendersorissa.govt.in. ୱେବସାଇଟ୍‌ରୁ ଦେଖିପାରିବେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ
OIPR-13164/11/0006/2223

**NANDANKANAN**
**NANDANKANAN ZOOLOGICAL PARK**
**TENDER NOTICE No.37 of 2022**
**Date: 25.07.2022**

**No.MM-109:**Deputy Director, Nandankanan Zoological Park invites sealed tender in prescribed form from interested individuals/ firms /entrepreneurs for following tender of Nandankanan Zoological Park for the year 2022-23.

| Sl. No. | Name of the Tender | Last date for submission of sealed tender | Opening of the sealed tender | Paper Cost inclusive of GST 18% |
|---|---|---|---|---|
| 1 | **Operation of Bus Service to Safari of Nandankanan** | **5.00 P.M. of 03.08.2022** | **11.30 A.M. of 04.08.2022** | **Rs.11,800/-** |

Detailed terms and conditions along with the tender papers will be available in the website of Nandankanan Zoological Park (www. nandankanan. org) from 26.07.2022. The downloaded tender papers must be accompanied with a Bank Draft/Demand Draft as mentioned against the above tender drawn in favour of "Deputy Director, Nandankanan Zoological Park" in any Nationalized Bank payable at Bhubaneswar.

**Sd./- Deputy Director**
**Nandankanan Zoological Park**
**OIPR-08070/11/0018/2223**

**OFFICE OF THE PANCHAYAT SAMITI TUMUDIBANDHA: KANDHAMAL**
**Letter No.1404/Dated 25.7.2022**
**INVITATION FOR TENDER CALL NOTICE**

**No.i-68:**Invitation of Tender for Construction of Community Centre at Sirla, Construction of Community Centre at Jhiripani, Construction of Community Centre at Lankagada, Construction of Community Centre at Bhandaragi under Tumudibandha Block in Kandhamal District. GST clearance certificates, PAN Card, Dealership certificate in this area will be eligible for short listing.
The person(s) concerned who satisfies the eligibility criteria may submit the application(s) either Speed Post or Regd. Post along with profile and past experience to the B.D.O, Tumudibandha so as to reach on or before 8.8.2022 by 3.00 P.M. The details are available in the district website www.kandhamal.nic.in and in the Office of the BDO, Tumudibandha.

**Sd./- Block Development Officer**
**Tumudibandha**
**OIPR-19218/11/0002/2223**

**OFFICE OF THE NOTIFIED AREA COUNCIL, KUCHINDA**
**No. 1538/NAC** **Date: 25.07.2022**
**TENDER CALL NOTICE TOWARDS PROVISION OF MANPOWER FOR WATCHMAN, MALI AND CARETAKER SERVICES IN NAC, KUCHINDA**

No. C-863: Sealed Bid in conformity with detailed tenders are invited from intending registered Firms/ Reputed Manpower Agencies/Service Providers/Private Companies for outsourcing of manpower for Watchman, Mali and Caretaker Services in NAC, Kuchinda working within the Jurisdiction of Odisha, having eligibility criteria as stipulated in tender document, so as to reach by **Speed Post/Registered Post/Courier Servcies/By Hand only to the Executive Officer, NAC, Kuchinda by 5.30 P.M. on Dt.12.08.2022 and bid documents will be opened on Dt.16.08.2022 at 10.30 A.M. The bid document can be downloaded starting from 10.00 A.M. on 27.07.2022 and will close by 5.30 P.M. on 12.08.2022.** Downloaded bid documents from NAC Kuchinda Website: **www.nackuchinda.in**.

**OIPR-13121/11/0010/2223**

**OFFICE OF THE COLLECTOR & DISTRICT MAGISTRATE KENDRAPARA (ST & SC DEV. SECTION)**
***ADVERTISEMENT***
**Notification No.1487/ SSD Dt.26.07.22**

**No.V-39:**Applications in prescribed form are invited from the deserving candidates from native of Odisha for engagement as Initial Appointee through WRITTEN TEST in the following category of posts in ST & SC Development Department, Educational institutions run in Kendrapara District. Preference will be given to the candidates belonging to the same district.

| Sl. No. | Name of the Post | Category wise Position | | | | | | | | |
|---|---|---|---|---|---|---|---|---|---|---|
| | | ST | ST(W) | SC | SC(W) | SEBC | SEBC (W) | UR | UR (W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | +2 CT | 3 | 2 | 0 | 0 | 1 | 0 | 2 | 1 | 9 |

The detail advertisement and the selection criteria may be obtained from office Notice Board of District Welfare Office, Kendrapara and District Website www.kendrapara.nic.in. The candidates may download the advertisement, application format accordingly. The last date of receipt of application in the Office of the District Welfare Officer, Kendrapara is 26.08.2022 at 5 PM by Regd. Post / Speed Post only.

**By Order of the Collector**
**Sd./- District Welfare Officer, Kendrapara**
**OIPR-26069/11/0001/2223**

**ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES — Mining Happiness

**REQUEST FOR PROPOSAL FOR SELECTION OF MINE OPERATOR FOR ROIDA-C IRON & MANGANESE MINES IN THE DISTRICT OF KEONJHAR, ODISHA (RfP No. 176/OMC/P&T/2022 dated 26.07.2022)**

**No.CAD-1244:**Odisha Mining Corporation Limited (OMC) invites bids from experienced Mine Operators for "Hiring of plant and machineries for excavation/raising from Iron Ore body by required drilling and blasting, transportation of ROM to crushing and/ or screening plant to be installed by the Mine Operator, crushing and/ or screening of ROM to obtain finished product of specific size of CLO and specific size of fines, transport of finished product to specified yards after necessary weighment, preparation of stacks, cleaning of quarry faces, excavation and disposal of sub-grade, overburden/ incidental waste and associated rejects/ spoils/ spurious materials to the specified yards and loading of Iron Ore/Sub-grade materials onto buyers trucks at "Roida-C Iron and Manganese Mines"
Peak Rated Capacity: 3,28,890 MT/Annum
Period of Contract: 5 (Five) Years
Last Date of on-line Submission of Bid: Up to 04:00 PM on dtd. 05.09.2022.
Last Date of Physical Submission of Original Documents related to Bid: - Up to 04:00 PM on dtd.06.09.2022.
Bid Document Cost: INR 1,18,000/- (Rupees One Lakh Eighteen Thousand) only including GST @18%.
The executive summary of the Bidding Process as well as the Bidding Documents have been uploaded on the portal of the MSTC Ltd (www.mstcecommerce.com/eprochome/omc) and on the website of Odisha Mining Corporation Limited (http://www.omcltd.in). The Documents can be downloaded from the above sites from dtd. 27.07.2022.
Any further communications, corrigendum/addendum, etc. will be uploaded on the website of MSTC and OMC. OMC reserves the right to reject any or all bids/proposals without assigning any reasons whatsoever.
Nodal officer for this bidding process: Rajesh Mishra, General Manager (Mining), OMC Ltd.
Email: rajeshmishra@odishamining.in, Phone: +91-674 2377437, +91-8763545981
Contact Person: Jnana Ranjan Jena, Sr.Manager (Mining), OMC, Phone: +91-9437554356

**General Manager (Mining), OMC**
**OIPR-30005/11/0088/2223**

**OFFICE OF THE PANCHAYAT SAMITI, BARGARH**
Adv. No. 01 Date 21.07.2022
**Quotation/Tenders Call Notice for Hiring of Vehicle for Monitoring & supervision of Rural Housing & other development works**

**No.i-69:**Sealed quotation/tenders are invited from interested reputed Travel agencies/ Tour operator or private Individual for providing one no. of non- A/C Diesel driven vehicle (i.e. TUV 300/ Bolero/ Sumo Gold/ Ertiga) having sitting capacity not more than ten including Driver for hiring of vehicle for monitoring & supervision of Rural Housing & other development works of Panchayat Samiti, Bargarh on a monthly basis. The eligibility criteria, application form of quotation/ tender containing General bid/ financial Bid/ Technical Bid information and term & condition for hiring of vehicle etc. will be available in the Panchayat Samiti Office, Bargarh on payment of Rs.100 (Cash) from 21.07.2022 to 26.07.2022 upto 12 Noon in all working day.
The quotation completed in all respect should reach the Panchayat Samiti Office, Bargarh on or before 26.07.2022 by 3.00 P.M. through Regd. Post/ Speed Post/ Tender Drop Box only. The technical and financial bids shall be opened at the Block Conference Hall on dt.27.07.2022 at 3.30 PM in the presence of Bidders or their authorised representative.
The Block Development Officer, Bargarh reserves the right to reject any or all the proposals without assigning any reason thereof.

**Sd./- Block Development Officer, Bargarh**
**OIPR-19219/11/0001/2223**

**CONFISCATION NOTICE OF TEAK LOG**

No. MM-110: It is to inform all concerned through this publication that one teak log having length 6'6" and girth 2'10" along with axe one number was seized on the main road to ropeway near Tara Tarini DPF near village Raipur for illegal entry in the forest area and felling of tree i.e., teak log 01 No. having length 6'6" and girth 2'10". The teak log was seized from the possession of Nira Behera, S/o. Gouranga Behera, Village: Gobindapur, P.S.: Purushottampur, Dist.: Ganjam and Basudev Nahak, S/o. Kumar Nahak of Village: Raipur, P.S.: Purushottampur, Dist.- Ganjam. The aforesaid teak log along with the axe one number may confiscated for its involvement in OR Case No. 45 of 2020-21 of Khallikote Range for non-submission of reply to show cause and non-attendance of the accused persons on the date of hearing fixed before the forum of the Authorized Officer on dated 15.07.2022.
The final dated of hearing to the aforementioned case is fixed to 05.08.2022 at 11.00 A.M. in the forum of the Authorized Officer-cum-Assistant Conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/accused on the date fixed above and within 30 days from the date of publication of this notice in relation to the above Teak Log, the Teak Log may be confiscated under Section 56 of the Odisha Forest Act, 1972 exparte.

**Sd./- Authorized Officer-cum-A.C.F.**
**Brahmapur Division**
**OIPR-08038/11/0013/2223**

See Career Appointment on every Wednesday & Saturday

## ସଂକ୍ଷେପରେ

### ଅବସର ଗ୍ରହଣର ୩ ଦିନ ପୂର୍ବରୁ ଲାଞ୍ଚ ନେଇ ବନ୍ଧାହେଲେ ଡିଇଓ



**କେନ୍ଦ୍ରାପଡ଼ା ଅଫିସ, ୨୭।୭:** ଆସନ୍ତା ୩୧ରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ ଚାକିରିରୁ ଅବସର ନେବାର ଥିଲା । ହେଲେ ଏହାର ୩ ଦିନ ପୂର୍ବରୁ ଅର୍ଥାତ୍ ବୁଧବାର ସକାଳେ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ସେ ଧରା ପଡିଛନ୍ତି। ପଟ୍ଟାମୁଣ୍ଡାଇ ନିମପୁର ସ୍କୁଲ ପିଅନ ସନ୍ତୋଷ କୁଣ୍ଡୁଙ୍କୁ ଡେରାବିଶ ବିଇଓ କାର୍ଯ୍ୟାଳୟକୁ ବଦଳି କରିବା ପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ କାବୁ କରିଛନ୍ତି। କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ନାମରେ କେସ ନଂ.୪୨/୨୨ରେ ମାମଲା ରୁଜୁ ହୋଇଛି । ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ, ତିନିମୁହାଣିସ୍ଥିତ ଭଡ଼ା ଘର, କଟକ ପେଣ୍ଠସାହି ଚର୍ଚ୍ଚ ନିକଟ ଘର, ବାଲେଶ୍ୱରସ୍ଥିତ ପୈତୃକ ଘର ଓ ବଲାଙ୍ଗୀର ଆନନ୍ଦନଭବନରେ ଥିବା ସମ୍ପର୍କୀୟଙ୍କ ଘର ଉପରେ ଭିଜିଲାନ୍ସ ଅଧିକାରୀମାନେ ଏକାସଙ୍ଗରେ ଚଢ଼ାଉ କରିଛନ୍ତି । ଅଭିଯୋଗକାରୀ କୁଣ୍ଡୁଙ୍କ ସୂଚନା ଅନୁଯାୟୀ, ବଦଳି ପାଇଁ ବହୁ ଥର ଜିଲା ଶିକ୍ଷାଧିକାରୀଙ୍କୁ ଆବେଦନ କରିଥିଲି । ମାତ୍ର ଲାଞ୍ଚ ନ ଦେଲେ ବଦଳି ହୋଇ ପାରିବ ନାହିଁ ବୋଲି ଶିକ୍ଷାଧିକାରୀ ସିଂହ କହିଥିଲେ । ଏନେଇ ଭିଜିଲାନ୍ସ ବିଭାଗକୁ ଜଣାଇଥିଲି । ସକାଳ ୯ଟାରେ ତିନିମୁହାଣି ଛକ ଏନ୍‌ଏଚ୍ କଲୋନୀସ୍ଥିତ ଭଡ଼ାଘରେ ଏହି ଲାଞ୍ଚ ଟଙ୍କା ଦେବା ପରେ ବିଭାଗୀୟ ଅଧିକାରୀ ଚଢ଼ାଉ କରିଥିଲେ।

### ଚାଷୀଙ୍କୁ ସୋଲାର ପମ୍ପ ସେଟ୍ ଯୋଗାଇଦେବେ ସରକାର

**ଭୁବନେଶ୍ୱର, ୨୭।୭(ବ୍ୟୁରୋ):** ସୌର ଜଳନିଧି ଯୋଜନାରେ ରାଜ୍ୟର ଚାଷୀଙ୍କୁ ଜଳସେଚନର ସୁବିଧା ନିମନ୍ତେ ସୋଲାର ପମ୍ପସେଟ୍ ସ୍ଥାପନର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୁଧବାର କୃଷି ଭବନଠାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ୨୦୧୮-୧୯ରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ସଦ୍ୟତମ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ କାର୍ଯ୍ୟ ଲକ୍ଷ୍ୟକୁ ତୁରନ୍ତ ପୂରଣ କରି ଚାଷୀଙ୍କୁ ଜଳସେଚନର ସୁବିଧା ଉପଲବ୍ଧ କରାଇବା ପାଇଁ ବିଭାଗୀୟ ଅଧିକାରୀ ଓ ଚୁକ୍ତିଭୁକ୍ତ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଓରେଡାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ଟି ଚୁକ୍ତିଭୁକ୍ତ କମ୍ପାନୀ ମାଧ୍ୟମରେ ରାଜ୍ୟରେ ସୋଲାର ପମ୍ପସେଟ୍ ସ୍ଥାପନ କରାଯାଇଛି। ଅତି କମ୍‌ରେ ୦.୫ ଏକର ଚାଷ ଜମି ଥିବା ଓ କୂଅ/ଫାର୍ମ ପଣ୍ଡ କିମ୍ବା ନିକଟସ୍ଥ ଚେକ୍‌ଡ୍ୟାମ୍‌ରୁ ପାଣି ନେବାର ସୁବିଧା ଥିବା ଚାଷୀଙ୍କୁ ସୋଲାର ପମ୍ପସେଟ୍ ସ୍ଥାପନ ନିମନ୍ତେ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ରାଜ୍ୟର ଆଭ୍ୟନ୍ତରୀଣ ଜିଲାରେ ଡିସି ମୋଟର ସୋଲାର ପମ୍ପସେଟ୍ ବଦଳରେ ଏସି ମୋଟର ପମ୍ପସେଟ୍ ସ୍ଥାପନର ସୁବିଧାକୁ ଅନୁଧ୍ୟାନ କରିବା ପାଇଁ ଆବଶ୍ୟକ ବୈଷୟିକ ପରାମର୍ଶ ନେବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୌର ଜଳନିଧି ଯୋଜନାରେ ସୋଲାର ପମ୍ପସେଟ୍ ସ୍ଥାପନ ନିମନ୍ତେ ଚାଷୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମନ୍ତ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି।

# ଓଡ଼ିଶା ଫେରିଲେ ବାବୁସାନ୍

## ବାବୁସାନ୍-ତୃପ୍ତି-ପ୍ରକୃତି ହାଇଡ୍ରାମା

- ମଙ୍ଗଳବାର ରାତିରେ ଫ୍ଲାଇଟ୍ ମିଶ୍ କରିଯାଇଥିଲେ
- ଆଜି ଜେରା କରିପାରେ ପୋଲିସ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)



ଭୁବନେଶ୍ୱର ବିମାନ ବନ୍ଦରରୁ ବାହାରୁଛନ୍ତି ଅଭିନେତା ବାବୁସାନ୍।

ଅଭିନେତା ବାବୁସାନ୍ ମହାନ୍ତି, ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ଗତ ୨୩ ତାରିଖରେ ରାସ୍ତାରେ ହୋଇଥିବା ବିବାଦ ପରେ ଚେନ୍ନାଇ ଯାଇଥିବା ଅଭିନେତା ବାବୁସାନ୍ ବୁଧବାର ଭୁବନେଶ୍ୱର ଫେରିଛନ୍ତି। ମଙ୍ଗଳବାର ରାତିରେ ଫେରିବାର ଥିଲା, ହେଲେ ବିମାନ ମିସ୍ କରି ଦେବା ଫଳରେ ସେ ଆସିପାରି ନ ଥିଲେ ବୋଲି ଜଣାପଡ଼ିଛି। ସେ ଫେରିବା ପରେ ତାଙ୍କ ଫ୍ୟାନ୍ ଓ ପରିବାର ସଦସ୍ୟଙ୍କ ମଧ୍ୟରେ ବେଶ୍ ଖୁସି ଦେଖିବାକୁ ମିଳିଛି। ଚେନ୍ନାଇରୁ ବିମାନ ଯୋଗେ ସକାଳ ୮ଟା ୩୦ରେ ଭୁବନେଶ୍ୱର ଏୟାରପୋର୍ଟରେ ବାବୁସାନ୍ ପହଞ୍ଚିଥିଲେ। ତାଙ୍କ ସହ ଅଭିନେତା ରବି ମିଶ୍ର ଓ ଅନ୍ୟଜଣେ ସହଯୋଗୀ ମଧ୍ୟ ଥିଲେ। ବାବୁସାନ୍ ଏୟାରପୋର୍ଟରୁ ବାହାରିବା ପରେ ପୋଲିସ ଓ ସୁରକ୍ଷା କର୍ମୀ ତାଙ୍କୁ ଏସ୍କର୍ଟ କରି କାର୍ ଅଭିମୁଖେ ନେଇଯାଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ପାଖରୁ ପ୍ରତିକ୍ରିୟା ଚାହିଁଥିଲେ। ବାବୁସାନ୍ କହିଥିଲେ, ଯେତେବେଳେ କହିବା କଥା ମୁଁ କହିବି। ବର୍ତ୍ତମାନ ମୋତେ ମୋ ମା'ବାପାଙ୍କ ପାଖକୁ ଯିବାକୁ ଦିଅନ୍ତୁ ବୋଲି କହିଥିଲେ। ଏହାପରେ ସେ କାର୍ ଯୋଗେ ସିଧାସଳଖ ବରମୁଣ୍ଡା ଜଗନ୍ନାଥ ବିହାରସ୍ଥିତ ବାସଭବନରେ ରହୁଥିବା ମା'ବାପାଙ୍କ ପାଖକୁ ଯାଇଥିଲେ। ସେଠାରେ ମଧ୍ୟ ଫ୍ୟାନ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡ଼ ଜମିଥିଲା। ହେଲେ ବାବୁସାନ କୌଣସି ପ୍ରତିକ୍ରିୟା ନ ଦେଇ ଘର ଭିତରକୁ ଚାଲିଯାଇଥିଲେ। ଅନ୍ୟପକ୍ଷରେ ବାବୁସାନ୍ ପହଞ୍ଚିବା ପରେ ଏହି ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ଖାରବେଳନଗର ପୋଲିସର ଏକ ଟିମ୍ ସତ୍ୟବିହାରସ୍ଥିତ ବାସଭବନକୁ ଯାଇ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କୁ ୧ଘଣ୍ଟା ୨୦ମିନିଟ୍ ଧରି ଜେରା କରିଥିଲା। ତେବେ ଏବେ ବାବୁସାନ୍ ଫେରି ଆସିବା ପରେ ପାରିବାରିକ କଳି କେଉଁ ମୋଡ଼ ନେବ, ସେନେଇ ସାଧାରଣରେ ଚର୍ଚ୍ଚା ଲାଗି ରହିଛି। ପୋଲିସ ଟିମ୍ ଗୁରୁବାର କିମ୍ବା ଶୁକ୍ରବାର ବାବୁସାନ୍‌ଙ୍କୁ ଜେରା କରିପାରେ ବୋଲି ସୂଚନା ମିଳିଛି।

### ବିଶ୍ରାମ ପରେ ମନ କଥା କହିବେ ବାବୁସାନ୍: ମା' ଅପରାଜିତା

ଭୁବନେଶ୍ୱର ଫେରିବା ପରେ ଗତ ୨୩ତାରିଖ ଘଟଣା ସମ୍ପର୍କରେ ବାବୁସାନ୍ ମୁହଁ ଖୋଲି ନ ଥିବା ବେଳେ ମା' ଅପରାଜିତା ଅପରାହ୍ନରେ ଏକ ଭିଡିଓ ମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ବାବୁସାନ୍ ଓ ପରିବାର ତରଫରୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଉଛି। ଆପଣଙ୍କ ସାହାଯ୍ୟ ସହଯୋଗ ବିନା ମୋ ପୁଅ ଆସି ପାରିଥାନ୍ତା କି ନାହିଁ ଜାଣିନି। ବାବୁସାନ କ୍ଲାନ୍ତ ହୋଇ ଆସିଥିବାରୁ ସେ ବିଶ୍ରାମ ନେଉଛି। ଦିନେ ଦୁଇଦିନ ମଧ୍ୟରେ ସେ ସମସ୍ତଙ୍କୁ ତା'ର ମନ କଥା କହିବ ବୋଲି ଅପରାଜିତା କହିଛନ୍ତି।

### ବିଜ୍ଞାପନରୁ ବାଦ ପଡ଼ିଲେ ପ୍ରକୃତି

ଅଭିନେତା ବାବୁସାନ୍ ଏବଂ ପ୍ରକୃତି ମିଶ୍ରଙ୍କୁ ନେଇ ଗତ ଶନିବାର ରାସ୍ତା ଉପରେ ସୃଷ୍ଟି ହୋଇଥିବା ବିବାଦକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଭଳିସ୍ଥିତିରେ ଅଭିନେତ୍ରୀ ପ୍ରକୃତିଙ୍କ ପାଇଁ ଅଡୁଆ ବଢ଼ିଯାଇଛି। ସୋସିଆଲ୍ ମିଡିଆରେ ତାଙ୍କର କିଛି ପୁରୁଣା ଭିଡିଓ ଭାଇରାଲ ହେଉଛି। ଉକ୍ତ ଭିଡିଓକୁ ନେଇ ବିଭିନ୍ନ ପ୍ରକାର ନକାରାତ୍ମକ ମନ୍ତବ୍ୟ ଦିଆଯାଉଛି। ଏସବୁ କାରଣ ପାଇଁ ପ୍ରକୃତିଙ୍କ ଛବି କିଛିଟା ମଳିନ ପଡ଼ିଥିବାରୁ ତାଙ୍କୁ ଏକ ବ୍ୟବସାୟିକ ସଂସ୍ଥା ବିଜ୍ଞାପନରୁ ବାଦ୍ ଦେଇଥିବା ସୂଚନା ମିଳିଛି। ଉକ୍ତ ସଂସ୍ଥା ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ହୋର୍ଡିଂ ଓ ବ୍ୟାନରକୁ କାଢ଼ି ଦିଆଯାଇଥିବା ଚର୍ଚ୍ଚା ହେଉଛି।

### ଆଗୁଆ ଜାମିନ ପାଇଁ ହାଇକୋର୍ଟ ଗଲେ ବାବୁସାନ୍

ଅଭିନେତା ବାବୁସାନ ଏବଂ ଅଭିନେତ୍ରୀ ପ୍ରକୃତିମିଶ୍ରଙ୍କ ବିରୋଧରେ ଗତ ଶନିବାର ସ୍ତ୍ରୀ ତୃପ୍ତି ଶତପଥୀ ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଆଇପିସି ଦଫା ୪୯୮(କ), ୫୦୬, ୩୪ରେ ଏକ ମାମଲା (ନଂ.୨୧୯/୨୦୨୨) ରୁଜୁ କରିଛି, ଯେଉଁଥିରେ ପ୍ରକୃତିଙ୍କ ସହ ବାବୁସାନ୍‌ଙ୍କ ନାମ ଅଭିଯୁକ୍ତ ତାଲିକାରେ ରହିଛି। ବାବୁସାନ୍‌ଙ୍କୁ ଜେରା ପାଇଁ ପରିବାର ଲୋକଙ୍କ ଦ୍ୱାରା ଡକାଯାଇଥିଲେ ମଧ୍ୟ ସେ ପୋଲିସ ନିକଟରେ ଏପର୍ଯ୍ୟନ୍ତ ହାଜର ହୋଇନାହାନ୍ତି। ବୁଧବାର ସେ ଚେନ୍ନାଇରୁ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତେବେ ତାଙ୍କ ବିରୋଧରେ ସ୍ତ୍ରୀ ତୃପ୍ତି କରିଥିବା ମାମଲାରେ ଯେଉଁ ଦଫା ଲାଗିଛି, ତାକୁ ଆଧାର କରି ପୋଲିସ ଗିରଫ କରିବାର ସମ୍ଭାବନା ରହିଛି। ତେଣୁ ଗିରଫଦାରିକୁ ଏଡ଼ାଇବା ପାଇଁ ବାବୁସାନ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଆଇନଜୀବୀ ଆକାଶ ଭୂୟାଁଙ୍କ ଦ୍ୱାରା ବାବୁସାନ୍ ଆଗୁଆ ଜାମିନ ଆବେଦନ(ଏବିଏଲ୍‌ଏପିଏଲ୍ ନଂ. ୯୧୪୪/୨୦୨୨) କରିଛନ୍ତି।

# ସାପ କାମୁଡ଼ାରେ ଗଲା ୩ ଜୀବନ

- ଶୋଇଥିବାବେଳେ ମା, ପୁଅଙ୍କୁ କାମୁଡ଼ିଲା
- ଘରେ ଥିବାବେଳେ ମହିଳାଙ୍କୁ ସର୍ପାଘାତ

ସୋହେଲା/ଅତାବିରା, ୨୭।୭(ଡି.ଏନ.ଏ.)

ବରଗଡ଼ ଜିଲାରେ ସାପ କାମୁଡାରେ ବୁଧବାର ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୋହେଲା ବ୍ଲକ ଶ୍ରୀଗିଡ଼ା ପଞ୍ଚାୟତ ବାଇପାଲି ଗ୍ରାମର ସୁନୀତା ସାହୁ(୩୭), ତାଙ୍କ ପୁଅ ପୀୟୁଷ(୭) ଏବଂ ଭେଡ଼େନ ଥାନା ଡାଲବ ପଞ୍ଚାୟତ ପାପପାଲି ଗ୍ରାମର ଜୟନ୍ତୀ ପୋଡ଼(୪୮)। ବୁର୍ଲା ଡାକ୍ତରଖାନାରେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ବୁର୍ଲା ଡାକ୍ତରଖାନା ଫାଣ୍ଡିରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ମଙ୍ଗଳବାର ରାତିରେ ଭୋଜନ ପରେ ସୋହେଲା ବାଇପାଲି ଗ୍ରାମର ସୁନୀତା ସାନପୁଅ ପୀୟୁଷକୁ ଧରି ଗୋଟିଏ ଖଟରେ ଶୋଇଥିବାବେଳେ ତାଙ୍କ ସ୍ୱାମୀ କ୍ଷୀରୋଦ୍ର ସାହୁ ବଡ଼ପୁଅ ଆୟୁଷଙ୍କ ସହିତ ଅନ୍ୟ ଏକ ଖଟିଆରେ ଶୋଇଥିଲେ। ବିଳମ୍ବିତ ରାତିରେ କୌଣସି ଏକ ସାପ କାମୁଡ଼ି ଦେବା ଯୋଗୁ ମା, ପୁଅ(ସୁନୀତା, ପୀୟୁଷ) ଚିତ୍କାର କରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ଉଭୟଙ୍କୁ ତୁରନ୍ତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେଠାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମା'ପୁଅଙ୍କ ମୃତ୍ୟୁ ହୋଇଯାଇଥିଲା। ଗ୍ରାମକୁ ମୃତଦେହ ଫେରିବା ପରେ ଗୋଟିଏ ଜୁଇରେ ମା, ପୁଅଙ୍କ ସତ୍କାର କରାଯାଇଥିଲା।

ସେହିପରି ଭେଡ଼େନ ଥାନା ଅନ୍ତର୍ଗତ ପାପପାଲି ଗ୍ରାମର ସତ୍ୟନାରାୟଣ ପୋଡ଼ଙ୍କ ସ୍ତ୍ରୀ ଜୟନ୍ତୀ(୪୮) ବୁଧବାର ସକାଳେ ବାହାରୁ ଶୌଚକାର୍ଯ୍ୟ ସାରି ଘରକୁ ଫେରିଥିଲେ। ଘରେ ସେ ପିନ୍ଧିଥିବା ଶାଢି ବଦଳାଉ ଥିବାବେଳେ ସେଠାରେ ଥିବା ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ କାଦୋବାହାଲ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା।

# କୁଳଡ଼ିହାରେ ପୁଣି ହାତୀଛୁଆ ମୃତଦେହ ଠାବ

ନୀଳଗିରି, ୨୭।୭(ସ୍ୱ.ପ୍ର.)

## ୭ ମାସରେ ଗଲାଣି ୪ ଜୀବନ



ମୃତ ହାତୀ ଛୁଆ।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟରେ ବୁଧବାର ପୁଣି ଏକ ହାତୀଛୁଆର ମୃତଦେହ ଠାବ ହୋଇଛି। ହାତୀଟିର ବୟସ ୩ବର୍ଷ ହେବ। ଗତ ୭ମାସ ମଧ୍ୟରେ ଗୋଟିଏ ପରେ ଗୋଟିଏ ଏହିପରି ୪ ହାତୀର ମୃତ୍ୟୁ ହେବା ଘଟଣା ବନବିଭାଗର ନିଦ ହଜାଇ ଦେଇଛି।

ଚେମଚଟା ବିଟ୍ ହାଉସ ଅଧୀନ ଚେମଚଟା ଜଙ୍ଗଲରେ ଅଭୟାରଣ୍ୟ କର୍ମଚାରୀମାନେ ବୁଧବାର ପୂର୍ବାହ୍ନରେ କାମ କରୁଥିବା ବେଳେ ହାତୀଛୁଆର ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ସେମାନେ କୁଳଡିହା ରେଞ୍ଜର ଅନନ୍ତ କୁମାର ଜେନାଙ୍କୁ ଖବର ଦେଇଥିଲେ। ବାଲେଶ୍ୱର ବନଖଣ୍ଡ ଅଧିକାରୀ (ଡିଏଫଓ) ଆୟୁଷ ଜୈନ, ରେଞ୍ଜର ଜେନା, ଫରେଷ୍ଟର ଓ ପ୍ରାଣୀ ଚିକିତ୍ସକ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଇଥିଲେ। ହାତୀ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ୪ରୁ ୫ଦିନ ପୂର୍ବରୁ ଦନ୍ତାହାତୀ ଆକ୍ରମଣରେ ଉକ୍ତ ହାତୀଛୁଆର ମୃତ୍ୟୁ ହୋଇଥାଇପାରେ ବୋଲି ବନବିଭାଗ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ। ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା।

ଉଲ୍ଲେଖଯୋଗ୍ୟ, ଗତ ୧୮ତାରିଖରେ କୁଳଡ଼ିହା ଅଭୟାରଣ୍ୟର ଏକ ଦନ୍ତା ହାତୀର ନୀଳଗିରି ବନ ବିଭାଗ ଅଧୀନ ବାରାଗଡ଼ିଆ ଗ୍ରାମରେ ମୃତ୍ୟୁ ହୋଇଥିଲା। ଏହାର ୧୦ଦିନ ନ ହେଉଣୁ ପୁଣି ଏକ ହାତୀର ମୃତ୍ୟୁ ଘଟିଛି। ସେହିପରି କ୍ରମାଗତ ଭାବେ ୪ଟି ହାତୀର ମୃତ୍ୟୁ ଘଟଣା ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ସ୍ଥାନୀୟ ଲୋକେ ବନବିଭାଗର ଅପାରଗତାକୁ ଦାୟୀ କରିଛନ୍ତି।

# ଖାଦ୍ୟ ସୁରକ୍ଷା ଯୋଜନାରେ ୩.୩୩ କୋଟି ହିତାଧିକାରୀ ସାମିଲ

## ଏ ପର୍ଯ୍ୟନ୍ତ ୧୨.୮୧ ଲକ୍ଷ ହିତାଧିକାରୀ ମୃତ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ରାଜ୍ୟରେ ୩ କୋଟି ୩୩ ଲକ୍ଷ ୨୭ ହଜାର ୨୫୫ ହିତାଧିକାରୀ ଉପକୃତ ହୋଇଛନ୍ତି। ସେଥିରୁ ଏନ୍‌ଏଫ୍‌ଏସ୍‌ଏରେ ୩,୨୫,୧୮,୪୫୫ ଜଣ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୮,୦୮,୮୦୦ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇଛନ୍ତି। ଚଳିତ ବର୍ଷ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୧,୪୯, ୩୫୩ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ମୂଳ ପ୍ରଶ୍ନର ଉତ୍ତରରେ ବୁଧବାର ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ, ଉଭୟ ଯୋଜନାରେ କେତେ ହିତାଧିକାରୀ ଉପକୃତ ହୋଇଛନ୍ତି। ମୃତ୍ୟୁ ଓ ଅନ୍ୟାନ୍ୟ କାରଣରୁ କେତେକ ଖାଲି ପଡ଼ିଛି। ଏ ପର୍ଯ୍ୟନ୍ତ କେତେ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଅପେକ୍ଷା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଯୋଜନା ଲାଗୁ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ୧୨,୮୧, ୧୪୫ ହିତାଧିକାରୀଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ସ୍ଥାନରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ ହେବା ପାଇଁ ରାଜ୍ୟରେ ମୋଟ ୧,୪୦, ୫୪୭ ଆବେଦନପତ୍ର ବିଚାରାଧୀନ ରହିଛି।

# ରାଜ୍ୟରେ ୯୯ ଲକ୍ଷ ଗୋରୁ

ଭୁବନେଶ୍ୱର,୨୭।୭(ବ୍ୟୁରୋ)–ରାଜ୍ୟରେ ୯୯,୦୩,୯୩୦ ଗୋରୁ, ୪,୫୮,୩୨୪ ମଇଁଷି, ୬୩,୯୩,୪୫୨ ଛେଳି, ୧୨,୭୯,୧୪୯ ମେଣ୍ଢା ଓ ୧,୩୫, ୧୬୨ ଘୁଷୁରି ଅଛନ୍ତି। ୨୦୧୯ରେ ହୋଇଥିବା ୨୦ତମ ପ୍ରାଣୀଧନ ଗଣନାରୁ ଏହି ସୂଚନା ମିଳିଛି। ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହା କହିଛନ୍ତି।

# ଓଜେଇଇ ଟପ୍ପରଙ୍କ ମୁହଁରୁ...

### ଟପ୍ପର ହେବି ବୋଲି ଆଶା ନ ଥିଲା



ପରୀକ୍ଷା ଭଲ ହୋଇଥିଲା। ଟପ୍ପର ହେବି ଆଶା କରି ନ ଥିଲି। ତେଣୁ ଅଧିକ ଖୁସି ଲାଗୁଛି। ବହୁ ବର୍ଷ ହେଲାଣି ପ୍ରସ୍ତୁତି କରୁଥିଲି। କିନ୍ତୁ ଭଲ ସ୍କୋରକୁ ଅପେକ୍ଷା କରିଥିଲି। କରୋନା ସମୟରେ ପରୀକ୍ଷା ପାଇଁ ପ୍ରସ୍ତୁତି ଭଲରେ କରିପାରିଥିଲି। ସେଥିପାଇଁ ପରୀକ୍ଷା ଭଲ ହୋଇଥିଲା।

- ସଞ୍ଜୀବ ପ୍ରଧାନ, ସିଭିଲ ଇଞ୍ଜିନିୟରିଂ ଟପ୍ପର, କଟକ

### ବ୍ୟବସାୟ କରି ଲୋକଙ୍କୁ ନିଯୁକ୍ତି ଦେବି



ଏମ୍‌ବିଏରେ ଭଲ ର୍‍ୟାଙ୍କ ରହିବ ବୋଲି ଆଶାଥିଲା, ହେଲେ ଟପ୍ପର ହେବି ବୋଲି ଆଶା ନ ଥିଲା। ଫଳ ପ୍ରକାଶ ପରେ ବହୁତ ଖୁସି ଅନୁଭବ କରୁଛି। କେଉଁଠି ପଢିବି ସ୍ଥିର କରିନାହିଁ। ଆସନ୍ତା ୧୦ରୁ କାଉନସେଲିଂ ଆରମ୍ଭ ହେବା ତା' ପୂର୍ବରୁ କେଉଁଠି ଶିକ୍ଷାଲାଭ କରିବି ନିଷ୍ପତ୍ତି ନେବି। ଭବିଷ୍ୟତରେ ଉତ୍ପାଦନ ସଂକ୍ରାନ୍ତୀୟ ବ୍ୟବସାୟ କରି ଅଧିକ ସଂଖ୍ୟକ ଲୋକଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦେବି।

- ଶ୍ରଦ୍ଧାରବିନ୍ଦ ସାମନ୍ତରାୟ, ଏମ୍‌ବିଏ ଟପ୍ପର, ନାଉଲ, ତିର୍ତ୍ତୋଲ ବ୍ଲକ, ଜଗତ୍‌ସିଂହପୁର

### ସଫ୍ଟୱେର ଇଞ୍ଜିନିୟର ହେବି



ସ୍ନାତକରେ ଉତ୍ତୀର୍ଣ୍ଣ ହେବା ପରେ ବର୍ଷେ ଓଜେଇଇ ଏବଂ ଏନ୍‌ଆଇଟିରେ ଏମ୍‌ସିଏ (କମନ ଏଣ୍ଟ୍ରାନ୍ସ) ପାଇବା ପାଇଁ ପ୍ରସ୍ତୁତ ହେଉଥିଲି। ସୌଭାଗ୍ୟକୁ ଟପ୍ପର ହୋଇଥିବାରୁ ଖୁସି ଅନୁଭବ କରୁଛି। ସଫଳତା ପାଇଁ ମା', ବାପା, ସମ୍ପର୍କୀୟମାନଙ୍କ ଅବଦାନ ରହିଛି। ଆଲ୍ଲାହାବାଦସ୍ଥିତ ପାଠପଢ଼ା ପରେ ସଫ୍ଟୱେର ଉନ୍ନତୀକରଣ କରିବା ସହ ଜଣେ ଭଲ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

- ଇଶାନ୍ତ କୁମାର ନାୟକ, ବାଛପୁର, ଏରସମା, ଜଗତ୍‌ସିଂହପୁର

### ଡାକ୍ତର ହେବାକୁ ଇଚ୍ଛା



ଓଜେଇଇ ପ୍ରବେଶିକା ପରୀକ୍ଷାର ବି. ଫାର୍ମାରେ ଟପ୍ପର ହୋଇଛନ୍ତି ଅରୂପ ପଣ୍ଡା। ଆଗକୁ ସେ ଜଣେ ଡାକ୍ତର ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ମା'ବାପା ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। କଠିନ ପରିଶ୍ରମ କରିବା ସହ ସୋସିଆଲ ମିଡିଆଠାରୁ ଦୂରେଇ ରହିବାକୁ ଅରୂପ ଅନ୍ୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଅରୂପ ଏବେ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି।

- ଅରୂପ ପଣ୍ଡା, ବି. ଫାର୍ମା ଟପ୍ପର

# 'ନ୍ୟାୟ ବ୍ୟବସ୍ଥା ଉପରେ ଗରୀବ ଲୋକଙ୍କ ବିଶ୍ୱାସ ରହିବା ଜରୁରୀ'






## ନବନିଯୁକ୍ତ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟରଙ୍କୁ ଦିଗ୍‌ଦର୍ଶନ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ଆଇନ ଆଖିରେ ସମସ୍ତେ ସମାନ। ଏଥିରେ କୌଣସି ଭେଦଭାବ ରହିବା ଉଚିତ୍ ନୁହେଁ। ଗରିବରୁ ଅତି ଗରିବ ଶ୍ରେଣୀର ଲୋକମାନେ ଏ କଥାକୁ ଯେପରି ଅନୁଭବ କରିପାରିବେ। ଏପରି କି ନ୍ୟାୟ ବ୍ୟବସ୍ଥା ଉପରେ ସମସ୍ତେ ଯେପରି ବିଶ୍ୱାସ କରିପାରିବେ ସେହିଭଳି କାର୍ଯ୍ୟ କରିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ଠାରେ ବୁଧବାର ନବନିଯୁକ୍ତ ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରୋସିକ୍ୟୁଟର(ଏପିପି)ଙ୍କ ନିମନ୍ତେ ଭର୍ଚୁଆଲ୍‌ରେ ଆୟୋଜିତ ଦିଗ୍‌ଦର୍ଶନ(ଓରିଏଣ୍ଟେଶନ) କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକମାନଙ୍କ ପାଇଁ ନିଷ୍ଠା ଏବଂ ଖୋଲା ହୃଦୟର ସହ କାମ କର। ସେମାନେ ଯେପରି ନ୍ୟାୟ ପାଇପାରିବେ ସେନେଇ ଲୋକଙ୍କୁ ସହଯୋଗ କର। ନୂଆନିଯୁକ୍ତି ପାଇଥିବା ଏପିପିମାନେ ଉଚ୍ଚଶିକ୍ଷିତ। ରାଜ୍ୟର ବିଭିନ୍ନ କୋର୍ଟରେ ସେମାନଙ୍କ ବିଭିନ୍ନ ପ୍ରକାର ଅଭିଜ୍ଞତା ରହିଛି। ଏହି ଅଭିଜ୍ଞତାକୁ ଲୋକଙ୍କୁ ନ୍ୟାୟ ପ୍ରଦାନରେ ବ୍ୟବହାର କରିବା ଆବଶ୍ୟକ। ନୂଆ ନିଯୁକ୍ତି ପାଇଥିବା ସମସ୍ତ ସହକାରୀ ସରକାରୀ ଓକିଲ ଗରିବଙ୍କୁ ନ୍ୟାୟ ଦେବା ଦିଗରେ ନିଜର ଶ୍ରେଷ୍ଠ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ଥିବା ଦଣ୍ଡାଦେଶ ହାର ଦିଗରେ ଆହୁରି ଉନ୍ନତି ଆସିବା ଦରକାର। ଟେକ୍ନୋଲୋଜି ହେଉଛି ୫-ଟି ବ୍ୟବସ୍ଥାର ସବୁଠାରୁ ବଡ଼ ଅସ୍ତ୍ର। ତେଣୁ ତାକୁ ବ୍ୟବହାର କରିଲେ ହିଁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅଧିକ ଲାଭ ମିଳିପାରିବ। ଏହି ଅବସରରେ ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ସମସ୍ତ ଏଏପିମାନେ ସଚ୍ଚୋଟ ଏବଂ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବା ଆବଶ୍ୟକ। ଲୋକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦିଗରେ କାମ କରିବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ଅତି ଅନୁନ୍ନତ ଅଞ୍ଚଳରୁ ଆସୁଥିବା ଲୋକଙ୍କ ପାଇଁ ସଚ୍ଚୋଟତାର ସହ କାମ କରି ସେମାନଙ୍କୁ ନ୍ୟାୟ ଦେବାକୁ ଚେଷ୍ଟା କରିବା ଜରୁରୀ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି। ଏହିଅବସରରେ ନୂଆ ନିଯୁକ୍ତି ପାଇଥିବା ଗୀତାଞ୍ଜଳି ନାଏକ, ସର୍ବଜିତ ଶ୍ରୀଚନ୍ଦନ, ଲଳିତା ପାତ୍ର କହିଛନ୍ତି, ବୈଷୟିକ ଭିତ୍ତିକ ନିଯୁକ୍ତି ଏବଂ ଚଏସ୍ ଲକିଂ ସିଷ୍ଟମରେ ନିଯୁକ୍ତି ନେଇ ସେମାନେ ଅତ୍ୟନ୍ତ ଖୁସି। ଏହାସହ ଟ୍ରାନ୍ସପାରାନ୍ସି ବ୍ୟବସ୍ଥାକୁ ମଧ୍ୟ ସେମାନେ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
0674-2580385

ଧନଲକ୍ଷ୍ମୀ ଫାଇନାନ୍ସ
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର,
ଏଜୁକେଶନ, ଗୃହ ଉଦ୍ୟୋଗ,
ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ନିରଞ୍ଜନ ପଲାଇ
ଅବସରପ୍ରାପ୍ତ ଶିକ୍ଷକ
କୁସୁମୀ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ- ୦୭।୦୨।୧୯୫୫
ତିରୋଧାନ- ୧୮।୦୭।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ - ରାଘବ, ବାବୁରାମ, ଗୋପାଳ, ଗୋବିନ୍ଦ, ଧନଞ୍ଜୟ, ରଂଜନ, ସୁଚିତ୍ର, ଚିତ୍ତରଂଜନ, ବିବେକ, ଆନନ୍ଦ, ବିନୋଦ, ଗୋବର୍ଦ୍ଧନ, ଆଦିକନ୍ଦ, ଅନିରୁଦ୍ଧ, ଅଶୋକ, ସତ୍ୟରଂଜନ, କରଣ, ରାଜା, ଶୁଭମ୍, ଚିନ୍ମୟ ଓ ପରିବାରବର୍ଗ ।
ଧ-୧୧୨୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶରତ କୁମାର ମିଶ୍ର
ଆବିର୍ଭାବ- ୧୮।୦୪।୧୯୩୨
ତିରୋଧାନ- ୧୨।୦୭।୨୦୨୨
କୌଶସ ସାମନ୍ତ ଶରତ,
ସପ୍ତମୀ ତିଥିରେ ବିଗତ ।
ଛାଡିଲ ପାର୍ଥିବ ଶରୀର,
ହୋଇଲ ଜଗତେ ଅମର ।।
ଶ୍ରୀରଙ୍ଗା ଚରଣେ ଆଶ୍ରିତ,
ପାଇଲ ମୁକତି ସାଯୁଜ୍ୟ ।।
ଦଶାହରେ ପାଦ ଯୁଗଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଅର୍ଦ୍ଧାଙ୍ଗିନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ଆତ୍ମୀୟସ୍ୱଜନବୃନ୍ଦ ।
ଧ-୭୩୫୦୧୨

# ଅଡୁଆ ସୂତାରେ ଓଡ଼ିଆ ସିନେମା

"ଓଡ଼ିଆ ସିନେମାର ବର୍ତ୍ତମାନ ଅବସ୍ଥା କଥା କହିଲେ ମଧ୍ୟ କିଛି ଲାଭ ନାହିଁ। ଏବେ ଭଲ ପ୍ରଯୋଜକ, ନିର୍ଦ୍ଦେଶକ, ସଂଳାପ ଆଉ ଚିତ୍ରନାଟ୍ୟ ଲେଖକଙ୍କ ସଂଖ୍ୟା ବେଶ୍ କମ୍। ତଥାପି ଆମେ ଚଳଚ୍ଚିତ୍ର ପୃଷ୍ଠା ମଧ୍ୟରେ ଟିଭି ମାଧ୍ୟମରେ ସତମିଛର କଥା ଓ ଆଲୋଚନା କରି ପାଳ ଉପରେ ଚଢ଼ି ଉଚ୍ଚତା ମାପୁଛୁ।"

ଦିନ ଥିଲା, ଓଡ଼ିଆ ସିନେମା ଦେଖିବାକୁ ପ୍ରେକ୍ଷାଳୟରେ ମାସ ମାସ ଧରି ଭିଡ଼ ଲାଗି ରହୁଥିଲା। ହେଲେ ଏବେ ଯାହା ଅବସ୍ଥା ତାହା ନ କହିବା ଭଲ। ଅଧିକାଂଶ ଚଳଚ୍ଚିତ୍ରର ଭାଗ୍ୟ ଗୋଟିଏ କିମ୍ବା ଦୁଇଟି ଶୋ' ଭିତରେ ସୀମିତ ରହିଯାଉଛି। ବର୍ତ୍ତମାନ ଓଡ଼ିଆ ଚଳଚ୍ଚିତ୍ରର ଅବସ୍ଥା ଯାହା ସତେଯେମିତି ଲାଗୁଛି ଆମ ସିନେମା ଏବେ ଅଡୁଆ ସୂତାରେ ଛନ୍ଦି ହୋଇଯାଇଛି। କୋଭିଡ୍ ପୂର୍ବରୁ ବର୍ଷକୁ ପ୍ରାୟ ୩୫ରୁ ଅଧିକ ଚିତ୍ର ପରଦା ଉପରକୁ ଆସୁଥିଲା। କିନ୍ତୁ ପ୍ରେକ୍ଷାଳୟରେ ଦର୍ଶକଙ୍କ ମରୁଡ଼ି ପ୍ରଯୋଜକଙ୍କ ଆଶାକୁ ଚୂର୍‌ମାର କରିଦେଉଛି ବୋଲି କହିଲେ ଆଦୌ ଭୁଲ୍ ହେବନାହିଁ। ସିନେମାଟିଏ ରିଲିଜ୍ ହେଲେ ବେଳେବେଳେ ପ୍ରିମିୟର ଶୋ'ରେ ଅତିଥିଙ୍କ ସଂଖ୍ୟା ଦର୍ଶକଙ୍କ ସଂଖ୍ୟାକୁ ଟପିଯାଉଛି। ଆଉ ତା'ପରେ ସିନେମାର ଅବସ୍ଥା ଯାହା ହେଉଛି ତାହା ଅନେକେ ଜାଣନ୍ତି। ପ୍ରକୃତପକ୍ଷେ ଦର୍ଶକମାନେ ଓଡ଼ିଆ ସିନେମା ଦର୍ଶନ ନିମନ୍ତେ ପ୍ରେକ୍ଷାଳୟ ମୁହାଁ ହେଉନାହାନ୍ତି। ଶୁଟିଂ ପରେ ଶୁଟିଂ ହେଉଛି। ପୂର୍ବ ପ୍ରଦର୍ଶିତ ତଥା ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମାକୁ ଉତ୍ତାରି ମଧ୍ୟ ଆମେ ଏଗ୍ରିଗେଟ୍ ନ ରଖି ଫେଲ୍ ହେଉଛି। କପି ସିନେମା କଲେ ମଧ୍ୟ ପାସ୍ ମାର୍କ ରହୁନାହିଁ। ଓଡ଼ିଆ ସିନେମାର ବର୍ତ୍ତମାନ ଅବସ୍ଥା କଥା କହିଲେ ମଧ୍ୟ କିଛି ଲାଭ ନାହିଁ। ଏବେ ଭଲ ପ୍ରଯୋଜକ, ନିର୍ଦ୍ଦେଶକ, ସଂଳାପ ଆଉ ଚିତ୍ରନାଟ୍ୟ ଲେଖକଙ୍କ ସଂଖ୍ୟା ବେଶ୍ କମ୍। ତଥାପି ଆମେ ଚଳଚ୍ଚିତ୍ର ପୃଷ୍ଠା ମଧ୍ୟରେ ଟିଭି ମାଧ୍ୟମରେ ସତମିଛର କଥା ଓ ଆଲୋଚନା କରି ପାଳ ଉପରେ ଚଢ଼ି ଉଚ୍ଚତା ମାପୁଛୁ।

ସିନେମାଟିଏ ନିର୍ମାଣ କରିବାକୁ ଅନେକ ନୂଆ ପ୍ରଯୋଜକ ଆଗଭର ହେଉଛନ୍ତି–ଏହା ନିଶ୍ଚୟ ଶୁଭସୂଚନା। ହେଲେ ଫିଲ୍ମ ନିର୍ମାଣ କରିବାରେ ଆବଶ୍ୟକ ଜ୍ଞାନର ଅଭାବ, କେତେକ ଲୋକଙ୍କ ପ୍ରରୋଚନାରେ ପଡ଼ି ଅଯଥା ଅର୍ଥ ଖର୍ଚ୍ଚ କରିବା ଦ୍ୱାରା ସିନେମାଟିର ଅବସ୍ଥା 'ଦିଅଁ ଗଢୁ ଗଢୁ ବାନ୍ଦର' ପରି ହୋଇଯାଉଛି। ଏପରି ଚିତ୍ରଟିଏ ପ୍ରସ୍ତୁତ କରାଯାଉ, ଯାହାକୁ ବାରମ୍ବାର ଦେଖିବାକୁ ଇଚ୍ଛା ହେବ। ସେପରି ଚିନ୍ତାଧାରା ପ୍ରଯୋଜକଙ୍କ ମନରେ ଉଦ୍ରେକ ହେଲେ ଆମ ଓଡ଼ିଆ ସିନେମା ପୁଣିଥରେ ଦର୍ଶକାଦୃତ ହୋଇପାରିବ। ଏବେ ପ୍ରଯୋଜକଟିଏ ଅନେକ ଆଶା କରି ସିନେମା ନିର୍ମାଣ କରୁଛି। ହେଲେ ରିଲିଜ୍ ପରେ ସେ କେତେ ଟଙ୍କା ରିଟର୍ନ ପାଉଛନ୍ତି ତାହା ନ କହିବା ଭଲ। ତେଣୁ ଅଧିକାଂଶ ପ୍ରଯୋଜକଙ୍କ ଭାଗ୍ୟ ଗୋଟିଏ ସିନେମାରେ ହିଁ ସୀମିତ ରହିଯାଉଛି।

'ପୁଷ୍ପା', 'ଆର୍ ଆର୍ ଆର୍', 'କେଜିଏଫ୍–୨' ଆଦି ଚଳଚ୍ଚିତ୍ର ଅନ୍ୟ ଭାଷାରେ ହେଲେ ମଧ୍ୟ ସାରା ଦେଶରେ କୋଟି କୋଟି ଟଙ୍କା ବ୍ୟବସାୟ କରୁଛି। ତେଲୁଗୁ, ତାମିଲ, କନ୍ନଡ଼, ମରାଠୀ ଚଳଚ୍ଚିତ୍ର ପୂର୍ବରୁ କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଦର୍ଶିତ ହେଉଥିଲା। ସମ୍ପ୍ରତି କେବଳ ଭାରତ ବର୍ଷରେ ନୁହେଁ, ବିଦେଶରେ ମଧ୍ୟ ଏହି ଚଳଚ୍ଚିତ୍ରଗୁଡ଼ିକୁ ବ୍ୟବସାୟିକ ସଫଳତା ମିଳୁଛି। ଆମ ରାଜ୍ୟରେ ମଧ୍ୟ ଏହି ସିନେମାଗୁଡ଼ିକ ଭଲ ବିଜନେସ୍ କରୁଛନ୍ତି। ହେଲେ ଓଡ଼ିଆ ସିନେମା ଦେଖିବାକୁ ଦର୍ଶକ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ପ୍ରଯୋଜକମାନେ ଓଡ଼ିଆ ସିନେମାର ଭିତ୍ତିଭୂମିକୁ ଲକ୍ଷ୍ୟକରି ଅର୍ଥ କାରବାର କରିବା ଉଚିତ୍। ଆମେ କେବଳ ବର୍ଷକୁ ବର୍ଷ ଜନ୍ମଦିନ ପାଳନ କରି ଓଡ଼ିଆ ସିନେମାର ବୟସ ମନେପକାଇବା ସାର ହେବ।

ପ୍ରତିଟି ସିନେମା ଏକ ବୃହତ୍ ଗଣମାଧ୍ୟମ। ସେ ଓଡ଼ିଆ ହେଉ କି ଅନ୍ୟାନ୍ୟ ଭାଷାର ସିନେମା ହେଉ। ଭଲ କାହାଣୀ, ଭଲ ଚିତ୍ରନାଟ୍ୟ ହୋଇଥିବା କାର୍ଯ୍ୟକୁ ଭଲ ନିର୍ଦ୍ଦେଶକମାନଙ୍କ ଦ୍ୱାରା କରାଗଲେ ତାହା ସର୍ବଜନାଦୃତ ହେବ। ଭଲ ସିନେମା ପାଇଁ ଆଜି ଭାରତ ବର୍ଷରେ ତେଲୁଗୁ, ତାମିଲ ସିନେମା ସାଧାରଣରେ ଦର୍ଶକମାନଙ୍କୁ ଆମୋଦିତ କରୁଛି। କିନ୍ତୁ ଓଡ଼ିଆ ସିନେମା ଆମୋଦିତ ପରିବର୍ତ୍ତେ ଅସହ୍ୟବୋଧ ହେଉଛି। ଆଉ କେତେଦିନ ପରେ ଓଡ଼ିଆ ଦର୍ଶକେ ପ୍ରେକ୍ଷାଳୟମୁହାଁ ହେବେ ତାହା ଦେଖିବାକୁ ରହିଲା।



–ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨



କିଆରା

# ଖୋଜା ଚାଲିଛି...

କିଆରା ଆଡ୍‌ଭାନୀ ଏବେ ଗୁରୁ ଖୋଜିବାରେ ବ୍ୟସ୍ତ। ହେଲେ ତାଙ୍କର ଏହି ମିଶନ ପଛରେ ନିଶ୍ଚୟ ସେପରି କିଛି କାରଣ ରହିଛି। ନ ହେଲେ ସେ କାହିଁକି ଦିନରାତି ଏକାଠି କରି ଗୁରୁ ଖୋଜୁଥାଆନ୍ତେ। କଥା କ'ଣ କି, ଏକ କମେଡି ଫିଲ୍ମରେ ଆକ୍ଟିଂ କରିବାକୁ ତାଙ୍କୁ ଏବେ ସୁଯୋଗ ମିଳିଛି। ତେବେ ଏପରି ରୋଲ୍‌କୁ ସେ କେମିତି ନେଇଆଣି ଥୋଇବେ ସେଥିଲାଗି ଚିନ୍ତାରେ ପଡ଼ିଯାଇଛନ୍ତି। ତେଣୁ ଜଣେ କମେଡି ଗୁରୁ ଖୋଜିବାରେ ବ୍ୟସ୍ତ ଅଛନ୍ତି ସେ। ଏ ସମ୍ପର୍କରେ କିଆରା କହନ୍ତି, 'କମେଡି ଭୂମିକା ତୁଲାଇବା ସହଜ କଥା ନୁହେଁ। ଯେହେତୁ ଫିଲ୍ମଟିରେ ଅଭିନୟ କରିବି ବୋଲି ରାଜି ହୋଇଛି ତେଣୁ ମୋତେ ଏ ନେଇ ପ୍ରସ୍ତୁତ ହେବାକୁ ପଡ଼ିବ। ଏବେ ମୁଁ କମେଡି ଫିଲ୍ମ ଦେଖୁଛି। ତେବେ ଏପରି ଜଣେ ଗୁରୁ ଖୋଜୁଛି, ଯିଏ ମୋତେ କମେଡି ବିଷୟରେ ଅଧିକ ଟିପ୍ସ ଦେଇପାରିବେ। ଭାବୁଛି ଏଥିଲାଗି ଅକ୍ଷୟ କୁମାରଙ୍କ ସହ କଥା ହେବି। ମୋର ଆଶା, ସେ ମୋ କଥା ଶୁଣିବା ପରେ ନିଶ୍ଚୟ ସହଯୋଗର ହାତ ବଢ଼ାଇବେ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶକ ମଧ୍ୟ ମୋତେ କମେଡି ବିଷୟରେ କିଛି ଟିପ୍ସ ଦେଇଛନ୍ତି। ତାହାକୁ ତର୍ଜମା କରି ସେଥିରୁ କିଛି ଶିଖିବାକୁ ଚେଷ୍ଟା କରୁଛି। କାରଣ ମୁଁ ଜାଣିଛି କମେଡି କରିବା ସହଜ କଥା ନୁହେଁ। ଆମ ଅଭିନୟରେ ଦର୍ଶକ ହସିବା ଦରକାର। ନ ହେଲେ ସବୁ ପରିଶ୍ରମ ପାଣିରେ ପଡ଼ିଯିବ।' ତେବେ କାହାକୁ କିଆରା କମେଡି ଗୁରୁ ଭାବେ ଗ୍ରହଣ କରି ଜ୍ଞାନ ଅର୍ଜନ କରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।



ବାଣୀ

# କାହାଣୀ ଖୋଜୁଛନ୍ତି ବାଣୀ

ବାଣୀ କପୁରଙ୍କ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି? ସେ ଏବେ ଗୋଟିଏ କାମରେ ନିଜକୁ ନିୟୋଜିତ କରିଛନ୍ତି। ତାହା ହେଲା କାହାଣୀ ଖୋଜା। ଏହା ପଛରେ ଏକ ସ୍ପେଶାଲ କାରଣ ରହିଛି। କଥା କ'ଣ କି, ନିକଟରେ ରଣବୀର କପୁର ଏବଂ ବାଣୀ କପୁରଙ୍କ ଅଭିନୀତ 'ସମସେରା' ଫ୍ଲପ୍ ତାଲିକାଭୁକ୍ତ ହୋଇଛି। ବକ୍ସ ଅଫିସ୍‌ରେ ଫିଲ୍ମଟି ମାତ୍ର ୫୦ କୋଟିରୁ କମ୍ ବିଜନେସ୍ କରିଛି। ତେବେ ଏହାକୁ ନେଇ ଭାଙ୍ଗିପଡ଼ିନାହାନ୍ତି ବାଣୀ। ଏ ସମ୍ପର୍କରେ ସେ କହନ୍ତି, 'ରଣବୀରଙ୍କ ସହ ମୋର ଯୋଡ଼ି ଏହି ଫିଲ୍ମରେ ଫ୍ଲପ୍ ହେଲା ବୋଲି ଆଲୋଚନା ହେଉଛି। ହେଲେ ଆଗକୁ ଯଦି ପୁଣି ସୁଯୋଗ ମିଳେ ତେବେ ଆମ ଯୋଡ଼ି ହିଟ୍ ସାବ୍ୟସ୍ତ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ନିକଟରେ ଜଣେ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ଆମକୁ ନେବାକୁ ପରୋକ୍ଷ ସୂଚନା ଦେଇଛନ୍ତି। ତା'ସହ ଏହି ଚଳଚ୍ଚିତ୍ରର କାହାଣୀ ଚୟନ ଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି। ତେଣୁ ମୁଁ ଦିନରାତି ଏକାଠି କରି ସେହି କାମରେ ଲାଗିପଡ଼ିଛି।' ରଣବୀରଙ୍କ ସହ ପୁଣିଥରେ ଆକ୍ଟିଂ କରିବାକୁ ଆଗ୍ରହୀ ବାଣୀ କିପରି କାହାଣୀ ଖୋଜି ପାଉଛନ୍ତି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

# ନୀରବତା ଅନ୍ତରାଳେ

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ଅଯଥା କୌଣସି କଥାରେ ମନ୍ତବ୍ୟ ଦେବାକୁ ଚାହୁଁନାହାନ୍ତି। ହେଲେ ହଠାତ୍ ତାଙ୍କର ଏଭଳି ଅବତାର ପଛରେ ନିଶ୍ଚୟ ତ କିଛି କାରଣ ଥିବ। ତେବେ ଆସନ୍ତୁ ଜାଣିବା ତାହା କ'ଣ? ଏ ନେଇ ସାରା କହନ୍ତି, 'ବର୍ତ୍ତମାନ ମୁଁ ମୋ କ୍ୟାରିୟର ପ୍ରତି ବେଶ୍ ସଚେତନ। କେମିତି ଆକ୍ଟିଂରେ ଆହୁରି ସଫଳତା ଅର୍ଜନ କରିବି ସେନେଇ ଯୋଜନା କରିସାରିଛି। ମୋର ମାର୍ଗଦର୍ଶକ ମୋତେ କିଛି ମାସ ନୀରବତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବାସ୍, ତାହାକୁ ମୁଁ ଜଷ୍ଟ ଫଲୋ କରୁଛି। ଏହା ପଛରେ ଆଉ ସେମିତି କିଛି ଇମ୍ପୋର୍ଟାଣ୍ଟ କାରଣ ନାହିଁ।' ସାରା ଯେତେବେଳେ ମାର୍କେଟ ଯାଇଥାଆନ୍ତି ଗୋଟିଏ ଜିନିଷ କିଣିବାକୁ ପଛାଇ ନ ଥାନ୍ତି। ତାହା ହେଲା ମନଲାଖି ଡ୍ରେସ୍। ବେଳେବେଳେ ଏପରି ଡ୍ରେସ୍ ଚଏସ୍ କରିବାକୁ ସେ ଘଣ୍ଟା ଘଣ୍ଟା ଲଗାଇ ଦିଅନ୍ତି। ସାରା ନନ୍–ଭେଜ୍ ଖାଇବାକୁ ବେଶି ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।



ସାରା

# ନିଆରା ନିଶା

ସାନ୍ୟା ମାଲ୍‌ହୋତ୍ରାଙ୍କ ମନ ଏବେ ଗୋଟିଏ ଜିନିଷ ଆଡ଼କୁ ଢଳିଛି। ତାହା ହେଲା ଫଟୋଗ୍ରାଫି। ଏବେ ସେ ଯୁଆଡ଼େ ଗଲେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲୁନାହାନ୍ତି। ଯେଉଁ ସ୍ଥାନକୁ ବୁଲିବାକୁ ଯାଉଛନ୍ତି ସେଠାକାର ମନୋରମ ଦୃଶ୍ୟକୁ କ୍ୟାମେରା ଭିତରେ କଏଦ କରିବାକୁ ପଛାଉନାହାନ୍ତି ସେ। ଏପରି କି ଶୁଟିଂରୁ ଫ୍ରି ହେବା ମାତ୍ରେ ସେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି। ଏ ବିଷୟରେ ସାନ୍ୟା କହନ୍ତି, 'ଫଟୋଗ୍ରାଫି ପ୍ରତି ମୋର ପିଲାଟି ଦିନରୁ ମନ ଥିଲା। ପଢ଼ିବା ସମୟରେ ଅନେକ ଫଟୋ ଉଠାଇ ସେଗୁଡିକୁ ମୁଁ ଆଲବମ୍‌ରେ ସାଇତି ରଖିଛି। ନିକଟରେ ମୋର ଜଣେ ସାଙ୍ଗ ମୋତେ ଏଥିପ୍ରତି ଆହୁରି ଉତ୍ସାହିତ କରିଥିଲା। ପ୍ରାକୃତିକ ଦୃଶ୍ୟ ଦେଖିବା ମାତ୍ରେ ସେଗୁଡିକୁ ମୁଁ ଫଟୋ ଆକାରରେ ନିଜ ପାଖରେ ରଖିବାକୁ ଚେଷ୍ଟା କରିଥାଏ। ତେଣୁ ଏବେ ମୁଁ ସାଙ୍ଗରେ କ୍ୟାମେରା ଧରି ବୁଲୁଛି।' ଆମୀର ଖାଁଙ୍କ ଅଭିନୀତ 'ଦଙ୍ଗଲ'ରେ ସାନ୍ୟାଙ୍କୁ ପ୍ରଥମେ ସୁଯୋଗ ମିଳିଥିଲା। ଫିଲ୍ମଟି ହିଟ୍ ହୋଇଥିଲା ଏବଂ ତା'ପରେ ସେ ଗୋଟିଏ ପରେ ଗୋଟିଏ ସିନେମାରେ ଅଭିନୟ କରିଚାଲିଛନ୍ତି। ବର୍ତ୍ତମାନ ତାଙ୍କ ହାତରେ ଥିବା ସିନେମାଗୁଡିକ ହେଲା 'ଲଭ୍ ହଷ୍ଟେଲ', 'ହିଟ୍ : ଦ ଫାଷ୍ଟ କେଶ୍' ଏବଂ 'ଯୱାନ'।



ସାନ୍ୟା

ଅପେରା ହାଲଚାଲ

# ମୃତ୍ୟୁ ପରେ ମଣିଷ



'ମୃତ୍ୟୁ ପରେ ମଣିଷ'ରେ ବାପି ପଣ୍ଡା

ମଣିଷ ବଞ୍ଚିଛି। ହେଲେ ସେ ମରିଯାଇଛି ବୋଲି ପ୍ରଚାର କରି ସେଥିରୁ ଫାଇଦା ନେବାର ଉଦାହରଣ ଅନେକ ରହିଛି। ଏଭଳି ରୋମାଞ୍ଚକର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଏକ ଭିନ୍ନଧରଣର ଅପେରା ନାଟକ 'ମୃତ୍ୟୁ ପରେ ମଣିଷ'। ଚଳିତ ମାସ ୨୬ରୁ ଏହି ପାର୍ଟି ବାଲେଶ୍ୱରର କୁରୁଡ଼ାରେ ତାହାର ଏ ବର୍ଷର ପ୍ରଥମ ମଞ୍ଚ ଅଭିଯାନ ଆରମ୍ଭ କରିଛି। ଦୀପକ ଜେନାଙ୍କ ରଚିତ ଏହି ନାଟକଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଗୁରୁ ମିଶ୍ର। ଅନ୍ୟପକ୍ଷରେ ଜଲିଉଡ୍‌ର ଲୋକପ୍ରିୟ ଅଭିନେତା ବାପି ପଣ୍ଡା, ଖଳନାୟକ ସଞ୍ଜୟ ଭୋଳ, କମଳ ନନ୍ଦ, ଗୌର ପାଢ଼ୀ, ସୁକାନ୍ତି ପାଢ଼ୀ, ଭାରତୀ, ସରୋଜ ମହାପାତ୍ର, ମନ୍ତୁ, ଧଡ଼ିଆ ଏବଂ ପୁଷ୍ପା ପଣ୍ଡା ପ୍ରମୁଖ କଳାକାରଙ୍କୁ କିଶୋର ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପ୍ରଯୋଜିତ ଏହି ପାର୍ଟିରେ ଦେଖିବାକୁ ମିଳିବ। ଏହି ନାଟକରେ ବାପିଙ୍କ ଚରିତ୍ରଟି ହେଲା ଶିବୁ ବିଶୋୟୀ। ଏଥିରେ ତାଙ୍କର ଏକ ପ୍ରମୁଖ ଡାଏଲଗ୍ ହେଲା, 'କାହିଁକି ଚୁପ୍ ହେବି ବାପା? କ'ଣ ପାଇଁ ଚୁପ୍ ରହିବି? କାହିଁକି, ନୀରବତାର ସହ ଏତେବଡ଼ ଅନ୍ୟାୟକୁ ସହିଯିବି? ତୁମେ କେମିତି ଅନ୍ୟାୟ ସହୁଛ ବାପା? ଦେଖ, ମୁଁ ମରିନି, ବଞ୍ଚିଛି। ହାତ ହଲେଇ ପାରୁଛି, ଚାଲିପାରୁଛି, ଦୌଡ଼ିପାରୁଛି। ସେମାନଙ୍କ ପାଖରେ ଅର୍ଥ ଅଛି। ସେମାନେ କୋର୍ଟରେ ପ୍ରମାଣ ମଧ୍ୟ କରିଦେବେ ଯେ ତୁ ବଞ୍ଚିନୁ ମରିଯାଇଛୁ, ତୁ ଗୋଟିଏ ମୃତ୍ୟୁ ପରର ମଣିଷ।' ଆଉ ଏକ ନୂଆ ନାଟକ 'କଳାରଙ୍ଗ ନାହିଁ କଳା ନାୟକ' ବ୍ୟତୀତ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଅନ୍ୟ ନୂଆ ନାଟକ ଅପେରା ପରିବେଷଣ ସମୟରେ ରିହରସାଲ ହେବ। ତା'ସହ ଦୁଇଟି ପୁରୁଣା ନାଟକ 'କାହିଁକି ଆସିଛୁ ମନ କିସ ନେବାପାଇଁରେ' ଏବଂ 'କୋଟିଏ ତାରାରେ ଗୋଟିଏ ଜହ୍ନ' ରିପିଟ୍ ହେବାର ଯୋଜନା ରହିଛି।

**ଭାରତ-ୱେଷ୍ଟଇଣ୍ଡିଜ୍ ଅନ୍ତିମ ଦିନିକିଆ**

## ଧାୱନ, ଗିଲ୍‌ଙ୍କ ଦୃଢ଼ ବ୍ୟାଟିଂ

**ପୋର୍ଟ ଅଫ୍ ସ୍ପେନ, ୨୭।୭**

ବୁଧବାର ଏଠାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତର ଶିଖର ଧାୱନ ଓ ଶୁବମନ ଗିଲ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ୨୪ ଓଭରରେ ୧ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଛି। ଓପନିଂ ଯୋଡ଼ିରେ ୧୧୩ ରନ ଯୋଗ ହେବାପରେ ଅଧିନାୟକ ଶିଖର ଧାୱନ ୫୮ ରନକରି ଆଉଟ ହୋଇଥିଲେ। ୭୪ଟି ବଲ୍‌ର ସାମ୍ନାକରି ସେ ନିଜ ଇନିଂସ ମଧ୍ୟରେ ୭ ଚୌକା ମାରିଥିଲେ। ଖେଳ ବନ୍ଦ ରହିବା ବେଳକୁ ଗିଲ୍ ୬୫ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୫୧ ଓ ଶ୍ରେୟସ ଆୟାର ୨ ରନକରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ହେଡେନ ୱାଲ୍ସ ଉଇକେଟଟି ପାଇଥିଲେ। ପ୍ରଥମ ୨ଟି ଦିନିକିଆ ଜିତି ଭାରତ ସିରିଜ ବିଜୟୀ ହୋଇ ସାରିଛି। ଏହି ମ୍ୟାଚରେ ଭାରତ ଗୋଟିଏ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଛି। ଦ୍ରୁତ ବୋଲର ଆଭେଶ ଖାଁଙ୍କ ସ୍ଥାନରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପୁଣି ସୁଯୋଗ ମିଳିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଦଳରେ ୩ ପରିବର୍ତ୍ତନ କରାଯାଇଛି। ଜାସନ ହୋଲ୍ଡର, କେମୋ ପଲ୍ ଓ କିଆକି କାର୍ଟି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବାବେଳେ ଆଲଜାରି ଜୋସେଫ, ରୋଭମାନ ପାୱେଲ ଓ ରୋମାରିଓ ଶେଫର୍ଡ ବାଦ୍ ପଡ଼ିଛନ୍ତି।

# ଆଜିଠାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ବର୍ମିଂହାମ୍, ୨୭।୭**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୨ତମ ସଂସ୍କରଣ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଏହା ଅଗଷ୍ଟ ୮ ପର୍ଯ୍ୟନ୍ତ ଚାଲିବ। ୨୦୦୨ ମାଞ୍ଚେଷ୍ଟର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୧୨ ଲଣ୍ଡନ ଅଲିମ୍ପିକ୍ସର ୧୦ ବର୍ଷ ପରେ ଇଂଲଣ୍ଡରେ ଏହି ମେଗା ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଲଣ୍ଡନ ୧୯୩୪ ଓ ମାଞ୍ଚେଷ୍ଟର ୨୦୦୨ ପରେ ତୃତୀୟ ଥରପାଇଁ ଇଂଲଣ୍ଡ ଏହାର ଆୟୋଜନ ଅଧିକାର ପାଇଛି। ୟୁନାଇଟେଡ କିଂଗଡମ୍‌ରେ ଏହା ହେବ ୭ମ ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଲଣ୍ଡନ ଓ ମାଞ୍ଚେଷ୍ଟର ବ୍ୟତୀତ ୧୯୫୮ରେ କାର୍ଡିଫ, ୧୯୭୦ ଓ ୧୯୮୬ ଏଡିନବର୍ଗ ଏବଂ ୨୦୧୪ରେ ଗ୍ଲାସ୍‌ଗୋରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥର ପ୍ରତିଯୋଗିତାରେ ୨୦ଟି କ୍ରୀଡ଼ାର ୨୮୦ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୭୨ଟି ଦେଶର ୫୦୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ଅଂଶଗ୍ରହଣ କରିବେ।




**ରାତି ୧୧ଟା ୩୦ରେ ଉଦ୍‌ଘାଟନୀ**

ସ୍ଥାନୀୟ ସମୟ ରାତି ୭ଟା ଏବଂ ଭାରତୀୟ ସମୟ ରାତି ୧୧ଟା ୩୦ରେ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ବର୍ମିଂହାମ୍‌ର ଆଲେକଜାଣ୍ଡର ଷ୍ଟାଡିୟମରେ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅବସରରେ ୩୦,୦୦୦ ଦର୍ଶକ ଉପସ୍ଥିତ ରହିବେ। ଏଥର ଉଦ୍‌ଘାଟନୀରେ ଇଂଲଣ୍ଡ ରାଣୀ ଏଲିଜାବେଥ ଯୋଗଦେବେ ନାହିଁ ବୋଲି ପୂର୍ବରୁ ସ୍ପଷ୍ଟ ହୋଇସାରିଛି। ତାଙ୍କ ଅନୁପସ୍ଥିତିରେ ପ୍ରିନ୍ସ ଚାର୍ଲ୍ସ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ସମାରୋହନରେ ମ୍ୟୁଜିକ୍ ବ୍ୟାଣ୍ଡ ଡୁରାନ ଡୁରାନ ଆକର୍ଷଣର କେନ୍ଦ୍ରରେ ରହିବ। ଭାରତରେ ସୋନୀ ସ୍ପୋର୍ଟ୍ସ ନେଟୱର୍କରେ ଉଦ୍‌ଘାଟନୀ ଉତ୍ସବ ପ୍ରସାରିତ ହେବ। ଭାରତରେ ଡିଡି ସ୍ପୋର୍ଟ୍ସରେ ମଧ୍ୟ ଏହାର ପ୍ରସାରଣ ହେବ।

**ଭାରତରୁ ୨୧୫ ପ୍ରତିଯୋଗୀ**

ଭାରତ ୧୮ ଥରପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେବାକୁ ଯାଉଛି। ବର୍ମିଂହାମ କ୍ରୀଡ଼ାରେ ଭାରତର ମୋଟ ୨୧୫ ଆଥଲେଟ୍ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ୧୦୪ ମହିଳା ଓ ୧୧୧ ପୁରୁଷ ଆଥଲେଟ୍ ସାମିଲ। ଭାରତୀୟ ପ୍ରତିଯୋଗୀମାନେ ମୋଟ ୧୬ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ୩x୩ ବାସ୍କେଟବଲ, ବିଚ୍ ଭଲିବଲ, ନେଟ୍‌ବଲ୍ ଓ ରଗ୍‌ବୀ ସେଭେନ୍ସରେ ଭାରତ ଅଂଶଗ୍ରହଣ କରିବ ନାହିଁ। ଆଥଲେଟିକ୍ସରେ ସର୍ବାଧିକ ୪୩ (୧୯ ମହିଳା, ୨୪ ପୁରୁଷ), ବ୍ୟାଡ୍‌ମିଣ୍ଟନରେ ୧୦ (୫ ଓ ୫), ବକ୍ସିଂରେ ୧୨ (୪ ଓ ୮), ମହିଳା କ୍ରିକେଟରେ ୧୫, ସାଇକ୍ଲିଂରେ ୧୩ (୪ ଓ ୯), ଜିମ୍ନାଷ୍ଟିକ୍ସରେ ୭ (୪ ଓ ୩), ହକିରେ ୩୬ (୧୮ ଓ ୧୮), ଜୁଡୋରେ ୬ (୩ ଓ ୩), ଲନ୍ ବୋଲ୍ସରେ ୧୦ (୫ ଓ ୫), ପାରା ପାୱାରଲିଫ୍ଟିଂରେ ୪ (୨ ଓ ୨), ସ୍କ୍ୱାଶ୍‌ରେ ୯ (୪ ଓ ୫), ସୁଇମିଂରେ ୭ (କେବଳ ପୁରୁଷ), ଟେବୁଲ ଟେନିସରେ ୧୨ (୭ ଓ ୫), ଟ୍ରାଇଥଲନରେ ୪ (୨ ଓ ୨), ଭାରୋତ୍ତୋଳନରେ ୧୫ (୭ ଓ ୮) ଏବଂ କୁସ୍ତିରେ ୧୨ (୬ ମହିଳା ଓ ୬ ପୁରୁଷ) ଭାରତୀୟ ପ୍ରତିଯୋଗୀ ଭାଗନେବେ। ଓଡ଼ିଶାର ଦୂତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ ୪x୧୦୦ ମିଟର ରିଲେ ରେସ୍‌ରେ ଅଂଶଗ୍ରହଣ କରିବେ। ଏହି ଇଭେଣ୍ଟରେ ଭାରତ ପକ୍ଷରୁ ଭାଗ ନେବାକୁ ଯାଉଥିବା ଅନ୍ୟ ୨ ପ୍ରତିଯୋଗୀ ହେଲେ ହିମା ଦାସ ଓ ଏନ୍.ଏସ୍. ସିମି। ଓଡ଼ିଶାର ଆଉ ୨ ଖେଳାଳି ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସ ଆକ୍ସନରେ ଦେଖିବାକୁ ମିଳିବେ। ଦୀପ୍‌ଗ୍ରେସ୍ ଭାରତୀୟ ମହିଳା ହକି ଦଳ ଏବଂ ଅମିତ ପୁରୁଷ ହକି ଦଳରେ ସ୍ଥାନ ପାଇଛନ୍ତି।

## ଭାରତୀୟ ଦଳର ପତାକା ବାହକ ହେବେ ସିନ୍ଧୁ




**ବର୍ମିଂହାମ୍, ୨୭।୭ (ପି.ଟି):** ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ନେତୃତ୍ୱ ନେବେ ପିଭି ସିନ୍ଧୁ। ନୀରଜ ଚୋପ୍ରାଙ୍କ ଅନୁପସ୍ଥିତିରେ ସେ ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଦଳର ପତାକା ବାହକ ରହିବେ ବୋଲି ଭାରତୀୟ ଅଲିମ୍ପିକ୍ସ ସଂଘ ପକ୍ଷରୁ ଘୋଷଣା କରାଯାଇଛି। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଭାରତୀୟ ଦଳର ଧ୍ୱଜାବାହକ ଭାବରେ ଘୋଷଣା କରାଯାଇଥିଲା। ବିଶ୍ୱ ଚାମ୍ପିୟନଶିପ୍ ମୁକାବିଲା ସମୟରେ ଜଂଘର ମାଂଶପେଶୀ ଟାଣି ହେବା କାରଣରୁ ସେ ଓହରି ଯାଇଥିଲେ। ଏହା ପରେ ମୀରାବାଇ ସାଇଖୋମ୍ ଚାନୁ ଏବଂ ଲଭଲିନା ବୋର୍ଗୋହେନ୍‌ଙ୍କ ନାମ ଉପରେ ବିଚାର କରାଯାଇଥିଲା। ଭାରତ ପକ୍ଷରୁ ଦୁଇଟି ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁଙ୍କ ନାମରେ କିନ୍ତୁ ମୋହର ବାଜିଥିଲା।

ଉଦ୍‌ଘାଟନୀ ସମାରୋହରେ ସିନ୍ଧୁ ଭାରତୀୟ ଦଳର ନେତୃତ୍ୱ ନେବା କୋଟି କୋଟି ଭାରତୀୟ ମହିଳାଙ୍କୁ ପ୍ରେରଣା ଯୋଗାଇବ ବୋଲି ଆଇଓଏର କାର୍ଯ୍ୟକାରୀ ସଭାପତି ଅନୀଲ ଖାନ୍ନା ପ୍ରକାଶ କରିଛନ୍ତି। ୪ ଜଣିଆ କମିଟି ସହିତ ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟା, କୋଷାଧ୍ୟକ୍ଷ ଆନନ୍ଦେଶ୍ୱର ପାଣ୍ଡେ ଏବଂ ଚିଫ୍ ଡି ମିଶନ୍ ରାଜେଶ ଭଣ୍ଡାରୀ ସିନ୍ଧୁଙ୍କ ନାମ ଉପରେ ମୋହର ମାରିଥିଲେ। ଏହା ପୂର୍ବରୁ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡାରେ ମଧ୍ୟ ସିନ୍ଧୁ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ।

## ବାଂଲାଦେଶଠାରୁ ହାରିଲା ଭାରତ

**ସାଫ୍ ଫୁଟବଲ**

**ଭୁବନେଶ୍ୱର, ୨୭।୭ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ର ବୁଧବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଆୟୋଜକ ଭାରତ ୧-୨ ଗୋଲରେ ବାଂଲାଦେଶଠାରୁ ହାରି ଯାଇଛି। ବାଂଲାଦେଶ ପକ୍ଷରୁ ଷ୍ଟ୍ରାଇକର ମହମ୍ମଦ ପିଆଶ୍ ଅହମଦ ନୋଭା ୨ଟି ଯାକ ଗୋଲ ଦେଇଥିଲେ। ଭାରତର ଗୁରକିରଟ ସିଂ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ୩ଟି ଯାକ ଗୋଲ ପ୍ରଥମାର୍ଦ୍ଧରେ ହିଁ ସ୍କୋର ହୋଇଥିଲା। ଭାରତର ଆରମ୍ଭ ଭଲ ହୋଇଥିଲେ ହେଁ ବାଂଲାଦେଶ ଘରୋଇ ଦଳର ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇଥିଲା। ମ୍ୟାଚର ୧୧ତମ ମିନିଟରେ ନୋଭା ଭାରତୀୟ ଗୋଲକିପର ଜାହିଦ ହୁସେନଙ୍କୁ ଚକ୍‌ମା ଦେଇ ପ୍ରଥମ ଗୋଲଟି ସ୍କୋର କରିଥିଲେ। ୩୫ତମ ମିନିଟରେ ଗୁରକୀରଟ ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମାତ୍ର ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୧ ମିନିଟରେ ନୋଭା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ବାଂଲାଦେଶକୁ ପୁଣି ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଭାରତ ଗୋଲ ପରିଶୋଧ କରିପାରି ନ ଥିଲା। ବାଂଲାଦେଶ ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ପ୍ରଥମ ଦିନ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୧-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ପରାସ୍ତ ହୋଇଥିବାରୁ ଭାରତ ପଏଣ୍ଟ ଖାତା ଖୋଲି ପାରିନାହିଁ।

**ଫ୍ଲଡ୍‌ଲାଇଟ ଲିଭିଲା:** ବୁଧବାର ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମାତ୍ର ୱେଷ୍ଟ ଷ୍ଟାଣ୍ଡର ୨ଟି ଯାକ ଫ୍ଲଡ୍‌ଲାଇଟ ଲିଭିଯିବାରୁ ମ୍ୟାଚ ଆରମ୍ଭରେ ବିଳମ୍ବ ହୋଇଥିଲା। ମ୍ୟାଚ ରାତି ୭ଟାରେ ଆରମ୍ଭ ହେବାର ଥିଲେ ହେଁ ଏହା ୧୫ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା।

# ଭାରତୀୟ ଦଳ ଉପରେ ନଜର




**ଆଜିଠୁ ଚେସ୍ ଅଲିମ୍ପିଆଡ୍**

**ଚେନ୍ନାଇ, ୨୭।୭**

ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣ ମହାବଳୀପୁରମଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏକ ମାସରୁ ଊର୍ଦ୍ଧ୍ୱ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିବାପରେ ଅଲିମ୍ପିଆଡ୍ ମଶାଲ ବୁଧବାର ଭେନ୍ୟୁ ସ୍ଥଳରେ ପହଞ୍ଚିଛି। ଅନ୍ତର୍ଜାତୀୟ ମାଷ୍ଟର ଶ୍ରୀହରି ଏଲ.ଆର. ଓ ହର୍ଷବର୍ଦ୍ଧନ ଜି.ବି. ଏବଂ ଅନ୍ୟ ସ୍ଥାନୀୟ କର୍ମକର୍ତ୍ତାମାନେ ଏହାକୁ ଆଇକନିକ୍ ଶୋର ମନ୍ଦିର ନିକଟରେ ସ୍ୱାଗତ କରିଥିଲେ। ଜୁଲାଇ ୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀଠାରେ ଅଲିମ୍ପିଆଡ୍ ମଶାଲ ରିଲେର ଶୁଭାରମ୍ଭ କରିଥିଲେ। ଏହାପରେ ମଶାଲ ଭାରତର ୭୫ରୁ ଊର୍ଦ୍ଧ୍ୱ ସହର ଭ୍ରମଣ କରିଥିଲା। ଏହା ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର, ପୁରୀ ଓ କୋଣାର୍କ ମଧ୍ୟ ସାମିଲ ଥିଲା। ଭାରତୀୟ ଚେସ୍ ଇତିହାସରେ ପ୍ରଥମଥରପାଇଁ ଅଲିମ୍ପିଆଡ୍ ଘରୋଇ ପରିବେଶରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମେଗା ପ୍ରତିଯୋଗିତା ଗୁରୁବାର ରାତି ୭ଟାରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି।

ଚେସ୍ ପାୱାର ହାଉସ, ରୁଷିଆ ଓ ଚାଇନାର ଅନୁପସ୍ଥିତି ଯୋଗୁ ଭାରତ ଉଭୟ ମହିଳା ଓ ପୁରୁଷ ବିଭାଗରେ ୩ଟି ଲେଖାଏ ଦଳ ଖେଳାଉଛି। ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ୍ ଆନନ୍ଦ ଯଦିଓ ଏଥର ନ ଖେଳି ମେଣ୍ଟର ଭୂମିକାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି ତେବେ ଭାରତର ପଦକ ହାସଲ ଆଶା ଉଜ୍ଜ୍ୱଳ ରହିଛି। ତାରକା ଖଚିତ ଆମେରିକା ପଛକୁ ଭାରତ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। ତେଣୁ ଏହି ଦୁଇ ଦଳ ସହ ମ୍ୟାଗ୍ନସ କାର୍ଲସେନଙ୍କ ନରୱେ ଓ ଆଜରବୈଜାନ ଟପ୍ ପ୍ରାଇଜ୍ ପାଇଁ ଦାବିଦାର ରହିବେ। ଆର.ବି. ରମେଶଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତ 'ବି' ଯୁବ ଦଳ ୧୧ତମ ସିଡ୍‌ର ମାନ୍ୟତା ପାଇଥିଲେ ହେଁ ପ୍ରତିଯୋଗିତାର ଡାର୍କହର୍ସ ବିବେଚିତ ହେଉଛି। ଏଥର ଚେସ୍ ଅଲିମ୍ପିଆଡ୍‌ର ପୁରୁଷ ବିଭାଗରେ ରେକର୍ଡ ୧୮୮ ଓ ମହିଳାରେ ୧୬୨ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଭାରତର ୬ ଦଳ ସାମିଲ। ଆୟୋଜକ ଭାବେ ଭାରତ ୨ଟି ଲେଖାଏ ଦଳ ଖେଳାଇବାକୁ ଅଧିକାର ପାଇଥିଲା। ମାତ୍ର ଏଣ୍ଟ୍ରି ସଂଖ୍ୟା କମିବାରୁ ଏହାକୁ ୩ଟି ଲେଖାଏ ଦଳ ଖେଳାଇବାକୁ ଅନୁମତି ମିଳିଛି। ଆମେରିକା ଦଳରେ ଫାବିଓ କାରୁଆନା, ୱେସଲି ସୋ, ଲେଭନ ଆରୋନିଆନ, ସାମ୍ ଶଙ୍କଲାଣ୍ଡ ଓ ଲେଇନର ଡୋମିନିଗ୍ୱେଜଙ୍କ ପରି ଖେଳାଳି ଅଛନ୍ତି। ଏହି ଦଳର ଆଭରେଜ ଏଲୋ ରେଟିଂ ୨୭୭୧ ଥିବାରୁ ହଟ୍ ଫେଭରାଇଟ ବିବେଚିତ ହେଉଛି। ନରୱେର ଟ୍ରୋମ୍‌ସୋଠାରେ ୨୦୧୪ରେ ଭାରତ ଓପନ ବିଭାଗରେ ବ୍ରୋଞ୍ଜ ପାଇଥିଲା। ୨୦୨୦ ଅନ୍‌ଲାଇନ୍ ଅଲିମ୍ପିଆଡ୍‌ରେ ଚାଇନା ସହ ଯୁଗ୍ମଭାବେ ସ୍ୱର୍ଣ୍ଣ ପାଇଥିବାବେଳେ ୨୦୨୧ ସଂସ୍କରଣରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ଏଥର ସ୍ୱର୍ଣ୍ଣ ପଦକ ବିଜୟ ଦଳର ମୁଖ୍ୟ ଲକ୍ଷ୍ୟ।



ଭାରତର ବିଭିନ୍ନ ସହର ଭ୍ରମଣ କରିବା ପରେ ବୁଧବାର ଚେନ୍ନାଇରେ ପହଞ୍ଚିଥିବା ଚେସ୍ ଅଲିମ୍ପିଆଡ୍ ମଶାଲସହ ଖେଳାଳି ଓ ଅନ୍ୟମାନେ।

## ପାକିସ୍ତାନ ଆଗରେ କଷ୍ଟସାଧ୍ୟ ଲକ୍ଷ୍ୟ

**ଗାଲେ, ୨୭।୭:** ପାକିସ୍ତାନ ବିପକ୍ଷ ନିର୍ଣ୍ଣାୟକ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ଶ୍ରୀଲଙ୍କା। ଚତୁର୍ଥ ଦିନରେ ଅଲରାଉଣ୍ଡର ଧନଞ୍ଜୟ ଡି ସିଲଭାଙ୍କ ଶତକ ସହାୟତାରେ ପାକିସ୍ତାନ ଆଗରେ ରନର ପାହାଡ ଛିଡା କରିଛି ଶ୍ରୀଲଙ୍କା। କରୁଣାରତ୍ନେଙ୍କ ଅର୍ଦ୍ଧଶତକ ଏବଂ ଧନଞ୍ଜୟଙ୍କ ଶତକ ବଳରେ ଶ୍ରୀଲଙ୍କା ୩୬୦/୮ରେ ପାଳି ଘୋଷଣା କରିଥିଲା। ୫୦୯ ରନର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଷ୍ଟମ୍ପ ଅପସାରଣ ବେଳକୁ ପାକିସ୍ତାନ ୧ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ଜିଲାପାଳଙ୍କ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ**

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବୁଧବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ପରିଦର୍ଶନ କରିଛନ୍ତି। ସେ ଓପିଡି, ଓଟି, ଇନଡୋର୍, ଡିଟିସି, କୋଭିଡ୍ ସେଣ୍ଟର୍ ତଦାରଖ କରିଥିଲେ। ରୋଗୀଙ୍କ ସମ୍ପର୍କୀୟମାନେ ଜିଲାପାଳଙ୍କୁ ଡାକ୍ତର ନ ଥିବା ଅଭିଯୋଗ କରିଥିଲେ। ବିଭିନ୍ନ ସମୟରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା ଉପରେ ଜିଲାପାଳ ଉତ୍ତର ରଖିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଟିଟିଲାଗଡ଼,୨୭।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବେଲପଦର ନିକଟ ରାସ୍ତା ଉପରେ ଜଣେ ଯୁବକଙ୍କ ମୃତଦେହ ବୁଧବାର ସକାଳୁ ଠାବ ହୋଇଛି। ମୃତକ ଟିଟିଲାଗଡ ଥାନା ଅନ୍ତର୍ଗତ ଖୋଲାନ ଗ୍ରାମର ଘନସୁନ୍ଦର ଗୌଡ (୪୫) ବୋଲି ଜଣାପଡିଛି। ସେ ଟିଟିଲାଗଡ ସହରରେ ରହୁଥିଲେ। ଗତ ରାତି ୧୨ଟା ପର୍ଯ୍ୟନ୍ତ ସେ ବୁଲାବୁଲି କରୁଥିବା କେତେକ ଲୋକ ଦେଖିଥିବା କହିଛନ୍ତି। ପରେ ସହରରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ମୃତଦେହ ଠାବ ହେବା ସନ୍ଦେହ ବଢ଼ାଇଛି। ତାଙ୍କ ବେକରେ ରାମ୍ପୁଡା ଓ କଟା ଦାଗ ରହିଛି। ଟିଟିଲାଗଡ ଥାନା ପୋଲିସ ମୃତଦେହ ଜବତ ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରଞ୍ଜନ ବରିହା କହିଛନ୍ତି।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ଲୋଇସିଂହା,୨୭।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬୭ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥି ମଧ୍ୟରୁ ଶିଶୁ ବଟିକା ବିଭାଗର ୬୦, ପ୍ରାକ୍‌ଶିଶୁ ବର୍ଗର ୧୧୮, ଶିଶୁବର୍ଗର ୫୦ ବାଲବର୍ଗର ୩୪ ଏବଂ କିଶୋର ବର୍ଗର ୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ଅନୁଷ୍ଠିତ ମେଳାରେ ବିଜ୍ଞାନ ଶିକ୍ଷକ ଯଜ୍ଞକୁମାର ସାହୁ, ଗୋପବନ୍ଧୁ ବଗର୍ତ୍ତି, ସୁଦୀପ କୁମାର ବହିଦାର ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିତ୍ୟାନନ୍ଦ ପଧାନ, ମନିଷା ମହାକୁର, ସ୍ନିଗ୍ଧାସଂଘମିତ୍ରା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ

**ନୂଆପଡ଼ା ଅଫିସ,୨୭।୭:** ନୂଆପଡା ଜିଲା କୋମନା ଥାନା ଭେଲା ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରି ଗାତରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଭେଲା ଗ୍ରାମର ଖିରଧର ଶବର (୩୫)। କୋମନା ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ହେଲେ ପରିବାର ଲୋକେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟାରେ ଖିରଧର ଗାଁର କିଛି ଲୋକ ସହିତ ଗଣ୍ଡଗୋଳ କରିବା ଦେଖି ଗ୍ରାମର ଲୋକେ ତାଙ୍କ ଘରେ ପହଞ୍ଚାଇ ଦେଇଥିଲେ। ସେ ଘରେ ଖାଇ ଶୋଇଥିଲେ। ରାତିରେ କେତେବେଳେ ବାହାରକୁ ଆସିଲେ ପରିବାର ଲୋକେ ଜାଣି ନ ଥିଲେ। ସକାଳେ ଉଠି ଦେଖିବା ବେଳକୁ ଖିରଧର ଘରେ ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରୁ ଘର ପଛପଟ ପାଇଖାନା ଟାଙ୍କିରେ ଖିରଧରଙ୍କ ମୃତଦେହ ପଡିଥିବା ଦେଖିଥିଲେ।

# ଉତ୍ପାଦନ ହେଲା, ରକ୍ଷଣାବେକ୍ଷଣ ନାହିଁ

**ଲୋଇସିଂହା,୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ନେଗିପାଲିଠାରେ ରହିଛି କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ର। ୧୯୮୫ମସିହାରେ ୫ଏକର ପରିମିତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଏହି କେନ୍ଦ୍ର ସ୍ଥାପନ କରାଯାଇଥିଲା। ଲକ୍ଷ୍ୟଥିଲା ଏହି କେନ୍ଦ୍ରରୁ ଉତ୍ପାଦିତ ଚାରା ରେଞ୍ଜ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ରୋପଣ କରାଯିବ। ଏଥିସହିତ ସ୍ଥାନୀୟ ଅଞ୍ଚଳରେ ବନୀକରଣକୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ କମ୍‌ଦରରେ ଚାରା ଯୋଗାଇବ ଏହି ନର୍ସରୀ। ହେଲେ ବିଗତ କିଛି ବର୍ଷ ହେଲା ଏହି ଚାରା ଉତ୍ପାଦନ କେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ବିଭାଗ ପକ୍ଷରୁ କେନ୍ଦ୍ରର ଭିତ୍ତିଭୂମି ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ଜଗୁଆଳି ଗୃହ ଜରାଜୀର୍ଣ୍ଣ ହୋଇ ପଡିଲାଣି। ଉତ୍ପାଦିତ ଚାରାର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଇ ପାରୁନାହିଁ। ଆବଶ୍ୟକ ଶ୍ରମିକ ନିୟୋଜିତ କରାଯାଉ ନ ଥିବାରୁ ୨୦୨୨-୨୩ ଅର୍ଥିକ ବର୍ଷରେ ଲଗା ଯାଇଥିବା ଚାରା ପ୍ଲାଣ୍ଟରେ ଘାସ ମାଡି ଗଲାଣି। ଏପରିକି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଶତାଧିକ ଦେବଦାରୁ ଗଛ ମରି ଗଲାଣି।


ଚାରା କିଆରିରେ ଘାସ ମାଡି ଯାଇଛି।

ରୁଗୁଡିଖାଲ-ବେନ୍ଦ୍ରା ରାସ୍ତାର ନେଗିପାଲି ସୀମାନ୍ତରେ ଥିବା ଏହି ନର୍ସରୀର ଜଣେ କର୍ମଚାରୀଙ୍କ ସୂଚନା ମୁତାବକ ୨୦୨୨-୨୩ ଆର୍ଥିକ ବର୍ଷରେ ୩ ଲକ୍ଷ ୭୦ ହଜାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶିଶୁ, ବାଉଁଶ, ବଉଳ, ଲିମ୍ବ, କଣ୍ଟା ଆଦି ୨ ଲକ୍ଷ ଚାରା ଉତ୍ପାଦନ କରାଯାଇଛି। ଏହାବାଦ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିକ୍ରି ପାଇଁ ଶାଗୁଆନ ସମେତ ଆମ୍ବ, ଡାଳିମ୍ବ, ବେଲ, ପିଜୁଳି, ଜାମୁ ଇତ୍ୟାଦି ଫଳ ଚାରା ଯାଇଛି। ନର୍ସରୀରେ ଲଗା ଯାଇଥିବା ଚାରା କିପରି ଆଗାମୀ ବର୍ଷ ୫ଫୁଟ ଉଚ୍ଚତାର ହୋଇପାରିବ ସେଥିପାଇଁ ଡିଏଫଓ ନୀତିଶ କୁମାର ଉକ୍ତ ନର୍ସରୀ ପରିଦର୍ଶନ ବେଳେ ବଡ ସାଇଜର ପଲିଥିନ ବ୍ୟବହାର କରିବାକୁ କହିଥିଲେ। ଚଳିତ ଗ୍ରୀଷ୍ମଋତୁରେ ଚାରା ଲଗାଇବା ବେଳେ ପ୍ରାୟ ୨୫ରୁ ୩୦ ଶ୍ରମିକ ନିୟୋଜିତ ହୋଇଥିଲେ। ହେଲେ ଗତ ୨ମାସ ହେବ ନର୍ସରୀରେ ଶ୍ରମିକଙ୍କୁ ନିୟୋଜିତ କରାଯାଇନାହିଁ। କେବଳ ନର୍ସରୀ କର୍ମଚାରୀ ଦେଖାରେଖା କରୁଛନ୍ତି। ଶ୍ରମିକ ଲଗା ଯାଉ ନଥିବାରୁ ଚାରା କିଆରିରେ ଘାସ ମାଡି ଗଲାଣି। ଘାସ ବଛା ନ ଯିବା ଏବଂ ସାର, ଔଷଧ ପ୍ରୟୋଗ କରଯାଉ ନ ଥିବାରୁ ଚାରା ରୁଗ୍‌ଣ ହେବାରେ ଲାଗିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ୨କିଆରି ଦେବଦାରୁ ଚାରା ବିଶେଷ ବଢି ପାରିନାହିଁ। ଏଥିପ୍ରତି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ନର୍ସରୀ କର୍ମଚାରୀ କହିଛନ୍ତି। ବିଭାଗୀୟ ବରିଷ୍ଠ ଅଧିକାରୀ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନନେଲେ ଲକ୍ଷାଧିକ ଟଙ୍କା ପାଣିରେ ପଡିବ ଏବଂ ଜଙ୍ଗଲ ସୁରକ୍ଷା ପ୍ରହସନରେ ପରିଣତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଲୋଇସିଂହା ରେଞ୍ଜ ଅଫିସର ପାଉଲ ହରପାଲଙ୍କୁ ପଚାରିବାରୁ କେତେକ ଦେବଦାରୁ ଗଛ ମାରି ଯାଇଥିବା ଖବର ପାଇଛି। ତେବେ ଅଗଷ୍ଟ ମାସରେ ଘାସବଛା ପାଇଁ ଶ୍ରମିକ ନିଯୁକ୍ତ କରାଯିବ। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ୱାଚର ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି।

**ନେଗିପାଲି କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ର**

- ୨୦୨୩ ବର୍ଷରେ ବନୀକରଣ ପାଇଁ ଲାଗିଛି ୨ଲକ୍ଷ ଚାରା
- ଚାରା କିଆରିରେ ମାଡିଗଲାଣି ଘାସ
- ମରିଗଲାଣି ଶତାଧିକ ଦେବଦାରୁ ଗଛ

### ୫ କିଲୋଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

**ନୂଆପଡ଼ା ଅଫିସ,୨୭।୭**

ନୂଆପଡା ଅବକାରୀ ବିଭାଗ ବୁଧବାର ଚଢ଼ାଉ କରି ୫ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ କନ୍ଧମାଳ ଜିଲା ବାଲିଗୁଡା ଥାନା ପରୁଭଟା ଗ୍ରାମର ଭକ୍ତ କହଁର (୨୬)। ନୂଆପଡା ଅବକାରୀ ଆରକ୍ଷୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଖଡିଆଳ ଅବକାରୀ ସବଇନିସପେକ୍ଟର ଡମ୍ବରୁଧର ହରିଜନଙ୍କ ନେତୃତ୍ୱରେ ଏକ ଦଳ ସକାଳେ ଖଡିଆଳ ଥାନା ସାନମହେଶ୍ୱର ଛକରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଭକ୍ତ ସେଠାରେ ବସକୁ ଅପେକ୍ଷା କରିଥିଲେ। ଅବକାରୀ ବିଭାଗ କର୍ମଚାରୀ ସନ୍ଦେହ କରି ତାଙ୍କ ବ୍ୟାଗ ଯାଞ୍ଚ କରିବାରୁ ୫ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା। ସେ ରାୟପୁରକୁ ନେବା ପାଇଁ ବସ ଅପେକ୍ଷାରେ ରହିଥିଲେ। ଏ ନେଇ ଖଡିଆଳ ଅବକାରୀ ଏକ ମାମଲା (ନଂ.୭୧/୨୨-୨୩) ରୁଜୁ କରିଛି। ଏଏସଆଇ ଶିବ ପ୍ରସାଦ ଦୁରିଆ, ଧନରାଜ ଦଣ୍ଡସେନା, ରାମଲାଲ ଜାନି, କନଷ୍ଟେବଲ ଭଗବାନ ହଂସ ପ୍ରମୁଖ ଚଢ଼ାଉରେ ସାମିଲଥିଲେ।

## ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରା ରୋପଣ



ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ବିଜେଡି ନେତା ଓ କର୍ମୀ।

**ଲୋଇସିଂହା,୨୭।୭(ଡି.ଏନ.ଏ)**

ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଜଙ୍ଗଲ ସୁରକ୍ଷା ଓ ପରିବେଶ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୩୩ ନଂ ଜୋନ ଅନ୍ତର୍ଗତ ବୁଢ଼ୀପଦର, ଯୋଗୀସର୍ଡା ଓ ବାଦିବାହାଲ ଶିକ୍ଷାନୁଷ୍ଠାନରେ ଚାରା ରୋପଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ବୁଢ଼ୀପଦର ହାଇସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସରପଞ୍ଚ ଲକ୍ଷ୍ମୀ ପଧାନ, ଜିଲା ଯୁବ ସଭାପତି ରାଜେନ୍ଦ୍ର ହୋତା, ବ୍ଲକ ସଭାପତି ହୃଦୟାନନ୍ଦ ବେହେରା ଅତିଥିଭାବେ ଯୋଗଦେଇଥିଲେ। ଅତିଥି, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ସେହିପରି ୩୪ ନଂ ଜୋନ ଅଧୀନ ସରଗାଡ, ତଲିଉଡାର ଓ କୁଶମେଲ ପଞ୍ଚାୟତର ବିଭିନ୍ନ ସ୍ଥାନରେ ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ଯୁବ ସଭାପତି ପ୍ରକାଶ ମହାରଣା ଓ ଜିଲା ଛାତ୍ର ଉପସଭାପତି ଟିପଲୁ କଦମ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିହାର ରଞ୍ଜନ ବେହେରା, ସ୍ଥାନୀୟ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ଜିଲା ସମ୍ପାଦକ ନେହେରୁ ବିଶ୍ୱାଳ, ସରଗାଡ ସରପଞ୍ଚ ସରୋଜ ବେହେରା, ତଲିଉଡାର ସମିତି ସଭ୍ୟ ରାଜକିଶୋର ପଟେଲ ଅତିଥି ଭାବେ ଯୋଗଦେଇଥିଲେ।

## ବିଜେଡି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ

**ବୋଡେନ,୨୭।୭(ଡି.ଏନ.ଏ.)**

ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ଦଳ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ନୂଆପଡ଼ା ଜିଲା ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଅମିତ ସିଂଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ବୋଡେନ ବ୍ଲକ ଛାତ୍ର ବିଜେଡି ସଭାପତି ଅଭିଳାଶ ଯାଦବଙ୍କ ନେତୃତ୍ୱରେ ଚରା ରୋପଣ କରାଯାଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଯୁବ ଓ ଛାତ୍ର କର୍ମୀଙ୍କୁ ଉତ୍ସାହିତ କରିଥିଲେ। ବୋଡେନ ବ୍ଲକ ସଭାପତି ଲୋକନାଥ ଛତ୍ରିଆ, ସୁନାପୁର ସରପଞ୍ଚ ମୁକ୍ତା ରାଉତ, ନାଏବ ସରପଞ୍ଚ ତାରି ଚନ୍ଦ୍ର ଖଡିଆ, ପୂର୍ବତନ ସରପଞ୍ଚ ଅମର ସିଂ ମାଝି, ପ୍ରବିଣ ନିଆଲ, ଜି.କେ. ବାଗ, କାହ୍ନୁ ଚରଣ ସୁନାନୀ, ଦିନେଶ ମାଝି, ବାଲସିଂ ମାଝି ପ୍ରମୁଖ ଯୋଗଦାନ କରିଥିଲେ।

### ବଦଳିଲେ ବିବାଦୀୟ ପ୍ରଧାନ ଶିକ୍ଷୟିତ୍ରୀ

**ମ.ରାମପୁର,୨୭।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ. ରାମପୁର ସହରରେ ଥିବା ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବିବାଦୀୟ ପ୍ରଧାନ ଶିକ୍ଷୟିତ୍ରୀ ଯଶୋବନ୍ତି ସେନାପତିଙ୍କୁ ବଦଳି କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ଅନୁମୋଦନକ୍ରମେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ଯୋଗୁ ମ.ରାମପୁର ଗୋଷ୍ଠି ଶିକ୍ଷା ଅଧିକାରୀ ନିର୍ଦ୍ଦେଶିତ ପତ୍ର ସଂଖ୍ୟା ୧୦୦୩, ତା ୨୭।୭।୨୦୨୨ରେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲେବୁଲ ୩ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାମ କରୁଥିବା ବେଳେ ଏବେ ଲେବଲ ୪ ପ୍ରଧାନ ଶିକ୍ଷକଙ୍କ ତଳ ପାହ୍ୟାରେ କାମ କରିବା ପାଇଁ କୁହାଯାଇଛି।

ମ.ରାମପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଯଶୋବନ୍ତିଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନ ଅନୁଦାନ ପାଣ୍ଠିର ହେରଫେର, ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଅର୍ଥ ହେରଫେର, କ୍ରୀଡା ସାମଗ୍ରୀ ନ ଆଣି ଅଗ୍ରୀମ ଟଙ୍କା ପୈଠ କରିବା ଆଦି ଘଟଣାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗତ ୧୩ ତାରିଖରେ କର୍ଲାମୁଣ୍ଡା ବ୍ଲକଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଥିଲା। ୨୧ ତାରିଖ ଅପରାହ୍ନରେ ବିଇଓ ଠାକୁର ଚରଣ ସାହୁଙ୍କ ସହିତ ଏବିଇଓ ବେଣୁଧର କୁମାର, ଜୟସେନ ନିଆଲ, ସମ୍ପତି ଛୁରା ପ୍ରମୁଖ ଏବିଇଓ ତଦନ୍ତ କରିଥିଲେ। ତଦନ୍ତ ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ, ଅର୍ଥ ହେରଫେର, ଚଞ୍ଚକତା ଆଦି ପ୍ରମାଣ ପାଇଥିଲେ। ତଦନୁରୂପ ବୁଧବାର ପ୍ରଧାନ ଶିକ୍ଷୟିତ୍ରୀ ସେନାପତିଙ୍କୁ ବ୍ଲକ କଲୋନୀ ବିଦ୍ୟାଳୟକୁ ବଦଳି ହୋଇଛି।

## ଜୈବିକ ପଦ୍ଧତିରେ ଧାନଚାଷ ଉପରେ ଗୁରୁତ୍ୱ

**ଦେଓଗାଁ, ୨୭।୭ (ଡି.ଏନ.ଏ)**

**ସିଏଲଏଫ ସହ ଆଲୋଚନା କଲେ ପ୍ରତିନିଧି ଦଳ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ କ୍ଲଷ୍ଟର ଲେଭଲ ଫୋରମ (ସିଏଲଏଫ) ସଦସ୍ୟା, କୃଷିମିତ୍ର, ସିଆରପିସିଏମଙ୍କ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରୁ ଭୁବନେଶ୍ୱରରୁ ଆସିଥିବା ଏଫଇଏସ ଅଧିକାରୀ ହରିହର ପଟ୍ଟନାୟକ, ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ଯୋଗଦେଇ ଜୈବିକ ପଦ୍ଧତିରେ ଧାନଚାଷ ଉପରେ ଆଲୋକପାତ କରିଥିଲେ। ଏହସହ ଏଫଇଏସ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଅନୁବନ୍ଧିତ ହୋଇ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ଆବଶ୍ୟକ ଜ୍ଞାନ କୌଶଳ ଯୋଗାଇ ଦେବା ଉଦ୍ଦେଶ୍ୟରେ ଦେଓଗାଁ ବ୍ଲକରେ ଆଜକୁ ତିନି ମାସ ହେଲା କାମ ଆରମ୍ଭ ହୋଇଛି । ତେବେ ଏହି କାମରେ ନିୟୋଜିତ କୃଷକ ସାଥୀ, କୃଷିମିତ୍ର, ବ୍ଲକ ସଂଯୋଜକଙ୍କ କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ବର୍ତ୍ତମାନ ଆହେତୁକ ରାସାୟନିକ ସାର ପ୍ରୟୋଗ ଫଳରେ ମାଟିର ଉର୍ବରତା ହ୍ରାସ ପାଉଛି। ଏଣୁ ମାଟିର ଉର୍ବରତା ଫେରାଇ ଆଣିବାପାଇଁ ଜୈବିକ ସାର ଯଥା ଗୋବର, ଗୋମୂତ୍ର, ନିମ୍ବପତ୍ର, କରଞ୍ଜ ପତ୍ର, ମହୁଲ ଫୁଲ, ଗୁଡ, ବିଭିନ୍ନ ଶସ୍ୟରୁ ତିଆରି ଅର୍କ ଆଦି ପ୍ରୟୋଗ କରି ଚାଷ କରିବା ଉପରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ସବ୍ୟରାଣି ମହାଲିଙ୍ଗ, କସ୍ତୁରି ତରାଇ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ସୁଚନା ଦେଇଥିଲେ। ପରେ ଏହି ଟିମ ଦେଓଗାଁ କୃଷି ପରାମର୍ଶ କେନ୍ଦ୍ରରେ କୃଷକ ସାଥି ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର କୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ସିଏଲଏଫ ସଦସ୍ୟାଙ୍କ ସହ ଏଫଇଏସ ପ୍ରତିନିଧି ଆଲୋଚନା କରୁଛନ୍ତି।

## କଣ୍ଟାବାଞ୍ଜି ତହସିଲ ଅଫିସ ଘେରିଲା ଭାଜପା

- ୨୦୨୧-୨୨ର ଫସଲ ବୀମା ସହାୟତା ଦିଅ
- ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ବାମ କେନାଲ ସଂଯୋଗ ଦାବି
- ତହସିଲଦାରଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ

**କଣ୍ଟାବାଞ୍ଜି, ୨୭।୭(ଡି.ଏନ.ଏ.)**

ପାଞ୍ଚଦଫା ଦାବି ନେଇ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଭାଜପା ପକ୍ଷରୁ ବୁଧବାର ତହସିଲ ଅଫିସ ସମ୍ମୁଖରେ ୨ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଯୋଗଦେଇ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ବାଗ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ମରୁଡି ପ୍ରପୀଡିତ ତୁରେକେଲା ବ୍ଲକର ଚାଷୀମାନେ ୨୦୨୧-୨୨ ବର୍ଷରେ ଧାନ, କପା ସହିତ ଅନ୍ୟାନ୍ୟ ଫସଲର କୃଷି ବୀମା କରିଥିଲେ। ହେଲେ ଫସଲ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ଫସଲ ବୀମା ପ୍ରଦାନ କରାଯାଇ ନାହିଁ । ଚଳିତବର୍ଷ ମୌସୁମୀ ବର୍ଷା ପରେ ସୁଦ୍ଧା ଚାଷୀଙ୍କୁ ଉପଯୁକ୍ତ ବିହନ ଓ ସାର ପ୍ରଦାନ କରାଯାଇନାହିଁ। ଜଳସେଚନ ବିହୀନ ଏହି ବ୍ଲକରେ ଚାଷୀମାନେ ଗଭୀର ନଳକୂପ ପାଇଁ ସରକାରୀ ନିୟମ ମୁତାବକ ଟଙ୍କା ଜମା କରିଥିଲେ ସୁଦ୍ଧା ନଳକୂପ ଖନନ କରାଯାଇ ନାହିଁ। ଏଥଇସହ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ବାମ କେନାଲକୁ ତୁରେକେଲା ବ୍ଲକ ଦେଇ ମୁରିବାହାଲ ବ୍ଲକ ଯାଏ ସମ୍ପ୍ରସାରଣର ଆବଶ୍ୟକତା ଥିବା ଭାଜପା ନେତୃବୃନ୍ଦ ଦାବି କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାବାଞ୍ଜି ତହସିଲଦାର ସମୀର ରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ଦଳୀୟ କର୍ମୀ ଓ ନେତା ଏକ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସ ନିକଟକୁ ଯାଇଥିଲେ।



ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭରତ ଭାଜପା କର୍ମୀ।

## ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କଲାଭଳି ଓଭରବ୍ରିଜ ନିର୍ମାଣ ଦାବି

**ଲାଠୋର, ୨୭।୭(ଡି.ଏନ.ଏ.)**

**ହରିଶଙ୍କର ରୋଡ଼ ରେଳଷ୍ଟେଶନ**

- ଶେଡ୍ ନିର୍ମାଣକୁ ବି ଗୁରୁତ୍ୱ ଦିଅ

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳଷ୍ଟେଶନରେ ଥିବା ସମସ୍ତ ଧାରଣାକୁ କଭର କଲା ଭଳି ଓଭରବ୍ରିଜ ଏବଂ ସେଡ ନାହିଁ। ଏଥିଯୋଗୁ ରେଳଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେଶନରେ ତିନିଟି ପ୍ଲାଟଫର୍ମ ରହିଛି। ୧ ନମ୍ବର ଏବଂ ୨ ନମ୍ବର ପ୍ଲାଟଫର୍ମରେ ପ୍ରାୟ ସମୟରେ ସବୁବେଳେ ଯାତ୍ରୀବାହୀ ରେଳ ଯାତାୟତ କରୁଛି। ହେଲେ ତିନିଟି ପ୍ଲାଟଫର୍ମ ମଧ୍ୟରୁ ଏକ ନମ୍ବରରେ ଗୋଟିଏ ଏବଂ ଦୁଇନମ୍ବରରେ ଦୁଇଟି ସେଡ଼ ରହିଛି। ସେଡ଼ର ଅଭାବ ହେତୁ ବର୍ଷା ହେଲେ ଯାତ୍ରୀମାନେ ଓଦା ହୋଇ ଟ୍ରେନକୁ ଚଢୁଛନ୍ତି, ଓହ୍ଲାଉଛନ୍ତି। ଷ୍ଟେଶନର ସମସ୍ତ ପ୍ଲାଟଫର୍ମକୁ ସଂଯୋଗ ହେବାଭଳି ଓଭରବ୍ରିଜ ନିର୍ମାଣ ନକରି ଛୋଟ ଛୋଟ ଦୁଇଗୋଟି ବ୍ରିଜ ନିର୍ମାଣ ହୋଇଛି। ଏଥିଯୋଗୁଁ ଯାତ୍ରୀମାନେ ଦୁଇଟି ଓଭର ବ୍ରିଜକୁ ଅତିକ୍ରମ କରି ଷ୍ଟେସନ କାଉଣ୍ଟର ଓ ବିଭିନ୍ନ ପ୍ଲାଟଫର୍ମକୁ ଯାଉଛନ୍ତି। ବିଶେଷ କରି ବୃଦ୍ଧାବୃଦ୍ଧ ଏବଂ ମହିଳାମାନେ ଦୁଇଟି ବ୍ରିଜ ଅତିକ୍ରମ କରି ଗଲା ବେଳକୁ ହଇରାଣ ହେଉଛନ୍ତି। ସେହିପରି ଷ୍ଟେଶନରେ ପାନୀୟ ଜଳର ସୁବ୍ୟବସ୍ଥା ନାହିଁ। ବର୍ତମାନ ଯେଉଁ ଟ୍ୟାପଗୁଡ଼ିକ ରହିଛି ସେଠାରେ ପାନୀୟ ଜଳ ସଂଯୋଗ କରାଯାଇ ନାହିଁ। ଫଳରେ ଯାତ୍ରୀମାନେ ଯିବା ଆସିବା ବେଳେ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମୁଦାୟ ପ୍ଲଟଫର୍ମକୁ ସଂଯୋଗ କରୁଥିବା ଏକ ଓଭର ବ୍ରିଜର ନିର୍ମାଣ ଏବଂ ୪ ଗୋଟି ସେଡ଼ ନିର୍ମାଣ କରିବାକୁ ଦୀର୍ଘବର୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ରେଳ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଏନେଇ ଷ୍ଟେଶନ ମ୍ୟାନେଜର ଧର୍ମେନ୍ଦ୍ର କଶ୍ୟପଙ୍କୁ ପଚାରିବାରୁ ସମସ୍ୟାକୁ ନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବୁ ବୋଲି କହିଥିଲେ। ତେବେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରେଳ ପ୍ରଶାସନ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ହରିଶଙ୍କର ରୋଡ ଷ୍ଟେଶନ।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୨୮ ଜୁଲାଇ, ୨୦୨୨

## ଦୁର୍ଘଟଣାରେ ଜଣେ ମୃତ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବହିରା ହାଇସ୍କୁଲ ଛକ ନିକଟରେ ବୁଧବାର ରାତି ସାଢେ ୮ଟା ସମୟରେ ସଡକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଜୟ ପ୍ରଧାନ (୫୫)। ମିଳିଥିବା ସୂଚନା ଅନୁଯାୟୀ, ତାଲେସରଡା ପଞ୍ଚାୟତ ଟାଇଞ୍ଜନରେ ରହୁଥିବା ଅଜୟ ରାସ୍ତାରେ ଯାଉଥିବା ସମୟରେ ହଠାତ୍ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ଅଜୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।



# ସୂର୍ଯ୍ୟମୁଣ୍ଡାରେ ପୁଣି ୬ ଝାଡ଼ାବାନ୍ତିରେ ଆକ୍ରାନ୍ତ

**୪ ଦିନରେ ମୋଟ ୩୭ ଜଣ ଆକ୍ରାନ୍ତ**

ତରଭା,୨୭।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସୂର୍ଯ୍ୟମୁଣ୍ଡା ଗ୍ରାମରେ ପୁଣି ୬ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗତ ରବିବାରଠାରୁ ଝାଡାବାନ୍ତି ରୋଗରେ ମୋଟ ୩୭ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ପ୍ରଶାସନ ସ୍ଥିତି ନିୟନ୍ତ୍ରଣାଧୀନ ବୋଲି କହୁଥିଲେ ହେଁ ନୂଆ ରୋଗୀ ବାହାରିବା ଥମୁନାହିଁ। ଦୂଷିତ ପାଣି ପିଇବା ଯୋଗୁ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଚିକିତ୍ସା ଦାୟିତ୍ୱରେ ରହିଥିବା ଡାକ୍ତର କହୁଛନ୍ତି। ଝାଡାବାନ୍ତି ରୋଗ ବ୍ୟାପିବା ପରେ ପ୍ରଶାସନ ତରଫରୁ ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ରାସ୍ତାଘାଟ, କୂଅ, ନଳକୂପ ଆଦିରେ ବ୍ଲିଚିଂ ପାଉଡର ପକାଯାଇଛି। ମଙ୍ଗଳବାର ସୁଦ୍ଧା ଏହି ଗ୍ରାମର ୩୧ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ତରଭା ଓ ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ବୁଧବାର ପୁଣି ଗ୍ରାମର ଅମିତ କୁଅଁର(୧୩), ଯୋଶବନ୍ତି ସାହୁ(୮୦), ଉମାଶାଙ୍କର ସାହୁ(୩), ଭୁବନ ସାହୁ(୭୦), ଜାଇ ସାହୁ (୮), ଧନଦେଇ ସାହୁ(୨୫) ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୁବର୍ଣ୍ଣପୁର ଏଡିଏମ ସୂର୍ଯ୍ୟନାରାୟଣ ଦାଶ ସୂର୍ଯ୍ୟମୁଣ୍ଡା ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ପାନୀୟ ଜଳ ଯୋଗାଣରେ ଦେଖାଦେଇଥିବା ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଧର୍ମଘଟ ଯୋଗୁ ବସ୍‌ଗୁଡ଼ିକ ଅଟକି ରହିଛି।



ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରୁ ଫେରି ଯାଉଛନ୍ତି।

# ବସ୍ ଧର୍ମଘଟ, ଯାତ୍ରୀ ହଟହଟା

- ବ୍ୟାରିକେଡ୍ ପରେ ବସଷ୍ଟାଣ୍ଡ ବିବାଦ ତେଜିଲା
- ଧର୍ମଘଟ ସତ୍ତ୍ୱେ ସହରରୁ ଗଡ଼ିଲା ନିର୍ଦ୍ଦିଷ୍ଟ ବସ୍

ବରଗଡ଼ ଅଫିସ୍,୨୭।୭

ବରଗଡ଼ ସହରରେ ବସ୍‌ଷ୍ଟାଣ୍ଡକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ପୁରୁଣା ବସଷ୍ଟାଣ୍ଡରେ ପୌର ପ୍ରଶାସନ ବ୍ୟାରିକେଡ୍ ଦେବା ଆରମ୍ଭ କରିବା ପରେ ଏହି ବିବାଦ ଜୋର୍ ଧରିଛି। ପୌର କର୍ତ୍ତୃପକ୍ଷଙ୍କ ସେଭଳି ନିଷ୍ପତ୍ତି ପ୍ରତିବାଦରେ ବରଗଡ଼ ଘରୋଇ ବସ୍ ମାଲିକ ସଂଘ ବୁଧବାରରୁ ବସ୍ ଧର୍ମଘଟ ଆରମ୍ଭ କରିଛି। ଧର୍ମଘଟ ଯୋଗୁ ଯାତ୍ରୀମାନେ ହଇରାଣର ସମ୍ମୁଖୀନ ହେଉଛନ୍ତି। ତେବେ ବସ୍ ମାଲିକ ସଂଘର ଧର୍ମଘଟ ଡାକରା ସତ୍ତ୍ୱେ କେତେକ ନିର୍ଦ୍ଦିଷ୍ଟ ଯାତ୍ରୀବାହୀ ବସ୍ ଚଳାଚଳ ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଘରୋଇ ବସ୍ ମାଲିକ ସଂଘର ଶେକ୍ ନଜିମୁଦ୍ଦିନ କହିଛନ୍ତି, ବସଷ୍ଟାଣ୍ଡ ଦେଇ ନିୟମିତ ପ୍ରାୟ ୧୫୦ ବସ୍ ଯିବା ଆସିବା କରିଥାଏ। ସେଥିମଧ୍ୟରୁ ବରଗଡ଼ ବସ୍ ମାଲିକ ସଂଘର ୯୦ଟି ବସ୍ ରହିଛି। ସେଠାରୁ ବ୍ୟାରିକେଡ୍ ହଟାଇବା ସହିତ ପ୍ରଶାସନ ସଂଘର ଦାବି ସମୂହକୁ ନ ମାନିବା ପର୍ଯ୍ୟନ୍ତ ଏହି ଧର୍ମଘଟ ଜାରି ରହିବ। ଏଥିରେ ସେ ଯାତ୍ରୀମାନଙ୍କ ସହଯୋଗ କାମନା କରିଛନ୍ତି। ସଂଘର ନିଷ୍ପତ୍ତି ବିରୋଧରେ ଯାଇ ଯେଉଁମାନେ ବସ୍ ଚଳାଚଳ କରୁଛନ୍ତି ସଂଘ ସେ ନେଇ ପଦକ୍ଷେପ ନେବ ବୋଲି ନଜିମୁଦ୍ଦିନ କହିଛନ୍ତି।

ଅନ୍ୟପକ୍ଷେ ପୁରୁଣା ବସଷ୍ଟାଣ୍ଡରେ ଅସାମାଜିକତତ୍ତ୍ୱ ବଢ଼ି ଚାଲିଛି ଏବଂ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ବ୍ୟାରିକେଡ୍ ଦିଆଯାଉଥିବା ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା କହିଛନ୍ତି। ବସ୍ ମାଲିକ ସଂଘର ସବୁ ଦାବି ବିଚାରକୁ ନିଆଯାଇଛି। ଏକାଥରକେ ସେ ସବୁ ପୂରଣ କରିବା ସମ୍ଭବ ନୁହେଁ। ପର୍ଯ୍ୟାୟକ୍ରମେ ଦାବି ମୁତାବକ କାମ କରାଯାଉଛ ବୋଲି ଦଣ୍ଡସନା କହିଛନ୍ତି। ବସ୍‌ଷ୍ଟାଣ୍ଡକୁ ନେଇ ଘରୋଇ ବସ୍ ମାଲିକ ସଂଘ ଏବଂ ପ୍ରଶାସନ ମଧ୍ୟରେ ବିବାଦ ଘନେଇ ଥିବାବେଳେ ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡୁଛି। ଏପଟେ ନୂଆ ବସ୍‌ଷ୍ଟାଣ୍ଡ ଖାଲି ପଡ଼ିଛି।

ପୁରୁଣା ଘରୋଇ ବସଷ୍ଟାଣ୍ଡର ଅନତିଦୂରରେ ନୂଆ ବସଷ୍ଟାଣ୍ଡ୍ ତିଆରି ହୋଇଛି। ୨୦୧୮ ନଭେମ୍ବର ୨୫ରେ ଏହା ଉଦ୍‌ଘାଟିତ ହୋଇଥିଲା। ମାତ୍ର ନିର୍ମାଣରେ ବହୁ ତ୍ରୁଟିବିଚ୍ୟୁତି ରହିଥିବା ଅଭିଯୋଗ କରି ସ୍ଥାନୀୟ ଘରୋଇ ବସ୍‌ଷ୍ଟାଣ୍ଡ ବିରୋଧ କରିବାରୁ ଦୀର୍ଘ ଅଢ଼େଇ ବର୍ଷ ଧରି ସେଠାରୁ ବସ୍ ଗଡ଼ିବା ଆରମ୍ଭ ହୋଇ ନ ଥିଲା। ତେବେ ପ୍ରଶାସନ ଏବଂ ଘରୋଇ ବସ ମାଲିକ ସଂଘ ମଧ୍ୟରେ ଆଲୋଚନା ପରେ ଗତ ୨୦୨୧ ଜୁଲାଇ ୨୦ ବାହୁଡ଼ା ଯାତ୍ରାରୁ ବସ୍ ଗଡ଼ିବା ଆରମ୍ଭ ହୋଇଥିଲା। ମାତ୍ର କିଛିମାସ ପରେ ପୁଣି ବସଷ୍ଟାଣ୍ଡକୁ ନେଇ ବିବାଦ ଦେଖାଯାଇଥିଲା। ପ୍ରଶାସନର ପ୍ରତିଶ୍ରୁତି ମୁତାବକ ନୂଆ ଘରୋଇ ବସଷ୍ଟାଣ୍ଡ ନିର୍ମାଣରେ ଦେଖାଯାଇଥିବା ତ୍ରୁଟି, ବିଚ୍ୟୁତିର ସମାଧାନ ନ କରିବା, ବସ୍‌ପାର୍କିଂ, ଡିପୋ, ଷ୍ଟାଫଙ୍କ ପାଇଁ ଗେଷ୍ଟରୁମ, ଷ୍ଟୋରରୁମ ଆଦି ବ୍ୟବସ୍ଥା କରାଯାଇ ନଥିବା ବସ୍ ମାଲିକ ସଂଘ ଅଭିଯୋଗ କରି ନୂଆ ବସଷ୍ଟାଣ୍ଡରୁ ପୁଣି ବସ୍ ଚଳାଚଳକୁ ବନ୍ଦ କରି ଦେଇଥିଲା। ଫଳରେ ପୂର୍ବବତ୍ ପୁରୁଣା ବସଷ୍ଟାଣ୍ଡରୁ ବସ୍ ଚଳାଚଳ ଚାଲିଥିଲା। ମଙ୍ଗଳବାରରୁ ପୌର ପ୍ରଶାସନ ପୁରୁଣା ବସଷ୍ଟାଣ୍ଡରେ ବ୍ୟାରିକେଡ୍ ନିର୍ମାଣ ଆରମ୍ଭ କରିଛି। ଏହା ଜାଣିବା ପରେ ବସ୍ ମାଲିକ ସଂଘ ଏକ ଜରୁରୀ ବୈଠକ କରିଥିଲା ଏବଂ ବୈଠକର ନିଷ୍ପତ୍ତି ଅନୁଯାୟୀ ବୁଧବାରରୁ ଏଠାରେ ସଂଘ ବସ ଧର୍ମଘଟ ଆରମ୍ଭ କରିଛି। ଫଳରେ ପୁରୁଣା ବସଷ୍ଟାଣ୍ଡରେ ଯାତ୍ରୀବାହୀ ଗୁଡ଼ିକ ଅଟକି ରହିଛି। ପ୍ରଶାସନ ଏବଂ ଘରୋଇ ବସ ମାଲିକ ସଂଘ ମଧ୍ୟରେ ଏଭଳି ଛକାପଞ୍ଝା ଚାଲିଥିବାବେଳେ ଯାତ୍ରୀମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ରୋଜଗାର କରିବା ଆଶା ନେଇ ଅନେକ ନୂଆ ବସ୍‌ଷ୍ଟାଣ୍ଡ କମ୍ପ୍ଲେକ୍ସରେ ଥିବା ଦୋକାନ ଗୃହଗୁଡ଼ିକୁ ଲକ୍ଷାଧିକ ଟଙ୍କା ନିଲାମରେ ପୌର ପ୍ରଶାସନଠାରୁ ନେଇଥିଲେ। ହେଲେ ସେଠାରୁ ବସ୍ ଗଡୁ ନଥିବା ଯୋଗୁ ସେମାନଙ୍କୁ ମଧ୍ୟ କ୍ଷତି ସହିବାକୁ ପଡୁଛି ବୋଲି ସମ୍ପୃକ୍ତ ଦୋକାନୀମାନେ କହିଛନ୍ତି। ଫଳରେ ଏହି ବିବାଦର ତୁରନ୍ତ ସମାଧାନ କରିବାକୁ ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି।

# ବିଶ୍ୱାତ୍ମ ବିଦ୍ୟାମନ୍ଦିରରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୨୭।୭(ଡ.ଏନ.ଏ.)




ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଲେଜ ନିକଟରେ ଥିବା ବିଶ୍ୱାତ୍ମ ବିଦ୍ୟାମନ୍ଦିରଠାରେ ବୁଧବାର ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷରୋପଣ କରିବା ଆଗରୁ ପ୍ରଥମେ ଏକ ସାଧାରଣ ସଭା ବିଦ୍ୟାମନ୍ଦିରର ସଭାପତି ଗୋକୁଳ ଦଣ୍ଡସେନାଙ୍କ ସଭାପତିତ୍ୱରେ ହୋଇଥିଲା। ବିଶ୍ୱାତ୍ମ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପରମପୂଜ୍ୟ ସ୍ୱାମୀଜୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶାତ୍ମ ଚେତନା ଟ୍ରଷ୍ଟର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟ ବେଦାନନ୍ଦ ସରସ୍ୱତୀ, କୋଷାଧକ୍ଷ ସତ୍ୟ ପ୍ରେମାନନ୍ଦ ସରସ୍ୱତୀ, ବନପାଳ ଜୟକୃଷ୍ଣ ପଟ୍ଟନାୟକ, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ବିଦ୍ୟାମନ୍ଦିରର ଉପସଭାପତି ପ୍ରଫୁଲ୍ଲ ଦଣ୍ଡସେନା, ସମ୍ପାଦକ ସୁଦାମ ଦଣ୍ଡସେନା, ପ୍ରଧାନ ଆଚାର୍ଯ୍ୟ ପୁଷ୍ପାଞ୍ଜଳି ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ଏହି ସ୍କୁଲରେ ପାଠପଢ଼ା ସହ ଯୋଗ, ଆଧାତ୍ମିକ ବିକାଶ କିପରି ହୋଇପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ବୃକ୍ଷରୋପଣର ଉପକାରିତା ଓ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଅନ୍ୟ ଅତିଥିମାନେ କହିଥିଲେ। ରାଜୀବ ଲୋଚନ ଦଣ୍ଡସେନା ସ୍ୱାଗତ ଭାଷଣ ଦେଇଥିଲେ। ସଭା ପରିଚାଳନା କରିଥିଲେ ସୁଦାମ ଦଣ୍ଡସେନା ପ୍ରଧାନ ଆଚାର୍ଯ୍ୟ ପୁଷ୍ପାଞ୍ଜଳି ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟା ମନ୍ଦିର ପରିସରରେ ୪ ଶହ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଅତିଥିମାନଙ୍କ ସହ ଡୁଙ୍ଗୁରିପାଲି ବିଇଓ ଗଣେଶ କିଷାନ, ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ସମୃଦ୍ଧ ସମାଜ ପାଇଁ ଇତିହାସ ଜାଣିବା ଜରୁରୀ

ଅମରପାଲି,୨୭।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଇତିହାସ ବିଭାଗ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ସତ୍ୟନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସୁଦାମ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସର ରେ ସେ ସମୃଦ୍ଧ ସମାଜ ପାଇଁ ଇତିହାସ ଜାଣିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମହେଶ୍ୱତା କ୍ଷେତି, ଦୀପକ ରଥ, କ୍ଷୀରୋଦ କର୍ଣ୍ଣ, ଗୌରାଙ୍ଗ ସାହୁ, ପିଙ୍କି ପଧାନ ତଥା ବିଦାୟୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅରବିନ୍ଦ ସାହୁ ଓ ସୌମ୍ୟାରାଣୀ ଖମାରୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପିକା ବନ୍ଦିତା ନାଏକ ସଭା କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସଫ୍ଟୱେର ଇଞ୍ଜିନିୟର ହେବେ ଦିବେଶ

ସୋନପୁର,୨୭।୭(ନି.ପ୍ର.)



ଦିବେଶ ବେହେରା

ସିବିଏସଇ ଦ୍ୱାଦଶ ବୋର୍ଡ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସୋନପୁର ସୁକାନ୍ତି ଏକାଡେମୀର ଛାତ୍ର ଦିବେଶ ବେହେରା ବିଜ୍ଞାନ ପରୀକ୍ଷାରେ ୯୩% ନମ୍ବର ରଖି ସୁବର୍ଣ୍ଣପୁର ଜିଲାର ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ସେ ୫୫୮ ନମ୍ବର ରଖିଛନ୍ତି। ପ୍ରଥମରୁ ସେ ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଗମହାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। ଦଶମ ପରୀକ୍ଷାରେ ସେ ୯୦% ନମ୍ବର ରଖିଥିଲେ। ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଯୋଗିଆଡିହି ଗ୍ରାମର ଦିବେଶ ଜଣେ ମେଧାବୀ ଛାତ୍ର। ସୁକାନ୍ତି ଏକାଡେମୀ ଛାତ୍ରାବାସରେ ରହି ସେ ଦ୍ୱାଦଶ ପଢୁଥିଲେ। ପରୀକ୍ଷା ପାଇଁ କଠିନ ପରିଶ୍ରମ କରୁଥିଲେ। ଏବେ ସେ ଆଇଆଇଟି ପାଇଁ କୋଚିଂ ନେବେ। ଭବିଷ୍ୟତରେ ଜଣେ ସଫ୍ଟୱେର ଇଞ୍ଜିନିୟର ହେବା ତାଙ୍କ ଲକ୍ଷ୍ୟ ରହିଛି। ଦିବେଶ କଠିନ ପରିସ୍ଥିତିରେ ବି ଭାଙ୍ଗି ପଡିନାହାନ୍ତି। ମନୋବଳ ଦୃଢ କରି ପାଠ ପଢୁଛନ୍ତି। ୨୦୧୭ରେ ସଡକ ଦୁର୍ଘଟଣାରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ବାପାଙ୍କ ମୃତ୍ୟୁର ୧ ମାସ ପରେ ହୃଦଘାତରେ ମାଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଦିବେଶ ବଡ ଭାଇ ସୁଶାନ୍ତ ବେହେରା ଓ ବିଭୁତି ବେହେରାଙ୍କ ପାଖରେ ରହୁଛନ୍ତି। ପରୀକ୍ଷାରେ ସଫଳତା ପାଇଁ କଲେଜର ଏମଡି, ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ ଗୁରୁଜନଙ୍କୁ ସେ ଶ୍ରେୟ ଦେଇଛନ୍ତି।

# ସୁକାନ୍ତି ଏକାଡେମୀର ସଫଳତା ହାର ଶତ ପ୍ରତିଶତ

ସୋନପୁର,୨୭।୭(ନି.ପ୍ର.)

ସୋନପୁର ଧୁବାମୁଣ୍ଡାସ୍ଥିତ ସୁକାନ୍ତି ଏକାଡେମୀ ଯୁକ୍ତ ୨ ବିଜ୍ଞାନ କଲେଜକୁ ଚଳିତବର୍ଷ ସଫଳତା ମିଳିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଫଳ ଅନୁଯାୟୀ ଏହି କଲେଜକୁ ୧୦୦ ପ୍ରତିଶତ ସଫଳତା ମିଳିଛି। ଏଥିରେ ଛାତ୍ର ଦିବେଶ ବେହେରା ସର୍ବୋଚ୍ଚ ୫୫୮ ନମ୍ବର (୯୩%) ରଖି ପାସ କରିଛନ୍ତି। କଲେଜର ୧୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୧୭ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୨୦ ଜଣ ଓ ତୃତୀୟ ଶ୍ରେଣୀରେ ୨ ଜଣ ପାସ୍ କରିଥିବା ଜଣାପଡିଛି।

# ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

ବୌଦ୍ଧ,୨୭।୭(ସ୍ୱ.ପ୍ର.)

ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ବୌଦ୍ଧ ଜିଲାରେ ଛାତ୍ରୀଛାତ୍ରମାନଙ୍କୁ ଶତ ପ୍ରତିଶତ ସଫଳତା ମିଳିଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୬୩ ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୫ ଜଣ ପ୍ରଥମ ଶ୍ରେଣୀରେ,୨୫ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ଜଣାଯାଇଛି। କନ୍ଧମାଳ କଲେଜରେ ୩୧ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ୨୪ ଜଣ ପ୍ରଥମ ଶ୍ରେଣୀରେ,୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟ ବିଭାଗରେ ୬ ଜଣ ପରୀକ୍ଷାର୍ଥୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ଜଣାଯାଇଛି। ଏକମାତ୍ର ବେସରକାରୀ କଲେଜ ଭାବରେ କେବି ହିଷ୍ଟ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ଥିବା ବେଳେ ଚଳିତବର୍ଷ ୪୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ଜଣେ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ଜଣାଯାଇଛି।

# ବିଜ୍ଞାନ, ବାଣିଜ୍ୟରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

- ବିଜ୍ଞାନରେ ଅନ୍ୱେଷ, ବାଣିଜ୍ୟରେ ଦୀପକ ଟପ୍ପର
- ୧୩ଛାତ୍ରୀଛାତ୍ରଙ୍କ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ

ବରଗଡ଼ ଅଫିସ୍,୨୭।୭



ଅର୍ପିତା ସାହୁ



ଦୀପକ ମେହେର



ବିନୟ ଖମାରୀ



ବଣ୍ଟି ରୟ

ଯୁକ୍ତଦୁଇ ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞାନ ପରୀକ୍ଷାରେ ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ୱେଷ ସାହୁ ୫୭୪ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ଦୀପକ ମେହେର ୫୬୬ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ୧୦ଜଣ ୯୦, ୪୨ଜଣ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ୩୨ଜଣ ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୨୦୧ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଅର୍ପିତା ସାହୁ ୫୫୪, ଉଷଶ୍ରୀ ଭୋଇ ୫୪୭, ଆଶୁତୋଷ ମିଶ୍ର ୫୪୬, ରୋନକ ମାଝି ୫୪୫, ଶ୍ରବଣ ପଟେଲ ୫୪୪, ଆକାଶ ସାହୁ ୫୪୩, ହିତେଶ ରଣା ୫୪୨, ତନୟ କୁମାର ଦୀପ ୫୪୨ ଏବଂ ନିକିତା ଦାଶ ୫୪୧ମାର୍କ ରଖି ସଫଳତା ହାସଲ କରିଛନ୍ତି ।

ବାଣିଜ୍ୟ ପରୀକ୍ଷାରେ ୩ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ପାସ୍ କରିଥିବାବେଳେ ୭ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ୨୫ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବିନୟ ଖମାରୀ ୫୫୫, ବଣ୍ଟି ରୟ ୫୫୩ ମାର୍କ ରଖି ସଫଳତା ଶୀର୍ଷରେ ଅଛନ୍ତି। ବିଜ୍ଞାନ ଛାତ୍ରୀ ରୋଜା ଭୋଇ ଗଣିତରେ, ଅନ୍ୱେଷ ସାହୁ ଉଦ୍ଭିଦ ବିଜ୍ଞାନରେ ଏବଂ ବାଣିଜ୍ୟ ଛାତ୍ର ଦୀପକ ମେହେର, ବିନୟ ଖମାରୀ, ବଣ୍ଟି ରୟ, ଏମ. ବିନୟ ଆକାଉଣ୍ଟାନ୍ସିରେ ଶତ ପ୍ରତିଶତ ମାର୍କ ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ପ୍ରକାଶଥାଉକି, କୃତୀ ଛାତ୍ର ଅନ୍ୱେଷ ସାହୁ ଚଳିତବର୍ଷ ସର୍ବଭାରତୀୟ ସାଧାରଣ ବର୍ଗରେ ୧୦୩୫ ର୍‍ୟାଙ୍କ୍ ଏବଂ ନେଷ୍ଟ ପରୀକ୍ଷାରେ ସର୍ବଭାରତୀୟ ସାଧାରଣ ବର୍ଗରେ ୬୯ର୍‍ୟାଙ୍କ(ଓବିସି-୯ର୍‍ୟାଙ୍କ) ଏବଂ ତନୟ କୁମାର ଦୀପ ନେଷ୍ଟ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି ।

ପ୍ରଥମ ପ୍ରୟାସରେ ଏଣ୍ଟ୍ରାନ୍ସ ତଥା ସିଏଚଏସଇ ବୋର୍ଡ଼ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ଅନୁଷ୍ଠାନକୁ ଏକ ଭିନ୍ନ ପରିଚୟ ଦିଏ ବୋଲି ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା କହିଛନ୍ତି। ସେହିପରି ବିକାଶର ସେଣ୍ଟ୍ରାଲାଇଜଡ୍ ଏକାଡ଼େମିକ୍ ସିଷ୍ଟମ ଯୋଗୁ ଛାତ୍ରୀଛାତ୍ର ଏଭଳି ସଫଳତା ପାଇଛନ୍ତି ବୋଲି ଡାଇରେକ୍ଟର ଡଃ ସମରେନ୍ଦ୍ର ପଣ୍ଡା କହିଛନ୍ତି। ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଭି. ଶ୍ରୀନିବାସ, ଡାଇରେକ୍ଟର (ଏକାଡ଼େମିକ୍ସ) ଜି. ରାମକ୍ରିଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ବିବେକ କୁମାର, ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଚିତ୍ତରଞ୍ଜନ ପତି, ଆଡ଼ମିନିଷ୍ଟ୍ରେଟିଭ୍ ଅଫିସର୍ ଏସ୍. କାନ୍ତା ରାଓ ପ୍ରମୁଖ କୃତୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ



"ପରୀକ୍ଷାରେ ଭଲ ସ୍ଥାନ ଅଧିକାର କରିବା ପାଇଁ ଆରମ୍ଭରୁ ମୁଁ କଠିନ ପରିଶ୍ରମ କରିଥିଲି। ବିକାଶ ସ୍କୁଲର ଇଣ୍ଟିଗ୍ରେଟେଡ୍ ପାଠପଢ଼ା ଏଥିରେ ମୋତେ ବହୁତ ସାହାଯ୍ୟ କରିଥିଲା। ଭଗବାନଙ୍କ ଆଶିର୍ବାଦ, ଶିକ୍ଷକଙ୍କ ଉତ୍ତମ ଶିକ୍ଷାଦାନ ଏବଂ ମା, ବାପାଙ୍କ ଆଶିର୍ବାଦରୁ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଦେଶସେବା କରିବାକୁ ଲକ୍ଷ୍ୟ ରଖିଛି ।

**ଅନ୍ୱେଷ ସାହୁ, କଲେଜ ଟପ୍ପର**

**ମୃତକଙ୍କ ପରିବାରକୁ ସହାୟତା**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ରେଞ୍ଜ ଦେଓଗାଁ ସେକ୍ସନ ବହଲି ଗ୍ରାମର କେନ୍ଦୁପତ୍ର ତୋଲାଳି ଗୁନ୍ଦର ସାହୁଙ୍କ ମୃତ୍ୟୁ ପରେ ବିଭାଗ ପକ୍ଷରୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । କେନ୍ଦୁପତ୍ର ତୋଲାଳି କଲ୍ୟାଣ ପାଣ୍ଠି ପକ୍ଷରୁ ଗୁନ୍ଦରଙ୍କ ଝିଅ ଭାନୁମତୀ ସାହୁଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶିର ଚେକ ପ୍ରଦାନ କରାଯାଇଥିଲା । ଫରେଷ୍ଟର ରାଜୀବ ସାହୁଙ୍କ ନେତୃତ୍ୱରେ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ବଲାଙ୍ଗୀର କେନ୍ଦୁପତ୍ର ରେଞ୍ଜ ସିସିଏଫ ପ୍ରଦୀପ୍ତ କୁମାର ମହାପାତ୍ର, ଡିଏଫଓ ରଞ୍ଜିତ ମଲ୍ଲିକ, ଏସିଏଫ ମନୋଜ ଶିକା, ରେଞ୍ଜ ଅଫିସର ଧଞ୍ଜିଲାଲ ମୁଗୁରି ଉପସ୍ଥିତ ଥିଲେ।

# ଧାରଣାସ୍ଥଳରେ ରାନ୍ଧିଲେ, ୨ରୁ ଆମରଣ ଅନଶନ

**ମହିଳା କଲେଜ ହଷ୍ଟେଲ ଅଚଳାବସ୍ଥା ପ୍ରସଙ୍ଗ**

- ମୌଖିକ ବହିଷ୍କାର ଅଗଣତାନ୍ତ୍ରିକ: ଟ୍ରେଡ ୟୁନିୟନ୍
- ୫ ଦିନ ହେଲା ହଷ୍ଟେଲ ବନ୍ଦ ପଡ଼ିଛି, ଛାତ୍ରୀଙ୍କ ପାଠପଢ଼ା ବ୍ୟାହତ

**ବଲାଙ୍ଗୀର ଅଫିସ,୨୭।୭**

ବଲାଙ୍ଗୀର ସରକାରୀ ମହିଳା କଲେଜ ହଷ୍ଟେଲ ଅଚଳାବସ୍ଥା ସମସ୍ୟା ଦୂର ହୋଇନାହିଁ। ବୁଧବାର ହଷ୍ଟେଲ କର୍ମଚାରୀମାନେ ତୃତୀୟ ଦିନରେ ମଧ୍ୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଥିଲେ। ଧାରଣାସ୍ଥଳରେ ପ୍ରତିବାଦ ସ୍ୱରୂପ ସେଠାରେ କାଠଚୁଲିରେ ଖାଦ୍ୟ ରାନ୍ଧି ଖାଇଥିଲେ। ୟୁନାଇଟେଡ ଟ୍ରେଡ୍ ୟୁନିଅନ୍ ବ୍ୟାନରରେ ହଷ୍ଟେଲର ୧୨ ଜଣ କର୍ମଚାରୀ ଉପଯୁକ୍ତ ମଜୁରି ଦାବିରେ ଧାରଣା ଜାରି ରଖିଛନ୍ତି।

ଅପରାହ୍ଣରେ ସ୍ଥାନୀୟ ଯାଦବ ଭବନଠାରେ ୟୁନାଇଟେଡ୍ ଟ୍ରେଡ୍ ୟୁନିଅନ୍ ସଭାପତି ବିଭୁଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ କରି ମହିଳା ହଷ୍ଟେଲ କର୍ମଚାରୀ ଏବଂ ୟୁନିଅନ୍ ନିଜ ପକ୍ଷ ରଖିଥିଲେ। କିଭଳି ବେଆଇନ ଭାବେ ସେମାନଙ୍କ ଉପରେ କଲେଜ କର୍ତ୍ତୃପକ୍ଷ ଅନ୍ୟାୟ କରିଛନ୍ତି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ୟୁନିଅନ୍ର ବିନୋଦ କାଲସାଏ ଏବଂ ହଷ୍ଟେଲ ଚିଫ୍ ମେଟ୍ରେନ୍ ତିଳୋତ୍ତମା ତାଣ୍ଡି ଏବଂ ରୋଷେଇ କର୍ମଚାରୀ ଅହଲ୍ୟା ଷାଣ୍ଢ ମଞ୍ଚାସୀନ ହୋଇଥିଲେ। ତିଳୋତ୍ତମା କହିଥିଲେ ଯେ, ସେ ଦୀର୍ଘ ୨୫ ବର୍ଷ ତଳେ ୫୦୦ ଟଙ୍କାରେ କାମ ଆରମ୍ଭ କରି ଏବେ ୫ ହଜାର ୫ ଶହ ଟଙ୍କା ମାତ୍ର ପାଉଛନ୍ତି। ଦରମା ବଢ଼ାଇବାକୁ କହିବାରୁ ତାଙ୍କ ସହ ଅନ୍ୟ ୧୧ଜଣ କର୍ମଚାରୀଙ୍କୁ ମୌଖିକ ଆଦେଶରେ କାମରୁ ବାହାର କରି ଦିଆଯାଇଛି। ଏନେଇ ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ଉପଯୁକ୍ତ ମଜୁରି ଦେବାକୁ ଦାବି କରୁଛୁ ବୋଲି କହିଥିଲେ। ଅହଲ୍ୟା ନିଜ ପକ୍ଷ ରଖି ୧୦ବର୍ଷ କାମ କରିସାରିଲା ପରେ ଏବେ ସେ ୨୨ ଶହ ଟଙ୍କା ପାଉଛନ୍ତି। ଏତେ ଟଙ୍କାରେ କିଭଳି ଭାବେ ପରିବାର ଚଳାଇ ହେବ ବୋଲି କହିଛନ୍ତି। ୟୁନିଅନ୍ ସଭାପତି ମିଶ୍ର କହିଥିଲେ ଯେ, ଚଳିତବର୍ଷ ଛାତ୍ରୀମାନଙ୍କଠାରୁ ହଷ୍ଟେଲ ଚାର୍ଜ ବାବଦକୁ ୧ହଜାର ଟଙ୍କା ବଢ଼ାଯାଇଥିଲେ ମଧ୍ୟ ହଷ୍ଟେଲରେ କାମ କରୁଥିବା କର୍ମଚାରୀଙ୍କ ଦରମା ବଢ଼ାଯାଇନାହିଁ। ସବୁଠୁ ଆଶ୍ଚର୍ଯ୍ୟର କଥା ଦରମା ବଢ଼ାଇବାକୁ କହିଲେ ଏବଂ ଶ୍ରମ ବିଭାଗର ଦ୍ୱାରସ୍ଥ ହେଲେ ବୋଲି ମୌଖିକ ଆଦେଶରେ ତମେମାନେ ଆଉ ଚାକିରିରେ ନାହଁ ବୋଲି କହିଦିଆଯାଇଛି। ଏହା ସମ୍ପୂର୍ଣ୍ଣ ବେଆଇନ ଏବଂ ନିୟମ ବର୍ହିଭୂତ ବୋଲି ସେ କହିଥିଲେ। କର୍ମଚାରୀମାନଙ୍କୁ ବହିଷ୍କାର କରାଗଲେ ଅଗଷ୍ଟ ୨ରୁ ଆମରଣ ଅନଶନରେ ଜିଲାପାଳ କାର୍ଯ୍ୟାଳୟରେ ବସିବାକୁ ସେମାନେ ବାଧ୍ୟହେବେ ବୋଲି କହିଛନ୍ତି। ତୁରନ୍ତ ହଷ୍ଟେଲ ଖୋଲି ଛାତ୍ରୀମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦିଅନ୍ତୁ ବୋଲି ମିଶ୍ର ଦାବି କରିଥିଲେ। ଏସମ୍ପର୍କରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ହଷ୍ଟେଲ ସମସ୍ୟା ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି। ନିୟମ ମୁତାବକ ଯାହା ନିର୍ଦ୍ଦେଶ ଦେବେ ସେଦିଗରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଗତ ୨୪ ତାରିଖ ଦିନରୁ ହଷ୍ଟେଲ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ହଷ୍ଟେଲ ବନ୍ଦ କରାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ମହିଳା କଲେଜ ହଷ୍ଟେଲ କର୍ମଚାରୀମାନେ ରୋଷେଇ କରି ପ୍ରତିବାଦ ଜଣାଉଛନ୍ତି।

# ଏସ୍ଏଚ୍ଜି ଦକ୍ଷତା ବିକାଶ ତାଲିମ ଶିବିର



ଶିବିରରେ ମଞ୍ଚାସୀନ ଅତିଥି।

**ଖପ୍ରାଖୋଲ,୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦେବଦତ୍ତ କ୍ଲବ ଏବଂ ନାବାର୍ଡ ବଲାଙ୍ଗୀର ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀର ଦକ୍ଷତା ବୃଦ୍ଧି ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦେବଦତ୍ତ କ୍ଲବ ସମ୍ପାଦକ କାହ୍ନୁ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ନାବାର୍ଡ ଡିଡିଏମ ଲକ୍ଷ୍ମଣ ସାଏ ଯୋଗଦେଇଥିଲେ। ତାଲିମଦାତାଭାବେ ଏଫଏଲସି ଓମପ୍ରକାଶ ମୁଣ୍ଡ, ଖପ୍ରାଖୋଲ ୟୁଜିବି ମ୍ୟାନେଜର ଜଗଦୀଶ ପଣ୍ଡା, ଓଏଲଏମ ବିଏଲସି ପ୍ରଶାନ୍ତ ନନ୍ଦ ଯୋଗଦେଇ ଆର୍ଥିକ ଅନ୍ତର୍ଭୁକ୍ତି, ଆର୍ଥିକ ସାକ୍ଷରତା, ଏସ୍ଏଚ୍ଜିର ପଞ୍ଚସୂତ୍ରୀ, ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ବିକାଶ ଉପରେ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଅନ୍ୟତମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ସୁଖୀରାମ ସାଣ୍ଡ, ସରପଞ୍ଚ ଶକୁନ୍ତଳା ବେହେରା, ଏମବିକେ ଲୁଭାବତୀ ଧରୁଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଟେକେନ୍ଦ୍ର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶ ସୁରକ୍ଷା ସଚେତନତା


ତୁର୍ଲା ଆଶ୍ରମ ସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି।

**ଖପ୍ରାଖୋଲ, ୨୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଆଶ୍ରମ ସ୍କୁଲ ପରିସରରେ ହରିଶଙ୍କର ସିଆରପିଏଫ ୧୮୯/ଏ ବାଟାଲିଅନ ତରଫରୁ ଚାରାରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରପିଏଫର ସ୍ଥାପନ ଦିବସ ଅବସରରେ କମାଣ୍ଡାଣ୍ଟ ପବନ କୁମାର ତିୱରିଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟବୀର ସିଂହ, ସମ୍ମାନିତ ଅତିଥି ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୁପିନ୍ଦ୍ର ବନଗୁଲା, ଭାନପୁର ସରପଞ୍ଚ ରୀନା ଜାଲ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଉପରେ ଅତିଥିମାନେ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ଆଶ୍ରମ ବିଦ୍ୟାଳୟର ଛାତ୍ର ନିବାସ ପଛପଟ ପଡ଼ିଆରେ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ସିଆରପିଏଫ ଯବାନ, ଶିକ୍ଷକ ଦୟାସାଗର ମର୍ହି, ଲଛମନ କାଲସାଏ, ପ୍ରକୃତିବନ୍ଧୁ ବିକାଶ ତ୍ରିପାଠୀ, ଘାସିରାମ ସାହୁ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସିଏନ୍ସି କଲେଜ ଛାତ୍ରୀଛାତ୍ରଙ୍କ ସଫଳତା


କୃତୀ ଛାତ୍ର ପ୍ରୀତିମୋହନ ସାହୁ


କୃତୀ ଛାତ୍ରୀ ଶିଖା ଗୁପ୍ତା

**ଯୁକ୍ତ ୨ ପରୀକ୍ଷା ଫଳ**

**ବଲାଙ୍ଗୀର ଅଫିସ, ୨୭।୭**

ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ବଲାଙ୍ଗୀର ସିଏନ୍ସି କଲେଜରେ ଖୁସିର ଲହରି ଖେଳିଯାଇଛି। ସିଏନ୍ସି କଲେଜ ବାଣିଜ୍ୟ ଛାତ୍ରୀଛାତ୍ରମାନେ କୃତିତ୍ୱର ସହ ଯୁକ୍ତଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି କଲେଜର ସମୁଦାୟ ୭୪ ଜଣ ପରୀକ୍ଷାର୍ଥୀ ଦେଇଥିଲେ। ସେଥିରୁ ୭୩ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୮ ଜଣ ଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ୨୫ ଛାତ୍ରୀଛାତ୍ର ୮୦ରୁ ୯୦ ପ୍ରତିଶତ, ୧୭ ଛାତ୍ରୀଛାତ୍ର ୭୦ରୁ ୮୦ ପ୍ରତିଶତ, ୧୮ ଜଣ ୬୦ରୁ ୭୦ ପ୍ରତିଶତ, ୩ ଜଣ ୫୦ରୁ ୬୦ ଏବଂ ୨ ଜଣ ଛାତ୍ରୀଛାତ୍ର ୪୦ରୁ ୫୦ ପ୍ରତିଶତ ମାର୍କ ରଖି ପାଶ୍ କରିଛନ୍ତି। କୃତି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରୀତିମୋହନ ସାହୁ ଏବଂ ଶିଖା ଗୁପ୍ତା ୯୪ ପ୍ରତିଶତ, ହେମଲତା ସାହୁ ଓ ସ୍ନେହା ଜୈନ୍ ୯୩.୧୭ ପ୍ରତିଶତ, ଦୀୟା ଅଗ୍ରୱାଲ ଓ କୁମାର ରଞ୍ଜନ ମେହେର ୯୨.୩୩ ପ୍ରତିଶତ, ଦେବାଶିଷ ଅଗ୍ରୱାଲ ୯୧.୬୭ ପ୍ରତିଶତ ଏବଂ ଆୟୁଷ ଜୈନ୍ ୯୦.୧୭ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ ସିଏନ୍ସି କଲେଜ ନିର୍ଦ୍ଦେଶକ ଆଶୁତୋଷ ପୁରୋହିତ ଏବଂ ପ୍ରଦୀପ ସାହୁ, କଲେଜ ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ ଏବଂ ଅଭିଭାବକଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।

# ଜେଆଇଟିଏମ୍ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ସଫଳତା

**ବଲାଙ୍ଗୀର ଅଫିସ, ୨୭।୭**

ପରିଶ୍ରମ ଓ ଅଧ୍ୟବସାୟ ସଫଳତାର ମାର୍ଗକୁ ପ୍ରଶସ୍ତ କରିଥାଏ। ଅଧ୍ୟବସାୟ ହିଁ ଅଧ୍ୟୟନର ମୂଳମନ୍ତ୍ର ହେବା ଉଚିତ ଏଇ ମୂଳମନ୍ତ୍ରକୁ ନିଜ ଜୀବନରେ ପାଥେୟ କରି ଆଜି ସଫଳତାର ଫର୍ଦ ଯୋଡିଛନ୍ତି ବଲାଙ୍ଗୀର ସହର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜେଆଇଟିଏମ ଯୁକ୍ତ୨ ବିଜ୍ଞାନ (ସିଏଚଏସଇ)ର ଛାତ୍ରୀଛାତ୍ରମାନେ। ଯୁକ୍ତଦୁଇ ବିଜ୍ଞାନ(ସିଏଚଏସଇ)ର ଫଳାଫଳ ପ୍ରକାଶ ପାଇଛି। ଏଥିରେ ଅନୁଷ୍ଠାନର ଫଳାଫଳ ୧୦୦ ପ୍ରତିଶତ ହୋଇଛି। ସମସ୍ତ ଛାତ୍ରୀ, ଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ ହୋଇଛନ୍ତି। ୪ଜଣ ଛାତ୍ର ଛାତ୍ରୀ ୫୦୦ରୁ ଅଧିକ ମାର୍କ ରଖିଛନ୍ତି। ସେମାନେ ହେଲେ ନିକିତା ପ୍ରଧାନ, ଅଂଶୁମାନ ତ୍ରିପାଠୀ, ଭୂମିସୁତା ପରିଡା, ପୂଜା ପ୍ରିୟଦର୍ଶିନୀ ସାହୁ। ଛାତ୍ରୀ ନିକିତା ପ୍ରଧାନ ୯୨ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ଚାରି ଛାତ୍ରୀଛାତ୍ର ନିଜର ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଓ ଅଭିଭାବକମାନଙ୍କୁ ଦେଇଛନ୍ତି। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ଷଡ଼ଙ୍ଗୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅଧ୍ୟକ୍ଷ ଅନଙ୍ଗ ଉଦୟ ନାୟକ ଓ ଉପାଧ୍ୟକ୍ଷା ଅଙ୍କିତା ଶୁଭସ୍ମିତା ଗଡ଼ତ୍ୟା ମଧ୍ୟ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି ।


ନିକିତା ପ୍ରଧାନ

# ଶ୍ରେଷ୍ଠ ପ୍ରଦର୍ଶନ ଧାରାକୁ ଅବ୍ୟାହତ ରଖିଲା ଯୁବୋଦୟ

**ବଲାଙ୍ଗୀର ଅଫିସ, ୨୭।୭:** ନିଜର ଶୈକ୍ଷିକ ଶ୍ରେଷ୍ଠତାର ଧାରାକୁ ଅବ୍ୟାହତ ରଖି ଚଳିତବର୍ଷ ଯୁକ୍ତଦୁଇ ପରୀକ୍ଷାରେ ଯୁବୋଦୟ ଛାତ୍ରୀଛାତ୍ରମାନେ ଉନ୍ନତ ପରୀକ୍ଷା ଫଳ ମାଧ୍ୟମରେ ସମଗ୍ର ପଶ୍ଚିମ ଓଡିଶାରେ ନିଜ କୃତିତ୍ୱର ପ୍ରମାଣ ଦେଇଛନ୍ତି। ବୁଧବାର ପ୍ରକାଶ ପାଇଥିବା ଯୁକ୍ତ ୨ବିଜ୍ଞାନ ପରୀକ୍ଷା ଫଳରେ ଯୁବୋଦୟ ଉଚ୍ଚ ମାଧ୍ୟମିକ ସ୍କୁଲ ଛାତ୍ରୀଛାତ୍ରମାନେ ସର୍ବାଧିକ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଚଳିତବର୍ଷ ଏହି ଅନୁଷ୍ଠାନର ୩୨୭ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହେବା ସହିତ ୩୨ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଗତବର୍ଷ ମଧ୍ୟ ୨୮୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୯ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଥିଲେ। ଚଳିତବର୍ଷ ପରୀକ୍ଷାରେ ଯୁବୋଦୟର ୧୬୮ ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ୧୧୫ଜଣ ଛାତ୍ରଛାତ୍ରୀ ୫୦୦ ମାର୍କ କ୍ଲବରେ ସାମିଲ ହୋଇଛନ୍ତି। ୩୨୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧୮ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ଗତ ଦଶନ୍ଧି ମଧ୍ୟରେ ଯୁବୋଦୟ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଥିବାବେଳେ ପ୍ରତ୍ୟେକ ବର୍ଷ ଯୁକ୍ତଦୁଇ ପରୀକ୍ଷାରେ ନିଜର ଉନ୍ନତ ଓ ସମନ୍ୱିତ ଶିକ୍ଷାଦାନ ଶୈଳୀ ପାଇଁ ବହୁ ନୂତନ କୀର୍ତ୍ତିମାନ ସ୍ଥାପନ କରିଚାଲିଛି। ଏହାର ସଦ୍ୟତମ ପାସ୍ ଛାତ୍ରୀଛାତ୍ର ମାନେ ନେଷ୍ଟ, ନାଇଜର, ସିବିସିଏସ, ଜେଇଇ ମେନ ପରୀକ୍ଷାରେ ନିଜର କୃତିତ୍ୱ ହାସଲ କରିଥିବା ବେଳେ ନିଟ ପରୀକ୍ଷା ଓ ଆଇଆଇଟିରେ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନର ଆଶାବାଦୀ ଅଛନ୍ତି।

**ପୂର୍ବ ତଟ ରେଳପଥ**

**ପେ ଆଣ୍ଡ ୟୁଜ୍(Pay & Use) ଶୌଚାଳୟ ଏବଂ ପାର୍କିଙ୍ଗ ଷ୍ଟାଣ୍ଡର ଇ-ନିଲାମ**

| କ୍ରମ ସଂ. | ଆସେଟ୍ ବିବରଣୀ | ଷ୍ଟେସନ | ନିଲାମ ଶେଷ ତାରିଖ ଓ ସମୟ |
|---|---|---|---|
| 1 | ପେ ଆଣ୍ଡ ୟୁଜ୍ ଶୌଚାଳୟ | ଝାରସୁଗୁଡ଼ା ରୋଡ୍ | ତା. 02.08.2022 ରିଖ, 1230 ଘଟିକା |
| 2 | ପେ ଆଣ୍ଡ ୟୁଜ୍ ଶୌଚାଳୟ | ବୃନ୍ଦାମାଳ | ତା. 02.08.2022 ରିଖ, 1240 ଘଟିକା |
| 3 | ପେ ଆଣ୍ଡ ୟୁଜ୍ ଶୌଚାଳୟ | ଲପଙ୍ଗା | ତା. 02.08.2022 ରିଖ, 1250 ଘଟିକା |
| 4 | ପାର୍କିଙ୍ଗ ଷ୍ଟାଣ୍ଡ | ମହାସମୁନ୍ଦ | ତା. 08.08.2022 ରିଖ, 1230 ଘଟିକା |

ନିଲାମ ଆରମ୍ଭ ତାରିଖ ଓ ସମୟ : 02.08.2022, 1200 ଘଟିକା (କ୍ରମ ସଂ.1 ଠାରୁ 3 ପାଇଁ) ଏବଂ 08.08.2022, 1200 ଘଟିକା (କ୍ରମ ସଂ. 4 ପାଇଁ) ।

ଟେଣ୍ଡର ନଥିପତ୍ର ଏବଂ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ http://www.ireps.gov.in ଅବଲୋକନ କରନ୍ତୁ ।

PR-328/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର

# ୧୮ ବର୍ଷ ପରେ ଆଉଟ୍‌ଲେଟ୍ ନାଳା ସଫେଇ

**ବଲାଙ୍ଗୀର ମହାରାଣୀ ସାଗର**

- ପୌରାଧକ୍ଷାଙ୍କ କ୍ଷେତ୍ର ପରିଦର୍ଶନ
- ବର୍ଷାଜଳ ନିଷ୍କାସନ ପାଇଁ କରାଯିବ ସୁବ୍ୟବସ୍ଥା

**ବଲାଙ୍ଗୀର ଅଫିସ, ୨୭।୭**

ବଲାଙ୍ଗୀର ମହାରାଣୀ ସାଗର ବର୍ଷାଜଳ ନିଷ୍କାସନ ଦ୍ୱାର ତଥା ଆଉଟ୍ ଲେଟ୍ ଦୀର୍ଘବର୍ଷ ହେଲା ପୋତି ହୋଇଯାଇଥିଲା। ଫଳରେ ବର୍ଷାଦିନରେ ବର୍ଷାଜଳ ନିଷ୍କାସନ ବେଳେ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିଲା। ଚଳିତବର୍ଷ ବର୍ଷା ଆରମ୍ଭ ହୋଇଯାଇଥିଲେ ମଧ୍ୟ ପୌରାଧକ୍ଷା ଲିକା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧୮ ବର୍ଷ ପରେ ମହାରାଣୀ ସାଗର ଆଉଟ୍‌ଲେଟ୍ ନାଳା ସଫେଇ କରାଯାଇଛି। ପୌରାଧକ୍ଷା ସାହୁ ବୁଧବାର ତୁଳସୀନଗରପଡ଼ାସ୍ଥିତ ମହାରାଣୀ ସାଗର ଆଉଟ୍‌ଲେଟ୍ ସଫେଇ କାର୍ଯ୍ୟ ପରିଦର୍ଶନ କରିଥିଲେ। ଚଳିତ ବର୍ଷାଋତୁ ଆରମ୍ଭ ହୋଇଯାଇଥିଲେ ମଧ୍ୟ ସ୍ୱଳ୍ପବୃଷ୍ଟି ଯୋଗୁଁ ମହାରାଣୀ ସାଗରରେ ପାଣିଭର୍ତ୍ତି ହୋଇନାହିଁ। ମହାରାଣୀ ସାଗରରେ ବର୍ଷାପାଣି ଭରି ଗଲାପରେ ଏହି ଆଉଟ୍‌ଲେଟ୍ ଦ୍ୱାରା ବଳକା ପାଣି ନିଷ୍କାସିତ ହୋଇଥାଏ। ତେବେ ଏହି ଆଉଟ୍‌ଲେଟ୍ ମାଟି, ଆବର୍ଜନାରେ ପୋତି ହୋଇଯାଇଥିଲା। ଫଳରେ ବର୍ଷାଜଳ ସୂଚାରୁରୂପେ ନିଷ୍କାସିତ ହୋଇପାରୁ ନ ଥିଲା।

୨୦୧୯ ମସିହାରେ ବଲାଙ୍ଗୀର ସହରରେ ଭୟଙ୍କର ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଥିବାବେଳେ ଏହି ଆଉଟ୍‌ଲେଟ୍‌ଟି ପୋତି ହୋଇଯାଇଥିବାରୁ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ପଡା ଭିତରକୁ ପଶିଯାଇଥିଲା। ଏଭଳି ପରିସ୍ଥିତି ସତ୍ତ୍ୱେ ଏହି ଆଉଟ୍‌ଲେଟ୍‌କୁ ସଫେଇ କରାଯାଇ ନ ଥିଲା। ଆଉଟ୍‌ଲେଟ୍ ସଫେଇ ପାଇଁ ତୁଳସୀନଗର ପଡାବାସୀ ଏବଂ ଦୁର୍ଗାପୂଜା କମିଟି ପକ୍ଷରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ନବନିର୍ବାଚିତ ମ୍ୟୁନିସିପାଲିଟି ଗଠନ ପରେ ପୌରାଧକ୍ଷା ସାହୁ ମହାରାଣୀ ସାଗର ଆଉଟ୍‌ଲେଟ୍ ସଫେଇକୁ ପ୍ରାଥମିକତା ଦେଇ ଏହାର ସଫେଇ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଳକା ବର୍ଷାଜଳ ଯେଭଳି ଭାବେ ସୂଚାରୁରୂପେ ନିଷ୍କାସିତ ହୋଇପାରିବ ସେ ଦିଗରେ ସେ ପରାମର୍ଶ ଦେବା ସହ ଆଉଟ୍‌ଲେଟ୍ ଭିତରେ କୌଣସି ପ୍ରକାର ଆବର୍ଜନା, ମଇଳା ନ ପକାଇବାକୁ ପଡାବାସୀଙ୍କୁ ଅନୁରୋଧ କରିଥିଲେ। ଏହି ପରିଦର୍ଶନ ସମୟରେ ୱାର୍ଡ ନମ୍ବର ୧୮ର କାଉନସିଲର ଗଙ୍ଗାଧର ଚାନ୍ଦ, ପଡାର ନରସିଂହ ବାଗ, ବନମାଳୀ ବାଗ, ଦତ୍ତ ସାହୁ, ବିଭୂତି ପୋଡ଼, ମହରାଣୀ ସୁରକ୍ଷା କମିଟି ଆବାହକ ସୁନୀଲ ମହାନ୍ତି ଉପସ୍ଥିତ ରହି ପୌରାଧକ୍ଷା ସାହୁଙ୍କ ସହ ଆଲୋଚନା କରିଥିଲେ।


ପୌରାଧକ୍ଷା ଲିକା ସାହୁ ମହାରାଣୀ ସାଗର ଆଉଟ୍ ଲେଟ୍ ସଫେଇ କାମ ପରିଦର୍ଶନ କରୁଛନ୍ତି।

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର

**ରାଜ୍ୟ ହସ୍ତଶିଳ୍ପ ପୁରସ୍କାର - ୨୦୨୧**

No. PP-26: ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରି କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର **ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଓ 'ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର'** ପ୍ରଦାନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୧ ବର୍ଷ ପାଇଁ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଆବେଦନ ପ୍ରଣାଳୀ:**

**୧. ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)**

ରାଜ୍ୟ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପ ବିକାଶରେ ଅନବଦ୍ୟ ଅବଦାନ ପାଇଁ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରାଯାଏ। ଏଥିନିମନ୍ତେ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କଠାରୁ ୨୦୨୧ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତା୨୬।୧୦।୨୦୨୨ରିଖ ସୁଦ୍ଧା ଆବେଦନ କରିବାକୁ ଅନୁରୋଧ।

**ପ୍ରାର୍ଥୀଙ୍କ ଯୋଗ୍ୟତା:**
୧) ଓଡ଼ିଶାର କାରିଗର ହୋଇଥିବେ
୨) ବୟସ ସୀମା: ସର୍ବନିମ୍ନ ବୟସ ସୀମା ୬୦ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।
ପୁରସ୍କାର ରାଶି: ଟ.୫,୦୦,୦୦୦ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ସହିତ ମାନପତ୍ର।

**୨. ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)**

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତି ନମୁନା ଓ ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8" × 10")ର ଦୁଇକିତା ନକଲ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୨୬।୧୦।୨୦୨୨ ମଧ୍ୟରେ ଦାଖଲ କରିବା ଆବଶ୍ୟକ।

**ଯୋଗ୍ୟତା:**
୧) ପ୍ରାର୍ଥୀ ଓଡ଼ିଶାର କାରିଗର ହୋଇଥିବେ।
୨) ସର୍ବନିମ୍ନ ବୟସ ସୀମା ୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇ ନ ଥିବେ।
୪) କୌଣସି ଏକ ପ୍ରତିକୃତି ଥରେ ପ୍ରଦାନ କରାଯାଇଥିଲେ, ଦ୍ୱିତୀୟ ଥର ତାହା ଅନ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଗ୍ରହଣ କରାଯିବ ନାହିଁ।
୫) ଚୟନ ପ୍ରକ୍ରିୟା – ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ୫୦ ଗୋଟି ହସ୍ତଶିଳ୍ପକୁ ୨ ଭାଗରେ ବିଭକ୍ତ କରାଯାଇଛି।
 କ) ବିଭାଗ – ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟ ଓ ଟସର ଚିତ୍ର, ରୁପା ତାରକସି କାମ ଓ ତାଳପତ୍ର ଖୋଦେଇ।
 ଖ) ବିଭାଗ – କ ବିଭାଗରେ ବର୍ଣ୍ଣିତ ହସ୍ତଶିଳ୍ପ ବ୍ୟତୀତ ଅବଶିଷ୍ଟ ୪୫ଗୋଟି ହସ୍ତଶିଳ୍ପ।
 'କ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଓ 'ଖ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଚୟନ ମଣ୍ଡଳୀ ଦ୍ୱାରା ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ବଛାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ।
 **ପୁରସ୍କାର ରାଶି: ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କା) ସହିତ ପ୍ରମାଣ ପତ୍ର।**

**୩. କଳାକୃତି ପୁରସ୍କାର (Kalakruti Award)**

ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଆବେଦନ କରିଥିବା ପ୍ରତିକୃତିମାନଙ୍କ ମଧ୍ୟରୁ ୨ଗୋଟି 'କ' ବିଭାଗରୁ ଓ ୨ଗୋଟି 'ଖ' ବିଭାଗରୁ କଳାକୃତି ପୁରସ୍କାର ନିମନ୍ତେ ଚୟନ କରାଯିବ।

**ଯୋଗ୍ୟତା: ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ସହ ସମାନ।**
**ପୁରସ୍କାର ରାଶି: ଟ.୧୦,୦୦୦ଙ୍କା (ଦଶ ହଜାର ଟଙ୍କା) ସହିତ ପ୍ରମାଣ ପତ୍ର।**

**ବି.ଦ୍ର.:** ଉପରୋକ୍ତ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମିଳିପାରିବ। ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

OIPR-31034/11/0013/2223 ସ୍ୱା./- ନିର୍ଦ୍ଦେଶକ, ହସ୍ତଶିଳ୍ପ, ଓଡ଼ିଶା

## ସଂକ୍ଷେପରେ

### ବେହେରାରେ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ଶୁଭାରମ୍ଭ

**ବେହେରା,୨୭।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ବେହେରା ଗ୍ରାମରେ ଦୀର୍ଘ ବର୍ଷର ପ୍ରତିକ୍ଷାର ଅନ୍ତ ଘଟିଛି। ବୁଧବାର ଏଠାରେ ଏସବିଆଇର ଶାଖା ବୁଧବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀରେ ତୁଳସିରାମ ଅଗ୍ରୱାଲ, ପ୍ରେମଚାନ୍ଦ ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ବଳରାମ ପୂଝାରୀ, ରାଜୁସିଂ ଠାକୁର, ବବଲୁ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲଙ୍କ ସମେତ ଗ୍ରାମର ମହିଳା ସଂଘ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଶାଖା ପରିଚାଳକ ଅଶୋକ ନାୟକ ଗ୍ରାହକଙ୍କୁ କରୋନା ସଚେତନତା କରାଇ ମାସ୍କ ବଣ୍ଟନ କରିଥିଲେ। ପ୍ରକାଶ ଯେ ଦୀର୍ଘ ୨୦ବର୍ଷରୁ ଦଣ୍ଡପାଟ ଅଞ୍ଚଳ ରଷ୍ଟ୍ରାୟତ ବ୍ୟାଙ୍କ ସେବାରୁ ବଞ୍ଚିତ ଥିଲା। ବ୍ୟାଙ୍କ ପାଇଁ ଦୀର୍ଘ ୨୦ କି.ମି. ଧର୍ମଗଡ ଯିବାକୁ ପଡୁଥିଲା। ଅଞ୍ଚଳର ଯୁବ ଉଦ୍ୟମ ରଜତ ବଂଶଲଙ୍କ ନେତୃତ୍ୱରେ ଏକ ଟିମ୍ ବ୍ୟାଙ୍କ ପାଇଁ ଉଦ୍ୟମ ଜାରି ରଖିଥିଲେ। ଏଥିପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଆରବିଆଇ, ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଞ୍ଚଳର ବ୍ୟାଙ୍କ ସମସ୍ୟା ବିଷୟରେ ଧରିତ୍ରୀରେ ଖବର ପ୍ରକାଶ କରାଯାଇଥିଲା। ଦୀର୍ଘ ଦିନର ସଂଘର୍ଷ ପରେ ଚଳିତବର୍ଷ ଏସବିଆଇର ଶାଖା ଶୁଭାରମ୍ଭ ହେତୁ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି।

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

**କୋକସରା,୨୭।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଉଚ୍ଚ ମାଧମିକ ବିଦ୍ୟାଳୟରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଡ. ନିହାରକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ମକ୍‌ଡ୍ରିଲ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ୟୁଥ ରେଡ୍‌କ୍ରସ୍ ପରାମର୍ଶଦାତା ତଥା ଅଧାପକ ସଞ୍ଜୟ କୁମାର ପୁରୋହିତ ଡେମୋ ପ୍ରଦର୍ଶନ କରି ଦେଖାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ରନ୍ଧନ ଗ୍ୟାସ୍‌ରେ ଅସାବଧାନତା କାରଣରୁ ଅନେକ ସମୟରେ ନିଆଁ ଲାଗି ଧନଜୀବନ ବିପଦରେ ପଡୁଥିବା ବେଳେ ଟିକିଏ ସାବଧାନତା ହେଲେ ଏହି ବିପଦରୁ କେମିତି ସୁରକ୍ଷିତ ରହିବା ସେ ନେଇ ଛାତ୍ରୀଛାତ୍ରଙ୍କୁ ଡେମୋ ମାଧମରେ ଦେଖାଇଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଖେଳ ଶିକ୍ଷକ ବିରେନ୍ଦ୍ର ନାରାୟଣ ଦାସ, ପ୍ରଶାନ୍ତ ଯୋଶୀ, ପ୍ରେମାନନ୍ଦ ସାହା, ହେମନ୍ତ ସେନାପତି, ଅଧାପିକା କଲ୍ୟାଣି ମହାନ୍ତି, ଭାରତ ଭୂଷଣ ଠାକୁର, ଭାଗବତ କଟା, ବିଭୁ ସାହୁ ସମେତ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ସତ୍ୟାଗ୍ରହ

**ନୂଆପଡ଼ା ଅଫିସ,୨୭।୭** କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡି ପକ୍ଷରୁ ବାରମ୍ବାର ଜେରା କରାଯାଉଥିବା ଘଟଣାକୁ ବିରୋଧ କରି ଦେଶବ୍ୟାପି କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ନୂଆପଡା ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା। ସତ୍ୟାଗ୍ରହରେ ଜିଲା ସଭାପତି ଘାସିରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୋତି ରାୱଲ, ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ଆୟୁଷ ଗୁପ୍ତା, ମହମ୍ମଦ ଜୁନେଦ, ଅମିତାଭ ପଟେଲ, କିଷାନ ମୋର୍ଚ୍ଚା ସଭାପତି ଜଗଦୀଶ ସାହୁ, ବିଶ୍ୱମ୍ବର ଜାଗତ, ବରୁଣ ସିହ୍ନା, ଦେବରାଜ ଶବର, ହିରାଧର ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରାସ୍ତା ନ ଥିବାରୁ ୧ କି.ମି. ଚାଲିଲେ ଗର୍ଭବତୀ

**ଖଡ଼ିଆଳ,୨୭।୭(ଡି.ଏନ.ଏ.)**



ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ୧ କି.ମି. ଚାଲିବାକୁ ପଡ଼ିଛି। ଏଭଳି ଘଟଣା ଘଟିଛି ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲାଞ୍ଜି ପଞ୍ଚାୟତର କେଲାପଡା ଗ୍ରାମରେ। ଲାଞ୍ଜି ପଞ୍ଚାୟତର କେଲାପଡା ଗାଁଠାରୁ ପଡାର ଦୂରତା ୨ କି.ମି.। ଏହି ପଡାର କ୍ଷମା ହାତୀଙ୍କ ସ୍ତ୍ରୀ ରଞ୍ଜା ହାତୀଙ୍କ ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସ ପାଇଁ ଫୋନ କରାଯାଇଥିଲା। ଆମ୍ବୁଲାନ୍ସ ଆସିଥିଲେ ମଧ ଅଧା ରାସ୍ତାରେ ରହିଗଲା। ପରେ ରଞ୍ଜାଙ୍କୁ ଖଟରେ ଦୋଳା କରି ଆଣିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବର୍ଷାରେ ଚାରିଜଣ ଖଟିଆ ଧରି ଚାଲିବା ସମ୍ଭବ ନ ହେବାରୁ ତାଙ୍କୁ ଚଲାଇ ଚଲାଇ ଆଣିଥିଲେ। ରାସ୍ତାକୁ ଆଣି ଆମ୍ବୁଲାନ୍ସରେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏ ନେଇ ଲାଞ୍ଜି ସରପଞ୍ଚ ବୈଦେହୀ ମାଝିଙ୍କୁ ପଚାରିବାରୁ କେତେଜଣଙ୍କ ନିଜସ୍ୱ ପଟ୍ଟା ଜମି ଥିବାରୁ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଯଦି ସେମାନେ ଜାଗା ଛାଡିବେ ତାହା ହେଲେ ଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି।

ପଡାବାସୀଙ୍କ ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ଏହି ପଡ଼ାରେ ପାଞ୍ଚ ପରିବାର ବାସ କରନ୍ତି। ଏମାନେ ବର୍ଷସାରା ଏକ ଛୋଟ ହିଡରେ ଯିବାଆସିବା କରନ୍ତି। ବର୍ଷା ଦିନରେ ନାହିଁ ନ ଥିବା ଅବସ୍ଥା ଭୋଗ କରନ୍ତି ଗ୍ରାମବାସୀ। ବିଭିନ୍ନ କାମରେ ସାଇକେଲ କିମ୍ବା ପାଦରେ ଚାଲି ଚାଲି ଯିବାକୁ ପଡେ। ପଡାର ରୋଗରେ ପଡି ଅସୁସ୍ଥ ହେଲେ କିମ୍ବା ମହିଳାଙ୍କ ପ୍ରସବ ବେଦନା ହେଲେ ଏକ କି.ମି. ପାଲିକି ନ ହେଲେ ଦୋଳାରେ ନେବା ପରେ ଆମ୍ବୁଲାନ୍ସ କିମ୍ବା କୌଣସି ଯାନବାହନରେ ନେବାକୁ ପଡେ।

# ପୋଷ୍ଟର ମାରି ମୃତ୍ୟୁଦଣ୍ଡ ଚେତାବନୀ ଦେଲେ ମାଓବାଦୀ

**ଲାଞ୍ଜିଗଡ଼,୨୭।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତଥା ନର୍ଲା ଥାନା ଅନ୍ତର୍ଗତ କଦମ୍ବଗୁଡ଼ା ଗ୍ରାମପଞ୍ଚାୟତ କଦମ୍ବଗୁଡ଼ା ଛକ, ଖିଲ୍ଲାଭଟା ଅଙ୍ଗନୱାଡ଼ି କେନ୍ଦ୍ର, ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତର ସିକେରକୁପା ବିଶ୍ରାମାଗାର ଓ ଲାଞ୍ଜିଗଡ଼ରୋଡ଼ ଜୁନିୟର କଲେଜ କାନ୍ଥରେ ବୁଧବାର ସକାଳେ ମାଓବାଦୀ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଓବାଦୀଙ୍କ ବାଂଶଧାରା ଘୁମୁସର ନାଗାବଳୀ ଡିଭିଜନାଲ କମିଟି ପକ୍ଷରୁ ପୋଷ୍ଟରଗୁଡ଼ିକ ଲଗାଯାଇଛି। ଏଥିରେ କଦମ୍ବଗୁଡ଼ା ଗ୍ରାମପଞ୍ଚାୟତ ବାଲାପଦର ଗାଁର ପୀତାମ୍ବର ମାଝି ନାମକ ଜଣେ ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଇଛି। ମାଓବାଦୀ ସଙ୍ଗଠନ ନାଁରେ ଠିକାଦାରଙ୍କଠାରୁ ଅର୍ଥ



ଆଦାୟ କରିବା ସହ ଦଶ ଲକ୍ଷ ଟଙ୍କା ନିଜେ ରଖି ଦେଇଥିବା ଅଭିଯୋଗ କରି ତାଙ୍କୁ ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ଦେବାକୁ ଚେତାବନୀ ଦିଆଯାଇଛି। କଦମ୍ବଗୁଡା ସମେତ ସିକେରକୁପା, ଲାଞ୍ଜିଗଡରୋଡ କଲେଜ ସାମ୍ନାର ମୁଖ୍ୟ ରାସ୍ତାରେ ପୋଷ୍ଟର ଲାଗିବା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏ ସମ୍ପର୍କରେ ଖବର ପାଇବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପୋଷ୍ଟର ସବୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ସମସ୍ତ ବିଡିଓ ସତର୍କ ରହିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ବୋଡେନ,୨୭।୭(ଡି.ଏନ.ଏ.)**

**ନୂଆପଡ଼ା ଜିଲାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ଼ ଗାଁରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏହାକୁ ଗୁରୁତ୍ୱର ସହ ନେଇଛି ଜିଲା ପ୍ରସାଶନ। ବୁଧବାର ୫-ଟି ସ୍କୁଲ ରୂପାନ୍ତରଣ ପାଇଁ ସମସ୍ତ ବିଡିଓ ତଥା ସମସ୍ତ ସ୍କୁଲ ପ୍ରଧାନ ଶିକ୍ଷକ, ପରିଚାଳନା ସମିତି ସଭ୍ୟ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ ଆଭାସୀ କାର୍ଯ୍ୟକ୍ରମରେ ଜିଲାପାଳ ହେମକାନ୍ତ ସାଏ ଝାଡ଼ାବାନ୍ତି ବ୍ୟାପିବା ନେଇ ସମସ୍ତ ବିଡିଓଙ୍କୁ ଅବଗତ କରାଇବା ସହ ୨୪ ଘଣ୍ଟିଆ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ ଦେଇଛନ୍ତି। ଯେଉଁଠି ଝାଡ଼ାବାନ୍ତି ବ୍ୟାପିବା ଖବର ପାଇଲେ ତୁରନ୍ତ ଚିକିତ୍ସା ସୁବିଧା ପହଞ୍ଚାଇବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ାବାନ୍ତି ବ୍ୟାପିବା ସମୟରେ ପ୍ରତି ମିନିଟ ଆମ ପାଇଁ ଗୁରୁତ୍ୱ ପୂର୍ଣ୍ଣ। କିଛି ଘଣ୍ଟାର ବ୍ୟବଧାନ ଜଣଙ୍କ ଜୀବନ ନେଇପାରେ। ଦରକାର ପଡିଲେ ଡାକ୍ତରଖାନାରେ ବ୍ୟାଡ ସଂଖ୍ୟା ବୃଦ୍ଧି କରିବାକୁ ପ୍ରସ୍ତୁତ ରହିବାକୁ ଜିଲାପାଳ କହିଛନ୍ତି। ଝାଡ଼ାବାନ୍ତି ବ୍ୟାପିବା ସ୍ଥାନରେ ଟ୍ୟାଙ୍କର ପ୍ରସ୍ତୁତ ରଖି ପିଇବା ପାଣି ଯୋଗାଇ ଦେବା ବ୍ୟବସ୍ଥା କରିବା ସହ ଲୋକେ ବାହାର ପାଣି ନ ପିଇବା ପାଇଁ ନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି।


## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA
(eerw_kpd@yahoo.com)

**Cancellation Notice to**
**Tender Call Notice No.- Tender Online RWD/KPD - 03 of 2022-23, Dated: 15.07.2022**

No. O-735: Due to unavoidable reason, the cancellation of the fore mentioned tender call notice may be effected.

Sd./- Rajesh Pradhan, Executive Engineer
OIPR-25064/11/0008/2223 Rural Works Division, Kendrapara

## BHUBANESWAR DEVELOPMENT AUTHORITY
AKASH SHOVA BUILDING
JAWAHARLAL NEHRU MARG, BHUBANESWAR - 751001
visit us at: http://bda.gov.in

Ref. No. 666 Date: 26.07.2022

**INVITATION FOR BIDS (IFB)**
**BID IDENTIFICATION No.- CH/BDA/01/22-23**

**No.CAD-1246:-** Chief Horticulturist, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on Percentage Rate in Single Cover System to be received in on-line mode only for the following work.

| Sl. No. | Name of Work | Approximate value of work (₹ in lakh) | Validity of Tender | Class of Contractor and other Registered/ Reputed Firms. | Bid Security | Cost of document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Horticulture Development work in front of Plot No.-275 at K-III (B), Kalinga Nagar, Bhubaneswar | 10.45 | 90 days | "C" & "D" & other Registered/Reputed Firm/ Nurseries/ any Agency affiliated to Govt. having experience on Horticulture Development works | Bid security declaration to be furnished as per Works Deptt. Order No. 5984 Dt.27.04.21 | ₹ 6000.00 + GST @ 12% ₹ 720.00 | 10.08.2022 up to 5.30 PM |

1. The Bid documents will be availabe in the website **http://tendersodisha.gov.in** from **28.07.2022 to 5.30 P.M. of 10.08.2022.**
2. All Corrigendum and Addendum will be published in the Website only.
3. Other details can be seen in the bidding documents.

OIPR-13033/11/0200/2223 Sd./- Chief Horticulturist, BDA, Bhubaneswar

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-742 Bid Identification No. Online Tender / 27-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 27-2022-23/BPR | Building Works under Newly Created R.I. Office-cum-Residence for the year 2022-23 | 12 Nos. | Form Rs.152.08 lakhs to Rs.159.47 lakhs | "B" Class & "A" Class as applicable | 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 27-2022-23/BPR | 02.08.2022 at 10.00 A.M. | 16.08.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0048/2223 Sd./- Chief Construction Engineer, R.W. Circle, Berhampur

## OFFICE OF THE COLLECTOR & DISTRICT MAGISTRATE, SAMBALPUR
(Chief Civil Supplies Section)
(E-mail Id- cso.sambalpur2013@gmail.com)

No. XIV-100/2021-22/3712/CS, Dated 26.07.2022

**ADVERTISEMENT**

No.F-161:- In pursuance of Letter No. 13704 dt.20.09.2021 and Letter No. 7725 dt.25.05.2022 of Food Supplies & Consumer Welfare Department, Government of Odisha, Bhubaneswar, applications are invited from prospective eligible and experienced candidates for contractual engagement for the post of 'TECHNICAL SUPPORT STAFF' for District Project Management Unit (DPMU), Sambalpur under Integrated Management of Public Distribution System (IM-PDS) Scheme.

The qualification and other criteria are as follows:-

| Name of the post | Number of Staff | To be deployed at | Requisite Qualification | Monthly Consolidated Remuneration |
|---|---|---|---|---|
| Technical Support Staff for IM-PDS scheme | 01 (One for Sambalpur district) | In the office and under Administrative control of CCSO-cum-District Manager, OSCSC Ltd., Sambalpur | BSc/BCA/Graduate with Diploma in Computer / BE/ B.Tech/ MCA/ MBA with 2+ years experience | Rs.40,000/- |

Information in details including job description, eligibility criteria & general instructions for submission of application(s) may be seen in District website www.sambalpur.nic.in.

The application shall be submitted through Speed Post/ Registered Post only addressed to the Chief Civil Supplies Officer, District Chief Civil Supplies Office, Sambalpur, At- Kachery Chowk, Near Dist. Bar Association, P.O.- Sambalpur, Dist.- Sambalpur (Odisha), PIN-768001.

Closing date for submission of complete application in all respect is 31st August 2022.

Sd./- COLLECTOR, SAMBALPUR
OIPR-07061/11/0002/2223

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No. CAD-1253

**TENDER ALERT**

1) **Tender Call Notice No.01/2022-23:** Hiring of diesel run commercial registered light motor vehicle (7 or 9 seated Bolero or equivalent) for Telecom Division, Jeypore.
2) **Tender Call Notice No.09/BBS/2022-23:** Construction of second Station Transformer bay and installation of one 250KVA 33/0.4 kV plinth mounted Station Transformer-2 at 220/33kV Grid Sub-Station, Nayagarh under EHT O&M Circle, Bhubaneswar.
3) **E-Tender Call Notice No.02/CTC/2022-23:** Supply of 190 numbers of 150 watt outdoor type LED Flood Light Luminaire complete with all accessories for different Grid Sub-Stations under EHT O&M Circle, Cuttack.

For more details please visit OPTCL's website: **www.optcl.co.in.**

OIPR-04011/11/0059/2223 FIPR-27/2022-23

## OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR
Tel. No. 06724-223485, mail: rwssjspur@gmail.com

**e-Procurement Notice**
**1st Corrigendum to this Office Bid Identification Notice No. 08 of 2022-23**

No. O-734: Due to unavoidable circumstances the publishing date & other critical dates is modified as follows:

1. Availability of tender in website: From 10 hours of 05.08.2022 to 20.08.2022 upto 17.30 hours
2. Submission of Bid in Online : From 10 hours of 05.08.2022 to 20.08.2022 upto 17.30 hours.
3. Date of seeking clarification (During office working hour) : 05.08.2022 to 17.08.2022
4. Date of opening of bids : 22.08.2022 (11.00 A.M.)
5. Name and address of O.I.T. : Superintending Engineer, RWS&S Division, Jagatsinghpur
6. All other details can be seen from the website : **www.tendersorissa.gov.in**
7. Bid cost should be submitted in online mode.

All other terms and conditions remain unchanged.

**N.B.:** Subsequent Corrigendum/Addendum if required shall only appear in above website.

Sd./- Superintending Engineer
RWS&S Divn., Jagatsinghpur
OIPR-25024/11/0005/2223

CAD-1250

## Office of the District Manager, Odisha State Civil Supplies Corporation Ltd., (OSCSC), Nayagarh
Phone: 06753-253942; District Website:- www.nayagarh.nic.in

**Tender No. 4401 Dt.26.07.2022**

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, **Jatni** to RRCs in the district Nayagarh of the State of Odisha |
| 2 | Availability of bid document in the portal | **From 27.07.2022** |
| 3 | Last Date/Time for receipt of bids in the portal | **Dt.19.08.2022 up to 05.00 PM** |
| 4 | Date/Time of opening of Technical Bid | **Dt.20.08.2022 at 11.00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C. Ltd., Nayagarh** |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

**Sd./- District Manager, O.S.C.S.C. Ltd., Nayagarh**

## Office of the District Manager, Odisha State Civil Supplies Corporation Ltd., (OSCSC), Nayagarh
Phone: 06753-253942; District Website:- www.nayagarh.nic.in

**Tender No. 4402 Dt.26.07.2022**

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI, **Cuttack** to RRCs in the district Nayagarh of the State of Odisha |
| 2 | Availability of bid document in the portal | **From 27.07.2022** |
| 3 | Last Date/Time for receipt of bids in the portal | **Dt.19.08.2022 up to 05.00 PM** |
| 4 | Date/Time of opening of Technical Bid | **Dt.20.08.2022 at 11.00 AM onwards** |
| 5 | Name and address of the Officer inviting Tender | **District Manager, O.S.C.S.C. Ltd., Nayagarh** |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum/ cancellation/ retenders etc. if any shall be published only in above websites.

OIPR-07057/11/0013/2223 **Sd./- District Manager, O.S.C.S.C. Ltd., Nayagarh**

## OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)
PO. NUAGAM (ASKA) - 761111, GANJAM DISTRICT, ODISHA
Phones: 06822-273464, email: askasugar@yahoo.co.in, website: askasugar.com

**QUOTATION CALL NOTICE**

**No. Mktg./661 Date: 27/07/2022**

The Aska Cooperative Sugar Industries Ltd., at Nuagam (Aska) in Ganjam District of Odisha State intends to purchase of sulphur burner, vaccum filter drum etc. as per tender form. Please visit our website: **www.askasugar.com** for detailed Tender/Quotation Call Notice. The last date for submission of tender till **5.00 PM of 13.08.2022**.

**Sd./- Managing Director**

## AUCTION SALE NOTICE

No. G-19: Sealed tenders in plain paper (Typed) are invited from intending bidders for disposal of Diesel Jeeps (Mahindra & Mahindra) bearing Regn. No. OR-02-AK-7393 as is where is basis.

The vehicles are now garaged in the Office of the Mining Officer, Balangir which may be inspected during office hours on any working days. The bidders are requested to furnish the following particulars under sealed cover and put it in the tender Box kept for the purpsoe in the above office on 14.09.2022 at 4 P.M.

1. Name of the bidder with permanent address.
2. Present mailing address.
3. Regn. No. of the vehicle with quoted price.
4. Bank Draft No. and date of the E.M.D. amount.
5. Full signature of the bidder with date.

The offer must be accompanied by an E.M.D. of Rs.1000/- in shape of Bank Draft drawn in favour of the **Mining Officer, Balangir**. All the officers shall be opened on 15.09.2022 at 12 Noon, in presence of the bidders or their authorized representatives. The highest bidder for the vehicle will be required to deposit 25% of the bid amount on the spot on the same day and the balance 75% of the bid amount within 7 days from the date of issue of intimation confirming the bid, failing which the amount deposited including the E.M.D. will be forfeited. If the bidder so desires he may deposit the entire amount on the date of approval of the offer and remove the vehicle immediately. After payment of the bid amount the vehicle shall be removed by the bidder from the office premises immediately within 7 days with permission of the undersigned failing which the vehicles will be disposed off as per rules. The undersigned will not be held responsible for any damage/pilferage and any other damage and no claims on this account shall be entertained. The undersigned reserves the right to accept or reject any/all offer without assigning any reason thereof.

Sd./- Mining Officer
Balangir Cirlce, Balangir
OIPR-30014/11/0001/2223

## QUOTATION CALL NOTICE FOR DEPLOYMENT OF MANPOWER IN CHILIKA WILDLIFE DIVISION UNDER PROGRAMME EXPENDITURE SCHEMES

**No. 4072 Dated: 26.07.2022**

No. MM-111: Sealed quotations are invited from the intending Manpower Service Providers to quote the service charges per month to provide following category of man power in different stations of Chilika Wildlife Division w.e.f. 01.07.2022 till completion of one year. The Service Provider should have valid Labour Deptt. Licence, PAN Number, Service Tax Licence, GST Number etc. The said firm should have also filed Income Tax/ GST Clearance Certificate since last three years and should have experience to provide service in Government Sectors & various organizations. The tender documents can be obtained by paying Rs.2000/- towards cost of tender documents (Rupees Two thousand only) in form of Demand Draft (non-refundable) in favour of Divisional Forest Officer, Chilika Wildlife Division, Balugaon from the office of the undersigned in any working days from **01.08.2022 to 08.08.2022**.

Preference will given to the firm who has provided manpower to the Forest Divisions of Odisha at present. The last date for receipt of quotations is **1 P.M.** on **08.08.2022** through Registered/Speed Post and can also be dropped in Tender Box placed in Office of the DFO, Chilika Wildlife Division, Balugaon and the same will be opened on same day at **3 P.M.** in presence of the Service Providers or their authorized representatives. The selected Service providers should have to sign T.O.R. (Term of Reference) with the undersigned regarding deployment of manpower and payment thereof in stamp papers. The technical requirement and T.O.R. is available in the Office of the undersigned during office hour.

The undersigned reserves the right to cancel or reject any or all quotations without assigning any reason thereof.

| Sl. No. | Name of the Position | Number of Personnel | Ranges |
|---|---|---|---|
| 1 | Data Manager | 06 | Balugaon, Rambha, Tangi, Chilika & Satapada WL Range |
| 2 | Attendant of Control Room | 02 | Balugaon WL Range |
| 3 | Elephant Squad | 10 | Rambha, Tangi WL Range |
| 4 | Anti-Poaching Squad | 79 | Balugaon, Rambha, Tangi, Chilika & Satapada WL Range |
| | TOTAL | 97 | |

The number may also be increase in future.

Sd./- I/c Divisional Forest Officer
Chilika Wildlife Division
OIPR-08142/11/0002/2223

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୮ ଜୁଲାଇ, ୨୦୨୨



## ସଂକ୍ଷେପରେ

### ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସୌରଭ ପଶ୍ଚିମ ଓଡ଼ିଶା ଟପ୍ପର

**ପୂର୍ବରୁ ଜିଲାରେ ମାଟ୍ରିକ ଟପ୍ପର ରହିଥିଲେ**

**ଭବାନୀପାଟଣା,୨୭।୭(ସ୍ୱ.ପ୍ର.):** ଚଳିତବର୍ଷର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ପ୍ରଗତୀ କଲେଜର ଛାତ୍ର ସୌରଭ କୁମାର



ସର୍ବାଧିକ ନମ୍ବର ରଖି ଜିଲା ସମେତ ପଶ୍ଚିମ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ମୋଟ ୫୭୬ (୯୬%) ନଂ. ରଖି ପଶ୍ଚିମ ଓଡିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭବିଷ୍ୟତରେ ସେ ଜଣେ ଆଇଏଏସ୍ ଅଫିସର ହୋଇ ଲୋକଙ୍କ ସେବା କରିବେ ବୋଲି ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ସୌରଭ ମାଟ୍ରିକ ପରୀକ୍ଷାରେ ମଧ ଜିଲା ଟପ୍ପର ହୋଇଥିଲେ। ମାଟ୍ରିକ ପରୀକ୍ଷାରେ ୫୪୦ (୯୦%) ନଂ. ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୌରଭ ହାବସପୁର ପଞ୍ଚାୟତ ଅନ୍ତର୍ଗତ ଅମ୍ଧାଦୋଲା ଗ୍ରାମର ମନ୍ଦର କୁମାର ଓ ତ୍ରିଥେୟା କୁମାରଙ୍କ ପୁଅ । ଏହି ସଫଳତା ପାଇଁ ତାଙ୍କୁ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ପ୍ରଗତୀ କଲେଜର ଚେୟାରମେନ୍ ସୁଶ୍ରୀ ସଙ୍ଗୀତା ପଣ୍ଡା, ସମ୍ପାଦକ ଅଜୟ କୁମାର ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ବର୍ଗର ଲୋକେ ଶୁଭେଚ୍ଛା ଜଣାଇଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**କୋକସରା,୨୭।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନଂ. ଜାତୀୟ ରାଜପଥ ଆମପାଣି ଘାଟିରେ ବୁଧବାର ମଧାହ୍ନରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଭବାନୀପାଟଣା ସହର କାଳି ମନ୍ଦିର ପଡାର ସନ୍ତୋଷ ଆଚାର୍ଯ୍ୟ (୬୪)। ଗୁରୁତର ହେଲେ ଥୁ. ରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତ ବ୍ରାହ୍ମଣ ଚଞ୍ଚରା ଗାଁର ସୁଶାନ୍ତ ସାହୁ (୪୨)। ମଧାହ୍ନରେ ନବରଙ୍ଗପୁରରୁ ସନ୍ତୋଷ ଓ ସୁଶାନ୍ତ ବାଇକ୍ (ନଂ.ଓ୦୮ଆର୍ ୩୫୯୨) ଯୋଗେ ଭବାନୀପାଟଣାକୁ ଆସୁଥିଲେ। ଆମପାଣି ଘାଟି ରାସ୍ତାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ବାଇକ୍‌ରୁ ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଆମପାଣି ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୋଲିସ ଗାଡିରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁଶାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆମପାଣି ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକ ସୂଚନା ଦେଇଛନ୍ତି।



ନୂଆପଡ଼ା ଜିଲାପାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପୋଲିସ ଓ ବିକ୍ଷୋଭକାରୀ ମୁହାଁମୁହିଁ ହୋଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କର

**ନୂଆପଡ଼ା ଅଫିସ,୨୭।୭**

**■ପୋଲିସ-ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି**

**■ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ନୂଆପଡା ଜିଲାର ୭୦ ହଜାର ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଜନାରୁ ବଞ୍ଚିତ। ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରିବା ଦାବି ଏବେ ଜୋର ଧରିଛି। ବୁଧବାର ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଜିଲାର ହାଜର ହାଜାର ଯୋଗ୍ୟ ହିତାଧିକାରୀ ଏକଜୁଟ ହୋଇ ଆନ୍ଦୋଳନ କରିଥିଲେ। ନୂଆପଡା ମିନି ଷ୍ଟାଡିୟମଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ଫାଟକ ପାଖ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ନୂଆପଡା ଉପଜିଲାପାଳ ରାମଚନ୍ଦ୍ର ଖାଡିଆ ପହଞ୍ଚି ବିକ୍ଷୋଭକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ୫ ଦିନ ମଧରେ ଜିଲା ପ୍ରଶାସନ ସହିତ ଆଲୋଚନା କରି ଜଣାଇବି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୫ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲାପାଳ ଖାଡିଆଙ୍କୁ ପ୍ରଦାନ କରାଯାଇଛି। ଜିଲା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରଦାନ, ଆବାସ ଘର ଦାମ ୨ ଲକ୍ଷ ୫୦ ହଜାରକୁ ବୃଦ୍ଧି, ନିର୍ମାଣ ସରିଥିବା ଆବାସ ଘର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଉଣା ଶୀଘ୍ର ପ୍ରଦାନ, ନୂତନ ଭାବେ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା, ସରକାର ଘୋଷଣା କରିଥିବା ୩ ହଜାର ଓ ୫ ହଜାର ଘର ମରାମତି ଟଙ୍କା ଶୀଘ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ଦାବିଗୁଡିକ ପୂରଣ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ କରିବା ସହିତ ଭୁବନେଶ୍ୱର ଓ ଦିଲ୍ଲୀଠାରେ ଗଣଧାରଣା ଦିଆଯିବ ବୋଲି ଗରିବ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ଗରିବ ସେନା ଆବାହକ ମଙ୍ଗରାଜଙ୍କ ସମେତ ମହେନ୍ଦ୍ର ପଟେଲ, ରଥୁରାମ ଦୀପ, ବାଲେଶ୍ୱର ସାହୁ, ତରୁଣ ତାଣ୍ଡି, ନାଥୁରାମ ମାଝି, ଦୁରେନ୍ଦ୍ର ରଣା, ଘନ ତାଣ୍ଡି, କୈଳାସ ସୁନାନି, ରାଜେନ୍ଦ୍ର ଦୁରିଆ, ଈଶ୍ୱର ଜଗତ, ପ୍ରମୋଦ ରାଉତ, ତେଜରାମ ସାହୁ, ଏକାମ ଲଦୀପ, ଦେବେନ୍ଦ୍ର ବାଗ, ଗୋପାଳ ଶବର ପ୍ରମୁଖ ସାମିଲ ହୋଇଥିଲେ।

# ନ୍ୟାୟ ପାଇଁ ଆମରଣ ଅନଶନ

**ଭବାନୀପାଟଣା,୨୭।୭(ସ୍ୱ.ପ୍ର.)**

**ଜଗନ୍ନାଥଙ୍କ ଜମି ହଡ଼ପ ଅଭିଯୋଗ**

ଜଗନ୍ନାଥଙ୍କ ଜମି ହଡପ କଲେ ଜବର ଦଖଲକାରୀ। ଥାନାରେ ପହଞ୍ଚିଲା ମାମଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଜଗନ୍ନାଥଙ୍କୁ ଜମି ଦାନ କରିଥିବା ପରିବାର ଏବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଭଳି ଏକ ଘଟଣା ସାମାନାକୁ ଆସିଛି କଳାହାଣ୍ଡି ଜିଲା ଜୁନାଗଡ଼ ଥାନା କଲିଆକୁଣ୍ଡଲ ଗ୍ରାମରୁ। ପ୍ରକାଶ ଯେ, ଜୁନାଗଡ଼ ଥାନା ଅନ୍ତର୍ଗତ କଲିଆକୁଣ୍ଡଲ ଗ୍ରାମର କ୍ଷେତ୍ର ଚନ୍ଦ୍ର ନାଏକଙ୍କ ବାପା ଦୀର୍ଘ ବର୍ଷ ପୂର୍ବେ ନିଜ ୧୮ ଏକର ଜମିରୁ ଗାଁର ଜଗନ୍ନାଥ ମନ୍ଦିରକୁ ୬ ଏକର ଜମି ଦାନରେ ଦେଇଥିଲେ। ହେଲେ ଦୀର୍ଘ ବର୍ଷ ପରେ ସେହି ଗାଁର ଜଣେ ବ୍ୟକ୍ତି ଜଗନ୍ନାଥଙ୍କ ଜମିକୁ ହଡପ କରିବା ସହ କ୍ଷେତ୍ର ଚନ୍ଦ୍ରଙ୍କ ନାଁରେ ଥିବା ୧୧ ଏକର ଜମିକୁ ମଧ ଅକ୍ତିଆର କରିଥିବା ଅଭିଯୋଗ ହୋଇଛି। ୧୮ ଏକର ଜମିରେ ସେ ଏବେ ଚାଷ କରୁଛନ୍ତି। ଏହାକୁ ବିରୋଧ କରି କ୍ଷେତ୍ର ଚନ୍ଦ୍ର ଅନେକ ସମୟରେ ଥାନାରେ ଅଭିଯୋଗ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ଜବରଦଖଲକାରୀ ଜଣକ ଲୋକ ଲଗାଇ କ୍ଷେତ୍ର ଚନ୍ଦ୍ରଙ୍କ ପରିବାର ଉପରକୁ ଆକ୍ରମଣ କରିବା ସହ ଘର ଭାଙ୍ଗି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ହେଲେ କୌଣସି ସୁଫଳ ନ ମିଳିବାରୁ ବୁଧବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି କ୍ଷେତ୍ର ଚନ୍ଦ୍ରଙ୍କ ପରିବାର। ଜବରଦଖଲ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ସହ ଜଗନ୍ନାଥଙ୍କ ନାମରେ ଥିବା ୬ ଏକର ଜମିକୁ ମନ୍ଦିରକୁ ପୁଣି ଥରେ ହସ୍ତାନ୍ତର କରିବା ଓ କ୍ଷେତ୍ର ଚନ୍ଦ୍ରଙ୍କ ନାଁରେ ଥିବା ୧୧ ଏକର ଜମିକୁ ଫେରାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି।




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନ।

### କଂଗ୍ରେସର ସତ୍ୟାଗ୍ରହ ଆନ୍ଦୋଳନ

**ଭବାନୀପାଟଣା,୨୭।୭(ସ୍ୱ.ପ୍ର.)**

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବାରମ୍ବାର ପଚରାଉଚୁରା କରିବା ଘଟଣାର ପ୍ରତିବାଦ କରୁଛି କଂଗ୍ରେସ। ଏହି କ୍ରମରେ ବୁଧବାର କଳାହାଣ୍ଡି ଜିଲା ଭବାନୀପାଟଣା ନଗର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ମୂର୍ତ୍ତିତଳେ ଦଳୀୟ କର୍ମୀ ସତ୍ୟାଗ୍ରହ ଆନ୍ଦୋଳନରେ ବସିବା ସହ କେନ୍ଦ୍ର ସରକାରର ଦମନ ନୀତିକୁ ବିରୋଧ କରିଥିଲେ। କେନ୍ଦ୍ର ସରକାର ବିଭିନ୍ନ ପ୍ରକାର ଦୁର୍ବଳତାକୁ ଲୁଚାଇବାକୁ ଯାଇ କଂଗ୍ରେସ ଉପରେ ଆକ୍ରୋଶମୂଳକ ଭାବେ ଅତ୍ୟାଚାର କରୁଛି ବୋଲି ଦଳୀୟ ନେତା ବର୍ଷିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ସତ୍ୟାଗ୍ରହରେ ନଗର ସଭାପତି ସାଗର ପଟ୍ଟନାୟକ, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀ, ବିଭୁତି ଭୂଷଣ ମହାପାତ୍ର, ସରୋଜ ନାଏକ, ସୁନୀଲ ନାଏକ, ବ୍ରଜ ସାହୁ, ସୁରେଶ ପଟ୍ଟନାୟକ, ମାର୍ଜିନା ପ୍ରଧାନ, ଦେବାଶିଷ କୁମାର, ମନୋଜ କରୁଆ, ମହମ୍ମଦ ସାଜିଦ, ଯୁବରାଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ତ୍ରୋପଚାର ପାଇଁ ଅର୍ଥନାହିଁ

**ଲୋଇସିଂହା,୨୭।୭(ଡି.ଏନ.ଏ.)**

**■ମସ୍ତିଷ୍କ ପ୍ରବାହ ରୋଗରେ ପୀଡ଼ିତ ପଦ୍ମିନୀ**

**■କାମରେ ଲାଗୁନି ବିଏସ୍‌କେୱାଇ କାର୍ଡ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ପନେସରା ଗ୍ରାମର ପଦ୍ମିନୀ ପଧାନ(୪୨) ମସ୍ତିଷ୍କ ପ୍ରଦାହ ରୋଗୀରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ବାବଦକୁ ୧୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। ହେଲେ ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ଆଗେଇ ପାରୁନାହିଁ। ସାମାଜିକ ଗଣମାଧ୍ୟମରେ ସହାଯ୍ୟ ଭିକ୍ଷା ପରେ ଯାହା ସହାୟତା ମିଳୁଛି ତାହା ଚିକିତ୍ସା ଖର୍ଚ୍ଚ ପାଇଁ ସହାୟକ ହେଉନାହିଁ। ପଦ୍ମିନୀଙ୍କ ନାମରେ ଓଡିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ରହିଛି। ହେଲେ ତାହା କ୍ରିୟାଶୀଳ ହୋଇ ନ ଥିବାରୁ ଉକ୍ତ କାର୍ଡରୁ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ପରିବାର ଲୋକେ କାର୍ଡକୁ କ୍ରିୟାଶୀଳ କରିବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ଆଇଡି ବନ୍ଦ ହୋଇଯାଇଥିବାରୁ ନିରାଶ ହେବାକୁ ପଡିଥିବା ପଦ୍ମିନୀଙ୍କ ସମ୍ପର୍କୀୟ ସରୋଜ ବିଶ୍ୱାଳ କହିଛନ୍ତି।

ପନେସରା ଗାଁର ସହଦେବ ପଧାନଙ୍କ ସ୍ତ୍ରୀ ପଦ୍ମିନୀ । ସ୍ତ୍ରୀ ଓ ଦୁଇପୁଅଙ୍କୁ ନେଇ ତାଙ୍କ ପରିବାର।ପୁଅମାନେ କଲେଜରେ ପଢୁଛନ୍ତି। ସହଦେବ ଚାଷବାସ କରି ପରିବାର ପରିପୋଷଣ କରନ୍ତି। ବହୁଦିନ ତଳେ ପଦ୍ମିନୀ ଦୁର୍ଘଟଣାର ଶିକାର ହୋଇଥିଲେ, ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । କିଛିଦିନ ତଳେ ସେ ଅସୁସ୍ଥ ହୋଇ ପଡିବାରୁ ବରଗଡ ବିକାଶ ହସ୍ପିଟାଲକୁ ଚିକିତ୍ସା ପାଇଁ ପରିବାର ଲୋକେ ନେଇଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ପରେ ମସ୍ତିଷ୍କ ପ୍ରବାହ ଜନିତ ବ୍ୟାଧିରେ ପୀଡିତ ଥିବା ଜଣାପଡିଥିଲା । ସେଠାରେ ୩ ଦିନ ଧରି ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ଭୁବନେଶ୍ୱରକୁ ଆସିଥିଲେ। ଅସ୍ତ୍ରୋପଚାର କରିବାକୁ ଡାକ୍ତର କହୁଛନ୍ତି। ହେଲେ ଏତେଗୁଡିଏ ଟଙ୍କା ଯୋଗାଡ କରିବା ପଦ୍ମିନୀଙ୍କ ପରିବାର ପକ୍ଷେ ସମ୍ଭବ ହେଉନି। ରାଜ୍ୟ ସରକାର ପଦ୍ମିନୀଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢାଇବାକୁ ସାଧାରଣରେ ଦାବି ହେଉଛି।

# ଆନ୍ତଃ ଜିଲା ନକଲି କୃଷି ଅଧିକାରୀ ଗିରଫ



ଗିରଫ ନକୁଳ ବେନୁଆଁ।

**ଖଡ଼ିଆଳ,୨୭।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ପୋଲିସ ଜଣେ ଆନ୍ତଃ ନକଲି କୃଷି ଅଧିକାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଜଣଙ୍କ ହେଲେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଚ୍ୟାରମେନ ପଡା ନକୁଳ ବେନୁଆଁ (୪୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ନକୁଳ କୃଷି ଅଧିକାରୀ କହି କୃଷି ଋଣ କରିବା ନାମରେ ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମର ଥବିର ଘିଭେଲାଙ୍କଠାରୁ ଦୁଇ କିସ୍ତିରେ ପ୍ରଥମ କିସ୍ତି ୨୩ ଜୁଲାଇରେ ୩୫୦୦ ଟଙ୍କା ଓ ଦ୍ୱିତୀୟ କିସ୍ତି ୨୪ ଜୁଲାଇରେ ୩୫୦୦ ଟଙ୍କା ଦେଇଥିଲେ। ଘିଭେଲା ୨ କିସ୍ତି ହିସାବରେ ୭୦୦୦ ଟଙ୍କା ଦେବା ପରେ ଆଉ ୭୦୦୦ ଟଙ୍କା ଦେଲେ ଋଣ ହେବ ବୋଲି ନକୁଳ କହିଥିଲେ। ଘିଭେଲା ନିରାଶ ହୋଇ ଖଡ଼ିଆଳ ଥାନାରେ ଜୁଲାଇ ୨୬ରେ ଅଭିଯୋଗ କରିଥିଲେ। ନକୁଳଙ୍କୁ ଖଡ଼ିଆଳ ମେଡ଼ିକାଲ ଛକରେ ଘିଭେଲା ୭୦୦୦ ଟଙ୍କା ଦେବା ବେଳେ ଖଡ଼ିଆଳ ପୋଲିସ ଯୋଜନା ବଦ୍ଧ ଭାବେ ଟଙ୍କା ସହିତ ତାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ୭୦୦୦ ଟଙ୍କା, ୩ଟି ମୋବାଇଲ ଫୋନ, ଗୋଟିଏ ବାଇକ୍ ଜବତ କରିଛି। ନକୁଳ ଜଣେ ଆନ୍ତଃ ଜିଲା ଅପରାଧୀ। ତାଙ୍କ ନାମରେ ବଲାଙ୍ଗୀର ଜିଲା ତୁରେକେଲା ଥାନାରେ ୧୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ମାମଲା ୫୮/୨୦୧୪ରେ ୨ ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। ସେହିପରି ବଙ୍ଗୋମୁଣ୍ଡା ଥାନାରେ ୨ ଲକ୍ଷ ଟଙ୍କା ଠକେଇ ମାମଲାରେ ୭୨/୨୦୧୬ ମାମଲା ବିଚାରଧୀନ ରହିଛି ବୋଲି ପୋଲିସ କହିଛି। ବଲାଙ୍ଗୀର ପରେ ନୂଆପଡା ଜିଲା ସିନାପାଲି ଥାନାରେ ୧୩,୫୩,୫୦୦ ଠକେଇ ମାମଲା ୨୪/୨୦୦୦ ରହିଛି। କୋମନା ଥାନାରେ ୫,୨୫,୦୦୦ ଠକେଇ ମାମଲା ୨୧/୨୦୦୦ ମାମଲା ଥିବାବେଳେ ଖରିଆରରୋଡ ଥାନାରେ ୨୩,୫୦,୦୦୦ ଠକେଇ ମାମଲା ରହିଛି। ନକୁଳ ବିଭିନ୍ନ ଭାଷା ଜାଣିଥିବା ବେଳେ ଯେ କୌଣସି ଲୋକ ତାଙ୍କ ମଧୁର କଥାରେ ପଡି ଠକାମୀର ଶିକାର ହେଉଥିଲେ ବୋଲି ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଳି ପ୍ରକାଶ କରିଛନ୍ତି।

# ପାନୀୟ ଜଳ ଯୋଗାଣ ବ୍ୟାହତ

**ଦେଓଗାଁ, ୨୭।୭ (ଡି.ଏନ.ଏ)**

**ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଛାରପାଲିରେ ଗତ ୧୨ଦିନ ହେଲା ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇପଡିଛି । ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ବୁଧବାର ଜିଲା କଂଗ୍ରେସ କମିଟି ସମ୍ପାଦକ ତଥା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ବ୍ଲକ କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ବ୍ଲକ କଂଗ୍ରେସ ଯୁବ ସଭାପତି ସମୀର ସାହୁ, ଜ୍ୱାଲା ପୋଢ ତଥା କର୍ମକର୍ତ୍ତା ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ । ଏହି ସମୟରେ ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ମଧ ଯୁବ ଗୋଷ୍ଠୀ ଧାରଣା ଦେଇ ପ୍ରତିବାଦ କରିଥିଲେ। ବିଡିଓ ରାମଦତ୍ତ ଭୋଇ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପାନୀୟ ଜଳ ଯୋଗାଣ ସମସ୍ୟା ଦୁଇଦିନ ମଧରେ ସମାଧାନ ହେବ ଏବଂ କାମ ନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ସମସ୍ତ ପଡାକୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ବ୍ଲକ କାର୍ଯ୍ୟାଳୟରେ ଆନ୍ଦୋଳନକାରୀଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି ।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

**ଭବାନୀପାଟଣା,୨୭।୭(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ସ୍ୱାଧୀନତା ଦିବସକୁ ଶାନ୍ତିଶୃଙ୍ଖଳା ସହ କୋଭିଡ୍ ନିୟମ ମାନି ପାଳନ କରିବାକୁ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଦିବସ ପାଳନର ବିପରଣୀ ପାଠ କରିଥିଲେ। ଦିବସ ପାଳନ ଅବସରରେ ୧୪।୮।୨୦୨୨ ମଧ୍ୟରାତିରେ ଦେଶାତ୍ମବୋଧକ ଧନି ଦେଇ ମଶାଲ ଶୋଭାଯାତ୍ରା, ୧୫।୮।୨୦୨୨ ସକାଳ ୪.୩୦ରେ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ, ସକାଳ ୬ଟାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଭାତ ଫେରି ଓ



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାଧୀନତା ଦିବସ ପାଳନ ନେଇ ଆଲୋଚନା କରାଯାଉଛି।

ସହରରେ ଅବସ୍ଥାପିତ ମହାପୁରୁଷ ପ୍ରତିମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ, ସକାଳ ୭.୩୦ ମି ସମୟରେ କୋଭିଡ୍ ନିୟମ ମାନି ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ହେବ। ସେହିପରି ସକାଳ ୯.୧୫ ମିରେ ଲାଲବାହାଦୁର ଷ୍ଟାଡିୟମଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ଜାତି ଉଦ୍ଦେଶ୍ୟରେ ଉଦବୋଧନ କରାଯିବ। ଚଳିତବର୍ଷ ମଧ କୋଭିଡ୍ ନିୟମ ମାନି କେବଳ ସୁରକ୍ଷା ବାହିନୀ ବ୍ୟତୀତ କୌଣସି ବିଦ୍ୟାଳୟ/ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପରେଡରେ ଅଂଶ ଗ୍ରହଣ ପାଇଁ ଅନୁମତି ଦିଆଯାଇନାହିଁ। କଳାହାଣ୍ଡି ଡିଇଓଙ୍କ ଦ୍ୱାରା ବିଦ୍ୟାଳୟ ଛାତ୍ରୀଛାତ୍ର ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଦ୍ୱାରା ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପାଇଁ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନଲାଇନ ମାଧ୍ୟମରେ ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ପଟେଲ, ଭବାନୀପାଟଣା ଉପଜିଲାପାଳ ଡ ବିଶ୍ୱଜିତ୍ ଦାସ, ଦିବସ ପାଳନ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା, ବିଭିନ୍ନ ସେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା, ସହରର ବିଶିଷ୍ଟ ବ୍ୟକ୍ତି ଓ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜୀବନ କୌଶଳ, ବୃତ୍ତି ପରାମର୍ଶ ଶିବିର

ପାଇକମାଳ, ୨୭।୭(ଡି.ଏନ.ଏ.) ବରଗଡ ଜିଲା ପାଇକମାଳ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ଜିଲାସ୍ତରୀୟ ଜୀବନ କୌଶଳ ଓ ବୃତ୍ତି ସମନ୍ଧୀୟ ଦିନିକିଆ ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସଂଯୋଗ କଟକ ଆନୁକୂଲ୍ୟରେ କରାଯାଇଥିଲା। ମୁଖ୍ୟଅତିଥିଭାବେ ବରଗଡ ଶିଶୁ ସୁରକ୍ଷା ୟୁନିଟର ସୁରେନ୍ଦ୍ର ଦାସ, ସମ୍ମାନିତ ଅତିଥି ସନ୍ତୋଷିନୀ ମହାପାତ୍ର ଓ ମାତୃନିକେତନ ପରିଚାଳନା କମିଟି ସମ୍ପାଦିକା ମମତା ପୁରୋହିତ ଯୋଗଦେଇଥିଲେ। ଏଥିରେ ୧୬ ବର୍ଷରୁ ଉର୍ଦ୍ଧ୍ୱ ଶିଶୁ ଯତ୍ନଗୃହର ଛାତ୍ରୀଛାତ୍ରୀ ଶିବିରାର୍ଥୀଭାବେ ଯୋଗ ଦେଇଥିଲେ। ତାଲିମଦାତାଭାବେ ଲୋକନାଥ ସାହୁ, ରାମକିଶୋର ଶର୍ମା ଯୋଗଦେଇ ଶିବିରାର୍ଥୀଙ୍କୁ ଜୀବନ କୌଶଳ ଓ ବୃତ୍ତି ସମନ୍ଧରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ମାତୃନିକେତନ ଅଧକ୍ଷ ନିର୍ମଳ ଗିରି ଧନ୍ୟବାଦ ଅର୍ପଣ ଦେଇଥିଲେ।

### ଗାନ୍ଧିଛକରେ କଂଗ୍ରେସର ଧାରଣା

ବରଗଡ଼ ଅଫିସ୍,୨୭।୭- କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କୁ ଇଡ଼ି ବାରମ୍ବାର ଜେରା କରିବାକୁ ନେଇ ବରଗଡ଼ ନଗର କଂଗ୍ରେସ ପ୍ରତିବାଦ କରିଛି। ଗୁରୁବାର ସ୍ଥାନୀୟ ଗାନ୍ଧିଛକରେ ନଗର କଂଗ୍ରେସ ପକ୍ଷରୁ ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ରାଜନୈତିକ ଶତ୍ରୁତା ରଖି କେନ୍ଦ୍ରର ମୋଦି ସରକାର ସେଭଳି ହୀନ ପଦକ୍ଷେପ ନେଉଥିବା କଂଗ୍ରେସ ନେତୃବୃନ୍ଦ କହି ମୋଦିଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ନଗର କଂଗ୍ରେସ ସଭାପତି ସୁଧୀର ଜେନାଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ହରଦୀପ ସିଂ, ବ୍ରହ୍ମା ମହାକୁଡ଼, ଶୁଭେନ୍ଦୁ ସାହୁ, ଯୁବ କଂଗ୍ରେସ ସଭାପତି ସୁଶାନ୍ତ ସାହୁ, ଛାତ୍ର କଂଗ୍ରେସ ସଭାପତି ଗୌରବ ପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଧାରଣାରେ ସାମିଲ ହୋଇଥିଲେ ।

### ଜିଲା କଂଗ୍ରେସର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

ବୌଦ୍ଧ,୨୭।୭(ସ୍ୱ.ପ୍ର.)- ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ମିଥ୍ୟା ମାମଲାରେ ଜେରା ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଦିନ ବୌଦ୍ଧ କୋର୍ଟ ଛକ ସମ୍ମୁଖରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦିଆଯିବା ସହ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି । ବୌଦ୍ଧ ଜିଲା କଂଗ୍ରେସ ସଭାପତି ନବକୁମାର ମିଶ୍ରଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ସତ୍ୟାଗ୍ରହ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁଧୀର କୁମାର କର୍ଣ୍ଣ, ଶାନ୍ତନୁ କୁମାର ମହାପାତ୍ର, ପିସିସି ସଦସ୍ୟ ରାଏ ସଞ୍ଜୀବ କୁମାର ଦେଓ, ଆଇନ ସେଲ ଅଧକ୍ଷ ବିଶ୍ୱଜିତ ମିଶ୍ର, ଜିଲା ଉପସଭାପତି ସମରେଶ ମିଶ୍ର, ଗଣେଶ ପ୍ରସାଦ ଅଗ୍ରୱାଲା, ପ୍ରଦିପ କୁମାର ଦାସ, ପଙ୍କଜ କୁମାର କର୍ଣ୍ଣ, କୁମୁଦ କୁଦେଇ, ଉଦୟନାଥ ଶର୍ମା, ନାରାୟଣ ବେହେରା, ଧୃବ ମହାକୁଲ, ଅର୍ଜୁନ ମହାନନ୍ଦିଆ, ରୋହିତାଶ୍ୱ ବେହେରା, ବିକ୍ରମ ପ୍ରଧାନ, ତାରେଣୀ ଜେନା, ପଲସ୍ତି ପ୍ରଧାନ, ସୁଶୀଲ ହୋତା, ସମରେନ୍ଦ୍ର ମହାକୁଡ, ଉଦ୍ଧବ ବେହେରାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### କଂଗ୍ରେସର ବିକ୍ଷୋଭ

ସୋନପୁର,୨୭।୭(ନି.ପ୍ର.)-ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡି ଜେରା କରିଛି । ଏହାକୁ ବିରୋଧ କରି କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଆନ୍ଦୋଳନ ଜାରି ରଖିଛନ୍ତି । ବୁଧବାର ରାତିରେ ସୋନପୁର ବିଜୁ ପଟ୍ଟନାୟକ ଛକରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ବିରୋଧୀଙ୍କ ସ୍ୱରକୁ ଚପାଇ ଦେବା ଲାଗି କେନ୍ଦ୍ର ସରକାର ଇଡିକୁ ବ୍ୟବହାର କରୁଥିବା ଦଳ ଅଭିଯୋଗ କରିଛି । ବିକ୍ଷୋଭରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସୂର୍ଯ୍ୟକାନ୍ତି ବାଗ, ପ୍ରଦୀପ ସେଠୀ, ନରେନ୍ଦ୍ର ପଣ୍ଡା, ସୁରେନ୍ଦ୍ର ମହାକୁର, ପ୍ରିୟବ୍ରତ ସାହୁ, ସୁମିତ ପୂଜାହାରୀ, ରାଜେଶ ମିଶ୍ର, ଶେଷଦେବ ମେହେର, ରଞ୍ଜିତ ରାୟ, ନୃସିଂହ ପାଣିଗ୍ରାହୀ, ଭାଗିରଥୀ ମିଶ୍ର ଓ ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ପ୍ରକୃତିର ସୁରକ୍ଷା ହିଁ ଶକ୍ତିର ସୁରକ୍ଷା

ସୋନପୁର,୨୭।୭(ନି.ପ୍ର.)



ବିଦ୍ୟୁତ୍ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ସାରା ଦେଶରେ ଉଜ୍ଜ୍ୱଳ ଭାରତ-ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏହି କ୍ରମରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଦ୍ୟୁତ ଉତ୍ସବ ସୋନପୁର ନୂତନ ଟାଉନ ହଲ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସଂସ୍ଥା ସମୂହ ଏନଟିପିସି, ଓପିଟିସିଏଲ, ଟିପିଓଡବ୍ଲୁଡିଏଲଙ୍କ ସହଯୋଗରେ ଆୟୋଜିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଓ ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଉତ୍ସବ ଦେଶର ଜନସାଧାରଣଙ୍କ ନିମନ୍ତେ ସମର୍ପିତ । ଯେଉଁମାନଙ୍କ ପ୍ରଚେଷ୍ଟାରେ ଭାରତ ଏହି ବିକାଶମୂଳକ ଯାତ୍ରାରେ ସଫଳତାର ଶୀର୍ଷରେ ପହଞ୍ଚିବାରେ ସକ୍ଷମ ହୋଇପାରିଛି । ନୂତନ ଜ୍ଞାନ କୌଶଳର ବିନିଯୋଗ ସହ ଦକ୍ଷ ଭାବେ ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଣ ପୂର୍ବକ ଶକ୍ତି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିଛି । ଭବିଷ୍ୟତ ଶକ୍ତି ସଂରକ୍ଷଣ ପାଇଁ ଆମ ସମସ୍ତଙ୍କୁ ପ୍ରକୃତିର ସୁରକ୍ଷା ସହିତ ସଂରକ୍ଷଣର ଆବଶ୍ୟକତା ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟୁତ ସୁରକ୍ଷା, ସଂରକ୍ଷଣ, ଜଳ ବିଦ୍ୟୁତ ସୁରକ୍ଷା ତଥା ବିଦ୍ୟୁତ୍‌ର ଭବିଷ୍ୟତ ସୁରକ୍ଷା ନେଇ କ୍ଷୁଦ୍ର ପ୍ରାମାଣିକ ଚଳଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ସୋନପୁର ନାଟ୍ୟଚକ୍ର ଅନୁଷ୍ଠାନ ଦ୍ୱାରା ବିଦ୍ୟୁତ୍ ସଂରକ୍ଷଣ ଓ ସୁରକ୍ଷା ଉପରେ ନାଟକ ଓ ନିରାକାର ଦେହୁରୀ ଓ ସାଥୀଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଉତ୍ସବରେ ନୋଡାଲ ଅଧିକାରୀ ଏନଟିପିସିର ସୁଧାଂଶୁ ଶେଖର ପ୍ରଧାନ, ଟିପିଓଡବ୍ଲୁଡିଏଲର ସତ୍ୟ ରଞ୍ଜନ ସାହୁ, ଓପିଟିସିଏଲର ନିରଞ୍ଜନ ପଣ୍ଡା, ସୁବର୍ଣ୍ଣପୁର ଡେପୁଟି କଲେକ୍ଟର ପ୍ରୟାଶୀ ପ୍ରଧାନ, ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ବନମାଳୀ ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟୁତ୍ ବିଭାଗର ବିଭିନ୍ନ ଅଧିକାରୀ, ଜିଲା ପରିଷଦ ସଦସ୍ୟା ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି,ଏସଏଚଜି ସଦସ୍ୟା, ବିଦ୍ୟୁତ ହିତାଧିକାରୀ, ଉପଭୋକ୍ତା ଯୋଗଦାନ କରିଥିଲେ । ପ୍ରଦ୍ୟୁମ୍ନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ଓବିସି ବର୍ଗଙ୍କୁ ସଂରକ୍ଷଣ ଦାବି

## ଜିଲା ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୨୭।୭(ସ୍ୱ.ପ୍ର.)

ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ନାମଲେଖାରେ ସଂରକ୍ଷଣ ପ୍ରଦାନ କରିବାକୁ ବୌଦ୍ଧ ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏନେଇ ବୁଧବାର ଦିନ ଜିଲା ଓବିସି ମୋର୍ଚ୍ଚା ପକ୍ଷରୁ ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ରରେ ଶିକ୍ଷା କ୍ଷେତ୍ରରେ ନାମଲେଖା ପାଇଁ ଓବିସି ବର୍ଗଙ୍କୁ ସଂରକ୍ଷଣ ସୁବିଧା ଯୋଗାଇ ଦିଆଯାଉ । ସମଗ୍ର ଦେଶରେ ଓବିସି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଆଜି ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି । ଏଣୁ ରାଜ୍ୟପାଳ ଏ ଦିଗରେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି , ବିକାଶ ମହାକୁଡ, ଶମ୍ଭୁ ପ୍ରଧାନ, ପଦ୍ମ କିଶୋର ନାଏକ, କୁନା ମାହାର, ତାପସ ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର ଓ ଓବିସି ମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ୩୬୦ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର,୨୭।୭(ନି.ପ୍ର.)



ରକ୍ତଦାନ ଶିବିରରେ ଜଣେ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଉଛି ।

ସୋନପୁର ଟାଉନ ଥାନା ପରିସରରେ ମୋ ସରକାର ଓ ଆମ ପୋଲିସ ପକ୍ଷରୁ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଯୋଗଦାନ କରି ପୋଲିସ, ଜନସାଧାରଣ ଓ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ରେକର୍ଡସଂଖ୍ୟକ ୩୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇ ପାରିଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିର୍ଗି ଯୋଗ ଦେଇଥିଲେ । ସୋନପୁର ଟାଉନ ଥାନା ଆଇଆଇସି କୃଷ୍ଣଚନ୍ଦ୍ର ମେହେର ଓ ରିଜର୍ଭ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ଜିଲା ରକ୍ତଦାତା ସଂଘ, ଶିତଳ ଗ୍ରୁପ୍‌ର ଏମ୍‌ଡି ପୁରୁଷୋତ୍ତମ ଅଗ୍ରୱାଲା, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନ, ମାହେଶ୍ୱରୀ ସଂଗଠନ ତରଭା, ଡ୍ରାଇଭର ମହାସଂଘ, ବୋଲବମ ଚାରିଟେବୁଲ ଟ୍ରଷ୍ଟ, ଉଡାଇ କ୍ଲବ, ଯଶୋଦା ଦେବୀ ନର୍ସିଂ କଲେଜ, ଜିଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏଶନ, ଚନ୍ଦ୍ରିକା ଜୁଏଲାରୀ ଓ ଭଗବତୀ ଯୁବ ସଂଘ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ସୁବର୍ଣ୍ଣପୁର, ବରଗଡ ଓ ବୁର୍ଲା ରକ୍ତ ଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ସୋନପୁର ଥାନାର ଏସଆଇ ସୌମ୍ୟରଞ୍ଜନ ସାହୁ, ଏଏସଆଇ ପିୟୁଷ ନାଏକ, ଏକାଦୋଶିଆ ପଧାନ, ସୁଶିଲ ବିଶି, ଦିଲିପ ସାହୁ, ରଞ୍ଜିତ ମହାପାତ୍ର, ହାବିଲଦାର-କନଷ୍ଟେବଳ ସୁବର୍ଣ୍ଣପୁର ଜିଲା ସଂଘର ସଭାପତି କୁମୁଦ ରଞ୍ଜନ ମେହେର, ସମ୍ପାଦକ ସୁଧାଂଶୁ ଶେଖର ମେଣ୍ଡିଲି, ହାବିଲଦାର ମନୋଜ ପଣ୍ଡା, ସୁଧୀର ଷାଣ୍ଢ, ଦୀନେଶ ରଞ୍ଜନ ମିଶ୍ର ସହଯୋଗ କରିଥିଲେ । ଜିଲାରେ ପ୍ରଥମ ଥର ପାଇଁ ଏକ ଶିବିରରେ ୬୦ ମହିଳାଙ୍କ ସମେତ ମୋଟ ୩୬୦ ଜଣ ରକ୍ତଦାନ କରିଥିବାରୁ ଏସ୍‌ପି ଅମରେଶ ପଣ୍ଡା ପୋଲିସ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସମସ୍ତ ରକ୍ତାଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା ।

### ୫୧ କେଜି ଗଞ୍ଜେଇ ସହ କାର୍ ଜବତ

ବୌଦ୍ଧ,୨୭।୭(ସ୍ୱ.ପ୍ର.) : ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୫୧ କେଜି ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ରାଜ୍ୟ ବାହାରର ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କର୍ମଚାରୀମାନେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ସହରର ବ୍ରିଜ ଛକ ନିକଟରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆଗରେ ଜଗି ରହିଥିଲେ । ଏହି ସମୟରେ ଏକ ମାରୁତି ସୁଜୁକି କାର୍ ( ଓଡି ୦୫ଏଚ-୬୮୦୦) ମୁର୍ଦ୍ଦୁଣ୍ଡି ପଟୁ ଆସୁଥିବା ବେଳେ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ସମୟରେ କାର ଭିତରୁ ୫୧ କେଜି ଗଞ୍ଜେଇ ଜବତ ହୋଇଥିଲା । କାରବାରରେ ନିୟୋଜିତ ଉକ୍ତ କାରକୁ ଜବତ କରାଯାଇଥିଲା । କାର ଭିତରେ ଥିବା ଛତିଶଗଡ ରାଜ୍ୟ ରାୟଗଡ ଜିଲା ଲଲଲୁଙ୍ଗା ଥାନା କୁଞ୍ଜରାର ଦିଲ କୁମାର ଭଗତ, ପ୍ରମୋଦ କୁମାର ପ୍ରଧାନଙ୍କୁ ଗିରଫ କରାଯାଇଥିଲା। ଚଢାଉରେ ଇନ୍ସପେକ୍ଟର ସ୍ୱନ୍ଦନ ମହାନ୍ତି , ଏଏସଆଇ ରୁପେଶ ମୁଖି ସାମିଲ ଥିଲେ।

# ବରପାଲି ଶୀତଳ ଷଷ୍ଠୀ ଯାତ୍ରାର ନୂତନ କର୍ମକର୍ତ୍ତା

ବରପାଲି, ୨୭।୭(ଡି.ଏନ.ଏ.)

ବରଗଡ ଜିଲା ବରପାଲି ଶୀତଳ ଷଷ୍ଠୀ ଯାତ୍ରାର ଆସନ୍ତା ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବୁଧବାର ଭଣ୍ଡାର ଗୃହ (ନୃପରାଜ କ୍ଲବ)ରେ କମିଟି ସଭାପତି ଆନନ୍ଦ ବାବୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପଣ୍ଡିତ ପୀନକି ଦାଶଙ୍କ ଶିବ ବନ୍ଦନା ପରେ କମିଟିର ଦିବଂଗତ ସଭ୍ୟ ମାନଭଞ୍ଜନ ମିଶ୍ର ଓ ହୃଷିକେଶ ଥପାଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସମ୍ପାଦକ ଜୟନ୍ତ ତ୍ରିପାଠୀ ଗତ ଯାତ୍ରାର ଆୟବ୍ୟୟ ପଠନ ପରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଗତବର୍ଷର କର୍ମକର୍ତ୍ତାଙ୍କୁ ଚଳିତ ଥର ପାଇଁ ଦାୟିତ୍ୱ ଦିଆଯାଇଥିଲା। ସଭାପତି ଆନନ୍ଦ ବାବୁ, ଉପସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ସହସମ୍ପାଦକ ବାଳକୃଷ୍ଣ ପୂଝାରୀ, ରାଜେନ୍ଦ୍ର ପୂଝାରୀ, ଆଶିଷ ପଟ୍ଟନାୟକ, ଚନ୍ଦନ ସାହୁ, ଲଳିତ ବରିହା, କୋଷାଧ୍ୟକ୍ଷ ବିକ୍ରମ ସାହୁ, ସହ କୋଷାଧ୍ୟକ୍ଷ ପ୍ରସନ୍ନ ମେହେର, ମନୋରଞ୍ଜନ ସମ୍ପାଦକ ପିଙ୍କୁ ସାହୁ, ସହ ସମ୍ପାଦକ ସରୋଜ ତ୍ରିପାଠୀ, ସନ୍ତୋଷ ଗୁପ୍ତା, ସଞ୍ଜୟ ଗୁପ୍ତା, ପ୍ରଚାର ପ୍ରସାରରେ ପଦ୍ମଲୋଚନ ସାହୁ ଓ ସୁବ୍ରତ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। କନ୍ୟା ପିତା ଭାବେ ବରଗଡ଼ ଦେବେଶ ଆଚାର୍ଯ୍ୟଙ୍କ ଆବେଦନକୁ ଗ୍ରହଣ କରି ତାଙ୍କ ସହ ଯୋଗାଯୋଗ କରିବା ପାଇଁ ସଭାପତି ଓ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆସନ୍ତା ୧୦ ତାରିଖ ଶ୍ରାବଣ ଚତୁର୍ଦ୍ଦଶୀ ଦିନ କପିଳେଶ୍ୱର ମନ୍ଦିରରେ ଯାତ୍ରା କମିଟି ପକ୍ଷରୁ ରୁଦ୍ରାଭିଷେକ କରାଯିବା ପାଇଁ କମିଟିର ସଭ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି।



ଆସନ୍ତା ଶୀତଳ ଷଷ୍ଠୀ ଯାତ୍ରା ପାଇଁ କର୍ମକର୍ତ୍ତା ଚୟନ ବୈଠକ ଚାଲିଛି।

# ଜିଲାପାଳଙ୍କ ପାଖରେ ଫେରାଦ ହେଲେ ଗ୍ରାମବାସୀ

## ନୂତନ ଜଳଛାୟା ପ୍ରକଳ୍ପ କମିଟି ଗଠନରେ ଅନିୟମିତତା ଅଭିଯୋଗ

ବୌଦ୍ଧ,୨୭।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ଗ୍ରାମ ପଞ୍ଚାୟତର କେଙ୍କମଞ୍ଜି, ଡୁମୁରିଗୋରା, ଝାରଫେସପେରେଡି, ବରପଦର , ଟାଙ୍ଗିଆପଦର ଆଦି ୫ଟି ଗ୍ରାମକୁ ନେଇ ଏକ ନୂତନ ଜଳଛାୟା ପ୍ରକଳ୍ପ କମିଟି ଗଠନ ପାଇଁ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଗତ ୧୧ ତାରିଖରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏଥିରେ ଗତ ୨୫ ତାରିଖରେ ବରପଦର ମଣ୍ଡପଠାରେ ସଭା କରିବାକୁ ନିର୍ଦ୍ଦେଶ ରହିଥିଲା । କିନ୍ତୁ ଉକ୍ତ ଦିନ ବରପଦର ମଣ୍ଡପଠାରେ ସଭା ନ ହୋଇ ବାଲିଯୋରୀ କଂକ୍ରିଟ ପଡିଆଠାରେ ସଭା ଅନୁଷ୍ଠିତ ହୋଇଥିଲା । କିନ୍ତୁ ସଭା ଚାଲିଥିବା ସମୟରେ ଅନ୍ୟ ୬ ଖଣ୍ଡ ଗ୍ରାମର ଲୋକେ ଆସିବାରୁ ଗଣ୍ଡଗୋଳ ହେବାରୁ ସଭା ଅଧାରୁ ବନ୍ଦ ହୋଇଯାଇଥିଲା । ଫଳରେ ସଭାରେ ବସିଥିବା ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ , ଜନ ପ୍ରତିନିଧି ଓ ଲୋକମାନେ ଅଧାରୁ ଉଠି ଚାଲି ଯାଇଥିଲେ । ତେବେ କେତେଜଣ ବ୍ୟକ୍ତି ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀଙ୍କୁ ଅଧାବାଟରେ ଅଟକାଇ ଏକ କମିଟି ଗଠନ କରାଯାଇଥିବା ନେଇ ବିଭିନ୍ନ ଗଣମାଧ୍ୟମରୁ ଜାଣିବା ପରେ ବୁଧବାର ଦିନ ଉକ୍ତ ୫ ଖଣ୍ଡ ଗ୍ରାମର ଲୋକେ ତୁରନ୍ତ ତଦନ୍ତ କରି ପଦକ୍ଷେପ ନେବା ସହ ଗଠନ କରାଯାଇଥିବା କମିଟିକୁ ରଦ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ଅନିଲ କୁମାର ପ୍ରଧାନ, ରଙ୍କମଣି ପ୍ରଧାନ, ସମ୍ପତି ଦଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଘର ଆଗରୁ ବାଇକ୍ ଚୋରି

ବରଗଡ଼ ଅଫିସ୍,୨୭।୭

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବରଡ଼ୋଲ ଗ୍ରାମରେ ବୁଧବାର ଦିନଦ୍ୱିପ୍ରହରରେ ବାଇକ୍ ଚୋରି ହୋଇଛି। ଗ୍ରାମର ସୁକାନ୍ତ ବିଶ୍ୱାଳ ନିଜ ଘର ଆଗରେ ବାଇକ୍(ନଂ-ଓଡ଼ି୧୭ଏନ ୬୪୪୮)କୁ ରଖିଥିଲେ। ସେ ଘରୁ ବାହାରକୁ ଆସିବାବେଳେ ସେଠାରେ ରହିଥିବା ତାଙ୍କ ବାଇକ୍‌କୁ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏହାର ତଦନ୍ତ କରୁଛି।

# ସଂସ୍କାର ସ୍କୁଲରେ କାରଗିଲ୍ ବିଜୟ ଦିବସ

ବରଗଡ଼ ଅଫିସ୍,୨୭।୭

ବରଗଡ଼ସ୍ଥିତ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ମଙ୍ଗଳବାର କାରଗିଲ୍ ବିଜୟ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ, ବରିଷ୍ଠ କୋଅର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ର ଶୁଭ୍ରାଂଶୁ ମେହେର, ଉମଙ୍ଗ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାରଗିଲ ଯୁଦ୍ଧରେ ଶହୀଦଙ୍କ ତ୍ୟାଗ, ବଳିଦାନକୁ ଦର୍ଶାଇବା ପାଇଁ ଏକ ରଙ୍ଗୋଲି ତିଆରି କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିବାବେଳେ ଛାତ୍ରୀଛାତ୍ର ଗୀତ, ନୃତ୍ୟ ପରିବେଷଣ କରିଥିଲେ ।




କାରଗିଲ୍ ବିଜୟ ଦିବସରେ ଛାତ୍ରୀଙ୍କ ଦେଶାତ୍ମବୋଧକ ଗୀତ ପରିବେଷଣ ।

# ବିଜୁଳି ଶକ୍ତିର ଉପଯୋଗିତାକୁ ଗୁରୁତ୍ୱ

## ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୭।୭

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ବୁଧବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ପାୱାର-୨୦୪୭ କାର୍ଯ୍ୟକ୍ରମ ତଥା ବିଜୁଳି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ବିଜୁଳି ଶକ୍ତିର ଆବଶ୍ୟକତା, ଗ୍ରାମାଞ୍ଚଳ, ସହରାଞ୍ଚଳରେ ବିଦ୍ୟୁତକରଣର ଅଭିନବ ଯୋଜନା ଦ୍ୱାର ଉପଭୋକ୍ତାମାନେ କିଭଳି ଉପକୃତ ହୋଇ ପାରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଅତୀତର ଜୀବନ ଯାତ୍ରା ଏବଂ ବର୍ତ୍ତମାନର ସ୍ୱାଚ୍ଛନ୍ଦ୍ୟ ଜୀବନରେ ବିଜୁଳି ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ଏହି ଉତ୍ସବରେ ବିଜୁ ଗ୍ରାମ୍ୟଜ୍ୟୋତି ଯୋଜନା, ସୌରଶକ୍ତି ଯୋଜନା, ସୌଭାଗ୍ୟ ଯୋଜନା ଆଦିର ଉପଯୋଗିତା, ବିଜୁଳି ଶକ୍ତି ସଂରକ୍ଷଣ, ଉପଭୋକ୍ତା ଅଧିକାର, ବୈଦ୍ୟୁତିକ ସୁରକ୍ଷା, ପ୍ରତ୍ୟେକ ଗୃହକୁ ବିଦ୍ୟୁତ କରଣ, ପ୍ରିପେଡ୍ ସ୍ମାର୍ଟ ମିଟର, ଭବିଷ୍ୟତ ପାଇଁ ଶକ୍ତି ସଞ୍ଚୟ, ଶକ୍ତିର ଅସରନ୍ତି ଉତ୍ସ ଉପରେ ଭିଡ଼ିଓ ପ୍ରଦର୍ଶନ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ବିଜୁଳି ଶକ୍ତିର ବ୍ୟବହାର, ସଂରକ୍ଷଣ ଉପରେ ସଚେତନାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ଘୁଡୁକା ଲୋକନୃତ୍ୟ ପରିବେଷଣ ହୋଇଥିଲା । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ପୌରାଧ୍ୟକ୍ଷା କଳ୍ପନା ମାଝି, ଟିପିଡବ୍ଲୁଓଡିଏଲର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ହୋତା, ଏନଟିପିସିର ଅତିରିକ୍ତ ମହାପ୍ରବନ୍ଧକ ବିଦ୍ୟାଭୂଷଣ ମହାପାତ୍ର, ଓପିଟିସିଏଲର ଉପ ମହାପ୍ରବନ୍ଧକ ରାଜାମଣୀ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପିକା ସଂଘମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।